- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-13 ◆TUESDAY ◆07 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୩ ◆ମଙ୍ଗଳବାର ◆୦୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଭଉଣୀ ଖୋଲିଲେ ଗୁମର

**ସୁଜେନ ନେଇ ନାହାନ୍ତି ୪୦୦ କୋଟି**

▶ପୃଷ୍ଠା ୧୧ ଦେଖନ୍ତୁ...

## ଶ୍ରୀଲଙ୍କା ଜେଲ୍‌ରେ କଏଦୀଙ୍କ ମଧ୍ୟରେ ହଣାକଟା; ୨୫ ମୃତ



■ କଲମ୍ବୋ, ୬।୭ (ଏଜେନ୍ସି): ଶ୍ରୀଲଙ୍କାର ପଶ୍ଚିମ ଉପକୂଳ ସହର ନେଗୋମ୍ବୋ ଜେଲ୍‌ରେ ବନ୍ଦୀମାନଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷରେ ୨୫ ଜଣ କଏଦୀ ପ୍ରାଣ ହରାଇଛନ୍ତି ଏବଂ ୧୦୦ରୁ ଅଧିକ ବନ୍ଦୀ ଓ ଅନ୍ୟମାନେ ଆହତ ହୋଇଛନ୍ତି । ଅତ୍ୟଧିକ ଭିଡ଼ ଥିବା ଏହି ଜେଲରେ ଗତକାଲି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ପରେ ପରିସ୍ଥିତି ଅଧିକ ଉଗ୍ର ହୋଇ ବନ୍ଦୀମାନେ କାରାଗାରରୁ ଅସ୍ତ୍ର ଛଡ଼ାଇ ନେଇଥିଲେ ଏବଂ ପରସ୍ପର ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ ।

ଜେଲ ଭିତରେ ଚାଲିଥିବା ବେଆଇନ ମାଦକ କାରବାରକୁ ସମର୍ଥନ କରୁଥିବା ଏକ ଗୋଷ୍ଠୀ ଓ ଏହାକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦରୁ ହିଂସା ଆରମ୍ଭ ହୋଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ସ୍ପେଶାଲ ଟାସ୍କ ଫୋର୍ସ ଏବଂ ଦଙ୍ଗା ନିୟନ୍ତ୍ରଣ ବାହିନୀକୁ ମୁତୟନ କରାଯାଇଛି । ଅଧିକ ହିଂସା ରୋକିବା ପାଇଁ ଅନେକ ବନ୍ଦୀଙ୍କୁ ପାଲାନସେନା କାରାଶିବିରକୁ ସ୍ଥାନାନ୍ତର କରାଯାଇଛି । କାରାଗାର ବିଭାଗର ମୁଖପାତ୍ର ଏସି ଗଜନାୟକେ କହିଛନ୍ତି ଯେ, ଘଟଣାର କାରଣ ଓ ପରିସ୍ଥିତିର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ।

## ଆବେଦନ ଖାରଜ; ନୀରବ ମୋଦୀଙ୍କ ପ୍ରତ୍ୟର୍ପଣ ଶୀଘ୍ର



■ ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ମହାଘୋଟାଲା ଏବଂ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କୁ ଭାରତକୁ ପ୍ରତ୍ୟର୍ପଣ ହେବା ବର୍ତ୍ତମାନ ସୁନିଶ୍ଚିତ ହୋଇଯାଇଛି । ଫ୍ରାନ୍ସର ଷ୍ଟ୍ରାସବର୍ଗସ୍ଥିତ ୟୁରୋପୀୟ ମାନବାଧିକାର ଅଦାଲତ (ଇସିଏଚଆର)ରେ ନୀରବ ମୋଦୀ କରିଥିବା ଶେଷ ଆଇନଗତ ଅପିଲ୍ ଖାରଜ ହୋଇଯାଇଛି । ବ୍ରିଟେନରେ ତାଙ୍କ ପାଇଁ ଥିବା ସମସ୍ତ ଆଇନଗତ ବିକଳ୍ପ ଏବେ ଶେଷ ହୋଇଛି ଏବଂ ବ୍ରିଟେନ ସରକାର ବର୍ତ୍ତମାନ ତାଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇ ପାରିବେ ।

୨୦୧୯ ମାର୍ଚ୍ଚ ମାସରୁ ଲଣ୍ଡନର ୱାଣ୍ଡସୱର୍ଥ କାରାଗାରରେ ବନ୍ଦୀ ଥିବା ନୀରବ ମୋଦୀଙ୍କୁ ଭାରତ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରମାଗତ ଭାବେ ପ୍ରୟାସ କରୁଛନ୍ତି । ପୂର୍ବରୁ ବ୍ରିଟେନ ହାଇକୋର୍ଟ ମଧ୍ୟ ଭାରତର ଜେଲ୍ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉପଯୁକ୍ତ ଦର୍ଶାଇ ପ୍ରତ୍ୟାର୍ପଣକୁ ଅନୁମତି ଦେଇଥିଲେ । ଏହା ବିରୋଧରେ ନୀରବ ମୋଦୀ ଗତ ଏପ୍ରିଲ ୨୦୨୬ରେ ଇସିଏଚଆରର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ସେଠାରୁ ମଧ୍ୟ ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ । ଗତ ମାର୍ଚ୍ଚ ମାସରେ ଲଣ୍ଡନର କିଙ୍ଗସ୍ ବେଞ୍ଚ ▶ପୃଷ୍ଠା-୧୦

# ବଢୁଛି ଏସ୍‌ଆଇଆର୍ ଅଡୁଆ

## କର୍ଣ୍ଣାଟକରେ ସିଇଓଙ୍କୁ ଭେଟିଲେ ତିନି କେନ୍ଦ୍ର ମନ୍ତ୍ରୀ



■ ବେଙ୍ଗାଲୁରୁ, ୬।୭(ଏଜେନ୍ସି): ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ବା ଏସ୍‌ଆଇଆରକୁ ନେଇ ବିରୋଧୀ ମେଣ୍ଟ ନିର୍ବାଚନ କମିସନଙ୍କ ଠାରୁ ଆରମ୍ଭ କରି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇ ଗୁହାରି କରିବାରେ ଲାଗିଛନ୍ତି । ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଏସ୍‌ଆଇଆର ଯୋଗୁଁ ପଶ୍ଚିମ ବଙ୍ଗରେ ମମତା ସରକାର କ୍ଷମତାଚ୍ୟୁତ ହେଲେ ବୋଲି ଟିଏମସି ଅଭିଯୋଗ କରିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏହି ସବୁ ଅଭିଯୋଗକୁ ଖଣ୍ଡନ କରି ଚାଲିଥିବା ବିଜେପି ଆଜି ପ୍ରଥମ ଥର ଲାଗି ଏସ୍‌ଆଇଆର୍‌କୁ ନେଇ ଆପତ୍ତି ଉଠାଇଛି । କର୍ଣ୍ଣାଟକରେ ଏହି ଘଟଣା ସାମନାକୁ ଆସିଛି । ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ବିଜେପି ନେତୃତ୍ୱରେ ଏନଡିଏର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି । ଏହି ପ୍ରତିନିଧି ଦଳରେ ତିନି ଜଣ କେନ୍ଦ୍ର ମନ୍ତ୍ରୀ ରହିଥିଲେ । ସେମାନେ ହେଲେ ଏଚ୍‌ଡି କୁମାରସ୍ୱାମୀ, ପ୍ରହ୍ଲାଦ ଯୋଶୀ ଏବଂ ଶୋଭା କରନ୍ଦଲାଜେ । ସେମାନେ ଅଭିଯୋଗ କରିଛନ୍ତି ଯେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ଲୋକଙ୍କ ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ ▶ପୃଷ୍ଠା-୧୦

## ଓଡ଼ିଶାରେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩,୬୯୧ ଭୋଟର ବାଦ୍

**ଗଞ୍ଜାମରୁ ୨.୭୬ ଲକ୍ଷ, କଟକରୁ ୧.୫୫ ଲକ୍ଷ ଭୋଟର କଟିଛନ୍ତି**

**ଯାଜପୁରରେ କଟିଲେ ୧.୦୫ ଲକ୍ଷ, ମୟୂରଭଞ୍ଜରେ ୧.୧୧ ଲକ୍ଷ**

**ଚିଠାରେ ଦୁଇ ପୁଅ, ସ୍ତ୍ରୀଙ୍କର ନାମ; ଜୀବିତ ସ୍ୱାମୀଙ୍କ ନାମ ନାହିଁ**

■ ଭୁବନେଶ୍ୱର,୬।୭(ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି । ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ ହଜାରରୁ ଅଧିକ ଭୋଟର ବାଦ୍ ପଡ଼ିଥିବା ସମୟରେ କେବଳ ଚିଠା ତାଲିକାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୭ ହଜର ୬୨୪ ଜଣ ଲୋକଙ୍କ ନାମ ବାଦ ପଡ଼ିଛନ୍ତି । ଅନ୍ୟପକ୍ଷରେ ଦେବଗଡ଼ରେ ସର୍ବନିମ୍ନ ୧୧୦୦୪ ଜଣ ଲୋକଙ୍କ ନାମ କଟିଥିବା ସୂଚନା ମିଳିଛି । ସାଧାରଣ ଭାବରେ ଦେଖିଲେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩୬୯୧ ନାମ ବାଦ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ କଟକରେ ଦ୍ୱିତୀୟ ସର୍ବାଧିକ ୧ ଲକ୍ଷ ୫୫ ହଜାର ୧୬୪ ଜଣ ଲୋକଙ୍କ ନାମ କଟିଛି । ସେହିପରି ମୟୂରଭଞ୍ଜରେ ୧୧୧୨୬୭, ▶ପୃଷ୍ଠା-୧୦

### ରାମ ମନ୍ଦିର ଚାନ୍ଦା ଚୋରି

## ହଟିଲେ ଚମ୍ପତ ରାୟ, ଅନିଲ ମିଶ୍ର



ଚମ୍ପତ ରାୟ | କ୍ରିଷ୍ଣ ମୋହନ

**କ୍ରିଷ୍ଣ ମୋହନଙ୍କୁ ଟ୍ରଷ୍ଟର ଅସ୍ଥାୟୀ ଦାୟିତ୍ୱ**

■ ଅଯୋଧ୍ୟା, ୬।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଫିସିଥିବା ମନ୍ଦିର ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଇସ୍ତଫାକୁ ଶେଷରେ ଗ୍ରହଣ କରି ନିଆଯାଇଛି । ଆଜି ଏଠାରେ ଅନୁଷ୍ଠିତ ରାମ ମନ୍ଦିର ଟ୍ରଷ୍ଟ ବୈଠକରେ ଅନ୍ୟତମ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫାକୁ ମଧ୍ୟ ଗ୍ରହଣ କରି ନିଆଯାଇଛି । ଚମ୍ପତ ରାୟଙ୍କ ସ୍ଥାନରେ ବର୍ତ୍ତମାନ ପାଇଁ କ୍ରିଷ୍ଣା ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି । ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ ଚାନ୍ଦା ଚୋରି ମାମଲାରେ ଯେତେ ବଡ଼ ଲୋକ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ସରକାରଙ୍କୁ ପରାମର୍ଶ ଦିଆଯାଇଛି ।

ଟ୍ରଷ୍ଟର ଏଭଳି ଆଭିମୁଖ୍ୟ ପରେ ଉଭୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଯାଇଛି । ଚାନ୍ଦା ଚୋରି ମାମଲାରେ ଏହି ଦୁଇ ନେତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି । ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ସମସ୍ତେ ଚମ୍ପତ ଓ ଅନିଲଙ୍କ ଅତି ଘନିଷ୍ଠ ରୂପେ ପରିଚିତ । ସେମାନେ ଚୋରି କରୁଥିବା ନେଇ ଚମ୍ପତ ଜାଣିଥିଲେ ମଧ୍ୟ ଏହାକୁ ଘୋଡ଼ାଇବାକୁ ଉଦ୍ୟମ ଚଳାଇଥିଲେ । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅନିଲ ମିଶ୍ର ମଧ୍ୟ ଅଟକାଇଥିଲେ ବୋଲି କୁହାଯାଉଛି । ଏହି ଦୁଇ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଆଡୁ ଚାପ ପଡୁଛି । ଉଭୟ ଚମ୍ପତ ଓ ଅନିଲଙ୍କୁ ଏସ୍‌ଆଇଟି ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି ଏଫ୍‌ଆଇଆର ହୋଇନାହିଁ । ଟ୍ରଷ୍ଟର କଠୋର ଆଭିମୁଖ୍ୟ ▶ପୃଷ୍ଠା-୧୦

### ତ୍ରୁଟିଶୂନ୍ୟ ରଥଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## କେବଳ ଅଧିକୃତ ସେବକଙ୍କୁ ଭିତର କର୍ଡନ ପାସ୍



■ ପୁରୀ, ୬।୭ (ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ । କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ । ରଥଯାତ୍ରାର ସୁପରିଚାଳନା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋମବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ । ଏଥିରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ । ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ।

ଗତବର୍ଷ ରଥଟଣାରେ ଢେର୍ ବିଳମ୍ବ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ କେବଳ ଚକେ ଗଡ଼ିଥିଲେ । ବଳଗଣ୍ଡିରେ ତାଳଧ୍ୱଜ ଏବଂ ମରିଚୀକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ । ରଥଟଣା ବିଳମ୍ବ ପାଇଁ କର୍ଡନ ପାସ୍‌କୁ ଦାୟୀ କରିଥିଲେ ସମସ୍ତେ । ଅତ୍ୟଧିକ କର୍ଡନ ପାସ୍ ବଣ୍ଟାଯାଇଥିବାରୁ ଭିତରେ ବିଶୃଙ୍ଖଳା ହେଲା, ଯେଉଁଥିପାଇଁ ରଥଟଣାରେ ସମସ୍ୟା ହେଲା ବୋଲି କୁହାଗଲା । ତେଣୁ ଏ ବର୍ଷ ଯେପରି କର୍ଡନ ପାସ୍ ମନଇଚ୍ଛା ବଣ୍ଟା ନ ଯାଏ ତା' ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରଥଯାତ୍ରା କର୍ଡନ ପାସ୍ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ କହିଛନ୍ତି । କେବଳ ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ▶ପୃଷ୍ଠା-୧୦

### ବିପର୍ଯ୍ୟୟ ପରିଚାଳନା

## ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିଲା ଭେନେଜୁଏଲା

### ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ସ୍ୱୀକୃତିରେ ଆଉ ଏକ ସ୍ୱାକ୍ଷର

**ଭେନେଜୁଏଲା ରାଷ୍ଟ୍ରପତିଙ୍କ ଆଗ୍ରହ କ୍ରମେ ପହଞ୍ଚିଲେ ପାଣ୍ଡିଆନ**

**ରାଷ୍ଟ୍ରପତିଙ୍କ ସହ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଆଲୋଚନା**

**ବିପର୍ଯ୍ୟୟ ପ୍ରବଣରୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ ହୋଇଛି ଓଡ଼ିଶା**



■ ଭୁବନେଶ୍ୱର, ୬।୭ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲ ଏକଦା ଅନ୍ତର୍ଜାତୀୟ ସ୍ତରରେ ତଥା ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଥିଲା । ଅନ୍ତର୍ଜାତୀୟ ଗଣମାଧ୍ୟମରେ ମଧ୍ୟ ନବୀନ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା । ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ କରିବାରେ ସକ୍ଷମ ହୋଇଥିବା ନବୀନଙ୍କ ନକ୍ସା କେବଳ ଭାରତ ନୁହେଁ; ଅନ୍ତର୍ଜାତୀୟ ସ୍ତରରେ ବି ଗ୍ରହଣୀୟ ହୋଇଥିଲା । ସେହି ନକ୍ସା ଆଧାରରେ ଏବେ ରାଜ୍ୟ ଓ ଦେଶରେ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ ହେଉଛି । ତେବେ ସଦ୍ୟ ଭୂକମ୍ପ ପ୍ରଭାବିତ ଭେନେଜୁଏଲା ସମ୍ପ୍ରତି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗୀ ତଥା ତତ୍‌କାଳୀନ '୫-ଟି' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିବା ଓଡ଼ିଶାର ସମ୍ମାନ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ବୃଦ୍ଧି କରିଛି । ଭେନେଜୁଏଲାର କାମଚଳା ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେସ୍‌ଙ୍କ ଆଗ୍ରହ ଓ ନିମନ୍ତ୍ରଣ କ୍ରମେ ଶ୍ରୀ ପାଣ୍ଡିଆନ ଭେନେଜୁଏଲା ଗସ୍ତ କରିଛନ୍ତି । ସେଠାରେ ସେ ଭୂକମ୍ପ ପୀଡ଼ିତଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଭେନଜୁଏଲା ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି ।

ସୂଚନାଯୋଗ୍ୟ, ଭୟାବହ ଭୂମିକମ୍ପରେ ଭେନେଜୁଏଲା ଏକପ୍ରକାର ଧ୍ୱସ୍ତବିଧ୍ୱସ୍ତ ହୋଇଛା । ୩୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି ଓ ୫୦ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି । ଏବେ ବି ଧ୍ୱଂସସ୍ତୁପ ତଳୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି । ଏହି କ୍ରମରେ ବିପର୍ଯ୍ୟୟ ▶ପୃଷ୍ଠା-୧୦

### ବିବାଦରେ ଓଇଆର୍‌ସି ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା

## ମାନଦଣ୍ଡ କୋହଳ କରିବାକୁ ଫନ୍ଦି !

**ଅନଭିଜ୍ଞଙ୍କୁ ଅଧ୍ୟକ୍ଷ ପଦ ପ୍ରଦାନ ଲାଗି ମସୁଧା**

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶକ୍ତି ସମୀକ୍ଷକ**

■ ଭୁବନେଶ୍ୱର, ୬।୭ (ସମିସ): ଗତ ଜୁନ୍ ୨୫ ତାରିଖରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ଦେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି । ଓଇଆରସି ଅଧ୍ୟକ୍ଷ ପଦବୀ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଥିବାରୁ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକୀୟ ସୁଧାର ଅଟକି ରହିଛି । ତେଣୁ ପ୍ରାଥମିକତାର ସହ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଥିବା ବେଳେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ଓଇଆରସି ଅଧ୍ୟକ୍ଷ ପଦରେ ନିଜ ମନ ପସନ୍ଦର ତଥା କୋଟେରୀ ଅଧିକାରୀଙ୍କୁ ଥଇଥାନ କରିବାକୁ ଶକ୍ତି ବିଭାଗ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି । ଏପରିକି ପୂର୍ବରୁ ଥିବା ଯୋଗ୍ୟତା ମାନଦଣ୍ଡରେ କୋହଳ କରିବାକୁ ବିଭାଗୀୟ ସ୍ତରରେ ମସୁଧା ଚାଲିଥିବା କୁହାଯାଉଛି ।

ସୂଚନା ଅନୁଯାୟୀ ଓଇଆରସି ଅଧ୍ୟକ୍ଷ ପଦ ପାଇଁ ଏକାଧିକ ମାନଦଣ୍ଡ ରହିଛି । ତନ୍ମଧ୍ୟରୁ ଶକ୍ତି କ୍ଷେତ୍ର କିମ୍ବା ସମ୍ପୃକ୍ତ ବିଷୟରେ ଶିକ୍ଷାଗତ ଯୋଗ୍ୟତା ତଥା ଅଭିଜ୍ଞତାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥାଏ । ଏହି ମାନଦଣ୍ଡ ଅନିବାର୍ଯ୍ୟ ହୋଇଥିବା ବେଳେ ପ୍ରଶାସନିକ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ବେଳେ ଅଗ୍ରାଧିକାର ଦିଆଯାଇଥାଏ । ପୂର୍ବରୁ ଅବସରପ୍ରାପ୍ତ ମୁଖ୍ୟ ସଚିବ ସୁରେଶ ମହାପାତ୍ର, ପ୍ରଦୀପ କୁମାର ଜେନା ପ୍ରମୁଖ ଶକ୍ତି ବିଭାଗରେ ସଚିବ ଭାବେ କାର୍ଯ୍ୟ କରିଥିଲେ । ସେହିପରି ଉପେନ୍ଦ୍ର ନାଥ ବେହେରା ମଧ୍ୟ ଓଇଆରସି ଅଧ୍ୟକ୍ଷ ପଦରେ କାର୍ଯ୍ୟ କରିବା ପୂର୍ବରୁ ଓରେଡାରେ କାର୍ଯ୍ୟ କରିବାର ଅଭିଜ୍ଞତା ▶ପୃଷ୍ଠା-୧୦

### କ୍ଷମତା ଅଳିନ୍ଦରେ ଆଲୋଡ଼ନ

## ଭୁବନେଶ୍ୱର ଡିସିପିଙ୍କ ଅଚାନକ ଇସ୍ତଫା



**ବିଭାଗ ହଜମ କରିପାରୁନି 'ବ୍ୟକ୍ତିଗତ' କାରଣ**

■ ଭୁବନେଶ୍ୱର, ୬।୭ (ସମିସ): ଇସ୍ତଫା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା । ତାଙ୍କ ଇସ୍ତଫା ଦେବା ଖବର ଏବେ କ୍ଷମତା ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଛି । କେଉଁ କାରଣରୁ ସେ ଇସ୍ତଫା ଦେଲେ ତାହା ବାହାରର ଲୋକ ତ ଦୂରର କଥା, ତାଙ୍କ ବିରାଦରୀ ଆଇପିଏସ୍‌ମାନେ ଓ ତାଙ୍କ ସହ କାମ କରୁଥିବା ପୁଲିସ ଅଧିକାରୀମାନେ ବି ବୁଝି ପାରୁନାହାନ୍ତି । 'ବ୍ୟକ୍ତିଗତ' କାରଣରୁ ସେ ଇସ୍ତଫା ଦେଇଥିବା କୁହାଯାଉଥିଲେ ହେଁ ବିଭାଗ ଏହି ସଂକ୍ଷିପ୍ତ ଓ ସହଜ କାରଣକୁ ହଜମ କରିପାରୁ ନାହିଁ । ୨୫ ଦିନ ତଳେ ଇସ୍ତଫାପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ହେଁ ଏହାର ସୁରାକ କେହି ପାଇ ନ ଥିଲେ । ଏବେ ୨୫ ଦିନ ପରେ ତାହା ଲୋକଲୋଚନକୁ ଆସିଛି । ନିଜ ପରିବାର, ସମ୍ପର୍କୀୟ ଓ ବନ୍ଧୁମାନଙ୍କ ସହ ଆଲୋଚନା କରି ସେ ଏପରି ନିଷ୍ପତ୍ତି ନେଇଥିବା ଓ ଆଇପିଏସ୍ ଛାଡ଼ି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ମନସ୍ଥ କରିଥିବା ନିଜେ ଶ୍ରୀ ମୀନା କହିଛନ୍ତି । ଏହା ସହ ତାଙ୍କ ଇସ୍ତଫା ସହ କୌଣସି ଘଟଣା ସହ ନ ଯୋଡ଼ିବାକୁ ଶ୍ରୀ ମୀନାଙ୍କ ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି । ସମ୍ଭବତଃ କୌଣସି (!) ଘଟଣା ହିଁ ତାଙ୍କ ଇସ୍ତଫା ପଛର କାରଣ ହୋଇଥାଇପାରେ ବୋଲି ଅନେକ ମନେ କରୁଛନ୍ତି ।

ଶ୍ରୀ ମୀନା ୨୦୧୩ ବ୍ୟାଚର ଓଡ଼ିଶା କ୍ୟାଡ଼ର ଆଇପିଏସ୍ । ଗଞ୍ଜାମରୁ ▶ପୃଷ୍ଠା-୧୦

ସକାଳ THE SAKALA



www.sakalaepaper.com

**ତେଲ ନଦୀ ପୋଲ ଉପରେ ୫ ଫୁଟ୍‌ର ବନ୍ୟାଜଳ**

# କେନ୍ଦୁଝର-ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ



ତୁରୁମୁଙ୍ଗା,୬।୭(ସମିସ): କେନ୍ଦୁଝର ଜିଲ୍ଲାରେ ୩ ଦିନ ହେବ ଲଘୁଚାପଜନିତ ବର୍ଷାଜାରିରହିଥିବାବେଳେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ କୁମ୍ଭୀ ବାହାଲି ତେଲ ନଦୀ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ଅଞ୍ଚଳର ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟାତରେ ବାଧାପ୍ରାପ୍ତ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ପୋଲ ଉପରେ ପାଣି ଚାଲୁଥିବା ଯୋଗୁଁ ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଯାତାୟାତରେ ବାଧାପ୍ରାପ୍ତ ହୋଇଛି।

## ଗଛ ଉପୁଡ଼ି ତରା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ



ଘଟଗାଁ,୬।୭(ସମିସ): ଲଗାଣ ବର୍ଷାରେ ବିରାଟକାୟ ଗଛ ଉପୁଡ଼ି ରାସ୍ତାରେ ପଡ଼ିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘଟଗାଁ ବ୍ଲକ୍ ଅନ୍ତର୍ଗତ ତରା ରାସ୍ତା ଉପରେ ଏଭଳି ଏକ ବିରାଟ ବରଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଯାଇଥିଲା। ଫଳରେ ଯାନବାହାନ ଯିବା ଆସିବା ବନ୍ଦ ହୋଇଯାଇଥିଲା। ଖବର ପାଇ ଘଟଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ପରେ ଯାନବାହନ ପୁନର୍ବାର ଚଳାଚଳ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ ଆନନ୍ଦପୁରଠାରେ ବୈତରଣୀ ଜଳସ୍ତର ବିପଦସଙ୍କେତ ନିକଟବର୍ତ୍ତୀ ହୋଇଛି। ସେଠାରେ ବିପଦସଙ୍କେତ ୩୭.୪୪୫ ମିଟର ହୋଇଥିବାବେଳେ ସୋମବାର ସନ୍ଧ୍ୟାବେଳକୁ ସେଠାରେ ଜଳସ୍ତର ୩୫.୬୦୦ ମିଟର ଉଚ୍ଚତାରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ତେଲକୋଇରେ ସର୍ବାଧିକ ୨୭୬.୬ ମିଲିମିଟର ବର୍ଷା

କେନ୍ଦୁଝର,୬।୭(ସମିସ): କେନ୍ଦୁଝର ଜିଲ୍ଲାରେ ଗତ ୨ଦିନ ହେବ ଲଘୁଚାପ ବର୍ଷା ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇଛି। ଜିଲ୍ଲାରେ ଲଘୁଚାପ ବର୍ଷା କାରଣରୁ ବିଭିନ୍ନ ସ୍ଥାନରେ ପାଣି ଜମି ଲୋକଙ୍କ ଅସୁବିଧାରେ ପକାଇଥିବାବେଳେ ଗମନା ଗମନରେ ସମସ୍ୟା ସୃଷ୍ଟିକରିଛି। ସୂଚନା ଅନୁସାରେ ସୋମବାର ଜିଲ୍ଲାର ତେଲକୋଇ ବ୍ଲକରେ ସର୍ବାଧିକ ୨୭୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଘସିପୁରା ବ୍ଲକରେ ୨୪୬.୨ ମିମି ଏବଂ ହାଟଡିହି ବ୍ଲକରେ ୨୪୧.୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ କେନ୍ଦୁଝର ସଦର ବ୍ଲକରେ ୬୮.୪ ମିମି, ବାଂଶପାଳ ବ୍ଲକରେ ୯୧.୪ ମିଲିମିଟର, ପାଟଣାରେ ୭୮.୦ ମିମି ସାହାରପଡ଼ାରେ ୩୫.୦ ମିମି, ଘଟଗାଁ ବ୍ଲକରେ ୮୫.୭ ମିମି, ହରିଚନ୍ଦନପୁର ବ୍ଲକରେ ୯୯.୦ ମିମି, ଆନନ୍ଦପୁର ବ୍ଲକରେ ୧୫୮.୮ ମିମି, ଚମ୍ପୁଆରେ ୪୭.୨ ମିମି, ଯୋଡ଼ାରେ ୫୦.୨ ମିମି ଏବଂ ଝୁମ୍ପୁରା ବ୍ଲକ୍ ଅଞ୍ଚଳରେ ୩୫.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି।

**ଲଗାଣ ବର୍ଷାରେ ଭାଙ୍ଗିଲା ଝାଟିମାଟି ଘର**

## ଦେଓଗାଁ ସାହିବସ୍ତିରେ ବର୍ଷାଜଳର ଲହଡ଼ି





ଆନନ୍ଦପୁର,୬।୭(ସମିସ): ଗତ ତିନିଦିନ ଧରି ଲଗାଣ ବର୍ଷାରେ ସମଗ୍ର ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଝାଟିମାଟି ଘର ଭୁଶୁଡ଼ି ପଡ଼ିଥିବାରୁ ଅନେକ ଶ୍ରମଜୀବୀ ପରିବାର ବେସାହାରା ହୋଇପଡିଛନ୍ତି। ଝିପି ଝିପି ବର୍ଷା ଯୋଗୁଁ ମୂଲମଜୁରି କରି ଗୁଜୁରାଣ ମେଣ୍ଟାଉଥିବା ଅନେକ ପରିବାର ଦୁର୍ଦ୍ଦଶା ବଢ଼ିଯାଇଛି। ଘସିପୁରା ବ୍ଲକ ଦେଓଗାଁ ୫ନମ୍ବର ୱାର୍ଡର ବିଭିନ୍ନ ସାହିରେ ବର୍ଷା ଜଳ ପଶିଛି। ସେହିପରି ତାଳଗାର ଯମୁନା ମୁଦି ଓ ଅଜୟ ନାଇକଙ୍କ ଘର ଭୁଶୁଡ଼ି ପଡ଼ି ମାଟିରେ ମିଶିଯାଇଛି। କ୍ଷତିଗ୍ରସ୍ତ ପରିବାର ପଡ଼ୋଶୀ ପରିବାରରେ ଆଶ୍ରୟ ନେଇଥିବା ଜଣାଯାଇଛି। ଆନନ୍ଦପୁର ପୌରାଞ୍ଚଳର ଶାଳପଡ଼ା ରାଜନଗର ଘସିପୁରା ଓ ଶୈଳଙ୍ଗ ଅଞ୍ଚଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ସତସଙ୍ଗ ବିହାର ଅଞ୍ଚଳରେ ଅନେକ ବାସିନ୍ଦାଙ୍କ ଘରେ ପାଣି ପଶିବାରୁ ଦୁର୍ଦ୍ଦଶା ବଢିଯାଇଛି। ପୌର ପରିମଳ ଅଧିକାରୀ ଭାଗୀରଥି ଦାଶ, କନିଷ୍ଠ ଯନ୍ତ୍ରୀ ଜମାଦାର ହରେକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି।

## ପୋଲ ଉପରେ ୨ ଫୁଟ୍‌ର ପାଣି, ଯୋଗାଯୋଗ ବିଚ୍ଛିନ୍ନ



ଘଟଗାଁ,୬।୭(ସମିସ): ଘଟଗାଁ ବ୍ଲକ୍ ବାଣେଶ୍ୱର ଶୈବ ପୀଠ ନିକଟ ପୋଲ ଉପରେ କୁକୁରକୁଟା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଲଗାଣ ବର୍ଷା କାରଣରୁ ଏଭଳି ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଫଳରେ ଶୈବ ପୀଠର ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଘଟଗାଁ ଆଡ଼ୁ ଆସୁଥିବା ବହୁ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଜି ସୋମବାରରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ମନ୍ଦିର ପାଶ୍ୱର୍ରେ କୁକୁରକୁଟା ନଦୀର ପାଣି ପୋଲର ଊର୍ଦ୍ଧ୍ୱରେ ଥିବାରୁ ବହୁ ଶ୍ରଦ୍ଧାଳୁ ଦର୍ଶନ କରିବା ସମ୍ଭବ ହୋଇ ପାରି ନଥିଲା। ପାଣି ସ୍ରୋତ ବହୁ ସମୟ ଧରି ମନ୍ଦିର ସମ୍ମୁଖରେ ଚାଲିଥିଲା। ନଦୀ ପାଣି ମନ୍ଦିର ପାଶ୍ୱର୍ ପାଚେରି ପର୍ଯ୍ୟନ୍ତ ଉଚ୍ଛୁଳି ରହିଥିଲା। ଲଗାଣ ବର୍ଷା ବନ୍ଦ ହେବା ପରେ ପୋଲଟି ଉପରେ ବହୁଥିବା ପାଣି କମିବାରୁ ପୁଣି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ତେବେ ପୋଲର ରାସ୍ତା ଉଚ୍ଚ ରଖିବାକୁ ଆଖ ପାଖ ଅଞ୍ଚଳବାସୀ ଦାବି କରିଛନ୍ତି।

**ତେଲକୋଇରେ ବର୍ଷା ବିପ୍ଳାତ**

## ଭୁଶୁଡ଼ିଲା ହନୁମନ୍ତିଆ ନାଳର ଅସ୍ଥାୟୀ ପୋଲ; ଯୋଗାଯୋଗ ବିଚ୍ଛିନ୍ନ

ତେଲକୋଇ,୬।୭(ସମିସ)



ରାଜ୍ୟରେ ମୌସୁମୀ ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ର ପ୍ରକୋପ ଦେଖା ଦେଇଛି।କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ରେ ୨୪ ଘଣ୍ଟା ବ୍ୟାପୀ ପ୍ରବଳ ବର୍ଷା ହୋଇଛି। ସର୍ବାଧିକ ୨୭୬ ମିଲି ମିଟର ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ରେକର୍ଡ କରା ଯାଇଛି। ଏହାର ପ୍ରଭାବରେ ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ଜଣା ପଡ଼ିଛି। ନଦୀ ନାଳ ଫୁଲି ଉଠିବା ସହିତ କେତେକ ସ୍ଥାନରେ କୂଳ ଲଙ୍ଘିଛି। ଫଳରେ ତେଲକୋଇ ବ୍ଲକ ମୁଖ୍ୟାଳୟକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏପରିକି ଜରୁରିକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ତେଲକୋଇ କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ହନୁମନ୍ତିଆ ନାଳରେ ନିର୍ମାଣ ହୋଇଥିବା ଡାଇଭର୍ସନ ତଥା ଅସ୍ଥାୟୀ ପୋଲ ବନ୍ୟା ଜଳରେ ଧୋଇ ହୋଇ ଯିବାରୁ ରବିବାର ମଧ୍ୟ ରାତ୍ରିରୁ ଉକ୍ତ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ଦୋବଲା ପାଳ, ଛାମୁଣ୍ଡା, ଜଗମୋହନ ପୁର, ବିଞ୍ଜ ବାହାଳ ଆଦି ପଞ୍ଚାୟତର ୨୦ ରୁ ଗ୍ରାମ ତେଲକୋଇ ବ୍ଲକ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇ ପଡ଼ିଛି। ଏହା ସହିତ ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହେବାରୁ ସ୍ଥାନୀୟ ଅଞ୍ଚଳରୁ ଅନୁଗୁଳ, ଦେବଗଡ଼, ସମ୍ବଲପୁର, ରାଉରକେଲା ଆଦି ପଶ୍ଚିମ ଓଡ଼ିଶା ଅଞ୍ଚଳକୁ ଗମନାଗମନ ହୋଇପାରିନାହିଁ। ସେହିପରି ତେଲକୋଇ କରଦାଙ୍ଗୀ ମୁଖ୍ୟ ରାସ୍ତାର ଶ୍ରୀଧର ପୁର ପାଞ୍ଚ ମୁଣ୍ଡିଆ ଠାରେ ରାସ୍ତା ଧୋଇ ହୋଇ ଯାଇଥିବାରୁ କରଦାଙ୍ଗୀ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହା ସହିତ ସୋମବାର ସୁଦ୍ଧା ତେଲକୋଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୨ ଟି ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି।ତେବେ ପ୍ରକାଶ ଥାଉକି ତେଲକୋଇ କୁନ୍ତଳା ପୂର୍ତ୍ତ ରାସ୍ତାର ଉନ୍ନତି କରଣ ପାଇଁ ୨୦୨୩ ମସିହାରେ ପୂର୍ବତନ ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ଙ୍ଗ ପ୍ରେମାନନ୍ଦ ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୨୧ କୋଟିରୁ ଉଦ୍ଧାଟ ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଥିବା ବେଳେ ପି.କେ.ବି ଠିକା ସଂସ୍ଥା ଏହି ନିର୍ମାଣ କାର୍ଯ୍ୟ କରିବାକୁ ଟେଣ୍ଡର ହାତେଇ ଥିଲା।୨୦୨୪ ମସିହା ସେପ୍ଟେମ୍ବର ମାସ ସୁଧା ନିର୍ମାଣ କାର୍ଯ୍ୟ ସାରିବାକୁ ଚୁକ୍ତି କରିଥିବା ବେଳେ ଭିତି ପ୍ରସ୍ତରକୁ ୩ ବର୍ଷ ପୁରିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରି ନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଘସିପୁରା ନିର୍ବାଚନମଣ୍ଡଳୀରୁ ବାଦ୍‌ପଡ଼ିଲେ ୮୩୩୨ ଭୋଟର



ଆନନ୍ଦପୁର,୬।୭(ସମିସ): ଘସିପୁରା ନିର୍ବାଚନମଣ୍ଡଳୀ ପାଇଁ ଆଜି ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରସ୍ତୁତ ହୋଇଥିବା ତ୍ରୁଟିଶୂନ୍ୟ ଚିଠା ତାଲିକା ପ୍ରକାଶ କରିଥିଲେ। ସହଯୋଗୀ ଅଧିକାରୀଭାବେ ଅତିରିକ୍ତ ଉପଜିଲ୍ଲାପାଳ ଚାର୍ଲସ ନାୟକ, ବିଡିଓ ବିନିତା ବିଜୟିନୀ, ତହସିଲଦାର ଅଭୟ କୁମାର ସ୍ୱାଇଁ, ଗ୍ରାମପଞ୍ଚାୟତ ଅଧିକାରୀ ଦମୟନ୍ତୀ କିସ୍କୁ ଏହି ଚିଠା ତଦାରଖ କରିଥିଲେ। ଘସିପୁରା ନିର୍ବାଚନମଣ୍ଡଳୀରେ ମୋଟ ୨,୮୬୫୭ ଜଣ ଚୂଡ଼ାନ୍ତ ଭୋଟର ମଧ୍ୟରୁ ୧,୧୦୧୧୦ ପୁରୁଷ ୧. ୮୫୦୧ ମହିଳା ଭୋଟର ରହିଛନ୍ତି। ସେହିପରି ୪୬ ଜଣ ତୃତୀୟଲିଙ୍ଗୀ ମତଦାତା ରହିଥିବା ଜଣାଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୮.୩୩୨ଜଣ ଭୋଟର ବାଦ ପଡ଼ିଥିବା ସୂଚନା ମିଳିଛି। ଭୋଟର ଅନୁପସ୍ଥିତି, ମୃତ୍ୟୁ, ସ୍ଥାନାନ୍ତରଣ ଆଦି କାରଣରୁ ଏମାନେ ବାଦ୍ ପଡ଼ିଥିବା ଏହି ତାଲିକାରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଶୁଭେନ୍ଦୁ ସାହୁ, ଗୌରାଙ୍ଗ ଜେନା ସହଯୋଗ କରିଥିଲେ।

## ନୂତନ ମଦ ଦୋକାନକୁ ମହିଳାଙ୍କ ବିରୋଧ



ତୁରୁମୁଙ୍ଗା,୬।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେଙ୍ଗାଳବେଡା ସରକାରୀ ମଦ ଦୋକାନ କୁ ବିରୋଧ କରି ଯମୁନାପଶି, ଗୋଡିପୋଖରୀ ଓ ବାଉଁଶୁଳି ଗ୍ରାମର ଶତାଧିକ ମହିଳା ଏକଜୁଟ ହୋଇ ମଦ ଦୋକାନ ବନ୍ଦ ଦାବି ରେ ବିଶାଳ ରାଲି କରିଛନ୍ତି। ରେଙ୍ଗାଳବେଡା ସରକାରୀ ମଦ ଦୋକାନ ପୂର୍ବରୁ ଗୋଡିପୋଖରୀ ମୌଜାରେ ଥିବା ବେଳେ ଉକ୍ତ ମଦ ଦୋକାନର ଅବଧି ଶେଷ ପରେ ପୁନର୍ବାର ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ଚେଷ୍ଟା କରୁଥିବାରୁ ମହିଳାମାନେ ଉକ୍ତ ମଦ ଦୋକାନ ସମ୍ମୁଖରେ ଟ୍ରାକ୍ଟର ସାହାଯ୍ୟରେ ହଳ କରି ଧାନ ବୁଣି ଦେଇଥିଲେ। ପୁନର୍ବାର ରେଙ୍ଗାଳବେଡ଼ା ସରକାରୀ ମଦ ଦୋକାନ ଗୋଡ଼ି ପୋଖରୀ ଗ୍ରାମର ଚାଷ ଜମିରେ ଖୋଲିବାକୁ ଯାଉଥିବାରୁ ଶତାଧିକ ମହିଳା ଏହାକୁ ବିରୋଧ କରି ହାତରେ ପ୍ଲା କାର୍ଡ ଧରି ବିଶାଳ ରାଲି କରିବା ସହ ମଦ ଦୋକାନ ବନ୍ଦ କରିବାକୁ ଦାବି କରିଛନ୍ତି। ମଦ ଦୋକାନ ବନ୍ଦ ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସମନ୍ୱୟ ବୈଠକ




ତେଲକୋଇ,୬।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ସଭାଗୃହଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସୋମବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତେଲକୋଇ ପକ୍ଷରୁ ସ୍ୱତନ୍ତ୍ର ଭାବେ ଖର୍ଚ୍ଚ ଅଟକଳ କରାଯାଇଛି। ଉକ୍ତ ସମନ୍ୱୟ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ, ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର, ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ୧୬ ତାରିଖ ଗୁରୁବାର ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ତଥା ବାହୁଡ଼ା ଯାତ୍ରାକୁ ଗୁରୁତ୍ୱ ଦିଆ ଯିବାକୁ ତେଲକୋଇ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ତାପସ କୁମାର ବିଶ୍ୱାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ ଆର୍ଥିକ ସହାୟତା ସହଯୋଗ ପାଇଁ ନିବେଦନ କରିଥିଲେ। ବିଧାୟକ ଡାକ୍ତର ନାଏକ ମଧ୍ୟ ଏହାକୁ ସ୍ୱାଗତ ଜଣାଇବା ସହିତ ସମସ୍ତ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଡ଼ଦାଣ୍ଡକୁ ସରସ ସୁନ୍ଦର କରିବା ସହ ପାନୀୟଜଳ, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ବିଦ୍ୟୁତ, ଡ୍ରେନ୍ ସମସ୍ୟା ଆଦି ବିଷୟ ଉପରେ କମିଟି ପକ୍ଷରୁ ଆଲୋଚନା କରାଯାଇଥିଲା। ଏହି ସମନ୍ୱୟ ବୈଠକରେ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ ସାମିଲ ରହିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ



କେନ୍ଦୁଝର,୬।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଓ ଜିଲ୍ଲା ବନ ବିଭାଗର ସହଯୋଗରେ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋସବ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ସଚେତନତା ସଭା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ ତାରିଖରେ ସଦର ବ୍ଲକ ନରଣପୁର ସ୍ଥିତ ଗ୍ରୀଡ୍ ପଡ଼ିଆରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ଏବଂ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମରେ ରେଞ୍ଜର ଅଜିତ ଦାଶ, ପ୍ରାଧିକରଣ ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି ଜୁଲାଇ ୨ ତାରିଖରେ ଟାଙ୍ଗରାଣୀ ସଂରକ୍ଷିତ ଜଙ୍ଗଲର କେନ୍ଦୁଆଠାରେ ଥିବା ଔଷଧିୟ ବଗିଚା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡ଼ି,ପରିବାର ଅଦାଲତ ବିଚାରପତି ଶ୍ୱେତା ମିଶ୍ର,ସ୍ୱତନ୍ତ୍ର ବିଚାରପତି ଦୁର୍ନୀତି ନିବାରଣ ଭଗବାନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜଜ୍ ଦିଲ୍ଲୀପ କୁମାର ସାହୁ,ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସ) ମୋନାଲିସା ମହାନ୍ତି, ଅତରିକ୍ତ ଜିଲ୍ଲା ଜଜ୍ (ଆଡହକ) ବିଜୟ କୁମାର ମିଶ୍ର,ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ମହିଳା କୋର୍ଟ ବିଚାରପତି ନେହା ଦାସ,ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଉପଖଣ୍ଡୀୟ ବିଚାରପତି ସନ୍ତୋଷ କୁମାର ବାରିକ ଯୋଗଦେଇ ବୃକ୍ଷରୋପଣ ଓ ସଚେତନତା କରିଥିଲେ। ଜୁଲାଇ ୩ ତାରିଖରେ ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ଡିମ୍ବୋଠାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଓ ବନ ଅଧିକାରୀ କାଳନ୍ଦୀ ସାମଲ ତଥା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ଜୁଲାଇ ୪ ତାରିଖରେ କୋର୍ଟ ପରିସରରେ ବିଦ୍ୟାଳୟସ୍ତରୀୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁଲାଇ ୬ ତାରିଖରେ ଓଡିଶା ଆଦର୍ଶ ବିଦ୍ୟାଳୟବୋଦାପଳସାଠାରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମରେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର, ବନବିଭାଗ ଅଧିକାରୀ, ପାରା ଆଇନ ସ୍ୱେଚ୍ଛାସେବୀ ପୁଷ୍ପିତା ବାରିକ, ରଶ୍ମିତା ଜେନା ତଥା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିସହିତ ଏକ ସପ୍ତାହ ବ୍ୟାପି ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ପରିଚାଳନା କରିଥିଲେ।

## ବୈତରଣୀ ସୁରକ୍ଷା ପାଇଁ ଆନନ୍ଦପୁରରୁ ଲୋକଭବନ ପଦଯାତ୍ରା

ଆନନ୍ଦପୁର,୬।୭(ସମିସ): ବୈତରଣୀ ନଦୀର ହତ୍ୟା ଷଡ଼ଯନ୍ତ୍ର ପ୍ରତିବାଦ ରେ ନାହିଁ। ଏହାର ସୁରକ୍ଷା ପାଇଁ ଆନନ୍ଦପୁର ଠାରୁ ଭୁବନେଶ୍ୱର ଲୋକ ଭବନ ପର୍ଯ୍ୟନ୍ତ ପଦଯାତ୍ରା ଆଜି ସ୍ଥାନୀୟ ଶ୍ରୀଝାଡ଼େଶ୍ୱର ମନ୍ଦିରରୁ ଆରମ୍ଭ ହୋଇଛି। ୯ ତାରିଖରେ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବା ସହିତ ବାଲି ନିଲାମରେ ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବିପତ୍ର ପ୍ରଦାନ କରିବେ ବୋଲି ଜଣାଯାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଯୁବକ ଅଭିଯାନ ରେ ସାମିଲ ହୋଇ ଆଜିଠାରୁ ପଦଯାତ୍ରାରେ ଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ କେନ୍ଦୁଝର ଜିଲ୍ଲା ସମେତ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମୃଦ୍ଧ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ବେଆଇନ ତଥା ବିନା ଲିଜ୍‌ରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁ ଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବେଆଇନ ବାଲି ଉତ୍ତୋଳନ ଓ ପରିବହନ ସମ୍ପର୍କରେ ପ୍ରଶାସନ ସବୁ ଜାଣି ନୀରବ ରହୁଛି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ହାଟଡିହି ଓ ଘଷିପୁରା ତହସିଲର ବିଭିନ୍ନ ସ୍ଥାନରେ ଥିବା ନଦୀ ଓ ନାଳରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ ହେଉଥିବା ଚିନ୍ତାର କାରଣ ହୋଇଛି।



# ଫୁଲୁଛି ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, କାଣୀ ଓ ବୁଢ଼ା ନଦୀ



## ଦୁର୍ବଳ ନଦୀବନ୍ଧ ବଢ଼ାଉଛି ବିପଦ

ଯାଜପୁର,୬।୭ (ସମିସ)

ଗତ କିଛି ଦିନ ହେଲା ଉପର ମୁଣ୍ଡରେ ବର୍ଷା ଯୋଗୁଁ ଜିଲ୍ଲାରେ ପ୍ରବାହିତ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଖରସ୍ରୋତା ସମେତ ଜିଲ୍ଲାର ସମସ୍ତ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିବାର ଦେଖାଯାଇଛି। ବନ୍ୟା ଜଳକୁ ଦେଖି ନଦୀକୂଳିଆ ଲୋକମାନଙ୍କ ମନରେ ଭୟ ଦେଖାଯାଇଛି। କାରଣ ଖରସ୍ରୋତା ନଦୀବନ୍ଧଟି ଦୀର୍ଘଦିନ ହେବ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ନା ଏଥିପ୍ରତି ନଜର ଅଛି ଜଳସେଚନ ବିଭାଗର ନା ରାସ୍ତା ଓ ଗୃହ ନିର୍ମାଣ ବିଭାଗର। ଏହି ନଦୀବନ୍ଧର ମହେଶ୍ୱରପୁର ପଞ୍ଚାୟତର ଜୟପୁର ଠାରୁ ଛତିଶ ଦେବିଲ ପଞ୍ଚାୟତର ରିଷିପୁର ଓ ଖରସ୍ରୋତା ନଦୀର ଶାଖାନଦୀ ତନ୍ତୀ ଘାଇର ଉଭୟପାର୍ଶ୍ୱରେ ନଦୀବନ୍ଧ ସଂପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟତ କରୁଥିବା ବେଳେ ସ୍କୁଲ କଲେଜ ପିଲାମାନେ ମଧ୍ୟ ଏହି ବାଟ ଦେଇ ଯାଇଥାନ୍ତି। ପୂର୍ବରୁ ଏହି ରାସ୍ତାରେ ବେଆଇନ ବାଲି ପରିବହନ କରାଯାଇ ରାସ୍ତାକୁ ମରଣଯନ୍ତାରେ ପରିଣତ କରାଯାଇଛି। ହେଲେ ସଂପୃକ୍ତ ବିଭାଗ ମରାମତିର ନାଁ ଧରିନାହିଁ। ଫଳରେ ଲୋକ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମରାମତି ଅଭାବରୁ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହିତ ସେ ସ୍ଥାନରେ ବର୍ଷା ଜଳ ଜମି ରହିଛି। ବନ୍ଧର ତଳ ଭାଗରେ ମୂଷା, ଶିଆଳ ଆଦି ବିଭିନ୍ନ ସ୍ଥାନରେ ଗାତ କରିଦେଇଥିବାରୁ ସେହିସ୍ଥାନ ମାନଙ୍କରେ ବନ୍ୟା ଜଳ ପ୍ରବେଶ କରି ଘଳିଆ ପଡିବାର ଆଶଙ୍କା ମଧ୍ୟ ଦେଖା ଦେଇଛି। ତା'ଛଡା ଏହି ନଦୀରେ ବୁଲୁଥିବା କୁମ୍ଭୀର ଭୟରେ ନଦୀକୂଳିଆ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ଗତ ଦୁଇ ଦିନ ମଧ୍ୟରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଚଳିତ ବର୍ଷ ଚାଷୀ



କୂଳ ମଧ୍ୟ ବିଓଳି ଧାନ ଓ ପନିପରିବା ଚାଷ ବିଲରେ ୨/୩ ଫୁଟ୍ ପାଣି ଜମି ରହିଥିବାରୁ ଧାନ ଓ ପନିପରିବା ଚାଷ ନଷ୍ଟ ହେବାକୁ ବସିଛି। ଅନ୍ୟପକ୍ଷେ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ଯାଜପୁର ଜିଲ୍ଲାରେ ପ୍ରଥମ ବନ୍ୟା ହେବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ବର୍ତ୍ତମାନ ଜିଲ୍ଲାର ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢ଼ା ନଦୀର ଜଳସ୍ତର ବୃଦ୍ଧି ପାଉଛି। ଏଭଳି ପରିସ୍ଥିତି ରେ ଯଦି ବନ୍ୟାରେ କୌଣସି ସ୍ଥାନରେ ବନ୍ଧ ଭାଙ୍ଗେ ତାହେଲେ ଚାଷୀ ମାନଙ୍କ ଭେଳା ବୁଡିଯିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜିଲ୍ଲା ପ୍ରଶାସନ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେଇ ଏସବୁ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବହୁ ବୁଦ୍ଧିଜୀବୀ ସାଧାରଣ ଲୋକେ ଦାବି କରିଛନ୍ତି। ସେହିପରି ବୈତରଣୀ ଏବଂ ଏହାର ଶାଖା ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି। ଆଖୁଆପଦା ଠାରେ ବୈତରଣର ଜଳସ୍ତର ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଯାହାର ପ୍ରଭାବରେ ଯାଜପୁର, ଦଶରଥପୁର ଏବଂ କୋରେଇ ବ୍ଲକର କେତେକ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିବାର ଖବର ମିଳିଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର
# ବାରଣ୍ଡାରେ ଶୋଉଛନ୍ତି ପରିବାର



**କବାଟବନ୍ଧ,୬।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ତାଳଜଙ୍ଗ ପଞ୍ଚାୟତର ବଳରାମପୁର ଉପରଗଡ଼ ଗାଁରେ ଗୋଟିଏ ପରିବାର ବାରଣ୍ଡାରେ ରାତ୍ରି କାଟୁଥିବା ଦେଖିବାକୁ ମିଳିଛି। ସରୀସୃପଙ୍କ ସହିତ ବିପଦପୂର୍ଣ୍ଣ ଭାବେ ରହୁଥିବା ପରିବାରଙ୍କ ଜୀବନ ବିପଦରେ ରହିଛି। ଗତ ୪ ଦିନ ତଳେ ଲଗାଣ ବର୍ଷାରେ ପରିବାର ଲୋକେ ରହୁଥିବା ଚାଳ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯିବା ଫଳରେ ବାଧ୍ୟ ହୋଇ ଏକ ଅସମ୍ପୂର୍ଣ୍ଣ ଘରର ବାରଣ୍ଡାରେ ରହୁଛନ୍ତି। ଏମିତି ଦୁଃଖଦ ଅବସ୍ଥାରେ ରହିଛନ୍ତି ଉପରଗଡ଼ ଗ୍ରାମର ଚକ୍ରଧର ମହାନ୍ତି। ଦୀର୍ଘ ଦିନ ହେଲା ଚାଳ ଛପର ଘରେ ରହୁଥିବା ଚକ୍ରଧର ଆର୍ଥିକ ଅନାଟନ କାରଣରୁ ଚାଳ ଛପର କରି ପାରି ନ ଥିଲେ। ଘର ଉପରେ ଏକ ଜରି ପାଲ ପକାଇ ବହୁ ଅସୁବିଧା ରେ ବର୍ଷା ପବନରେ ରହି ଆସୁଥିଲେ। ଗତ ଲଗାଣ ବର୍ଷାରେ ମାଟି କାନ୍ଥ ଓଦା ହୋଇ ପଡ଼ି ଯାଇଥିଲା। ଫଳରେ ଘରଟି ସମ୍ପୂର୍ଣ୍ଣ ଛପର ସହିତ ମାଟିରେ ମିଶି ଯାଇଛି। ଏଭଳି ସ୍ଥିତିରେ ଚକ୍ରଧର ବହୁ କଷ୍ଟରେ ଏକ ଅସମ୍ପୂର୍ଣ୍ଣ ଛାତ ଘରର ବାରଣ୍ଡାରେ ନିଜ ଜୀବନକୁ ଅସୁରକ୍ଷିତ ଭାବୁଥିଲେ ମଧ୍ୟ ଉକ୍ତ ସ୍ଥାନରେ ଆଶ୍ରୟ ନେଇଛନ୍ତି। ବର୍ଷା ଦିନ ହୋଇଥିବାରୁ ସାପ, ବେଙ୍ଗ ସହିତ ବିଭିନ୍ନ ଭୟଙ୍କର ସରୀସୃପଙ୍କ ଚଳାବୁଲା ସ୍ଥାନ ରେ ଆଶ୍ରୟ ନେଇଛନ୍ତି। ଚକ୍ରଧରଙ୍କ କହିବା ଅନୁଯାୟୀ ୨୦୦୮ ମସିହାରେ ସେ ସରକାରୀ ଯୋଜନାରେ ହିତାଧିକାରୀ ଭାବେ ସାମିଲ ହୋଇଥିଲେ। ସେ ସମୟରେ ଆବାସ ଯୋଜନାରେ ମିଳୁଥିବା ୨୫ ହଜାର ଟଙ୍କା ମଧ୍ୟରୁ ସେ ଅଳ୍ପ କିଛି ଟଙ୍କା ପାଇଥିଲେ। ଫଳରେ ସେ ଘରଟିକୁ ସମ୍ପୂର୍ଣ୍ଣ କରି ପାରି ନ ଥିଲେ। ଚାଳ ଛପର ଘରଟି ଭାଙ୍ଗି ଯିବା କାରଣରୁ ଚକ୍ରଧର ବହୁ ମାନସିକ ଚିନ୍ତାରେ ରହିଛନ୍ତି। ତାଙ୍କୁ ସହାୟତା ପ୍ରଦାନ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଛନ୍ତି।

# ତଳିଆ ଅଞ୍ଚଳରେ ଲୋକେ ଭୟଭୀତ



**କୟାଁଗୋଲା/ଦଶରଥପୁର,୬।୭ (ସମିସ):** ଉପର ମୁଣ୍ଡରେ ପ୍ରବଳ ବର୍ଷା ଏବଂ ଦଶରଥପୁର ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ଓ କାଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଉଭୟ ନଦୀ ବର୍ତ୍ତମାନ ବିପଦ ସଙ୍କେତ ନିକଟରେ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଫଳ ସ୍ୱରୂପ ଦଶରଥପୁର ବ୍ଲକରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ନଦୀକୂଳ ଗାଁରେ ଜଳସ୍ତର ଦ୍ରୁତ ଗତିରେ ବଢୁଥିବାରୁ ବନ୍ୟା ଜଳ କୂଳ ଲଘିଁ ଗାଁ ପଶିବାର ସମ୍ଭାବନା ସୃଷ୍ଟି ହୋଇଛି। ବନ୍ୟା ଜଳ ବଢୁଥିବାରୁ କାଣୀ ନଦୀ ସନ୍ଧ୍ୟା ସୁଦ୍ଧା କୂଳ ଲଘିଁବବୋଲି ଆକଳନ କରାଯାଇଛି। ବ୍ଲକର ତଳିଆ ଅଞ୍ଚଳର ଶତାଧିକ ଘରେ ବନ୍ୟା ପାଣି ପଶିବାର ସମ୍ଭାବନାଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ଉଚ୍ଚ ଅଧିକାରୀ ମାନେ ବିପଦପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଉପ ମୁଖ୍ୟଯନ୍ତ୍ରୀ ପ୍ରଣବ କୁମାର ନାୟକ ଯାଜପୁର ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ସହକାରୀ ଯନ୍ତ୍ରୀ ଆନ୍ତର୍ଯାମୀ ମହାନ୍ତି କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ, ଅଧିକାରୀ ମାନେ ଦଉପୁର, ନୂଆପାଟଣା, ଗୁଣ୍ଡୁଣିପଡା, କୟାଁ ପ୍ରଭୃତି ଅଞ୍ଚଳର ନଦୀ ବନ୍ଧର ଦୁର୍ବଳ ସ୍ଥାନଗୁଡିକ ପରିଦର୍ଶନ କରିଛନ୍ତି। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଦୁର୍ବଳ ସ୍ଥାନମାନଙ୍କରେ ତୁରନ୍ତ ମରାମତି କାର୍ଯ୍ୟ କରାଯାଉଛି। ଏହି ସହ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଆକାଶ ପଟନାୟକ ବନ୍ୟା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଲୋକମାନଙ୍କୁ ସତର୍କ କରିଛନ୍ତି। ଆବଶ୍ୟକ ସ୍ଥଳେ ଅଧିକ ପାଣି ବଢିଲେ ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନକରିବା ନିମନ୍ତେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ନଦୀ ଜଳ ବଢୁଥିବାରୁ ନଦୀ କୂଳକୁ ନ ଯିବା ପାଇଁ ପ୍ରଶାସନ ତରଫରୁ ଲୋକମାନଙ୍କୁ ସତର୍କ କରାଯାଇଛି।

# ଚୋରି ବାଇକ୍ ଓ ମୋବାଇଲ ଉଦ୍ଧାର

**ଦାନଗଦି,୬।୭ (ସମିସ):** ଯଖପୁରା ପୁଲିସ ଜଣେ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି, ତାଙ୍କ ନିକଟରୁ ଗୋଟିଏ ଗ୍ଲାମର ବାଇକ ଯାହାର ନମ୍ବର ହେଲା ଓ ଡ଼ି ୦୨ ଏମ ୦୮୦୫, ଏକ ଲାଭା ମୋବାଇଲ ଫୋନ ଏବଂ ଏକ ବ୍ୟାଗ କୁ ପୁଲିସ ଜବତ କରିଛି। ଗିରଫ ଲୁଟେରା ଜଣକ ହେଲେ ଯାଜପୁର ରୋଡ ଥାନା ମାରୁଟିକର ଗ୍ରାମର ବିଦାନ ଦଳେଇ (୨୯), ପୁଲିସ କେସ ନମ୍ବର ୧୨୨/୨୦୨୬ ଦଫା ୩୦୯/(୬)/୩/(୫) ବିଏନ ଏସ ଆକ୍ଟ ରେ ବିଦାନ କୁ ଆଜି କୋର୍ଟ ଚାଲାଣ କରିଛି, ସୂଚନା ମୁତାବକ ଗତ ୩ ତାରିଖ ମଧ୍ୟାହ୍ନରେ ରାବଣା ଗ୍ରାମର ପ୍ରଭାସ ପ୍ରଧାନ ତାଙ୍କ ଗ୍ଲାମର ଗାଡ଼ିରେ ଏକ କାରଖାନାରୁ କାମ ସାରି ଘରକୁ ଫେରୁଥିବା ସମୟରେ ମାଣତିରା ରେଲୱେ ବ୍ରିଜ ରାସ୍ତାରେ ଅଭିଯୁକ୍ତ ବିଦାନ ତାଙ୍କୁ ଅଟକାଇ ବାଇକ ଓ ବ୍ୟାଗକୁ ଛଡେଇ ନେଇ ଫେରାର ହୋଇଥିଲା।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

**ଧର୍ମଶାଳା,୬।୭ (ସମିସ):** ଧର୍ମଶାଳା ବ୍ଲକ ଏସୟୁସିଆଇ (କମ୍ୟୁନିଷ୍ଟ) ଶାଖା ତରଫରୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଓ ପୁରୁଣା ବହିରେ ଶିକ୍ଷାଦାନ ଆରମ୍ଭ କରିବା ଦାବିରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଶାଖା ପକ୍ଷରୁ ଶାନ୍ତି ବଜାରରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଧୁମିତା ସାହୁଙ୍କ ସଭାପତିତ୍ୱରେ ବ୍ଲକ ପରିସରରେ ଆୟୋଜିତ ପ୍ରତିବାଦ ସଭାରେ ଅକ୍ଷୟ କୁମାର ଦାସ, ଚୈତନ୍ୟ ସାହୁ, ଲକ୍ଷ୍ମୀଧର ମଲ୍ଲ, ମନୋଜ ସେଠୀ, ନାରାୟଣ ପରିଡା, ପ୍ରଭାତି ମଲିକ, ସଂଯୁକ୍ତା ସାହୁ, ଦମୟନ୍ତି ମୁଦୁଲି, ପ୍ରଶନ୍ତ ସ୍ୱାଇଁ, ପବିତ୍ର ସାହୁ, ବିଚିତ୍ର ଦାସ, କବି ସେଠୀ, ଜ୍ୟୋତିର୍ମୟୀ ବେହେରା, ପ୍ରଶାନ୍ତ ମଲିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ନୂତନ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା



**ଦାନଗଦି,୬।୭ (ସମିସ):** ଦାନଗଦି ବ୍ଲକ୍ ଅନ୍ତର୍ଗତ ଓଲ୍ଲଳ ପଞ୍ଚାୟତର କଣ୍ଟିପୁର ଗ୍ରାମରେ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପକ୍ଷରୁ ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯାଇଛି। ଏହି ନୂତନ କେନ୍ଦ୍ରକୁ ଏନ୍ଆଇଏନଏଲ୍ର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀ ପଦ୍ମପାଳ ସ୍ଥାନୀୟ ଅଞ୍ଚଳ ପାଇଁ ଉତ୍ସର୍ଗୀକୃତ କରିଥିଲେ। ଏହି ଅବସରରେ ଓଲ୍ଲଳ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ଏନଆଇଏନଏଲର ଚିଫ୍ ହ୍ୟୁମ୍ୟାନ୍ ରିସୋର୍ସେସ୍ ଅଫିସର ଅନିମେଶ ସାମନ୍ତ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଏନଆଇଏନଏଲ୍ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଶିଶୁମାନଙ୍କୁ ଏକ ସୁରକ୍ଷିତ ଏବଂ ଅନୁକୂଳ ପରିବେଶରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ନିର୍ମିତ ଏହି ନୂତନ ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ପ୍ରଶସ୍ତ ମୁଖ୍ୟ ହଲ୍, ଏକ ରୋଷେଇ ଘର, ଏକ ସ୍ୱତନ୍ତ୍ର ଷ୍ଟୋର ରୁମ୍ ଏବଂ ଶୌଚାଳୟ ବ୍ୟବସ୍ଥା ରହିଛି। ଅତିଥିମାନଙ୍କ ଦ୍ୱାରା ଶିଶୁମାନଙ୍କୁ ପାଠ୍ୟ ଉପକରଣ ମଧ୍ୟ ବଣ୍ଟନ କରାଯାଇଥିଲା।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଯାଜପୁର,୬।୭ (ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୭୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୮ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ଟି ରେଡକ୍ରସ ପାଣ୍ଠିରୁ ୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ଧର୍ମଶାଳା,୬।୭ (ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଡ଼ମଧୁପୁର ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଯାଜପୁର ପୂର୍ତ୍ତବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସ୍କୁଲ ଗୃହ ଭିତ୍ତିପ୍ରସ୍ତର ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲ୍ଲା ଯୁବମୋର୍ଚ୍ଚାର ସଭାପତି ସତ୍ୟସାଗର ଜେନା, ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ଥାନୁଆଳ ସମିତି ସଭ୍ୟା ସାଗରିକା ଜେନା, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସୁବୁଲି ଧିର, ଅଭିଷେକ ରାଉତ, ଶ୍ରୀନିବାସ ଜେନା, ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସଂଘବଦ୍ଧ ଆକ୍ରମଣ ଘଟଣାରେ ୪ ଗିରଫ

**ବ୍ରହ୍ମବରଦା,୬।୭ (ସମିସ):** ବ୍ରହ୍ମବରଦା ଥାନା ଅଧୀନ ଅର୍ଥଙ୍ଗା ପଞ୍ଚାୟତ ବଡଚଅପୋଇ ଗ୍ରାମରେ ରଜ ଉତ୍ସବ ପାଳନ ବେଳେ ମାଇକ୍ ସାଉଣ୍ଡ ବଜାଇବା ଓ ବନ୍ଦ କରିବାକୁ କେନ୍ଦ୍ର କରି ଘଟିଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ବ୍ରହ୍ମବରଦା ପୁଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତେବେ ଘଟଣାରେ ଉଭୟ ପକ୍ଷରୁ ଆହତ ହୋଇଥିବା ସତ୍ତ୍ୱେ କେବଳ ଗୋଟିଏ ପକ୍ଷର ଲୋକଙ୍କୁ ଗିରଫ କରାଯାଇଥିବାରୁ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ପୁଲିସ ସୂଚନା ଅନୁଯାୟୀ, ଏହି ଘଟଣାରେ ବ୍ରହ୍ମବରଦା ଥାନାରେ ଉଭୟ ପକ୍ଷଙ୍କ ପକ୍ଷରୁ ପୃଥକ ପୃଥକ ଏତଲା ଦାଖଲ ହୋଇଥିଲା। ସେହି ଆଧାରରେ ୧୨୬/୨୬ ଓ ୧୨୭/୨୬ ନମ୍ବରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ପରେ ପୁଲିସ ଗୋଟିଏ ପକ୍ଷର କାର୍ତ୍ତିକ ଚନ୍ଦ୍ର ବେହେରା (୩୭), ଗୋବିନ୍ଦ ଚନ୍ଦ୍ର ବେହେରା (୪୦), ଚନ୍ଦନ ପ୍ରୀତିରଞ୍ଜନ ବେହେରା (୨୦) ଏବଂ ଚକ୍ରଧର ବେହେରା (୪୦) ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୧୫ ତାରିଖ ଅପରାହ୍ନରେ ବଡଚଅପୋଇ ଗ୍ରାମ ମେଲଣ ପଡ଼ିଆରେ ଦଳିତସାହିର ଯୁବକ, ଯୁବତୀ, ମହିଳା ଓ ଶିଶୁମାନେ ରଜ ଉତ୍ସବ ପାଳନ ଅବସରରେ ଉଚ୍ଚ ସ୍ୱରରେ ସାଉଣ୍ଡ ସିଷ୍ଟମ୍ ବ୍ୟବହାର କରୁଥିଲେ। ସେହି ସମୟରେ ଗୋପାଳସାହିର କିଛି ଯୁବକ ମେଲଣ ପଡ଼ିଆରେ କ୍ରିକେଟ୍ ଖେଳର ଆୟୋଜନ କରିଥିଲେ। ସାଉଣ୍ଡ ସିଷ୍ଟମର ଅତ୍ୟଧିକ ଶବ୍ଦ ଯୋଗୁଁ ଖେଳରେ ବାଧା ସୃଷ୍ଟି ହେଉଥିବା ଦର୍ଶାଇ ସେମାନେ ସାଉଣ୍ଡ ବନ୍ଦ କରିବାକୁ କହିଥିଲେ। ଏହାକୁ କେନ୍ଦ୍ର କରି ପ୍ରଥମେ ଉଭୟ ପକ୍ଷ ମଧ୍ୟରେ କଥାକଟାକଟି ହୋଇଥିଲା। ପରେ ଉତ୍ତେଜନା ବଢ଼ି ମାରପିଟ ଓ ସଂଘବଦ୍ଧ ଆକ୍ରମଣର ରୂପ ନେଇଥିଲା। ଘଟଣାରେ ଉଭୟ ପକ୍ଷର ୫ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ କେତେକଙ୍କ ମୁଣ୍ଡ, କାନ୍ଧ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ଆହତମାନଙ୍କୁ ଧର୍ମଶାଳା ଓ ଅନ୍ୟ କେତେକ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଘଟଣାକୁ ନେଇ ଉଭୟ ପକ୍ଷ ବ୍ରହ୍ମବରଦା ଥାନାରେ ଏଫ୍ଆଇଆର୍ ଦାଖଲ କରିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଉଭୟ ପକ୍ଷର ଲୋକ ଆହତ ହୋଇଥିବା ସତ୍ତ୍ୱେ କେବଳ ଗୋଟିଏ ପକ୍ଷର ଚାରିଜଣଙ୍କୁ ଗିରଫ କରାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି।

## କାର୍‌ରେ ଚାଲାଣ ହେଉଛନ୍ତି ଗୋରୁ
# ପ୍ରତିବାଦରେ ଥାନା ଘେରାଉ

ଯାଜପୁର,୬।୭ (ସମିସ

ରାଜ୍ୟରେ ଗୋଚାଲାଣକୁ ବିରୋଧ କରି ଆନ୍ଦୋଳନ ଓ ହିଂସାକାଣ୍ଡ ଘଟଣା ବୃଦ୍ଧି ପାଇବା ଫଳରେ ଗୋମାଫିଆ ମାନେ ସେମାନଙ୍କ ଚାଲାଣର ତରିକାରେ ପରିବର୍ତ୍ତନ କରିଛନ୍ତି। ଟ୍ରକ୍ କିମ୍ବା ବଡ଼ ବଡ଼ ଗାଡ଼ି ପରିବର୍ତ୍ତେ ଛୋଟ ଛୋଟ ଯାତ୍ରୀବାହୀ କାର ବ୍ୟବହାର କରି ଗୋଚାଲାଣ କରୁଥିବା ଜଣାପଡିଛି। ନିକଟରେ ଯାଜପୁର ଟାଉନ୍ ଥାନା ଅଞ୍ଚଳରେ ଘଟିଥିବା କେତେକ ଘଟଣା ସିସିଟିଭିରେ କଏଦ ପରେ ଏହା ସ୍ପଷ୍ଟ ହୋଇଯାଇଛି। କିଛି ଦିନ ପୂର୍ବରୁ ମେଡିକାଲ ଛକ ଅଞ୍ଚଳରୁ ମଧ୍ୟ ବୁଲା ଗୋରୁଙ୍କୁ ବିଳମ୍ବିତ ରାତିରେ ବୋଲେରୋ ଏବଂ ସ୍କର୍ପିଓରେ ପୂରାଇ ଗୋତସ୍କର ମାନେ ନେଇ ପଳାଇଥିବା ସିସିଟିଭିରେ କଏଦ ହୋଇଥିଲା। ସିସିଟିଭି କ୍ୟାମେରାରେ ହେଉଥିବା ଘଟଣାକୁ ପରେ ଜାଣି ହେଉଥିବା



ବେଳେ ସିସିଟିଭି ବାହାରେ କିନ୍ତୁ ନିୟମିତ ଭାବେ ଯାଜପୁର, ଯାଜପୁର ସଦର, ଦଶରଥପୁର ଓ ମଙ୍ଗଳପୁର ଥାନା ଅଞ୍ଚଳରୁ ଗୋରୁଗାଇ ଏବଂ ବୁଲା ଷଣ୍ଢମାନଙ୍କୁ ଉଠାଇ ନିଆଯାଉଛି। ଅନ୍ୟ ପକ୍ଷରେ ହିନ୍ଦୁ ଧର୍ମରେ ମାନସିକ ରଖିଥିବା ବ୍ୟକ୍ତିମାନେ ଅଣ୍ଡିରା ବାଛୁରିକୁ ପୂଜା କରି ଷଣ୍ଢ ବା ମହାଦେବଙ୍କ ବାହନ ବୃଷଭ ପାଇଁ ଛାଡି ଦେଇଥାନ୍ତି। ଏ ସହରରେ ଶତାଧିକ ବୃଷଭ ବୁଲୁଥିବା ବେଳେ ରାତ୍ରୀ ଡିଉଟିରେ ଥିବା ପୁଲିସ କର୍ମଚାରୀ ମାନେ ସାମାନ୍ୟ ଅର୍ଥ ଲୋଭରେ ଏହି ଗୋତସ୍କରଙ୍କୁ ଗୋରୁଗାଇ ଓ ଷଣ୍ଢ ମାନଙ୍କୁ ଚୋରି କରିବାକୁ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। ବୁଲା ଷଣ୍ଢଙ୍କ ପ୍ରତି ହିନ୍ଦୁମାନଙ୍କର ବିଶେଷ ଧାର୍ମିକ ଭାବନା ଜଡ଼ିତ ଥିବାରୁ ତଥା ଗୋମାତାଙ୍କୁ ପୂଜା କରୁଥିବା ଯୋଗୁଁ ବାରମ୍ବାର ଏପରି ଘଟଣା ଘଟିବା ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିବା ଘଟଣା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଗତ ବୁଧବାର ରାତି ପ୍ରାୟ ୨.୫୦ ସମୟରେ ଗୋତସ୍କରମାନେ ଏକ ଓଡି୦୨-ଡିଓ-୫୪୭୫ ନଂ ସ୍କର୍ପିଓରେ ଆସି ଷଣ୍ଢ ଓ ବଳଦଙ୍କୁ ଗାଡ଼ି ଭିତରେ ମାଡି ମୋଡ଼ି ଚମ୍ପଟ ମାରିଛନ୍ତି। ଥାନା ଠାରୁ ଅଳ୍ପ ଦୂରରେ ଏହି ଗୋରୁ ଚୋରି ସମ୍ପର୍କରେ ପୁଲିସ ଯେ ଜାଣୁନାହିଁ ତାହା କେହି ବିଶ୍ୱାସ କରୁ ନାହାଁନ୍ତି। ଏହି ଘଟଣାକୁ ନେଇ ସୋମବାର ଆନ୍ତର୍ଜାତୀୟ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଏବଂ ସାନବଜାର ଗ୍ରାମର ହିମାଂଶୁ ସାମନ୍ତଙ୍କ ସମେତ ଗ୍ରାମବାସୀ ଥାନାରେ ଏତଲା ଦେବା ସହିତ ଘେରଉ କରି ପୁଲିସ ନିଷ୍କ୍ରିୟତା ଓ ଗୋତସ୍କରଙ୍କୁ ଯଥାଶୀଘ୍ର ଠାବ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବଜରଙ୍ଗ ଦଳ ପକ୍ଷରୁ ଏ ନେଇ ଯାଜପୁର ଜିଲ୍ଲା ଏସପିଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି।

# ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ

**ଧର୍ମଶାଳା,୬।୭ (ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖହର ସାହୁ, ବରୀ ନିର୍ବଚନ ମଣ୍ଡଳୀ ବିଜେପି ନେତା ଉମେଶ ଜେନା ଓ ବିଞ୍ଝାରପୁର ବିଜେପି ନେତ୍ରୀ ବବିତା ମଲିକ, ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡ଼ା, ସାଂସଦ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସଂଠକ ରାଜେଶ ପାଳ, ଅଭିଷେକ ରାଉତ, ଜିତେନ୍ଦ୍ର ରାଉତ, ବିଶ୍ୱଜିତ ପୃଷ୍ଟି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



କୁନ୍ଦୁରା,୬।୭(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଉପ ଜିଲ୍ଲାପାଳ ଯଦୁମଣି ନାୟକ, ସିଡିଓ ବେଣୁଧର ଶବର, ଡିଏଫଓ ପ୍ରଶାନ୍ତ ପଟେଲ ଏବଂ ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ ପ୍ରମୁଖ ଉପସ୍ଥିତ ରହି ମୋଟ ୫୬ ଅଭିଯୋଗ ଶୁଣାଣୀ କରିଥିଲେ। ସେଥିରେ ୩୧ ବ୍ୟକ୍ତିଗତ ଓ ୨୫ ସାମୂହିକ ସମସ୍ୟା ରହିଥିଲା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ପରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲପାଳ। ଏ ଅବସରରେ ମିଶନ ଶକ୍ତି ପକ୍ଷରୁ ୨୧ଟି ଏସଏଚ୍‌ଜିକୁ ସମୁଦାୟ ୧ କୋଟି ୨ ଲକ୍ଷ ୮୫ ହଜାର ଟଙ୍କା ଚେକ ମାଧ୍ୟମରେ ଋଣ ପ୍ରଦାନ ଏବଂ ପ୍ରାଣୀଧନ ବିଭାଗ ପକ୍ଷରୁ କାମଧେନୁ ଯୋଜନାରେ ଗାଈ ପାଳନ ନିମନ୍ତେ ସମୁଦାୟ ୬ ଜଣ ଚାଷୀଙ୍କୁ ୮ ଲକ୍ଷ ୨୬ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ପି.ମନସ୍ମିତା, ତହସିଲଦାର ବିନୋଦ କୁମାର ନାଏକ, ଜିପିଡିଓ ଜଗତ ସିଂ ମାଝୀ, ମିଶନ ଶକ୍ତି ସଂଯୋଜକ ବିନୋଦ କୁମାର ବିଶୋୟୀ, ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଜୀବନଜିତ ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ।

## ରାୟଗଡ ନାଗାବଳି ପ୍ଲାନେଟୋରିୟମ୍

# ୧୮ ଠିକା କର୍ମଚାରୀ ୫ ମାସ ହେଲା ଦରମାରୁ ବଞ୍ଚିତ

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ



ରାୟଗଡ, ୬।୭(ସମିସ): ଆଦିବାସୀ ବହୁଳ ରାୟଗଡ ଜିଲ୍ଲାରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ମହାକାଶ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଭାକୁରଗୁଡ଼ା ନିକଟ କଦମ୍ବରୀଗୁଡ଼ାଠାରେ ସ୍ଥାପିତ ହୋଇଛି ରାଜ୍ୟର ତୃତୀୟ ନାଗାବଳି ପ୍ଲାନେଟୋରିୟମ । ଏଥିରେ କାର୍ଯ୍ୟରତ ୧୮ ଜଣ ଠିକା କର୍ମଚାରୀ ଗତ ୫ ମାସ ଧରି ଦରମା ପାଇନଥିବା ଅଭିଯୋଗ କରି ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ,୨୦୨୪ ମସିହା ଫେବୃଆରୀ ୨୭ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ କଦମ୍ବରୀଗୁଡ଼ାଠାରେ ନାଗାବଳି ପ୍ଲାନେଟୋରିୟମର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଏନପିସିସି ମାଧ୍ୟମରେ ୨.୫ ଏକର ଜମିରେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟରେ ଏହି ପ୍ଲାନେଟୋରିୟମ ନିର୍ମାଣ କରାଯାଇଥିଲା। ୧୩୩ ଜଣଙ୍କ ବସିବା ବ୍ୟବସ୍ଥା ଥିବା ଏହି ପ୍ଲାନେଟୋରିୟମକୁ ଜିଲ୍ଲା ଶିକ୍ଷା ବିଭାଗ ଅଧୀନକୁ ହସ୍ତାନ୍ତର କରାଯାଇଥିବା ବେଳେ ଏହାର ପରିଚାଳନା ପାଇଁ ୩୩ ଜଣ କର୍ମଚାରୀ ଆବଶ୍ୟକ ହେଉଛନ୍ତି ଏବଂ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ବାର୍ଷିକ ୫୭ ଲକ୍ଷ ଟଙ୍କା ବ୍ୟୟବରାଦ ରହିଥିଲା । ଆଜି ଦେଇଥିବା ଦାବିପତ୍ରରେ ଠିକା କର୍ମଚାରୀମାନେ ଦର୍ଶାଇଛନ୍ତି ଯେ, ପୂର୍ବରୁ ଚାରି ମାସରେ ଥରେ ଦରମା ମିଳୁଥିଲେ ମଧ୍ୟ ବର୍ତ୍ତମାନ ପାଞ୍ଚ ମାସରୁ ଅଧିକ ସମୟ ଧରି କୌଣସି ଦରମା ପାଇନାହାନ୍ତି। ଦରମା ଅଭାବରୁ ସେମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ସହ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଅଭିଯୋଗ ଅନୁସାରେ, ଆଉଟସୋର୍ସିଂ ସଂସ୍ଥା ପକ୍ଷରୁ ଗତ ଫେବୃଆରୀ ମାସରେ ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କ ନିକଟରେ ଚୁକ୍ତିନାମା ନବୀକରଣ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏପ୍ରିଲ ମାସ ପର୍ଯ୍ୟନ୍ତ ନବୀକରଣ ହୋଇନଥିଲା। ମାର୍ଚ୍ଚ ୩୧ରେ ଶ୍ରୀ ନାହାକ ଅବସର ଗ୍ରହଣ କରିବା ପରେ ସଂସ୍ଥା ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀଙ୍କୁ ଭେଟିଥିଲେ। ତେବେ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀଙ୍କ ସ୍ୱାକ୍ଷର ଆବଶ୍ୟକ ବୋଲି କୁହାଯିବା ପରେ ସଂସ୍ଥା ପୁଣି ଶ୍ରୀ ନାହାକଙ୍କ ନିକଟକୁ ଯାଇଥିଲେ ମଧ୍ୟ ସେ ସ୍ୱାକ୍ଷର କରିବାକୁ ମନା କରିଦେଇଥିବାରୁ ଚୁକ୍ତିନାମା ନବୀକରଣ ହୋଇପାରିନାହିଁ। ଫଳରେ କର୍ମଚାରୀମାନଙ୍କୁ ଦରମା ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଥିବା ଆଉଟସୋର୍ସିଂ ସଂସ୍ଥାର କର୍ତ୍ତୃପକ୍ଷ ନିରଞ୍ଜନ ସେଠୀ କହିଛନ୍ତି। ଦରମା ପାଇ ନ ଥିବା ଏହି ୧୮ ଜଣ କର୍ମଚାରୀଙ୍କ ମଧ୍ୟରେ ୩ ଜଣ ମାଳି, ୩ ଜଣ ହାଉସ୍‌କିପର, ୨ ଜଣ ମଲ୍ଟି ପର୍ପୋଜ କର୍ମଚାରୀ, ଜଣେ ଅଫିସ ସପୋର୍ଟ ଷ୍ଟାଫ୍, ୮ ଜଣ ସୁରକ୍ଷା କର୍ମୀ ଓ ଜଣେ ଇଲେକ୍ଟ୍ରିସିଆନ ରହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କର୍ମଚାରୀ ଜାଗୁଲୁ ହାରକା, ପାଲି ଆଶା, ମିନା ମିନିଆକା, ଝରଣା ବିଡ଼ିକା, କଲ୍ୟାଣ ଜିଲାକାରା, ସୁକାନ୍ତ ହିମିରିକା, ରଣା ପ୍ରତାପ, ଉଷା ହାରକା, ଆନନ୍ଦ କାଡ୍ରକାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ବନ ମହୋତ୍ସବ




ଜୟପୁର,୬।୭(ସମିସ): ଜୟପୁର ସହର ମକାପୁଟସ୍ଥିତ ଏମ୍.ଏସ୍.ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର କୁନ୍ଦୁରା ଏବଂ କୋରାପୁଟ ବ୍ଲକର ୫୦ରୁ ଅଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଅଧ୍ୟକ୍ଷତାରେ ବୃକ୍ଷରୋପଣର ଆବଶ୍ୟକତା ଏବଂ ଯତ୍ନ ଉପରେ ଆଲୋକପାତ କରିଥିଲେ। ଏଥିରେ ଜୟପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଡ. ଅମିତ ନାୟକ, କୋରାପୁଟ ବନଖଣ୍ଡରୁ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ପ୍ରସାଦ ବିଶୋଇ, ଏଫଇଏସର ପ୍ରଦୀପ କୁମାର ମିଶ୍ର ଯୋଗଦେଇ ସମସ୍ତଙ୍କୁ ବନ ମହୋତ୍ସବ ପାଳନ ଓ ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଚାଷୀ ଭାଇ ଭଉଣୀମାନେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷାରେ ତଥା ଠେଙ୍ଗାପାଳି ଭଳି ସାମାଜିକ ଭୂମିକା ତଥା ରାତିରେ ଜଗି ଜଙ୍ଗଲ ନିଆଁ ପୋଡାରୁ ରକ୍ଷା କରିବା ଭଳି ଅନୁଭୂତି ବାଣ୍ଟିଥିଲେ। ସେହିଭଳି ଅନେକ ଗ୍ରାମବାସୀ ଫଳ ବୃକ୍ଷରୋପଣ କଲେ ତାହା କିଭଳି ଜୀବନ ଜୀବିକାରେ ସହାୟକ ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡା. କାର୍ତ୍ତିକ ଚରଣ ଲେଙ୍କା ବୃକ୍ଷରୋପଣରେ ବିଭିନ୍ନ ପଡିଆ, ଜମି , ଶ୍ମଶାନ ରାସ୍ତା କଡ଼ରେ ବନ ବିଭାଗ, ଓଡ଼ିଶା ଜୈବ ବିବିଧତା ବୋର୍ଡ ଏବଂ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ବନ ମହୋତ୍ସବ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ସଂଖ୍ୟାରେ ଚାରାରୋପଣ କରାଯାଇଛି ବୋଲି କହିବା ସହିତ ଏହାର ଯତ୍ନ ନେବା ନିମନ୍ତେ ସମ୍ପୃକ୍ତ ଗୋଷ୍ଠୀକୁ ଅନୁରୋଧ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଡାଳଚିନି ଗଛ ବଣ୍ଟନ କରାଯିବା ସହ ପ୍ରତିଷ୍ଠାନ ପରିସରରେ ଅତିଥି ମାନଙ୍କ ଦ୍ୱାରା କିଛି ଚାରାରୋପଣ କରାଯାଇଥିଲା।

## ବିବାଦ ତୁଟୁନି, ସିଆରସିସିଙ୍କ ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ଖପ୍ପା

### ନିକଟସ୍ଥ ପଞ୍ଚାୟତରେ ହେଲା ମାସିକ ଆଞ୍ଚଳିକ ବୈଠକ

ମାଥିଲି,୬।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତରେ ସିଆରସିସି ନିହାର ରଞ୍ଜନ ଦାଶ ଓ ପଞ୍ଚାୟତରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ବିବାଦ ଛିଡିବାରେ ନା ଧରୁନାହିଁ। କିଛି ଦିନ ପୂର୍ବରୁ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମ୍ପୃକ୍ତ ସିଆରସିସିଙ୍କ ବିରୁଦ୍ଧରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଗୋଷ୍ଠୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧ୍ୟ ଲିଖିତ ଅଭିଯୋଗ ପରେ କମିଟି ଗଠନ କରି ତଦନ୍ତ କରିଥିଲେ। ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ ନ କରି ସମ୍ପୃକ୍ତ ସିଆରସିସି ଶ୍ରୀ ଦାସ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ଛୁଟିରେ ରହିଲେ। କିନ୍ତୁ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆରସିସି ମଧ୍ୟରେ ହୋଇଥିବା ବିବାଦର ସ୍ଥାୟୀ ସମାଧାନ ନକରି ସମ୍ପୃକ୍ତ ସିଆରସିସିଙ୍କୁ ସେହି ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଯାହା ଫଳରେ ପୁଣି ସେହି ବିବାଦ ଏବେ ଦେଖିବାକୁ ମିଳିଛି। ଗତକାଲି ପ୍ରତି ପଞ୍ଚାୟତରେ ଥିବା ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ କିଆଙ୍ଗ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବିରୋଧକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସିଆରସିସି ଜଣକ ଛୁଟିରେ ରହିଥିଲେ। ଫଳରେ କିଆଙ୍ଗ ପଞ୍ଚାୟତର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସାଲିମି ପଞ୍ଚାୟତ ସିଆରସିସି ଦୁର୍ଗା ପ୍ରସାଦ ଦାସଙ୍କ ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ ବୈଠକ କରିଥିଲେ। ଏଠି ପ୍ରଶ୍ନ ଉଠୁଛି ଯେଉଁ ସିଆରସିସିଙ୍କୁ ପଞ୍ଚାୟତରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିରୋଧ କରି ଲିଖିତ ଭାବେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସମସ୍ୟାର ସ୍ଥାୟୀ ସମାଧାନ କାହିଁକି ହୋଇପାରୁ ନାହିଁ ତାହା ଚିନ୍ତାର ବିଷୟ। ଯାହା ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମାନସିକ ଚିନ୍ତାରେ ରହୁଛନ୍ତି ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି କିଛି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ମାଥିଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଗତକାଲି ତାଙ୍କର ସମ୍ପୃକ୍ତ ସିଆରସିସିର ମେଡିକାଲ ଚେକ୍‌ଅପ୍ ଥିବାରୁ ସେ କୋରାପୁଟ ମେଡିକାଲ ଯାଇଥିଲେ। ସେଉଥିପାଇଁ ଆମେ ତାଙ୍କୁ ଛୁଟି ଦେଇଥିଲୁ। ଯେହେତୁ ଗତକାଲି ପ୍ରତି ପଞ୍ଚାୟତରେ ମାସିକ ଆଞ୍ଚଳିକ ବୈଠକ ଥିଲା। କାର୍ଯ୍ୟାଳୟ ତରଫରୁ ନିକଟସ୍ଥ ସାଲିମି ପଞ୍ଚାୟତ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଥିଲା। ବାକି ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିବାଦର ସମସ୍ତ ତଦନ୍ତ ରିପୋର୍ଟ ଡିପିଇପିଙ୍କୁ ଦିଆଯାଇଛି। ଯାହା ନିଷ୍ପତ୍ତି ନେବେ ଜିଲ୍ଲା ସ୍ତରରେ। ବ୍ଲକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବୁ ନାହିଁ। ଏପରି ବିବାଦକୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




ରାୟଗଡ,୬।୭(ସମିସ): ରାୟଗଡ଼ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପେଣ୍ଟାରେ ବନମହୋତ୍ସବ ପାଳନ କରାଯାଇଛି। ବନ ବିଭାଗ ପକ୍ଷରୁ ଚମ୍ପା, କରଞ୍ଜ, ଜାମୁ ଆଦି ପ୍ରଜାତିର ୧୦୦ଟି ଚାରା ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୋମଟାଲପେଟାର ଫରେଷ୍ଟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ପେଣ୍ଟା ବିଟ୍ ହାଉସ୍ ଇନ୍‌ଚାର୍ଜ ପ୍ରଦୀପ ସିଂହ, ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ, ପେଣ୍ଟା ସରପଞ୍ଚ ଏଟଲା ବିଶ୍ୱନାଥ, ସମିତି ସଭ୍ୟା ଲକ୍ଷ୍ମୀ ଜାମ୍ବିକା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତ ଦେବୀ ହିମିରିକା ଏବଂ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଉଦୟ ହିମିରିକା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅତିଥିମାନେ ମିଳିତ ଭାବେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଫରେଷ୍ଟର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡ଼ ବର୍ତ୍ତମାନର ପରିବେଶ ପରିସ୍ଥିତିରେ ବୃକ୍ଷର ଗୁରୁତ୍ୱ, ପରିବେଶ ସୁରକ୍ଷା ଏବଂ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟ ପରିବାର, ବନ ବିଭାଗ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସମନ୍ୱୟରେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ମୋଟୁ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଚାରାରୋପଣ




ମୋଟୁ, ୬।୭(ସମିସ): ମାଲକାନଗିରି ଜିଲ୍ଲା ତାଲୁକ ଆଇନ ସେବା କମିଟି, ମୋଟୁ ପକ୍ଷରୁ ଏମଭି ୭୯ ଜେଏମ୍‌ଏଫ୍‌ସି ନ୍ୟାୟାଳୟ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏମ୍‌ଏଫ୍‌ସି ବିଚାରପତି ଅଂଶୁ ଦାଶ, ସରକାରୀ ଓକିଲ ରାଜେଶ ପଟ୍ଟନାୟକ ଓ ଅନ୍ୟାନ୍ୟ ଆଇନଜୀବୀଙ୍କ ଉପସ୍ଥିତିରେ ନ୍ୟାୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏଥିରେ ଆଇନଜୀବୀ ବିପ୍ଳବ ଦତ୍ତ, ବାସୁଦେବ ଦେବନାଥ(ଏସ.ଡି.ସି), ଜୟଦେବ କୁମାର ରଙ୍ଗ ପ୍ରମୁଖଙ୍କ ସହ କୋର୍ଟ କର୍ମଚାରୀ, ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତି ରହି ନ୍ୟାୟାଳୟ ପରିସର ମଧ୍ୟରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଚାରାରୋପଣ ପ୍ରତି ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଉପସ୍ଥିତ ବକ୍ତାମାନେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ଗଠନରେ ଚାରାରୋପଣର ଗୁରୁତ୍ୱ ଉପରେ ମତ ରଖିଥିବା ବେଳେ ସମସ୍ତଙ୍କୁ ଅଧିକ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ ଜଣାଇଥିଲେ। ଏହା ସହ ଚାରାରୋପଣ ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାଠାରୁ ଅଧିକ ଗୁରିତ୍ୱପୂର୍ଣ୍ଣ ହେଉଛି ଚାରାଟିକୁ ବଞ୍ଚାଇ ରଖିବା ବୋଲି ଶ୍ରୀ ଦାଶ ପ୍ରକାଶ କରି ଏଦିଗରେ ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ସଘନ ସଂଶୋଧନ କାର୍ଯ୍ୟକ୍ରମ

ମାଥିଲି,୬।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ସଦର ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସଘନ ସଂଶୋଧନ ବା ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ ନିର୍ବାଚନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରା ଯୋଗ ଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଚିଠା ଭୋଟର ତାଲିକା ବ୍ଲକର ସମସ୍ତ ୭୯ଟି ବୁଥର ନୂତନ ତାଲିକା ଗୁଡିକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ ନିର୍ବାଚନ ଅଧିକାରୀ ଶ୍ରୀ ବେହେରା ଉନ୍ମୋଚିତ କରିଥିଲେ। ସମସ୍ତ ଭୋଟର ମାନଙ୍କୁ ସଚେତନ ମଧ୍ୟ କରିଥିଲେ। ଯଦି କିଛି ଭୁଲ ଥାଏ ଏବଂ ପ୍ରକାଶନ ଭୋଟର ତାଲିକାରେ ନିଜର ନାମ ଥିଲେ ନିଜ ନିଜର ବୁଥର ବିଏଲଓ ମାନକୁ ଆସନ୍ତା ଅଗଷ୍ଟ ୪ ତାରିଖ ମଧ୍ୟରେ ଯୋଗାଯୋଗ କରି ଆପତ୍ତି ଅଭିଯୋଗ କରି ପାରିବେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକର ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ସାମଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଶଙ୍କର ସାହୁଙ୍କ ସମେତି ୨୦ଟି ପଞ୍ଚାୟତର ୭୯ ବୁଥର ବିଏଲ, ସମସ୍ତ ସିଆରପି, ବରିଷ୍ଠ ଓ କନିଷ୍ଠ ଭୋଟର ଭୋଟର ମଧ୍ୟ ଉପସ୍ଥିତ ଥିଲେ।

## ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ମାଲକାନଗିରି,୬।୭(ସମିସ): ମାଲକାନଗିରି ଜିଲ୍ଲାର ସମସ୍ତ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିରାପଦ ଓ ବିଶୁଦ୍ଧ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ମାଲକାନଗିରିଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗ, ଆର୍‌ଡବ୍ଲୁଏସ୍‌ଏସ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗ, ଆଇଟିଡିଏ ସମେତ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ , ଜାତୀୟ ସ୍ୱାସ୍ଥ୍ୟ ମିଶନ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସଗୁଡ଼ିକରେ ନିରାପଦ ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହାପରେ ଜିଲ୍ଲା ଏପିଡେମିଓଲୋଜିଷ୍ଟ ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବିଦ୍ୟାଳୟ ଓ ଛାତ୍ରାବାସରେ ଦୂଷିତ ପାନୀୟ ଜଳର ପ୍ରମୁଖ କାରଣ, ଜଳବାହିତ ରୋଗର ବିପଦ, ଜଳର ନିୟମିତ ଗୁଣବତ୍ତା ପରୀକ୍ଷା, କ୍ଲୋରିନେସନ୍, ଜଳ ବିଶୋଧନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ, ଜଳ ସଂରକ୍ଷଣ ଟ୍ୟାଙ୍କର ସଫେଇ ଓ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହା ବ୍ୟତୀତ ବୈଠକରେ ଦୀର୍ଘସ୍ଥାୟୀ କୀଟନାଶକ ମଶାରୀର ସଠିକ୍ ବ୍ୟବହାର, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ହେପାଟାଇଟିସ୍, ଖାଦ୍ୟ, ସାପକାମୁଡ଼ା ଓ କୁକୁର କାମୁଡ଼ାର ପ୍ରତିରୋଧ ଏବଂ ପ୍ରାଥମିକ ପରିଚାଳନା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ବର୍ଷା ଋତୁକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ଓ ଛାତ୍ରାବାସରେ ଆବଶ୍ୟକ ସଚେତନତା ଓ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାର ୧୩୨ ଜଣ ପ୍ରଧାନଶିକ୍ଷକ ଓ ପ୍ରିନ୍ସିପାଲ ଏହି ଭର୍ଚୁଆଲ୍ ବୈଠକରେ ଯୋଗଦେଇ ନିଜ ନିଜ ବିଦ୍ୟାଳୟ ଓ ଛାତ୍ରାବାସରେ ପାନୀୟ ଜଳ ଯୋଗାଣ, ଜଳ ବିଶୋଧନ ବ୍ୟବସ୍ଥା, ଜଳ ଗୁଣବତ୍ତା ପରୀକ୍ଷା, ରକ୍ଷଣାବେକ୍ଷଣ ତଥା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମତାମତ ରଖିଥିଲେ ଏବଂ ଆଲୋଚନାରେ ସକ୍ରିୟ ଭାଗ ନେଇଥିଲେ। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମସ୍ତ ସମ୍ପୃକ୍ତ ବିଭାଗକୁ ପାରସ୍ପରିକ ସମନ୍ୱୟ ରକ୍ଷା କରି ପ୍ରତ୍ୟେକ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିରନ୍ତର ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା, ନିୟମିତ ଜଳ ଗୁଣବତ୍ତା ପରୀକ୍ଷା କରିବା, ଜଳ ବିଶୋଧନ ବ୍ୟବସ୍ଥାକୁ ସକ୍ରିୟ ରଖିବା ଏବଂ ଜଳବାହିତ ରୋଗ ସମେତ ଋତୁକାଳୀନ ସଂକ୍ରାମକ ରୋଗର ପ୍ରତିରୋଧ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିରାପଦ ପାନୀୟ ଜଳ ବ୍ୟବସ୍ଥା ସହ ସମସ୍ତ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରତିଷେଧକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ।

## ରାସ୍ତାରେ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା କଲେ ଡାକ୍ତର



ମାଲକାନଗିରି,୭।୬(ସମିସ): ରାସ୍ତାରେ ପଡି ଆହତ ବ୍ୟକ୍ତିଙ୍କୁ ରାସ୍ତାରେ ହିଁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ପ୍ରଶଂସା ସାଉଁଟି ଛନ୍ତି ଡାକ୍ତର ଦେବୀ ପ୍ରସାଦ ନାଥ। ସୂଚନା ଅନୁଯାୟୀ, ମାଲକାନଗିରି ସର୍କିଟ ହାଉସ ନିକଟରେ ଜଣେ ମୋଟରସାଇକେଲ ଆରୋହୀ ହଠାତ୍ ବାଇକର ନିୟନ୍ତ୍ରଣ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଦୁର୍ଘଟଣାରେ ସେ ଆହତ ହୋଇଥିବା ସହ ଅଚେତ ହୋଇ ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା ସ୍ଥାନୀୟ ଲୋକଙ୍କ ସହ ଜଣେ ଡାକ୍ତର ଦେବୀ ପ୍ରସାଦ ନାଥ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ଡାକ୍ତର ରାସ୍ତାକଡ଼ରେ ହିଁ ତାଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ପରେ ଆହତ ଜଣକଙ୍କ ଚେତା ଫେରିଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ବିଦ୍ୟୁତ ବିଭାଗର ଏକ ବୋଲେରୋ ଯୋଗେ ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରଙ୍କ ଏଭଳି ତତ୍ପରତା ଓ ମାନବିକ ସେବାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା

# ରାତିରେ ନିମ୍ନମାନର କାମ ଅଭିଯୋଗ



କାଲିମେଲା,୬।୭(ସମିସ): ମାଲକାନଗିରି ଜିଲ୍ଲା ପୋଟେରୁ ଜଳସେଚନ ବିଭାଗ ଅଧୀନରେ ଏମଭି -୭୨ ଗ୍ରାମ ଜାତୀୟ ରାଜପଥ ନିକଟରେ ଚାଲିଥିବା କେନାଲ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଆଖିରେ ଧୂଳି ଦେବା ପାଇଁ ଦିନ ବଦଳରେ ରାତି ଅନ୍ଧାରରେ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ପାଣ୍ଠିର ପାଣି ଭଳି ଅପବ୍ୟୟ ହେଉଥିବା ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଅଞ୍ଚଳର ଚାଷୀମାନଙ୍କ ସୁବିଧା ପାଇଁ ଏହି କେନାଲ ସଂସ୍କାର ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିୟମ ଅନୁସାରେ ଦିନ ଆଲୋକରେ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ କାମ ହେବା କଥା। ମାତ୍ର ଏଠାରେ ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ କରାଯାଉଛି କାମ। କମ୍ ସିମେଣ୍ଟ ଏବଂ ନିମ୍ନମାନର ବାଲି-ଗୋଡ଼ି ବ୍ୟବହାର କରି କେନାଲ କଂକ୍ରିଟ୍ କରାଯାଉଥିବା ଅଭିଯୋଗ ହୋଇଥିବା ବେଳେ ଏହା ଅଳ୍ପ ଦିନରେ ଭୁଶୁଡ଼ିଯିବା ଆଶଙ୍କା ଦେଖାଦେଇଛି। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଅଧିକାରୀଙ୍କ ଅବହେଳା ଯୋଗୁଁ ଚାଷୀଙ୍କୁ ଏହାର କୌଣସି ଲାଭ ମିଳିବ ନାହିଁ ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା।

## ମାଲକାନଗିରି ଜିଲ୍ଲାପାଳଙ୍କ ମାର୍କାପାଲ୍ଲୀ ପଞ୍ଚାୟତ ଗସ୍ତ

### ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି,୬।୭(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ମାର୍କାପାଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ,ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୫୬ଟି ସାମୁଦାୟିକ ସମସ୍ୟା ଭିତ୍ତିକ ରହିଥିଲା। ଅଭିଯୋଗ ଶୁଣାଣି ସହ ଆଜି ମାଲକାନଗିରି ଜିଲ୍ଲାପାଳ ମାର୍କାପାଲ୍ଲୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନିକଟରୁ ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ମାର୍କାପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ଏବଂ ପ୍ରଗତି ପଥେ ଯୁବ ମାଲକାନଗିରି କେନ୍ଦ୍ରରେ ପହଞ୍ଚି ସେଠାକାର ପରିଚାଳନା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଏହା ସହିତ ସେ ପୋଟଭଟ୍ଟା ସ୍ଥିତ ଓଡ଼ିଶା ଜୀବିକା ମିଶନ ଅଧୀନରେ ଚାଲିଥିବା ଗୁରୁପ୍ରିୟା ସିଲେଇ ଉତ୍ପାଦକ ଗୋଷ୍ଠୀ କେନ୍ଦ୍ର ବୁଲିଦେଖିବା ସହ ସେଠାକାର ଆତ୍ମନିର୍ଭରଶୀଳ ମା'ମାନଙ୍କ ସହ ସିଧାସଳଖ ଭାବବିନିମୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ କଡଡ଼ିଗୁଡ଼ାର ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ତଥା ସିନ୍ଦ୍ରିମାଲ ସ୍କୁଲର ଭିତ୍ତିଭୂମି ଓ ପାନୀୟ ଜଳ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ସୁବିଧା ଅସୁବିଧାକୁ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି।

# କଟକ ସିଟି





## ସଜାଗ କଲା କମିଶନରେଟ୍ ପୁଲିସ

# ବୁଲିଲା ପ୍ରଚାର ଗାଡ଼ି: ନଦୀକୁ ଯିବାକୁ ବାରଣ

**କଟକ,୬ ।୭ (ସମିସ):** ରାଜ୍ୟରେ ସକ୍ରିୟ ରହିଥିବା ମୌସୁମୀ ବାୟୁ ଏବଂ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଲଗାତାର ବର୍ଷା ଜାରି ରହିଛି। ଏହି ପ୍ରବଳ ବର୍ଷା ଯୋଗୁଁ ଏବେ ମହାନଦୀ ଏବଂ କାଠଯୋଡ଼ି ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ନଦୀ ଫୁଲୁଥିବାରୁ ଏବଂ ଜଳ ସ୍ରୋତ ପ୍ରଖର ହେଉଥିବାରୁ ନଦୀ କୂଳିଆ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ନଦୀର ବଢୁଥିବା ପାଣିକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। କୌଣସି ବି ପରିସ୍ଥିତିରେ ନଦୀ ପଠା କିମ୍ବା ଗାଧୋଇବା ପାଇଁ ଏବଂ ରିଲ୍ସ କରିବାକୁ ନଦୀ ଭିତରକୁ ନଯିବା ସହ ପାଣି ପାଖରୁ ଦୂରେଇ ରହିବାକୁ ସମସ୍ତଙ୍କୁ ବାରଣ କରାଯାଇଛି ଏବଂ ସତର୍କ ସୂଚନା ଜାରି କରାଯାଇଛି। ଗତକାଲି କାଠଯୋଡ଼ି ନଦୀର ନରାଜଠାରେ ଘଟିଥିବା ଏକ ଅଭାବନୀୟ ଘଟଣା ପରେ ପୋଲିସ ପ୍ରଶାସନ ଏବେ ସମ୍ପୂର୍ଣ୍ଣ ଆକ୍ସନ ମୋଡ୍‌କୁ ଆସିଛି। ନଦୀ କୂଳରେ ମୋବାଇଲ୍‌ରେ ଭିଡିଓ ବା ସୋସିଆଲ ମିଡିଆ ପାଇଁ ରିଲ୍ସ ପ୍ରସ୍ତୁତ କରୁଥିବା ସମୟରେ ହଠାତ ଗୋଡ଼ ଖସିଯିବାରୁ ୩ ଜଣ ଯୁବକ କାଠଯୋଡ଼ି ନଦୀର ପ୍ରଖର ସ୍ରୋତରେ ବୁଡ଼ି ଯାଇଥିଲେ। ଏହି ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ପ୍ରଶାସନର ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଯୁବପିଢ଼ିଙ୍କ ମଧ୍ୟରେ ନଦୀ କୂଳରେ ବନ୍ୟା ପାଣି ସହ ରିଲ୍ସ ବନାଇବାର ମାତ୍ରାଧିକ କ୍ରେଜ୍ ଏବେ ଜୀବନ ପ୍ରତି ବିପଦ ସାଜୁଥିବାରୁ କମିଶନରେଟ୍ ପୋଲିସ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ପୁଲିସ ମୁତୟନ କରାଯାଇଛି। ମହାନଦୀର ମାଲଗୋଦାମ ଥାନା ସମ୍ମୁଖସ୍ଥ ଘାଟ, ବାଲିଯାତ୍ରା ତଳପଡ଼ିଆ, ଚହଟା, ନରାଜ ଠାରେ ପୁଲିସ ସୂଚନା ଫଳକ ଲଗାଇବା ସହିତ ନଦୀ ଭିତରକୁ ନଯିବାକୁ ବାରଣ କରିଛି। ଆଜି ଫେଜ୍-୨ ଥାନା, ବିଡ଼ାନାସୀ ଥାନା, କ୍ୟାଣ୍ଟନମେଣ୍ଟ ଥାନା, ମାଲଗୋଦାମ ଥାନା ଏବଂ ପୁରୀଘାଟ ଥାନା ପକ୍ଷରୁ ପ୍ରଚାର ଗାଡ଼ି ବୁଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା।


## ଚାଉଳିଆଗଞ୍ଜ ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା

# ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସର ଅପେକ୍ଷା

**କଟକ,୬ ।୭ (ସମିସ)**

ଆଇଆଇସି ବିଉଟି ମହାନ୍ତିଙ୍କ ରହସ୍ୟଜନକ ମୃତ୍ୟୁ ମାମଲା ଦିନକୁ ଦିନ ଭିନ୍ନ ମୋଡ଼ ନେଉଛି। ଘଟଣାର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ଖୋଳତାଡ଼କୁ ବେଶ୍ ଜୋରଦାର କରାଯାଇଛି। ଏହି ହାଇପ୍ରୋଫାଇଲ ମୃତ୍ୟୁ ମାମଲାକୁ ନେଇ ଆଜି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ନିଜର ପ୍ରତିକ୍ରିୟା ରଖିବା ସହ ପୁଲିସର ପରବର୍ତ୍ତୀ ରଣନୀତି ସମ୍ପର୍କରେ ସୂଚନା ଦେଇଛନ୍ତି। ମୃତ୍ୟୁ ପଛର ଅସଲ ରହସ୍ୟ ଏବଂ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ପୁଲିସ କୌଣସି ବି ଦିଗକୁ ହାଲୁକା ଭାବେ ନେଉନାହିଁ ଏବଂ ସମସ୍ତ ସମ୍ଭାବ୍ୟ ଦିଗକୁ ଆଧାର କରି ଅନୁଧ୍ୟାନ ଚଳାଇଛି। ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ମିଳିତ ଟିମ୍ ଗଠନ କରାଯାଇଛି। ଏହି ସ୍ୱତନ୍ତ୍ର ଟିମ୍‌ରେ ୨ ଜଣ ଆଇଆଇସି, ଜଣେ ଏସ୍‌ସିପି ଏବଂ ଜଣେ ଅତିରିକ୍ତ ଡିସିପି ସାମିଲ ହୋଇ ତଦନ୍ତ କରୁଛନ୍ତି। ଅଯଥାରେ ସୋସିଆଲ୍ ମିଡିଆରେ ଏହି ଘଟଣାକୁ ନେଇ କୌଣସି ପ୍ରକାର ଗୁଜବ ନକରିବାକୁ ଡିସିପି ନିବେଦନ କରିଛନ୍ତି।

ମୃତ୍ୟୁ ପୂର୍ବରୁ ବିଉଟି ମହାନ୍ତି କାହା କାହା ସହ ଯୋଗାଯୋଗରେ ଥିଲେ, କେଉଁ ପରିସ୍ଥିତି ଦେଇ ଗତି କରୁଥିଲେ ଏବଂ ତାଙ୍କର ମାନସିକ ସ୍ଥିତି କିପରି ଥିଲା, ତାହା ଜାଣିବା ପାଇଁ ପୁଲିସ ଏବେ ବୈଷୟିକ ଏବଂ ଡିଜିଟାଲ୍ ପ୍ରମାଣ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛି। ଡିସିପି ଶ୍ରୀ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ବିଉଟିଙ୍କ ବ୍ୟକ୍ତିଗତ ମୋବାଇଲ୍ ଫୋନ୍‌ରୁ ମିଳିଥିବା ହ୍ୱାଟ୍ସଆପ୍ ଚାଟ୍, ମେସେଜ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ଆକାଉଣ୍ଟର ଚାଟ୍ ହିଷ୍ଟ୍ରିକୁ ଗଭୀର ଭାବେ ସ୍କାନିଂ କରାଯିବ। ବିଶେଷ କରି ମୃତ୍ୟୁ ପୂର୍ବରୁ ସେ ତାଙ୍କ ଫୋନ୍‌ର ଶେଷ କଲ୍‌ରେ କାହା ସହ ଏବଂ କେତେ ସମୟ କଥା ହେଉଥିଲେ, ତାହା ପୁଲିସ ପାଇଁ ସବୁଠାରୁ ବଡ଼ ପ୍ରମାଣ ହେବ। ସେହି ଶେଷ କଲ୍‌ରେ କଣ ଆଲୋଚନା ହୋଇଥିଲା, ତାହାର ସତ୍ୟାସତ୍ୟ ଜାଣିବା ପାଇଁ କଲ୍ ଡିଟେଲ୍ସ ରେକର୍ଡ ବାହାର କରାଯାଉଛି। ଫୋନ୍‌ରୁ ଯେପରି କୌଣସି ଗୁରୁତ୍ୱପୂର୍ଣ୍ଣ ଡାଟା ଡିଲିଟ୍ କରାଯାଇ ନାହିଁ କିମ୍ବା କୌଣସି ତଥ୍ୟ ନଷ୍ଟ ହୋଇନାହିଁ, ସେଥିପାଇଁ ସଠିକ୍ ଓ ବୈଷୟିକ ତଥ୍ୟ ପ୍ରମାଣ ହାସଲ କରିବା ସକାଶେ ମୋବାଇଲ୍‌କୁ ତୁରନ୍ତ ସାଇଣ୍ଟିଫିକ୍ ଟିମ୍ ଜରିଆରେ ଫରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି। କେବଳ ପାରିବାରିକ କିମ୍ବା ମାନସିକ ବିବାଦ ନୁହେଁ, ବରଂ ଘଟଣାର ଆର୍ଥିକ ଦେଣନେଣର ଦିଗକୁ ମଧ୍ୟ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି। ଏହି କ୍ରମରେ ବିଉଟିଙ୍କ ବ୍ୟାଙ୍କ୍ ଆକାଉଣ୍ଟର ସମସ୍ତ ବିବରଣୀ ତଥା ବ୍ୟାଙ୍କ୍ ଡିଟେଲ୍ସର ମଧ୍ୟ ଖୋଳତାଡ଼ କରାଯାଉଛି, ଯଦ୍ୱାରା କୌଣସି ପ୍ରକାରର ମାନସିକ ଚାପ କିମ୍ବା ବ୍ଲାକମେଲିଂର ସନ୍ଦେହ ଥିଲେ ତାହା ସ୍ପଷ୍ଟ ହୋଇପାରିବ। ଅନ୍ୟପଟେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ାଇବାକୁ ଯାଇ ପୁଲିସ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ବିଉଟିଙ୍କ ସ୍ୱାମୀ ଏବଂ ତାଙ୍କର ଦୁଇ ଭଉଣୀଙ୍କୁ ପଚରାଉଚରା କରିବା ସହ ସେମାନଙ୍କର ବୟାନ ରେକର୍ଡ କରିସାରିଛି। ତେବେ ଏତେ ବଡ଼ ରହସ୍ୟଜନକ ଘଟଣା ଘଟିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିଉଟିଙ୍କ ପରିବାର ଲୋକଙ୍କ ପକ୍ଷରୁ ଥାନାରେ କୌଣସି ପ୍ରକାରର ଆନୁଷ୍ଠାନିକ କିମ୍ବା ଲିଖିତ ଅଭିଯୋଗ କରାଯାଇ ନାହିଁ, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଡିସିପି ଶ୍ରୀ ଦ୍ୟାନଦେଓ ଏହି ପ୍ରସଙ୍ଗରେ ସ୍ପଷ୍ଟ କରିଛନ୍ତି ଯେ, ପୁଲିସ ମାମଲାର ପ୍ରତ୍ୟେକଟି ଛୋଟରୁ ଛୋଟ ଦିଗ ଏବଂ ସମସ୍ତ ବିଷୟକୁ ନେଇ ଅତି ସୂକ୍ଷ୍ମ ଭାବେ ତଦନ୍ତ ଚଳାଇଛି। ଲ୍ୟାବ୍‌ରୁ ଫରେନ୍ସିକ ରିପୋର୍ଟ ଆସିବା ଏବଂ ସମସ୍ତ ପ୍ରକାରର ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ହିଁ ଏକ ନିର୍ଦ୍ଦିଷ୍ଟ ନିର୍ଯାସ ବାହାରିବ। ସେହି ଚୂଡ଼ାନ୍ତ ନିର୍ଯାସ ଏବଂ ବୈଷୟିକ ପ୍ରମାଣ ଆଧାରରେ ହିଁ ପୁଲିସ ଆଗାମୀ ଦିନରେ ତାର ପରବର୍ତ୍ତୀ ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମଗ୍ର କମିଶନରେଟ୍ ପୁଲିସ ଏହି ଫରେନ୍ସିକ ରିପୋର୍ଟ ଏବଂ ସୋସିଆଲ ମିଡିଆ ଆନାଲିସିସକୁ ଅପେକ୍ଷା କରିଛି, ଯାହା ବିଉଟିଙ୍କ ମୃତ୍ୟୁର ରହସ୍ୟ ଉପରୁ ପରଦା ହଟାଇବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିବ ବୋଲି କୁହାଯାଉଛି। ଏସ୍‌ସିବିରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ପୁଲିସ ଅପେକ୍ଷା କରିଥିବା ବେଳେ ଏହି ଘଟଣାରେ ଯାହାର ସମ୍ପୃକ୍ତି ମିଳିବ ତାକୁ କଠୋର ଦଣ୍ଡ ଦିଆଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି।



- ବିଉଟିଙ୍କ ଶେଷ କଲ୍, ହ୍ୱାଟର୍ସଆପ୍ ଚାଟ୍ ଓ ବ୍ୟାଙ୍କ୍ ଡିଟେଲ୍ସ ଯାଞ୍ଚ କରାଯାଉଛି
- ଜଣେ ଏସ୍‌ସିପି ଓ ଅତିରିକ୍ତ ଡିସିପିଙ୍କୁ ନେଇ ତଦନ୍ତ ଜାରି
- ସ୍ୱାମୀ ଏବଂ ୨ ଭଉଣୀଙ୍କ ବୟାନ ରେକର୍ଡ, ମୋବାଇଲ୍ ପଠାଯାଇଛି ଫରେନ୍ସିକ ଲ୍ୟାବ୍
- ପରିବାର ପକ୍ଷରୁ ଥାନାରେ ହୋଇନି ଏତଲା: ପୁଲିସ ନିଜ ଆଡ଼ୁ ରୁଜୁ କରିଛି ମାମଲା

### ପୁଲିସ ସ୍କାନରରେ ପାହାଳ ଥାନା ଏଏସ୍‌ଆଇ

**କଟକ,୬ ।୭ (ସମିସ):** ଆଇଆଇସି ବିଉଟି ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ କମିଶନରେଟ୍ ପୁଲିସ ଗୁରୁତର ସହିତ ଗ୍ରହଣ କରି ତଦନ୍ତ ଚଳାଇଛି। ମୃତା ବିଉଟିଙ୍କ ପରିବାରକୁ ଛାଡ଼ି ଜଣେ ବାହାର ଲୋକଙ୍କୁ ପୁଲିସ ଟାର୍ଗେଟ୍‌ରେ ରଖିଛି। ସ୍କାନରରେ ରହିଥିବା ପାହାଳ ଥାନା ଏଏସଆଇଙ୍କ ସହିତ ବିଉଟିଙ୍କ ରହିଥିଲା ବ୍ୟକ୍ତିଗତ ସମ୍ପର୍କ। ଏହି ସୂଚନା ଗତ ୨ଦିନ ହେବ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଅନ୍ୟପଟେ ସମ୍ପୃକ୍ତ ଏଏସଆଇଙ୍କୁ ଗତକାଲି ଜେରା କରାଯାଇଥିବା ବେଳେ ଆଜି ତାଙ୍କର ୨ଟି ଫୋନ୍‌କୁ ଜବତ କରାଯାଇଥିବା ଜଣାପଡ଼ିଛି। ବିଉଟିଙ୍କ ସହିତ ତାଙ୍କର କେଉଁ ଭଳି ସମ୍ପର୍କ ରହିଥିଲା, ସେ ଦୀର୍ଘ ଦିନ ହେବ ହ୍ୱାଟର୍ସଆପ୍‌ରେ କଣ ଚାଟ୍ କରୁଥିଲେ, ଫୋନ୍‌ରେ କଣ କଥା ହେଉଥିଲେ, ଏହା ଉପରେ ତଦନ୍ତକାରୀ ଅଫିସର ନଜର ରଖିଛନ୍ତି। ଏହାକୁ ବାଦ ଦେଇ ପୁଲିସ ବିଉଟିଙ୍କ ବ୍ୟକ୍ତିଗତ ସମ୍ପର୍କକୁ ଛାନଭିନ୍ କରୁଛି।

## ଜିଲ୍ଲାସ୍ତରୀୟ ବନ ମହୋତ୍ସବ

**ଚୌଦ୍ୱାର,୬।୭ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବିଦ୍ୟାପୀଠ ପରିସରରେ କଟକ ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଟକ ବନଖଣ୍ଡ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡିଏଫଓ ଅନୀଲ ରାୟ, ଏସିଏଫ ପ୍ରମୋଦ କୁମାର ସେଠୀ ଏବଂ ରବିନାରାୟଣ ମହାନ୍ତି, ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି, ସ୍ଥାନୀୟ ଫରେଷ୍ଟର ଭଗବାନ ପଲେଇ, ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସରପଞ୍ଚ ଦିଲ୍ଲୀପ ଭୋଇ, ସମିତି ସଭ୍ୟ ସୁରେନ୍ଦ୍ର ସାମଲ, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ବୃନ୍ଦ ଚାରାବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ୫ଲକ୍ଷ ୫୦ ହଜାର ଚାରା ବ ନ କରାଯିବାର ଲକ୍ଷ ରଖା ଯାଇଥିବା ଡିଏଫଓ ଘୋଷଣା କରିଥିଲେ। ଲକ୍ଷ୍ମଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ନବକିଶୋର ପଣ୍ଡା, ଶରତ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ସ୍ୱାଇଁ, ବାଟକୃଷ୍ଣ ପରିଡା, ରଞ୍ଜନ ପରିଡା, ରବୀନ୍ଦ୍ର ସାମଲ, ସସ୍ମିତା ଷଡ଼ଙ୍ଗୀ, ଶରତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଡ୍ରିମ୍‌ସ ନର୍ସିଂ ସ୍କୁଲରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



**କଟକ,୬ ।୭ (ସମିସ) :** ପାଠପଢା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାରଦର୍ଶିତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଡ୍ରିମ୍‌ସ ନର୍ସିଂ ସ୍କୁଲରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଷ୍ଟୁଡେଣ୍ଟସ୍ ନର୍ସିଂ ଆସୋସିଏସନ୍ (ଏସଏନ୍‌ଏ) ୟୁନିଟ୍ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ପର୍ବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ 'ଫ୍ଲାସ ମବ୍'ରେ ଛାତ୍ରଛାତ୍ରୀଙ୍କ ରଂଗାରଂଗ ନୃତ୍ୟ ଦେଖିବାକୁ ମିଳିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷାନୁଷ୍ଠାନର 'ଡିନ୍' ଡ. ପ୍ରଥିମା ପ୍ରକାଶମ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ । ଏସ୍‌ଏନ୍‌ଏ ଉପଦେଷ୍ଟା ସହକାରୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ କ୍ୱିଜ୍ ପ୍ରତିଯୋଗିତା ପ୍ରଥମ ପର୍ଯ୍ୟାୟରେ ୨୦୦ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିସହିତ ପୋଷ୍ଟର ପ୍ରଦର୍ଶନୀ, ଏକକ ଅଭିନୟ. ବକ୍ତୃତା, ପ୍ରବନ୍ଧ ଲିଖନ, ଚଟାଣ ସୌନ୍ଦର୍ଯ୍ୟକରଣ, ପେନ୍‌ସିଲ ସ୍କେଚ୍, ସ୍ପଟ୍ ପେଣ୍ଟିଂ, ମିସ୍ ଓ ମି. ଏସ୍‌ଏନ୍‌ଏ ପ୍ରଭୃତି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି।

## ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କଲେ ମେୟର

# ତୁରନ୍ତ ଜଳ ନିଷ୍କାସନ ଓ ସ୍ଥାୟୀ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**କଟକ,୬ ।୭ (ସମିସ):** ସହରରେ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ କଟକ ସହରର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ମହାନଗର ନିଗମର ମେୟର ସୁବାସ ସିଂହ ବିଭିନ୍ନ ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ତାଙ୍କ ସହ କଟକ ମହାନଗର ନିଗମର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର କର୍ମକର୍ତ୍ତାମାନେଏବଂ ସ୍ଥାନୀୟ କୋର୍ପୋରେଟରଙ୍କ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

ପରିଦର୍ଶନ ସମୟରେ ମେୟର ବିଭିନ୍ନ ସ୍ଥାନରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ଜଳବନ୍ଦୀ ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ନାଳ ଓ ଡ୍ରେନର ସ୍ଥିତି, ପମ୍ପିଂ ବ୍ୟବସ୍ଥା ଏବଂ ତୁରନ୍ତ ଜଳ ନିଷ୍କାସନ ପ୍ରକ୍ରିୟାର ଅଗ୍ରଗତିକୁ ସେ ସମୀକ୍ଷା କରିଥିଲେ। ମେୟର ଶ୍ରୀ ସିଂହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଜଳବନ୍ଦୀ ସମସ୍ୟାର ଦ୍ରୁତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥାନରେ ଅତିରିକ୍ତ ପମ୍ପସେଟ୍ ନିୟୋଜନ, ନାଳ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ୨୪ ଘଣ୍ଟିଆ ନଜରଦାରି ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ମେୟର କହିଥିଲେ ଯେ, ବର୍ଷା ଯୋଗୁଁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଯେପରି ଅଧିକ ପ୍ରଭାବିତ ନହୁଏ, ସେଥିପାଇଁ କଟକ ମହାନଗର ନିଗମର ସମସ୍ତ ଟିମ୍ ସତର୍କ ଓ ସକ୍ରିୟ ରହିଛନ୍ତି। ନାଗରିକମାନଙ୍କ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଛି। କେବଳ ତୁରନ୍ତ ଜଳ ନିଷ୍କାସନ ନୁହେଁ, ଭବିଷ୍ୟତରେ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସହରବାସୀଙ୍କୁ ଅଯଥା ଆତଙ୍କିତ ନହେବା ସହ କୌଣସି ସମସ୍ୟା ଦେଖାଦେଲେ କଟକ ମହାନଗର ନିଗମର କଣ୍ଟ୍ରୋଲ ରୁମ୍ କିମ୍ବା ସମ୍ପୃକ୍ତ ୱାର୍ଡ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। କଟକ ମହାନଗର ନିଗମ ପକ୍ଷରୁ ବର୍ଷାଜନିତ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ସହ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଇନୋଭା ସହ ଟ୍ରକ୍‌ର ମୁହାମୁହିଁ ଧକ୍କା

**ତ୍ରିଶୂଳିଆ,୬।୭ (ସମିସ):** କଟକରୁ ସୁବାଷ ସେତୁ ଦେଇ ବାଲିକୁଦା ଅଭିମୁଖେ ଯାଉଥିବା ଓଡି-୩୩-ଏଏମ୍‌୩୦୯୯ ନମ୍ବର ବିଶିଷ୍ଟ ଏକ କାର୍ ସହ ତ୍ରିଶୂଳିଆ ଛକ ଗୋଲେଇ ନିକଟରେ ଏନ୍‌ଏଲ୍‌୦୧ଏସି୭୪୧୮ ନମ୍ବର ବିଶିଷ୍ଟ ଏକ ଭାରି ମାଲବାହୀ ଟ୍ରକ୍‌ର ଧକ୍କା ହୋଇଛି। ଦୁର୍ଘଟଣାରେ ଇନୋଭା କାର୍‌ର ସାମ୍ନା ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସୌଭାଗ୍ୟବଶତଃ କାର୍‌ରେ ଥିବା ଯାତ୍ରୀ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି। ସୂଚନା ଅନୁଯାୟୀ, ତ୍ରିଶୂଳିଆ ଛକ ଗୋଲେଇ ନିକଟରେ ଉଭୟ ଯାନ ପହଞ୍ଚିବା ସମୟରେ ଏହି ଧକ୍କା ଲାଗିଥିଲା। ଧକ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ପହଞ୍ଚି ଯାତ୍ରୀଙ୍କ ସହାୟତା କରିଥିଲେ। ଖବର ପାଇ ବାରଙ୍ଗ ଥାନା ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିଲା। ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ତ୍ରିଶୂଳିଆ ଗୋଲେଇ ଉପରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ପରେ କ୍ଷତିଗ୍ରସ୍ତ ଯାନଗୁଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ, ତ୍ରିଶୂଳିଆ ଗୋଲେଇ ପରି ବ୍ୟସ୍ତବହୁଳ ସଡ଼କରେ ଯାନବାହନ ଚାଳନା ବେଳେ ସତର୍କତା ଅବଲମ୍ବନ କରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ

# ଗ୍ରାମାଞ୍ଚଳରେ ଅଧିକ ବ୍ୟାଙ୍କ ଖୋଲିବାକୁ ଗୁରୁତ୍ୱ




**କଟକ,୬ ।୭ (ସମିସ)**

କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି (ଡିଏଲ୍‌ଆର୍‌ସି) ଓ ପରାମର୍ଶଦାତା ସମିତି (ଡିସିସି) ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ କଟକ ସାଂସଦ ଡଃ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଋଣ ବଣ୍ଟନ ଓ ଅଧିକ ବ୍ୟାଙ୍କ ଖୋଲିବା, ଲୋକଙ୍କ ସୁବିଧା ଅନୁସାରେ ବ୍ୟାଙ୍କର ସ୍ଥାନାନ୍ତରଣ ଆଦି ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଜିର ବୈଠକରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପିଏମ୍ ସ୍ୱନିଧି, ପିଏମ୍ ବିଶ୍ୱକର୍ମା, ପିଏମ୍ ବଳରାମ ଆଦି ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ଋଣ ପ୍ରଦାନ ନିମନ୍ତେ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ଯୋଗଦେଇ ଆବଶ୍ୟକତା ଅନୁଯାୟୀ ଗ୍ରାମାଞ୍ଚଳରେ ନୂତନ ବ୍ୟାଙ୍କ ସେବା ଉପଲବ୍ଧ କରାଇବା ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ନାବାର୍ଡ ଡିଡିଏମ୍ ପ୍ରଣିମା ପରିଡ଼ା, ଆର୍‌ବିଆଇ ଏଲ୍‌ଡିଓ ରିତେଶ ପାତ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଲିଡ ବ୍ୟାଙ୍କ ପ୍ରବନ୍ଧକ ସତ୍ୟ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହାଇଡ୍ରୋଜେନ୍ ବୋମାଠାରୁ ବିପଜ୍ଜନକ ଜନସଂଖ୍ୟା ବିସ୍ଫୋରଣ

# ଦୁଇରୁ ଅଧିକ ସନ୍ତାନ ପାଇଁ ସମବାୟ ସମିତି ସଦସ୍ୟତା ରଦ୍ଦ ଆଦେଶ କାଏମ୍

**କଟକ,୬ ।୭ (ସମିସ):** ଓଡ଼ିଶା ସମବାୟ ସମିତି ଆଇନ-୧୯୬୨ର ନିୟମ ଅନୁଯାୟୀ ଦୁଇରୁ ଅଧିକ ସନ୍ତାନ ଥିବା କାରଣରୁ କ୍ୟାପିଟାଲ କୋଅପରେଟିଭ୍ ହାଉସିଂ ଲିମିଟେଡର ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତିଙ୍କ ସଦସ୍ୟତା ରଦ୍ଦକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ ଦୀକ୍ଷିତ ଶ୍ରୀକ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ମହାନ୍ତିଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜନସଂଖ୍ୟା ବିସ୍ଫୋରଣ ଉପରେ ହାଇକୋର୍ଟ ଚିନ୍ତା ପ୍ରକଟ କରିବା ସହ ପ୍ରସିଦ୍ଧ ବ୍ରିଟିଶ ଦାର୍ଶନିକ ବର୍ଟ୍ରାଣ୍ଡ ରସେଲଙ୍କ ଉକ୍ତିକୁ ଉଲ୍ଲେଖ କରି କହିଛନ୍ତି ଯେ,"ଜନସଂଖ୍ୟା ବିସ୍ଫୋରଣ ହାଇଡ୍ରୋଜେନ୍ ବୋମା ଠାରୁ ମଧ୍ୟ ଅଧିକ ବିପଜ୍ଜନକ' ବୋଲି କହିଛନ୍ତି। ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ପରିବେଶ ଓ ସୀମିତ ସମ୍ବଳ ଉପରେ ପ୍ରବଳ ଚାପ ପକାଉଛି। ଓଡ଼ିଶା ସମବାୟ ସମିତି ଆଇନର ଏହି ଦୁଇ ସନ୍ତାନ ନିୟମ ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କୁ ଓଡ଼ିଶା ସମବାୟ ସମିତି ଆଇନ, ୧୯୬୨ର ଧାରା ୨୮ (୩) (ପି) ଅନୁଯାୟୀ ଗତ ୨୦୨୪ ନଭେମ୍ବର ୧୯ରେ ତାଙ୍କର ତିନୋଟି ସନ୍ତାନ ଥିବା କାରଣରୁ ଖୋର୍ଦ୍ଧା ସମବାୟ ଡେପୁଟି ରେଜିଷ୍ଟ୍ରାର ଏକ ନୋଟିସ ଜରିଆରେ ଅଯୋଗ୍ୟ ଘୋଷିତ କରିଥିଲେ। ଏହି ନିଷ୍ପତ୍ତି ବିରୋଧରେ ସେ ପ୍ରଥମେ ଜଣିକିଆ ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ ଆବେଦନ ଖାରଜ ହୋଇଯାଇଥିଲା। ଯାହାକୁ ସେ ଦୁଇ ଜଣିଆ ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ ତୃତୀୟ ସନ୍ତାନଟି ତାଙ୍କର ନୁହେଁ। ମାତ୍ର କୋର୍ଟ କହିଛନ୍ତି ଯେ ମୂଳ ଜନ୍ମ ପଞ୍ଜିକାରେ ପିତାଙ୍କ ସ୍ଥାନରେ ଆବେଦନକାରୀଙ୍କ ନାମ ହିଁ ରହିଥିଲା। ମାମଲା ଆରମ୍ଭ ହେବା ପରେ ସେଥିରେ ସଂଶୋଧନ କରାଯାଇ ତାଙ୍କ ଭାଇଙ୍କ ନାମ ସାମିଲ କରାଯାଇଛି। ହସ୍ପିଟାଲର ଡିସଚାର୍ଜ ସାର୍ଟିଫିକେଟକୁ ଅଦାଲତ ଗ୍ରହଣ କରିନାହାନ୍ତି। ସରକାରୀ ନିୟମାନୁସାରେ ୧୯୯୯ ଜାନୁଆରୀ ୧ ଅନୁଯାୟୀ ଯଦି କୌଣସି ସଦସ୍ୟଙ୍କର ଦୁଇରୁ ଅଧିକ ସନ୍ତାନ ଥାଆନ୍ତି, ତେବେ ଆଇନଗତ ଭାବେ ସେ ସମିତିର ସଦସ୍ୟ କିମ୍ବା ପଦାଧିକାରୀ ହେବା ପାଇଁ ଅଯୋଗ୍ୟ ବିବେଚିତ ହେବେ। ଏହି ସମସ୍ତ ଆଧାରରେ ହାଇକୋର୍ଟ ଆବେଦନକାରୀଙ୍କ ଅପିଲକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତତ୍କାଳ ସମାଧାନ



**ବାରିପଦା, ୬।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣି ଶିବିରରେ ୧୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବାବେଳେ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଆଜିର ଜନଅଭିଯୋଗ ଶୁଣାଣି ଶିବିରରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୪ଟି ଅଭିଯୋଗ ଆସିଥିଲା। ଏଥିରେ ୨୪୯ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୧୫ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୧୪ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଛି। ଏହାସହ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା ବିଶ୍ୱନାଥ ଦାସ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ତତସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ।

> **୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ**

### ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ କାମରେ ଦୁର୍ନୀତି ଅଭିଯୋଗ

# ୧୫ରେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିବ ଭଞ୍ଜସେନା



**ବାରିପଦା/ଉଦଳା, ୬।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଅଞ୍ଚଳରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଭଞ୍ଜସେନା ଅଭିଯୋଗ କରିଛି। ସଂପୃକ୍ତ କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା କାର୍ଯ୍ୟକଳାପ ସହିତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକାଦାର ମିଳିତ ଭାବେ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ତଦନ୍ତ ଦାବି ନେଇ ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ପକ୍ଷରୁ ଏକ ଦାବିପତ୍ର କପ୍ତିପଦା ଉପଖଣ୍ଡ ପ୍ରଶାସନ ଜରିଆରେ ପ୍ରଦାନ କରି ହୋଇଥିବା ଦୁର୍ନୀତି ବାବଦରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ଭିଜିଲାନ୍ସ ମାଧ୍ୟମରେ ଏସବୁର ତଦନ୍ତ କରାଇବା ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଆଇସି-୧ଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବା ସହିତ ଭୁବନେଶ୍ୱରସ୍ଥ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ମଧ୍ୟ ଏହାର ଏକକିତା ନକଲ ପ୍ରଦାନ କରାଯାଇଛି।

ମହିଷାସୁରୀ-ପଦ୍ମପୋଖରୀ ଓ ଉଦଳା-ଦୁଗଧା- କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) କାର୍ଯ୍ୟରେ ବ୍ୟବହୃତ ହେଉଥିବା ସମସ୍ତ ସାମଗ୍ରୀର ମାନ ତଦାରଖ କରିବା ସହିତ ବିଭାଗ ସହିତ ଚୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରି ଲାଭ ପାଇବା ଆଶାରେ ହେଉଥିବା କାର୍ଯ୍ୟକୁ ଚୁକ୍ତି ନିୟମ ଅନୁଯାୟୀ କରାଯାଉ, ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ବେଆଇନ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ଚାଲୁ ରହିଥିବା ଦୁର୍ନୀତିର ତଦନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିବା ସହ ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଇଥିବା ଆପଣଙ୍କ ବିଭାଗ ତରଫରୁ ଆମ୍ଭେ ଦେଇଥିବା ଅଭିଯୋଗ ବାବଦରେ ସଠିକ ଭାବେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଯଦି ଆଗାମୀ ୭ ଦିନ ମଧ୍ୟରେ ତଦନ୍ତ ନେଇ କୌଣସି ନିର୍ଦ୍ଦେଶ ନ ଆସେ, ତେବେ ଚଳିତ ଜୁଲାଇ ମାସ ୧୫ ତାରିଖ ବୁଧବାର ଦିନ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଭଞ୍ଜସେନା ଉଦଳା ସହର ଶାଖା ସଭାପତି ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।

## ଦ୍ୱିତୀୟ ଦିନରେ ଜବରଦଖଲ ଉଚ୍ଛେଦ ଅଭିଯାନ



**କରଞ୍ଜିଆ, ୬।୭ (ସମିସ):** କରଞ୍ଜିଆ ସହରରେ ସରକାରୀ ଜମି, ରାସ୍ତା ପାଶ୍ୱର୍ ଓ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଜବରଦଖଲକୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଉଚ୍ଛେଦ ଅଭିଯାନ ଦ୍ୱିତୀୟ ଦିନରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ଜାରି ରହିଛି। ସହରରେ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ, ସରକାରୀ ଜମିର ସୁରକ୍ଷା ଓ ସାଧାରଣ ଲୋକଙ୍କ ଯାତାୟାତକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଚାଲିଛି। ପ୍ରଶାସନ ପକ୍ଷରୁ ପ୍ରାୟ ଏକ ମାସ ପୂର୍ବରୁ ସରକାରୀ ଜମି, ରାସ୍ତା ପାଶ୍ୱର୍ ଓ ସାଧାରଣ ସ୍ଥାନକୁ ଜବରଦଖଲ କରି ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଘର ନିର୍ମାଣ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱଇଚ୍ଛାରେ ଜବରଦଖଲ ହଟାଇବାକୁ ସୂଚନା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କରଞ୍ଜିଆ ଗୋଲେଇ ବାଇପାସ ନିକଟରୁ ମାଣିକ ଛକ, କଚେରୀ ଛକ ହୋଇ ଏନ୍ଏସି ଛକ ପର୍ଯ୍ୟନ୍ତ ଥିବା ଜବରଦଖଲକାରୀଙ୍କୁ ନୋଟିସ ପ୍ରଦାନ କରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟସୀମା ଶେଷ ହେବା ପରେ ମଧ୍ୟ କେତେକ ଜବରଦଖଲକାରୀ ସ୍ୱଇଚ୍ଛାରେ ନିଜ ଦଖଲ ହଟାଇ ନ ଥିବାରୁ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିଥିଲା। ଆଜି ଏସ୍‌ଡିପିଓ ନବକୃଷ୍ଣ ନାୟକ, କରଞ୍ଜିଆ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଉପସ୍ଥିତି ଓ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱରେ ଥିବା ପାଞ୍ଚଟି ବ୍ଲକର ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୁଲିସ ବାହିନୀ ସହଯୋଗରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଉଚ୍ଛେଦ ଅଭିଯାନ ସମୟରେ ଜବରଦଖଲ କରି ନିର୍ମାଣ କରାଯାଇଥିବା କୋଠା ଓ ଅନ୍ୟାନ୍ୟ ସ୍ଥାୟୀ ନିର୍ମାଣକୁ ଜେସିବି ମେସିନ ସାହାଯ୍ୟରେ ଭଙ୍ଗାଯାଇଥିଲା। ସମ୍ପୂର୍ଣ୍ଣ ଅଭିଯାନ ବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନ ସୂଚନା ଅନୁଯାୟୀ, ସହରରେ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ପର୍ଯ୍ୟାୟକ୍ରମେ ଜାରି ରହିବ।

## ମୁଣ୍ଡାରୀ ଭାଷାର ନୂତନ ବିଦ୍ୟାଳୟ ପ୍ରତିଷ୍ଠା



**ସାରସକଣା, ୬।୭ (ସମିସ):** ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ଓ ମୁଣ୍ଡାରୀ ଭାଷା ସମ୍ମାନର ସୁରକ୍ଷା ନିମନ୍ତେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପକ୍ଷରୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମରେ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି। ଏହି ବିଦ୍ୟାଳୟରେ ପିଲାଙ୍କୁ ମୁଣ୍ଡାରୀ ଭାଷାର ଲିପି ମୁଣ୍ଡାରୀ ବାନି ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଏ ପରିପ୍ରେକ୍ଷୀରେ ଆଜି ସାରସକଣା ବ୍ଲକ ଅନ୍ତର୍ଗତ ପାକଟିଆ ପଞ୍ଚାୟତର ଭାଦୁଆ, ମୁରୁଣିଆ ପଞ୍ଚାୟତର ରତିଲା ଓ ଶିର୍ଷା ପଞ୍ଚାୟତର ବଣଗାଁ ଗ୍ରାମରେ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାରସକଣା ବ୍ଲକ ଆବାହକ କରମଚାନ୍ଦ ସିଂଙ୍କ ସଂଯୋଜନାରେ ଉକ୍ତ ତିନୋଟି ମୁଣ୍ଡାରୀ ବିଦ୍ୟାଳୟ ଖୋଲାଯାଇଛି। ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା ଅବସରରେ ଉକ୍ତ ତିନୋଟି ଗ୍ରାମର ଲୋକଙ୍କୁ ନେଇ ପୃଥକ ପୃଥକ ତିନୋଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ, ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, କୁଳିଅଣା ବ୍ଲକ ହାତିବାରି ମୁଣ୍ଡାରୀ ବାନି ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ସିଂ, କଖାରୁଶୋଳ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ସୁବୋଧ ଚନ୍ଦ୍ର ସିଂ, ଚାନ୍ଦୁଆ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷକ ବୁଧୁ ସିଂ ପ୍ରମୁଖ ସଚେତକ ଭାବେ ଯୋଗଦେଇ ମୁଣ୍ଡାରୀ ଭାଷା ଆନ୍ଦୋଳନ ସମ୍ବନ୍ଧରେ ସଚେତନ କରିଥିଲେ। ଉକ୍ତ ବୈଠକରେ ଉପସ୍ଥିତ ଅତିଥିମାନେ ମୁଣ୍ଡାରୀ ବିଦ୍ୟାଳୟର ଉନ୍ନତୀକରଣ କରଣ ନିମନ୍ତେ ଗ୍ରାମବାସୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ଗ୍ରାମର ସମସ୍ତ ପିଲାଙ୍କୁ ଉକ୍ତ ମୁଣ୍ଡାରୀ ବିଦ୍ୟାଳୟରେ ନାମ ଲେଖାଇ ରବିବାର ପଢିବାକୁ ପଠାଇବା, ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ମୁଣ୍ଡାରୀ ଭାଷାର ବାର୍ଷିକ ପରୀକ୍ଷାରେ ଅଂଶଗ୍ରହଣ କରି ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହି ମୁଣ୍ଡାରୀ ବାନି ବିଦ୍ୟାଳୟରେ ପଢା ଯାଉଥିବା ପାଠ୍ୟକ୍ରମରେ ମୁଣ୍ଡା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରାକୁ ଗୁରୁତ୍ୱ ଦିଆଯାଇଛି। ଏହା ସମସ୍ତଙ୍କ ପଢିବା ଓ ଶିଖିବା ଅତ୍ୟନ୍ତ ଜରୁରୀ ବୋଲି ସମସ୍ତେ ମତ ଦେଇଥିଲେ। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା, ମୁଣ୍ଡାରୀ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ପ୍ରତିଷ୍ଠା କରାଯାଇଥିବା ତିନୋଟି ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ଯଥାକ୍ରମେ ଭାଦୁଆର ଶିକ୍ଷୟିତ୍ରୀ ଭାବେ ଶିରୋମଣି ସିଂ, ରତିଲାର ଶିକ୍ଷୟିତ୍ରୀ ଭାବେ ଶୁଭଶ୍ରୀ ସିଂ ଓ ବଣଗାଁ ରେ ଶିକ୍ଷୟିତ୍ରୀ ଭାବେ ପ୍ରିୟଦର୍ଶିନୀ ସିଂଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ପ୍ରତ୍ୟେକ ମୁଣ୍ଡାରୀ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଛି। ସାରସକଣା ବ୍ଲକର ଆବାହକ କରମ ଚାନ୍ଦ ସିଂ ଧନ୍ୟବାଦ ଦେଇଥିଲେ।

### ବାରିପଦା ବନଖଣ୍ଡରେ ବନ ମହୋତ୍ସବ

# ୨.୬୧ ଲକ୍ଷ ଚାରା ରୋପଣ ଓ ୧୦ ଲକ୍ଷ ଚାରା ବଣ୍ଟନ ଆରମ୍ଭ



**ବାରିପଦା, ୬।୭ (ସମିସ):** ପରିବେଶ ସନ୍ତୁଳନ ବଜାୟ ରଖିବାରେ ବୃକ୍ଷ ରୋପଣ ଓ ବନୀକରଣ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଅବାଧ ଗଛ କଟା, ଜଙ୍ଗଲ କ୍ଷୟ ଓ ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ହେଉଥିବା ସବୁଜିମାକୁ ପୂରଣ ପାଇଁ ବୃକ୍ଷ ରୋପଣ ଏକ ମାତ୍ର ବିକଳ୍ପ। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଭିନ୍ନ ବିଭାଗର ସହଭାଗିତାରେ ପ୍ରତିବର୍ଷ ଜୁଲାଇ ମାସ ପହିଲାରୁ ବନମହୋତ୍ସବ ଆୟୋଜନ କରିଆସୁଛି। ତଦନୁଯାୟୀ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ବାରିପଦା ବନଖଣ୍ଡ ପକ୍ଷରୁ ୭୭ତମ ବନମହୋତ୍ସବ ପାଳନ କରାଯାଉଛି। ଏହା ଏକମାସ ବ୍ୟାପୀ ଚାଲିବ। ବନଖଣ୍ଡ କାର୍ଯ୍ୟାଳୟର ସଙ୍କଳ୍ପ ସମ୍ମିଳନୀ କକ୍ଷରେ ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସିଏଫ ତଥା ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଛାୟତ, ଜିଲ୍ଲା ପରିବେଶ ସମିତିର ଉପସଭାପତି ଡ ବିଜୟ ଅଗ୍ରୱାଲା, ଯୁଗ୍ମ ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ସେଭ ଏଲିଫ୍ୟାଣ୍ଟର ସଭାପତି ଡା ରଜନୀକାନ୍ତ ଜେନା, ପରିବେଶବିତ ହରିହର ଦାସ ଓ ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର ଯୋଗଦେଇ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ। ଏ ଅବସରରେ ବନଖଣ୍ଡ ଆନୁକୂଲ୍ୟରେ ୨ ଲକ୍ଷ ୬୧ ହଜାର ୯୫୦ ଚାରା ବିଭାଗ ପକ୍ଷରୁ ରୋପଣ ଆରମ୍ଭ ହେବା ସହିତ ଓ ୧୦ ଲକ୍ଷ ଚାରା ଜନସାଧାରଣ ଓ ଅନୁଷ୍ଠାନମାନଙ୍କୁ ରୋପଣ ଉଦ୍ଦେଶ୍ୟରେ ବଣ୍ଟନ କରାଯାଉଛି।

ବନଖଣ୍ଡ ଅଧୀନରେ ୧୦ଟି ନର୍ସରୀରେ ଚାରା ପ୍ରସ୍ତୁତ କରାଯାଇଛି। ରୋପଣ ଉପଯୋଗୀ ୫ ଫୁଟ ଲମ୍ବ ଓ ୨ ଇଞ୍ଚ ମୋଟେଇର ଗଛ ବଣ୍ଟାଯିବା ପାଇଁ ବନଖଣ୍ଡ ଅଧୀନରେ ଥିବା ବାରିପଦା, ବେତନଟୀ, ରାସଗୋବିନ୍ଦପୁର, ଦେଉଳି, ବାଙ୍ଗିରିପୋଷି, ଉଦଳା ଓ କପ୍ତିପଦା ରେଞ୍ଜ କାର୍ଯ୍ୟାଳୟ ଓ ଫରେଷ୍ଟରଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ନିମ୍ବ, ଶାଗୁଆନ, କୃଷ୍ଣଚୁଡ଼ା, ଅଶ୍ୱତ୍ଥ, ରାଧାଚୁଡ଼ା, ନିଦ୍ରାବତୀ, ଦେବଦାରୁ, କଷି, କଦମ୍ବ, ଗମ୍ଭାରି, ଅର୍ଜୁନ, ଶିଶୁ, ଇଟାଲିଆନ ଶାଳ, ଆମ୍ବ, ପଣସ, ଜାମୁ, ପିଜୁଳି, ଅମୃତଭଣ୍ଡା, ସଜନା, ବାରମାସି, ଲେମ୍ବୁ, ସାଲମା, ପାଗଡ଼ା, କାଜୁ, ପେସ୍ତାବାଦାମ, ଅଁଳା, ହରିଡ଼ା, ବାହାଡ଼ାଠାରୁ ଆରମ୍ଭ କରି ବାଡ଼ି ବଗିଚା ଓ ଜଙ୍ଗଲରେ ଲାଗୁଥିବା ବିଭିନ୍ନ ପ୍ରକାରର ଚାରା ବଣ୍ଟନ ପାଇଁ ପ୍ରସ୍ତୁତ କରାଯାଇ ରଖାଯାଇଛି। ସରକାରଙ୍କ ଜାତୀୟ ବାମ୍ବୋ ମିଶନ, କାମ୍ପା ଓ ଭବିଜିରାମଜି ଯୋଜନାରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ରହିଛି। ଚାରାରୋପଣ ସହିତ ବାଡ଼ ବେଢ଼ା, ପାଣି ଦେବା ଓ ଜଗୁଆଳି ବ୍ୟବସ୍ଥା ରହିଛି। ସେହିପରି ବିଭିନ୍ନ ଇକୋ କ୍ଲବ, ବନ ସୁରକ୍ଷା ସମିତି, ଅନୁଷ୍ଠାନ, ସଙ୍ଗଠନ ଓ ଜନସାଧାରଣଙ୍କୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଚାରା ବଣ୍ଟନ କରାଯିବ। ମ୍ୟୁନିସିପାଲଟି, ଏନଏସି, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଜରିଆରେ ଚାରା ବଣ୍ଟନ କରାଯାଇ ଜନସାଧାରଣଙ୍କୁ ବୃକ୍ଷରୋପଣ ପାଇଁ ଉତ୍ସାହିତ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ବିଶ୍ୱାଳ କହିଛନ୍ତି। ଏ ଅବସରରେ ଶିଳିପୁରିଆ, ତେନ୍ତୁଳିଆ ଓ ରେହେଡାକୋଚା ବନ ସୁରକ୍ଷା ସମିତି ଓ ବରେହିପାଣି ଇକୋ ଡେଭେଲପମେଣ୍ଟ କମିଟିକୁ ଉଲ୍ଲେଖନୀୟ ବନୀକରଣ ଓ ପରିବେଶ ସୁରକ୍ଷା ପାଇଁ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ମେହେରବାନ ଅଲ୍ଲୀଙ୍କ ସମେତ ରେଞ୍ଜର, ଫରେଷ୍ଟର, ଗାର୍ଡ ଓ କର୍ମଚାରୀ ସହଯୋଗ କରିଥିଲେ।

## ଭୈରଣିବେଢ଼ା ଗ୍ରାମରେ ବନ ମହୋତ୍ସବ



**ମହୁଲଡିହା, ୬।୭ (ସମିସ):** ଜଙ୍ଗଲ ଆମର ମାଆ। ଅଜାଣତରେ ସେ ଆମର ଯତ୍ନ ନେଉଛି, ଆମର ଆବଶ୍ୟକତା ମେଣ୍ଟାଉଛି। ତେଣୁ ଆମେ ତା'ର ଯତ୍ନ ନେବା ବୋଲି ବନ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ଭୈରାଣିବେଡା ଗ୍ରାମରେ ବନ ମହୋତ୍ସବର ଷଷ୍ଠ ଦିନରେ ଅନୁଷ୍ଠିତ ବୃକ୍ଷରୋପଣ ଓ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ଯୋଗଦେଇ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଜଙ୍ଗଲ ହିଁ ଶ୍ରେଷ୍ଠ ବିକଳ୍ପ ବୋଲି କହିଥିଲେ। ଜଙ୍ଗଲ ଜୀବନର ଆଧାର। ଆଦିବାସୀମାନେ ପ୍ରକୃତି ଉପାସକ। ଶିମିଳିପାଳ ଓ ଠାକୁରମୁଣ୍ଡାର ଜଙ୍ଗଲ ପାଇଁ ଆମେ ଗରମ ଅନୁଭବ କରୁନାହାନ୍ତି। ଆମକୁ ସୁରକ୍ଷା ଦେଉଥିବା ଜଙ୍ଗଲର ବୃଦ୍ଧି ଓ ସୁରକ୍ଷା ଆମ ଦାୟିତ୍ୱ। ଆମେ ସମସ୍ତେ ମିଳିମିଶି ଏ ଦାୟିତ୍ୱ ନିର୍ବାହ କରିବା ବୋଲି ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କରଞ୍ଜିଆ ଡିଏଫଓ ଅଜୟ କୁମାର ସାହୁ ଯୋଗଦେଇ କହିଥିଲେ, ଯେଉଁଠି ଜଙ୍ଗଲ ସେଇଠି ସମୃଦ୍ଧି। ସେ ଉଦାହରଣ ଦେଇ ଆମେରିକା, ରୁଷିଆ, ଜାପାନ ଆଦି ଅନେକ ଦେଶରେ ଥିବା ଜଙ୍ଗଲ ଓ ସମୃଦ୍ଧିର କଥା କହିଥିଲେ। ଠାକୁରମୁଣ୍ଡା, କରଞ୍ଜିଆ, ଯଶିପୁର ଆଦି ଅଞ୍ଚଳରେ ଲୋକଙ୍କ ଜଙ୍ଗଲ ସୁରକ୍ଷା ପ୍ରତି ଆଗ୍ରହକୁ ପ୍ରଶଂସା କରିଥିଲେ। ଜଙ୍ଗଲ ମୋର ମାଆ। ସେ ଆମକୁ ଯେପରି ଯତ୍ନ ନେଉଛି ଆମେ ମଧ୍ୟ ତାକୁ ସେଭଳି ପୂଜା କରିବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ସମାଜସେବୀ ପଦ୍ମଲୋଚନ ନନ୍ଦ ଯୋଗ ଦେଇଥିଲେ। ଶରତ କୁମାର ତ୍ରିପାଠୀ ସଭା ପରିଚାଳନା କରିଥିବାବେଳେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତେ ମିଳିମିଶି ଭୈରାଣିବେଡା ପିଆରଏଫରେ ବୃକ୍ଷରୋପଣ କରିଥିଲେ। ବିଧାୟକ ଓ ଡିଏଫଓ ଗ୍ରାମବାସୀଙ୍କୁ ଚାରା ବଣ୍ଟନ କରିଥିଲେ।

## ସରକାରୀ ଜମିରୁ ମୋରମ ଚୋରି ମାମଲାରେ ଫେରାର ଆସାମୀ ଗିରଫ

**ରାସଗୋବିନ୍ଦପୁର, ୬।୭ (ସମିସ):** ସରକାରୀ ଜମିରୁ ମୋରମ ଚୋରି ମାମଲାରେ ରାସଗୋବିନ୍ଦପୁର ଥାନାର ଦୀର୍ଘଦିନ ଧରି ଫେରାର ଥିବା ଆସାମୀ ପ୍ରଫୁଲ୍ଲ ଜେନାଙ୍କୁ ଆଜି ସକାଳେ ଅମରଦା ଫାଣ୍ଡି ଅଧିକାରୀ ନିଶିକାନ୍ତ ସାମଲ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମାର୍ଚ୍ଚ ୨୩ ତାରିଖରେ ସରକାରୀ ଜମିରୁ ବେଆଇନ ଭାବେ ମାଟି ଓ ମୋରମ ଉତ୍ତୋଳନ କରାଯାଉଥିବାବେଳେ ତିନୋଟି ହାଇୱା ଓ ଗୋଟିଏ ଚେନ୍ ମେସିନ୍ ଜବତ କରାଯାଇଥିଲା। ଏହି ବେଆଇନ ଖନନ ଯୋଗୁଁ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହୋଇଥିବା ଅଭିଯୋଗ ସହିତ ଆଗରୁ ମଧ୍ୟ ଅନେକ କେଶ ରହିଛି। ଏ ଘଟଣା ପରଠାରୁ ଆସାମୀ ଫେରାର ଥିବାବେଳେ ପୁଲିସ ତାଙ୍କୁ ଧରିବା ପାଇଁ ଲଗାତର ଚଢ଼ଉ ଜାରି ରଖିଥିଲା। ଶେଷରେ ଅମରଦା ଫାଣ୍ଡି ପୁଲିସ ଆଜି ତାଙ୍କୁ ଗିରଫ କରି ଆଇନ ଅନୁଯାୟୀ ଅଦାଲତକୁ ଚାଲାଣ କରିଛି। ମାମଲାର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।



## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କୁଆମରା, ୬।୭ (ସମିସ):** ଖୁଣ୍ଟା ଥାନା ଲକ୍ଷ୍ମଣସାହି ଗ୍ରାମର ଜଣେ ଯୁବକ ଗ୍ରାମ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଦୁଃଖିଆ ମାଝୀ (୩୫)। ରବିବାର ମଧ୍ୟାହ୍ନରେ ସ୍ଥାନୀୟ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ଅସାବଧାନତା ବଶତଃ ଦୁଃଖିଆ ଗଭୀର ଜଳ ମଧ୍ୟକୁ ପଶିଯାଇ ବାହାରି ପାରି ନ ଥିବା ଅନୁମାନ କରାଯାଉଛି। ପରିବାର ଲୋକ ବହୁ ଖୋଜାଖୋଜି କରି ପାଇ ନ ଥିବାବେଳେ ସନ୍ଧ୍ୟାରେ କେହି ଜଣେ ଭାସୁଥିବା ସ୍ଥାନୀୟ ଲୋକ ଦେଖି ଖୁଣ୍ଟା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଦୁଃଖିଆଙ୍କୁ ଗଭୀର ପାଣିରୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି।

### ଲଗାଣ ବର୍ଷା

# ଧୋଇଗଲା ଅସ୍ଥାୟୀ ରାସ୍ତା, ଯାତାୟାତ ବାଧାପ୍ରାପ୍ତ

**ଠାକୁରମୁଣ୍ଡା/ମହୁଲଡିହା, ୬।୭ (ସମିସ)**

ଠାକୁରମୁଣ୍ଡାରୁ ୧ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାଜ୍ୟ ରାଜପଥର କଣ୍ଟାମଲ୍ଲି ନାଳ ଉପରେ ନିର୍ମାଣଧୀନ ପୋଲ ନିମନ୍ତେ ନିର୍ମାଣ ହୋଇଥିବା ଡାଇଭର୍ସନ ରାସ୍ତା ଧୋଇ ହୋଇଯାଇଛି। ରାତିରେ ଲଗାଣ ବର୍ଷାରେ ନାଳରେ ପାଣି ଆସିବାରୁ ପ୍ରଖର ସ୍ରୋତରେ ରାସ୍ତା ପ୍ରାୟ ୫୦ ଫୁଟ ଧୋଇ ହୋଇଯିବାରୁ ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି। ଫଳରେ ଯାତ୍ରୀବାହୀ ବସ୍ ସହ ସମସ୍ତ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛି। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଠାକୁରମୁଣ୍ଡା ନିକଟ ରୁଗୁଡିବେଡା ଗ୍ରାମରେ ଥିବା ବହୁ ପୁରାତନ ବିଶାଳ ବର ଗଛ ରବିବାର ରାତିରେ ରାସ୍ତାରେ ପଡିବାରୁ ଯାନବାହନ ଚଳାଚଳ ବ୍ୟାଘାତ ହୋଇଥିଲା। ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଦେଇ ବୋହିଯାଇଥିବା ତେଲ ନଦୀ ପୋଲ ଉପରେ ଲଗାଣ ବର୍ଷା ଯୋଗୁଁ ୫ ଫୁଟ ଉପରେ ପାଣି ଯିବା କାରଣରୁ କେନ୍ଦୁଝର ଜିଲ୍ଲା କୁମୁଳାବାହାଳି ଓ ମୟୂରଭଞ୍ଜ ଜିଲ୍ଲା ଖସାକୁଦ ଗ୍ରାମର ରାସ୍ତା ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି। ଦୀର୍ଘଦିନ ଧରି ଚାଲୁ ରହୁଥିବା ପୋଲ କାର୍ଯ୍ୟ ପାଇଁ ସାଧାରଣ ଲୋକେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।



### ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୩ ଫୁଟ ଉଚ୍ଚରେ ପାଣି

## ଉଦଳା-ବାଲେଶ୍ୱର ଓ ଉଦଳା-ବୈଶିଙ୍ଗା ଯୋଗାଯୋଗ ବିଚ୍ଛିନ୍ନ



**ଉଦଳା, ୬।୭ (ସମିସ):** ଜିଲ୍ଲାରେ ଲଗାଣ ବର୍ଷା କାରଣରୁ ବୁଡ଼ିଲା କଇଁସାରି ଜାମୁଘାଟରେ ଥିବା ଅସ୍ଥାୟୀ ପୋଲ। ଅସ୍ଥାୟୀ ପୋଲ ଉପରେ ୩ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଉଦଳା କଇଁସାରି ଜାମୁଘାଟ ପୋଲ ଉପରେ ୩ ଫୁଟର ପାଣି ପ୍ରବାହିତ ହେବା କାରଣରୁ ଉଦଳା-ବାଲେଶ୍ୱର ଓ ଉଦଳା-ବୈଶିଙ୍ଗା ସମେତ ପ୍ରାୟ ୮ରୁ ୧୦ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା ଦୁଇଦିନ ଧରି ଜାରି ରହିବା କାରଣରୁ ଦେଓ ନଦୀ ଫୁଲିଛି। ଫଳରେ କଇଁସାରିଠାରେ ଥିବା ଜାମୁଘାଟ ପୋଲ ଉପରେ ପାଣି ପ୍ରବାହିତ ହୋଇଛି। ୩ ଫୁଟର ପାଣି ପ୍ରବାହିତ ହୋଇଥିବାବେଳେ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ ହୋଇପଡିଛି। ଅନ୍ୟପଟେ କିଛି ଲୋକ ବିପଦସଂକୁଳ ଅବସ୍ଥାରେ ମଧ୍ୟ ଅସ୍ଥାୟୀ ପୋଲ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ପୁରୁଣା ପୋଲ ଦବିବା ପରେ ସ୍ଥାୟୀ ପୋଲ ଆଜକୁ ୪ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ହିନ୍ଦୋଳ ଉପଖଣ୍ଡରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

# ପ୍ରାଥମିକ ବିଦ୍ୟାଳୟରେ ୯୨ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦ ଖାଲି






**ହିନ୍ଦୋଳ,୬ ।୭ (ସମିସ)**

ଶିକ୍ଷାର ବିକାଶ ପାଇଁ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି। ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଶିକ୍ଷାର ବାସ୍ତବ ଚିତ୍ର କିନ୍ତୁ ଓଲଟା। କେଉଁଠି ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି ତ କେଉଁଠି ଆନୁଷଙ୍ଗିକ ବ୍ୟବସ୍ଥା ପୂରା ଭୁଶୁଡ଼ିପଡ଼ିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ।

ଉପଖଣ୍ଡରେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଏବେ ସଙ୍କଟ ଦେଖାଦେଇଛି। ଶିକ୍ଷକ ଅଭାବ ସାଙ୍ଗକୁ ପ୍ରଶାସନିକ ଶୂନ୍ୟତା ଓ ପଦୋନ୍ନତି ପ୍ରକ୍ରିୟାରେ ଅଚଳାବସ୍ଥା ଲାଗି ବ୍ଲକର ଅନେକ ସରକାରୀ ନୂତନ ଶିକ୍ଷାବର୍ଷରୁ ପାଠପଢ଼ା ପ୍ରଭାବିତ ହୋଇଛି। ବ୍ଲକରେ ପ୍ରାୟ ୯୨ ଶିକ୍ଷକ ପଦବୀ ଦୀର୍ଘଦିନ ହେବ ଖାଲିପଡ଼ିଥିବା ବେଳେ ୪୩ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ୧୫ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ସେହି ଜଣେ ଶିକ୍ଷକଙ୍କୁ ସମସ୍ତ ଶ୍ରେଣୀର ପାଠପଢ଼ା ସହିତ ମଧ୍ୟାହ୍ନ ଭୋଜନ, ସରକାରୀ ରିପୋର୍ଟ, ପ୍ରଶାସନିକ କାର୍ଯ୍ୟ ମଧ ସମ୍ଭାଳିବାକୁ ପଡୁଛି। ଫଳରେ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଅନେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାରୁ ଭାରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଛି। ଫଳରେ ଶିକ୍ଷକ ଓ ପ୍ରଶାସନିକ ସ୍ତରକୁ ପ୍ରଭାବିତ କରୁଛି। ହିନ୍ଦୋଳ ବ୍ଲକରେ ୮୬ ପ୍ରାଥମିକ ବିଦ୍ୟାଳୟ, ୯୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୪ ସେବାଶ୍ରମ ବିଦ୍ୟାଳୟ ଓ ଗୋଟିଏ ଆଦର୍ଶ ବିଦ୍ୟାଳୟ ରହିଛି। ଏବେ ପ୍ରାୟ ସମସ୍ତ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟା ଲାଗିରହିଛି। ଏହି କାରଣରୁ ଅଭିଭାବକମାନେ ନିଜ ପିଲାଙ୍କୁ ଏବେ ସରକାରୀ ବିଦ୍ୟାଳୟ ଛାଡ଼ି ଘରୋଇ ବିଦ୍ୟାଳୟ ଛାଡ଼ିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏପରି ସ୍ଥିତିରେ ଜୁଲାଇ ୮ରୁ ୧୭ ତାରିଖ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି, ୱାର୍କିଂ କମିଟି ଓ ଶିକ୍ଷକ କମିଟି ଗଠନ ଲାଗି ସରକାରୀ ନିର୍ଦ୍ଦେଶ ଦେଇଥିବା ବେଳେ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ତେବେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଅଭାବ ମଧ୍ୟରେ କେବଳ କମିଟି ଗଠନ ସହ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ଭବ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାର ଓ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶିକ୍ଷା ବ୍ୟବସ୍ଥା ସୁଧାରିବା ପାଇଁ ଦାବି ହେଉଛି।

- **୪୩ ବିଦ୍ୟାଳୟରେ ନାହାନ୍ତି ପ୍ରଧାନଶିକ୍ଷକ**
- **ଖାଲି ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା**
- **ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଉଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ**

## ପୁରୀ-କୋରାପୁଟ ନୂଆ ଟ୍ରେନ୍‌କୁ ଢେଙ୍କାନାଳରେ ସ୍ୱାଗତ



**ଢେଙ୍କାନାଳ,୬ ।୭ (ସମିସ):** ପୁରୀ ରେଳ ଷ୍ଟେସନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ରେଳ ଷ୍ଟେସନରେ ଉକ୍ତ ଟ୍ରେନ୍‌କୁ ଭବ୍ୟ ସ୍ୱାଗତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟ୍ରେନ୍ ଢେଙ୍କାନାଳବାସୀଙ୍କ ପାଇଁ ଖୁବ ଲାଭଦାୟକ ହେବ ବୋଲି କହିଥିଲେ। ପୁରୀ-ଢେଙ୍କାନାଳ ମଧ୍ୟରେ ଏକ ନୂଆ ଟ୍ରେନ୍ ଚଳାଚଳ ପାଇଁ ସେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ପ୍ରକାଶ କରିଥିଲେ। ପରେ ପୁରୀ-କୋରାପୁଟ ଟ୍ରେନ୍‌କୁ ସବୁଜ ପତକା ଦେଖାଇ ଢେଙ୍କାନାଳଠାରୁ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ରେଳ ବିଭାଗ ଏଡିଇଏନ ପ୍ରଶାନ୍ତ କୁମାର ସାଥୁଆ, ସରକାରୀ ପ୍ଲିଡର ନବକିଶୋର ଗୁରୁ, ପୂର୍ବତନ ନଗରପାଳ ସୁନୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ରାମମନ୍ଦିର ଅର୍ଥଲୁଟ୍ ଘଟଣା

## ତଦନ୍ତ ଦାବିକଲେ ପୂର୍ବତନ ସାଂସଦ

**ଢେଙ୍କାନାଳ,୬ ।୭ (ସମିସ):** ଅଯୋଧ୍ୟା ରାମ ମନ୍ଦିର ଅନୁଦାନ ଅର୍ଥ ଯେପରି ଭାବେ ଲୁଟ୍ କରାଯାଇଛି ଓ ସମଗ୍ର ଦେଶରେ ଯେଭଳି ଭାବେ ଲୋକଙ୍କ ଭାବାବେଗକୁ ଲୁଣ୍ଠନ କରାଯାଇଛି ତା'ର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ ଗିରଫ କରାଯାଇ ଉଦାହରଣ ସୃଷ୍ଟି ପରି ଦଣ୍ଡ ଦିଆଯାଉ। ଅଦ୍ୟାବଧି ଚମ୍ପତି ରାୟଙ୍କୁ ଗିରଫ ନକରିଣ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଅଯୋଧ୍ୟା ରାମ ମନ୍ଦିର ପାଇଁ ଯେଉଁ ଯେଉଁ ସ୍ଥାନରୁ ଅର୍ଥ ଆସିଛି ତାହାକୁ ସାର୍ବଜନିନ କରାଯାଉ ଏବଂ ସେଥିରୁ ଜଣାପଡିବ କିଏ ଦେଇଛି ଏବଂ କାହାର ଗ୍ରହଣ ହୋଇଛି। ଅନେକ ଭକ୍ତ ଅର୍ଥ ଦେଇଛନ୍ତି ଓ ଅନେକ ଜିନିଷ ଆକାରରେ ଦେଇଛନ୍ତି। ଏହାର ସବିଶେଷ ତଦନ୍ତ ହୋଇ ଲୋକଲୋଚନକୁ ଆଣି ସମସ୍ତ ଘଟଣାର ପର୍ଦ୍ଦାଫାସ କରିବା ପାଇଁ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ମାରଣାସ୍ତ୍ର ଦେଖାଇ ଔଷଧ ବ୍ୟବସାୟୀଙ୍କଠାରୁ ଲୁଟ୍

**ଭୁବନ,୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ୬ନଂ ୱାର୍ଡର ଔଷଧ ବ୍ୟବସାୟୀ ଦିଲୀପ ବୈଶାଖୀ (୫୩)ଙ୍କଠାରୁ ରାଜରାସ୍ତାରେ ମାରଣାସ୍ତ୍ର ଦେଖାଇ ଟାଙ୍କା ଲୁଟ କରିନେଇଛନ୍ତି। ଦିଲୀପ ପରଜଙ୍ଗ ଅଞ୍ଚଳରୁ ଔଷଧ ବିକ୍ରି କରି ଫେରିବା ସମୟରେ ଭୁବନ ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥ ବାଇପାସ ଛକ ନିକଟରୁ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ ଯୋଗେ ଆସି ଖଣ୍ଡା ଦେଖାଇ ଅଟକାଇଥିଲେ। ପାଖରେ ଯାହା ଟଙ୍କା ଅଛି ସବୁ ଦେବାକୁ କହିଥିଲେ। ପାଖରେ ଥିବା ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହିତ ବ୍ୟାଗକୁ ଛଡାଇ ନେଇ ସେଠାରୁ ପଳାଇଯାଇଥିଲେ। ଏନେଇ ଦିଲୀପ ଭୁବନ ଥାନରେ ଲିଖିତ ଅଭିଯୋଗ କରିବା ପରେ ଭୁବନ ପୋଲିସ ଛାନଭିନ ଆରମ୍ଭ କରିଛି। ତେବେ ବର୍ଷା ପାଗ ଯୋଗୁଁ ରାସ୍ତା ନିଛାଟିଆ ଥିବାରୁ ଅନ୍ୟ କେହି ବ୍ୟକ୍ତି ସହଯୋଗର ହାତ ବଢ଼ାଇ ପାରି ନଥିଲେ। ଫଳରେ ଦୁର୍ବୃତ୍ତମାନେ ଟଙ୍କା ଛଡ଼ାଇ ନେଇ ଜାତୀୟ ରାଜପଥରେ ଫେରାର ହୋଇଯାଇଥିଲେ।

## ପ୍ରାକ୍ତନ ଶିକ୍ଷକଙ୍କ ବିୟୋଗରେ ଶୋକ



**ଗଁଦିଆ,୬ ।୭ (ସମିସ):** ଗଁଦିଆ ବ୍ଲକର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି। ସେ ଜଣେ ସରଳ ମିଷ୍ଟଭାଷୀ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ। ନିଜ ଶିକ୍ଷକତା ଜୀବନରେ ଅନେକ ଭଲ ଛାତ୍ରଛାତ୍ରୀଙ୍କୁ ଗଢ଼ି ସମସ୍ତଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଶୋକ ପ୍ରକାଶ କରିବା ସହ ଆତ୍ମାର ସଦଗତି କାମନା କରି ପରିବାରକୁ ସମବେଦନା ଜଣାଇଛନ୍ତି।

## ତହସିଲ ପକ୍ଷରୁ ପାଲ ବଣ୍ଟନ କାର୍ଯ୍ୟକ୍ରମ



**କାମାକ୍ଷାନଗର,୬ ।୭ (ସମିସ):** ବର୍ଷାଋତୁରେ ଅସହାୟ ଓ ଗରିବ ପରିବାରଙ୍କ ସହାୟତା ପାଇଁ କାମାକ୍ଷାନଗର ତହସିଲ ପକ୍ଷରୁ ଜରିପାଲ ବଣ୍ଟନ କରାଯାଇଛି। ତହସିଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପାଲ ବଣ୍ଟନ କରିଥିଲେ। ତହସିଲଦାର ତଥା ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ସାହୁ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ବିପଦ ସମୟରେ ଲୋକଙ୍କୁ ତୁରନ୍ତ ସହାୟତା ପହଞ୍ଚାଇବା ଦିଗରେ ପ୍ରଶାସନ ସଦା ତତ୍ପର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସରୋଜକାନ୍ତ ବେହେରା, ରଣଜିତ ସାହୁ, ଶିଶିରକାନ୍ତ ନାୟକ, ବ୍ରଜେଶ୍ୱରୀ ଦାସ, କମଳିନୀ ଖୁଣ୍ଟିଆଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ।

## ୭୭ତମ ବନ ମହୋତ୍ସବ ପାଳିତ

**ପଣ୍ଡୁଆ,୬ ।୭ (ସମିସ):** କାମାକ୍ଷାନଗର ଉପଖଣ୍ଡ ପଶ୍ଚିମ ବନାଞ୍ଚଳ ଅଁଳାବେରେଣୀଠାରେ ଏଫଇଏସ ତରଫରୁ ୭୭ତମ ବନ ମହୋତ୍ସବ ପାଳିତ ହୋଉଛି। ଏଫଇଏସର ସିଆରପି ତୃପ୍ତିମୟୀ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ୫୦ ଜନସାଧାରଣ, ସମାଜସେବୀ ପର୍ଶୁରାମ ମହାଭୋଇ, ଖଟୁଆହତା ଫରେଷ୍ଟ ବିଟ୍ କର୍ମଚାରୀ ମନସ୍ମିତା ବରାଳ, ଶୁଭ୍ରଜ୍ୟୋତି ବେହେରା, ରଞ୍ଜନ ବିଶ୍ୱାଳ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରା ରୋପଣ କରିଥିଲେ।




# ଆବାସ ତାଲିକାରୁ ବାଦ୍ ପଡ଼ିଲେ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ



**ଖଜୁରିଆକଟା,୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ହିନ୍ଦୋଳ ବ୍ଲକରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦପଡ଼ିଥିବା ୫୦ରୁ ଊର୍ଦ୍ଧ୍ୱ ଗରିବ ହିତାଧିକାରୀ ମାନେ ବିଡିଓ କଲ୍ୟାଣସୌରଭ ଦାସଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ତେବେ ସର୍ଭେ କରିଯାଇଥିବା କର୍ମଚାରୀ ଓ ପଞ୍ଚାୟତ କୁଜି ନେତାମାନଙ୍କୁ ଲାଞ୍ଚ ଦେଇ ନପାରିବାରୁ ସେମାନଙ୍କୁ ତାଲିକାରୁ ବାଦ ଦିଆଯାଇଥିବା ସାଙ୍ଘାତିକ ଅଭିଯୋଗ କରିଛନ୍ତି ଠୋକର ପଞ୍ଚାୟତର ଆବେଦନକାରି ସସ୍ମିତା ସାମଲ, ଶାରୀରିକ ବିକଳାଙ୍ଗ ମାନସ ମାଝିଙ୍କ ପତ୍ନୀ ସୁଜାତା ରାଉତ, ଠୋକର ପଞ୍ଚାୟତର ଜୁଲି ସାମଲ ପ୍ରମୁଖ। ତେବେ ସେମାନଙ୍କ କହିବା ଅନୁଯାୟୀ ସେମାନଙ୍କର କୌଣସି ଘର ନ ଥିବାବେଳେ ସେମାନଙ୍କର ହିତାଧିକାରୀ ପାଇଁ ସମସ୍ତ ଯୋଗ୍ୟତା ଥିଲେହେଁ ଧନୀକ ଶ୍ରେଣୀ, ଦୁଇମହଲା କୋଠାଥିବା ତଥା ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ଟଙ୍କା ଲାଞ୍ଚନେଇ ଘର ଦିଆଯାଉଛି। ତେବେ ହିନ୍ଦୋଳ ବ୍ଲକ ଦୁର୍ନୀତିରେ ପୂରି ରହିଥିବାବେଳେ ଆବାସ କେଳେଙ୍କାରୀ ପାଇଁ ପଞ୍ଚାୟତରୁ ଆରମ୍ଭକରି ବ୍ଲକ ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀ, ପ୍ରଭାବଶାଳୀ ନେତାଙ୍କ କୁଜିନେତାମାନଙ୍କ ପର୍ଯ୍ୟନ୍ତ ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସହ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ହିନ୍ଦୋଳ ବିଡିଓଙ୍କୁ ଅଭିଯୋଗ ପରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗଁଦିଆ ତହସିଲରେ ବିଭିନ୍ନ ସେବାକୁ ନେଇ ପ୍ରଶ୍ନବାଚୀ



**ଗଁଦିଆ,୬ ।୭ (ସମିସ):** ଗଁଦିଆ ତହସିଲ କାର୍ଯ୍ୟାଳରେ ସଠିକ ସମୟରେ ଜନତାଙ୍କୁ ସେବା ନ ମିଳିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବରିଷ୍ଠ ସମାଜସେବୀ ରାମଚନ୍ଦ୍ର ପାତ୍ର। ମୃତ୍ୟୁ ପ୍ରମାଣପତ୍ରଠାରୁ ଆରମ୍ଭ କରି ଜମିଜମା ଚିହ୍ନଟ, ଜାଗାବାଡ଼ିଗୁଡ଼ିକର କିସମ ପରିବର୍ତ୍ତନ, ଦୁଇ ଖାନା ସଂଶୋଧନ ମ୍ୟୁଟେସନ ଆଦି କାର୍ଯ୍ୟଗୁଡ଼ିକ ସଠିକ ସମୟରେ ନ ହେବା ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଲେ ସୁଦ୍ଧା ଠିକ ସମସ୍ୟାରେ କାମ ହୋଇପାରୁନାହିଁ। ଏହି ସବୁ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ସମାଜସେବୀ ପାତ୍ରଙ୍କୁ ଜଣାଇଥିଲେ। ସମାଜସେବୀ ପାତ୍ର ତହସିଲ କାର୍ଯ୍ୟାଳରେ ପହଞ୍ଚି ତହସିଲଦାରଙ୍କୁ ଭେଟିବା ସହ ଲୋକଙ୍କ ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ଲାଞ୍ଚୁଆ କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଅବହେଳା ନଜରକୁ ଆସିଲେ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଅପର ପକ୍ଷରେ ଦାୟିତ୍ୱରେ ଥିବା ତହସିଲଦାର ସତ୍ୟଜିତ ମହାପାତ୍ର ଲୋକଙ୍କ ଏହିସବୁ ଅଭିଯୋଗ ଉପରେ କୁହନ୍ତି ଯେ ବର୍ତ୍ତମାନ ବଦଳି ସମୟ ଚାଲିଛି। କାର୍ଯ୍ୟାଳରେ ଯେତିକି କର୍ମଚାରୀ ରହିବା କଥା ସେତିକି ନାହାନ୍ତି। ଏଣୁ ସ୍ୱଳ୍ପ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ହେଉଥିବାରୁ ବିଳମ୍ବ ହେଉଛି। କୌଣସି କର୍ମଚାରୀ ଲାଞ୍ଚ ନେଉଥିବା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କେରଜୋଳିରେ ମାଗଣା ସ୍ୱାସ୍ଥ୍ୟ ଶିବିର

**କାମାକ୍ଷାନଗର,୬ ।୭ (ସମିସ):** କଙ୍କଡାହାଡ଼ ବ୍ଲକ କେରଜୋଳି ପଞ୍ଚାୟତ କାର୍ଯ୍ୟାଳୟରେ ସେବାର୍ଥେ ଯୁବ ସମାଜ ପକ୍ଷରୁ ଜେବିଆର ହସ୍ପିଟାଲ ଆନୁକୂଲ୍ୟରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ପଞ୍ଚାୟତର ବିଭିନ୍ନ ଗ୍ରାମର ୫୦ ଜଣ ଲୋକ ପଞ୍ଜୀକରଣ କରି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ସେବାର୍ଥେ ଯୁବ ସମାଜ ପକ୍ଷରୁ ପ୍ରଦୀପ ବାରିକି, ସତ୍ୟବାନ ମହାନ୍ତ, ଚନ୍ଦନ ମୈତ୍ରୀ, ପ୍ରଭାତ ସାହୁ, ଯୀଶୁ ବିଶ୍ୱାଳ, ଶିବା ବେହେରା, ସଞ୍ଜୟ ନାୟକ, ଶଶିକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେସନ ତରଫରୁ ଚାରାରୋପଣ




**କାମାକ୍ଷାନଗର,୬ ।୭ (ସମିସ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କାମାକ୍ଷାନଗର ସହରର ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବନବିଭାଗ ସହଯୋଗରେ ସ୍ଥାନୀୟ ବୁଦ୍ଧପାର୍କ ନିକଟରେ ଚାରାରୋପଣ କରାଯାଇଛି। ଫାଉଣ୍ଡେସନ ଅଧ୍ୟକ୍ଷା ଲିପ୍ସା ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ୬ଶହ ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସେ ପ୍ରକାଶ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ହୃଦୟବଲ୍ଲଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିନୋଦ ବିହାରୀ ସେଠୀ, ସୁମନ୍ତ ଜେନା, ଉପେନ୍ଦ୍ର ରାଉତ, ହିମାଦ୍ରୀ ଦାସ, ସଙ୍ଗୀତା ମିଶ୍ର, ମଙ୍ଗୁଲାଲ କଟରୁକାଙ୍କ ସମେତ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବନ କର୍ମଚାରୀ ଉପସ୍ଥିତ ଥିଲେ। ଫାଉଣ୍ଡେସନର ସଂଯୋଜକ ଚିରଞ୍ଜୀବ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାଶିଆଡିହି ପଞ୍ଚାୟତରେ ବିକାଶର ନାଁ ନାହିଁ

**ଢେଙ୍କାନାଳ,୬ ।୭ (ସମିସ):** ଓଡ଼ାପଡ଼ା ବ୍ଲକ କାଶିଆଡିହି ପଞ୍ଚାୟତକୁ ୧୦ ବର୍ଷ ବିତିଯାଇଥିଲେ ମଧ ଏଠାରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ପଞ୍ଚାୟତ ଗଠନ ପରେ ଗ୍ରାମବାସୀ ବିକାଶ ଯେଉଁ ଆଶା ରଖିଥିଲେ ତାହ ଆଦୌ ପୂରଣ ହୋଇ ନ ଥିବା ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତବାସୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଆର୍‌ଡି ରୋଡ୍‌ରୁ ଗ୍ରାମକୁ ଏକ ରାସ୍ତା ନିର୍ମାଣ କରାଯାଇଛି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ପ୍ଲଟ ନମ୍ବର ୨୨୮୭ ଓ ଖତିଆନ ନମ୍ବର ୯୨୧/୬୭୫ ତଥା ପ୍ଲଟ ନମ୍ବର ୨୨୮୯ ଓ ଖତିଆନ ନମ୍ବର ୮୨୪ରେ କରାଯାଇଛି। ଏହି ଜାଗାର ମାଲିକାନା ରଞ୍ଜନ ପାତ୍ର, ଲକ୍ଷ୍ମଣ ପାତ୍ର, ଦୁର୍ଯ୍ୟୋଧନ ପାତ୍ର, ଗଣେଶ୍ୱର ପାତ୍ର ଓ ପ୍ରସନ୍ନ ପାତ୍ର ଓ ଖୋଦ୍ ସମିତି ସଭ୍ୟା ରଞ୍ଜିତା ପାତ୍ରଙ୍କ ସମେତ ଏପରି ଆହୁରି ଅନେକଙ୍କ ନାମରେ ରହିଛି। ଏପରି ଘରୋଇ ଜାଗାରେ ସରକାରଙ୍କ ଅର୍ଥ କିପରି ବିନିଯୋଗ ହେଲା, ତାହା ତଦନ୍ତ ସାପେକ୍ଷ। ଗ୍ରାମ କମିଟିର କିଛି ସଭ୍ୟ ଓ ଗ୍ରାମବାସୀ ଏ ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।



# ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା

**ଭୁବନ,୬ ।୭ (ସମିସ)**

ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ନେଇ ଅନିୟମିତତା ଦେଖାଦେଇଛି। ସରକାରୀ ନିୟମକୁ ଉଲ୍ଲଙ୍ଘନ କରି କମିଟି ଗଠନ କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପରିବାରର ୨ ଶିଶୁଙ୍କ ଅଭିଭାବକ ଭାବେ ଉକ୍ତ ପରିବାରର ୨ ଜଣଙ୍କୁ ସଦସ୍ୟ ଚୟନ କରାଯାଇଛି। ଏହି ସଦସ୍ୟ ଚୟନକୁ ନେଇ ଚଞ୍ଚକତା ଦେଖାଦେଇଛି। ଜଣେ ଶିକ୍ଷାବିତ ତଥା ଗତ ପଞ୍ଚାୟତ ନିର୍ବଚନରେ ପରାଜୟ ବରଣ କରିଥିବା ବରିଷ୍ଠ ନାଗରିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେବା ଲକ୍ଷରେ ଏସବୁ ଚଞ୍ଚକତା କରିଥିବାରୁ ଭୁବନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଭାବକ ଅଭିଯୋଗ କରିଛନ୍ତି। ଅଭିଯୋଗ ରୁ ଜଣାଯାଏ ଯେ ବାଲିବୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକ ପେଣ୍ଡଇଙ୍କ ଅଧକ୍ଷତରେ ଶନିବାର ଦିନ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଯେଉଁଥିରେ ୧୫ ଜଣ ସଦସ୍ୟ ସଦସ୍ୟାଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ପ୍ରତାପ ପାତ୍ର, ଯୁବରାଜ ଦେହୁରୀ, ସସ୍ମିତା ଜେନା (ସ୍ୱାମୀ ପ୍ରଭାତ ବରାଳ), ବିଜୟ ମିଶ୍ର, ଜ୍ୟୋତି ପ୍ରକାଶ ବରାଳ, ଯତୀନ ବେହେରା, ରିଙ୍କି ପାତ୍ର (ସ୍ୱାମୀ ଧୀରେନ ବାରିକ), ପୁଷ୍ପଲତା ପାତ୍ର (ସ୍ୱର୍ଗତ ରମେଶ ପାତ୍ର), ଶ୍ରୀକାନ୍ତ ଦେହୁରୀ, ଜୟନ୍ତୀ ରାଉତ (ସ୍ୱାମୀ ବିନୋଦ ରାଉତ), ଅଶାନ୍ତି ବାରିକ (ସ୍ୱାମୀ ଅକ୍ଷୟ ବାରିକ), ଗୋକୁଳାନନ୍ଦ ବାରିକ, ଦୁଃଶାସନ ବେହେରା, କବିତା ସାହୁ (ସ୍ୱାମୀ ତପନ ସାହୁ), ରୀନା ବେହେରା (ସ୍ୱାମୀ ଜୀବନାନନ୍ଦ ବେହେରା। କିନ୍ତୁ ଏହି ସଦସ୍ୟ ସଦସ୍ୟାଙ୍କ ମଧ୍ୟରୁ କ୍ରମାଙ୍କ ୭ ଓ ୧୨କୁ ନେଇ ଉଠିଛି ବିବାଦ। ନକୁଳ ବାରିକଙ୍କ ପୁଅ ଧୀରେନ ବାରିକଙ୍କ ୨ ପୁଅ ସାଇ ଓ ରାଇ। ରାଇ ପାଇଁ ଆଡମିନସନ ଖାତାରେ ଅଭିଭାବକ ହେଉଛନ୍ତି ଧୀରେନ ଓ ରିଙ୍କି। ସେହି ଅନୁଯାୟୀ ରିଙ୍କି ହିଁ ପ୍ରକୃତ ଅଭିଭାବକ ଭାବେ ଚୟନ ହୋଇଛନ୍ତି। କିନ୍ତୁ କ୍ରମାଙ୍କ ୧୨ରେ ଚୟନ ହୋଇଥିବା ଗୋକୁଳାନନ୍ଦ ବାରିକ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ନିଜ ସାନ ଭାଇ ସହଦେହବ ବାରିକଙ୍କ ଝିଅ ଶୁଭସ୍ମିଗ୍ଧା ବାରିକଙ୍କଠାରୁ ପରାଜୟ ବରଣ କରିଥିଲେ। ସେ ବର୍ତ୍ତମାନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେବା ନିମନ୍ତେ ଅସାଧୁ ଉପାୟ ଅବଲମ୍ବନ କରି ନିଜ ସାନ ଭାଇ ନକୁଳ ବାରିକଙ୍କ ପୁଅ ଧୀରେନ ବାରିକ ଓ ରିଙ୍କି ବାରିକଙ୍କ ସାନ ପୁଅ ସାଇଙ୍କ ଅଭିଭାବକ ଭାବେ ନିଜକୁ ପ୍ରତିପାଦିତ କରି ବିଦ୍ୟାଳୟର ଅଭିଭାବକ ତାଲିକାରେ ଜୋରଜବରଦସ୍ତ ନିଜକୁ ସାବ୍ୟସ୍ତ କରାଇ ୧୫ ଜଣିଆ କମିଟିକୁ ଚୟନ ହୋଇଛନ୍ତି। ପରେ ନିଜ ରାଜନୈତିକ ଚାପ ବଳରେ ସଭାପତି ହେବା ନିମନ୍ତେ ଚେଷ୍ଟା ଜାରି ରଖିଥିବା ଅଭିଯୋଗ ହୋଇଛି। ତେବେ ଧୀରେନ ବାରିକ ନିଜେ ନିଜ ସନ୍ତାନର ଅଭିଭାବକ ଥିବା ବେଳେ ଅନ୍ୟ ଶିଶୁ ପାଇଁ କ'ଣ ଆବଶ୍ୟକ ପଡ଼ିଲା ନିଜ ବଡ଼ବାପାଙ୍କୁ ଅଭିଭାବକ କରିବା ପାଇଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗୋଟିଏ ବାପାଙ୍କର ୨ ସନ୍ତାନ ପାଇଁ ୨ ଅଭିଭାବକ ଚୟନ ହେବା ପଛରେ ରାଜନୈତିକ ଅଭିସନ୍ଧି ଭରି ରହିଥିବା ଜଳ ଜଳ ଦେଖାଯାଉଛି। ଏ ନେଇ ପ୍ରଧାନଶିକ୍ଷକ କୁହନ୍ତି, ଆବଶ୍ୟକ ସମର୍ଥନରେ ସଦସ୍ୟ/ସଦସ୍ୟା ଚୟନ କରାଯାଇଛି। କିଛି ବି ଅନିୟମିତତା ହୋଇନାହିଁ। ବିଇଓ ଆକାଂସୀତା ପ୍ରିୟଦର୍ଶିନୀ ପ୍ରଧାନ କୁହନ୍ତି, ନିର୍ଦ୍ଦିଷ୍ଟ ଅଭିଯୋଗ ହସ୍ତଗତ ହୋଇନାହିଁ। ହେଲେ ତଦନ୍ତ କରାଯିବ। ତେବେ ସରକାରୀ ଭାବେ କିଭଳି ଗୋଟିଏ ପରିବାରରୁ ୨ ଜଣଙ୍କୁ ଚୟନ କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ଉଠିଛି। ବିଦ୍ୟାଳୟର ଅଭିଭାବକ ସଂଖ୍ୟା ୨୨୬। ମାତ୍ର ୪୩ ଅଭିଭାବକଙ୍କୁ ନେଇ କିଭଳି କମିଟି ଚୟନ କରାଗଲା ବୋଲି ମଧ୍ୟ ଅଭିଯୋଗ ହୋଇଛି।

ସକାଳ
THE SAKALA



## ଆମ୍ବପାଳ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୬ ।୭ (ସମିସ): କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ସ୍ଥାନୀୟ ସରପଞ୍ଚ ସୁଲୋଚନା ବୀର, ବିଏସଏସଓ ଝସକେତନ ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ଆର୍‌ଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## କଂଗ୍ରେସ ତରଫରୁ ୯ ନଂ ୱାର୍ଡରୁ ଡଙ୍ଗାଭସା କାର୍ଯ୍ୟକ୍ରମ ଆରମ୍ଭ



ଅନୁଗୋଳ,୬ ।୭ (ସମିସ): ଅନୁଗୋଳ ସହରରେ ବର୍ଷାଜଳ ନିଷ୍କାସନ ଦିଗରେ ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତା ସାମ୍ନାକୁ ଆସିଛି । ଏକ ଅଭିନବ ପ୍ରତିବାଦ ସ୍ୱରୂପ ଅନୁଗୋଳ ନଗର କଂଗ୍ରେସ ତରଫରୁ ସୋମବାର ୯ ନଂ ୱାର୍ଡରୁ ଡଙ୍ଗାଭସା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୱାର୍ଡର ବଣିଆବାହଳ ଓ ମିଶ୍ରପଡ଼ାକୁ ସଂଯୋଗ କରିଥିବା ମୁଖ୍ୟ କଂକ୍ରିଟ ରାସ୍ତା ଜଳମଗ୍ନ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଉଭୟ ମିଶ୍ରପଡ଼ା ଓ ବଣିଆବାହଳବାସୀ ହନ୍ତସନ୍ତ ହେଉଛନ୍ତି । ଏଥିସହ ସମଗ୍ର ୯ ନଂ ୱାର୍ଡ ଜଳମଗ୍ନ ହୋଇ ବନ୍ୟାର ଭ୍ରମ ସୃଷ୍ଟି କରୁଛି । ଅନୁଗୋଳ ନଗର କଂଗ୍ରେସ ସଭାପତି ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ପ୍ରତାପ କୁମାର ସେଠୀଙ୍କ ସହଯୋଗରେ ଉପସଭାପତି ସୁଶୀଲ ମିଶ୍ର, କୋଷାଧ୍ୟକ୍ଷ ରାକେଶ ସାହୁ, ରାଜେନ୍ଦ୍ର ଦାସ, ପ୍ରଶାନ୍ତ ସେଠୀ, ପ୍ରମୁଖ ଉପସ୍ଥିତ ରହି ଉକ୍ତ କଂକ୍ରିଟ ରାସ୍ତାରେ ଡଙ୍ଗା ଭସାଇ ପ୍ରତିବାଦ କରିଛନ୍ତି । ଅଗାମୀ ଦିନରେ ଏପରି ଡଙ୍ଗା ଭସାଇ ପ୍ରତିବାଦ ଜାରି ରହିବ ବୋଲି ନଗର କଂଗ୍ରେସ ସଭାପତି ସାହୁ କହିଛନ୍ତି ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ,୬ ।୭ (ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ଉପଜିଲ୍ଲାପାଳଙ୍କ ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ଶିବିରରେ ସମୁଦାୟ ୫୪ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା । ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୬ ।୭ (ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୩୦ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା । ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି । ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ ହଜାର ୫୦୦ ଟଙ୍କା ଓ ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଛି ।




### ତାଳଚେର ପୌରପରିଷଦ ପାଲଟିଛି ଦୁର୍ନୀତିର ଗନ୍ତାଘର

# ପାର୍କ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କା ଲୁଟ୍ !

ତାଳଚେର ସହର,୬ ।୭ (ଦୁର୍ଗା ପ୍ରସାଦ ସ୍ୱାଇଁ):

ତାଳଚେର ପୌରପରିଷଦ ଏବେ ପାଲଟିଛି ଦୁର୍ନୀତିର ଗନ୍ତାଘର । ମାଳ ମାଳ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ତଦନ୍ତ ଶୂନ । କେଉଁଠି ନିମ୍ନ ମାନର କାର୍ଯ୍ୟ ତ କେଉଁଠି ଗୋଟିଏ ପ୍ରକାର କାମ ପାଇଁ ବାରମ୍ବାର ଟେଣ୍ଡର ଆହ୍ୱାନ ଆଉ ତା' ସହ ଅଧିକାରୀମାନଙ୍କର ହାତଗଣତି କିଛି ଠିକାଦାର ପ୍ରେମ ଏବେ ତାଳଚେରବାସୀଙ୍କ ବିରୋଧର ମୁଖ୍ୟ ପ୍ରସଙ୍ଗ ପାଲଟିବାକୁ ବସିଲାଣି । ଜଗନ୍ନାଥ ପାର୍କ ସୌନ୍ଦର୍ଯ୍ୟକରଣ ନାଁରେ ଚାଲିଛି କୋଟି କୋଟି ଟଙ୍କାର ହରିଲୁଟ୍ ।




ତାଳଚେର ପୌର ପରିଷଦ ୧ ନମ୍ବର ୱାର୍ଡରେ ଥିବା ଜଗନ୍ନାଥ ପାର୍କର ପୁନରୁଦ୍ଧାର ଓ

- **ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା**
- **ଭିଜିଲାନ୍ସ ତଦନ୍ତ ଦାବିକଲେ ବିଧାୟକ**

ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ପୂର୍ବ ବର୍ଷ ସହର ବିକାଶ ଯୋଜନା ପାଣ୍ଠିରୁ ପ୍ରାୟ ୪୮ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ପରିବର୍ତ୍ତେ ସମ୍ପୃକ୍ତ ଠିକାସଂସ୍ଥା କେବଳ ସମୟ ଗଡ଼ାଇ ଚାଲିଲେ । ଜନ ଅସନ୍ତୋଷ ଏବଂ ଅଭିଯୋଗ ପରେ ନିର୍ବାହୀ ଯନ୍ତ୍ରୀ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ତାଗିଦ୍ କରିଥିଲେ । ଫଳରେ ଚଳିତ ବର୍ଷ ଜୁନ୍‌ରେ ତରବରିଆ ଭାବେ କାମ ଶେଷ କଲା ଠିକାସଂସ୍ଥା । ହେଲେ ଅତ୍ୟନ୍ତ ନିମ୍ନମାନର କାମ କରାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଦୁର୍ନୀତିର କାହାଣୀ ଏତିକିରେ ସରିନାହିଁ । ଚଳିତ ବର୍ଷ ପୁନଶ୍ଚ ସେହି ପାର୍କର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୯୮ ଲକ୍ଷ ୧୩ ହଜାର ଟଙ୍କା ବ୍ୟୟ ଅଟକଳ କରାଗଲା । ଗତ ମାର୍ଚ୍ଚ ୩୦ରେ ଟେଣ୍ଡର ଆହ୍ୱାନ କରାଯାଇ ଏପ୍ରିଲ ୧୬ ଶେଷ ତାରିଖ ରହିଥିଲା । କିନ୍ତୁ କୌଣସି କାରଣ ନ ଥାଇ ଏହି ଟେଣ୍ଡରକୁ ବାତିଲ କରିଦିଆଗଲା । ପୁଣି ମେ ୨୯ରେ ସମାନ ଅର୍ଥରାଶିର ଟେଣ୍ଡର ବାହାରିଲା ଏବଂ ଟେଣ୍ଡର ଆବେଦନ ଅବଧି ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ରହିଲା । ଜୁନ୍ ୧୦ରେ ଟେଣ୍ଡର ଖୋଲାଯିବା ପରେ ଏଚଏସ ମାଇନିଂ ସର୍ଭିସ ନାମକ ସଂସ୍ଥା କାର୍ଯ୍ୟାଦେଶ ପାଇଲା । କିନ୍ତୁ ଏହି ପ୍ରକ୍ରିୟାରେ ହୋଇଛି ବଡ଼ ଘୋଟାଲା । ଟେଣ୍ଡର ନିୟମ ଅନୁସାରେ ବାର୍ଷିକ ଟର୍ଣ୍ଣଓଭର ୧୦ କୋଟି ଟଙ୍କା ଥିବା ବାଧ୍ୟତାମୂଳକ । ଏହି ଆଧାରରେ ୨ଟି ସଂସ୍ଥାକୁ ବାଦ୍ ଦିଆଗଲା । ହେଲେ ଅନ୍ୟତମ ଆବେଦନକାରୀ ସଞ୍ଜୀବ ଭୂତିଆଙ୍କ ବାର୍ଷିକ ଟର୍ଣ୍ଣଓଭର ୮ କୋଟି ୯୮ ଲକ୍ଷ ଥିବା ସତ୍ତ୍ୱେ କେଉଁ ନିୟମ ବଳରେ ତାଙ୍କୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଗଲା ତାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି । ତାଳଚେର ପୌରପରିଷଦରେ ବିଭିନ୍ନ ସମୟରେ ଏଭଳି ବଡ଼ ଧରଣର ଦୁର୍ନୀତି ସାମ୍ନାକୁ ଆସୁଥିଲେ ମଧ୍ୟ କୌଣସି ତଦନ୍ତ କରାଯାଉନାହିଁ । ସମସ୍ତେ ସବୁ ଜାଣି ଚୁପ୍ ରହୁଥିବା ଅଭିଯୋହ ହେଉଛି । କେବଳ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ସରକାରୀ ପାଣ୍ଠିର ହରିଲୁଟ୍ । ଏବେ ଦେଖିବାକୁ ବାକି ରହିଲା ଏହି ସମ୍ବେଦନଶୀଳ ଘଟଣା ଉପରେ ପ୍ରଶାସନ କେବେ ଆଖି ଖୋଲୁଛି ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।



କେବଳ ଏହି ଗୋଟିଏ କାମ ନୁହେଁ, ବିନା ଟେଣ୍ଡରରେ ଅନେକ କାର୍ଯ୍ୟ ହେଉଛି । ହାତଗଣତି କିଛି ଠିକାଦାରଙ୍କୁ କାମ ଯୋଗାଇ ଜୋରଦାର ପିସି କାରବାର ଚାଲିଛି । ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଭିଜିଲାନ୍ସ ପର୍ଯ୍ୟନ୍ତ ସମସ୍ତେ ନିରବଦ୍ରଷ୍ଟା । ଅଭିଯୋଗ କଲେ ସୁଫଳ ମିଳୁନି । ମିଳିଭଗତରେ ଚାଲିଛି ଲୁଟ୍ ।

ସୁଧୀର ଚନ୍ଦ୍ର ସିଂ ସାମନ୍ତ, ୧ନଂ ୱାର୍ଡ ବାସିନ୍ଦା



ତାଳଚେର ମ୍ୟୁନିସିପାଲିଟିରେ ଦୁର୍ନୀତିର ଲମ୍ବା ଧାଡ଼ି । ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା । ହାତଗଣତି ଠିକାଦାର କାମ ନ ପାଇବା ପର୍ଯ୍ୟନ୍ତ ଟେଣ୍ଡର ବିନା କୌଣସି କାରଣରେ ବାତିଲ ହେଉଛି । ନିର୍ବାହୀ ଅଧିକାରୀ ଟେଣ୍ଡର ଆବେଦନ ପାଇଁ ନିୟମ ବାହାରେ କ୍ରାଇଟେରିଆ ଦେଉଛନ୍ତି । ଏ ଘଟଣା ଥରେ ନୁହେଁ ବାରମ୍ବାର ଘଟୁଛି । ଅଭିଯୋଗ କଲେ କେହି କର୍ଣ୍ଣପାତ କରୁନାହାନ୍ତି । ବାରମ୍ବାର ଟେଣ୍ଡର ବାତିଲ କରି ହଇରାଣ କଲେ ଆଗାମୀ ଦିନରେ କେହି ଠିକାଦାର ଟେଣ୍ଡର ଆବେଦନ କରିବେ ନାହିଁ, ଏହା ସେ ଚାହୁଁଛନ୍ତି ।

ସୁଶୀଲ ନାଥ, ଠିକାଦାର



ଚଳିତ ସରକାରରେ ଯିଏ ଦୁର୍ନୀତି କରେ ତାକୁ ପୁରସ୍କାର ପ୍ରଦାନ କରାଯାଏ । ତାଳଚେର ମ୍ୟୁନିସପାଲିଟି ଅଞ୍ଚଳରେ ଅନେକ ସମସ୍ୟା ଥିବା ବେଳେ କେବଳ ଗୋଟିଏ ପାର୍କ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇ ହରିଲୁଟ୍ ଚାଲିଛି । ଲୋକଙ୍କୁ ଲଣ୍ଠନ ଦେଖେଇ ଲୋକଙ୍କ ଟଙ୍କାକୁ ଲୁଟି ନେଉଛନ୍ତି ଠିକାଦାର ଏବଂ ମ୍ୟୁନିସିପାଲିଟିର ଦୁର୍ନୀତିଖୋର ଅଧିକାରୀ । ଯେତେ ଅଭିଯୋଗ କଲେ ବି ଫଳ ଶୂନ । ଓଲଟା ଦୁର୍ନୀତିଖୋରଙ୍କୁ ମିଳୁଛି ପୁରସ୍କାର । ଦେଖିବାକୁ ବାକି ରହିଲା ଲୋକ କେବେ ସଜାଗ ହେଉଛନ୍ତି ।

ରାଜକିଶୋର ସାହୁ, କଂଗ୍ରେସ ନେତା



ଜିଲ୍ଲା ଖଣିଜ ପାଣ୍ଠିର ପୂରା ଲୁଟ୍ ଚାଲିଛି । ଲୋକଙ୍କୁ ଲଲିପପ୍ ଧରେଇ ବିଭିନ୍ନ ଉପାୟରେ ଚାଲିଛି ଲୁଟତରାଜ । କେବଳ ପାର୍କ ସୌନ୍ଦର୍ଯ୍ୟକରଣ ନାଁରେ ଦୁର୍ନୀତି ନୁହେଁ ପ୍ରତି କାମରେ ରହିଛି ଦୁର୍ନୀତିର ଗନ୍ଧ । ଅନେକ କାମରେ ଦୁର୍ନୀତି ହେଉଥିବା ଅଭିଯୋଗ ଏବେ ସାମ୍ନାକୁ ଆସୁଛି । ତଦନ୍ତକାରୀ ସଂସ୍ଥାଗୁଡ଼ିକ କେଉଁ ସ୍ୱାର୍ଥ ବଳରେ ନିରବଦ୍ରଷ୍ଟା ସାଜିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତି କାମରେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ସାମ୍ନାକୁ ଆସୁଛି । ଟେଣ୍ଡର ଆବେଦନ କରାଯାଉଛି, ମନ ପସନ୍ଦ ଠିକାଦାରଙ୍କୁ କାମ ନ ମିଳିଲେ ବାତିଲ କରାଯାଉଛି । ନିର୍ବାହୀ ଅଧିକାରୀ ଏକଛତ୍ରବାଦ ଚଳାଇଛନ୍ତି । ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଭିଜିଲାନ୍ସ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି ।

ବ୍ରଜକିଶୋର ପ୍ରଧାନ, ବିଧାୟକ



ସବୁ ଅଭିଯୋଗ ମୁଁ ପାଇଛି । ପୂର୍ବ ବର୍ଷ ରାଜ୍ୟ ସରକାରଙ୍କ ସହର ବିକାଶ ଯୋଜନାରେ ଟଙ୍କା ଖର୍ଚ୍ଚ ହୋଇ ପାର୍କ ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା । ଏବେ ଆଉ ୯୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବାକି ଥିବା କାର୍ଯ୍ୟ କରାଯିବ । ପ୍ରଥମ ଟେଣ୍ଡର ବାତିଲ ହୋଇଥିଲା, ଦ୍ୱିତୀୟ ଟେଣ୍ଡର ଖୋଲାଯିବା ପରେ ଯେଉଁ ଥିକାସଂସ୍ଥା କମ ବିଡ୍ କରିଥିବ ତାକୁ କାର୍ଯ୍ୟାଦେଶ ଦିଆଯାଇ କାମ କରାଯିବ ।

ପ୍ରଦୀପ କୁମାର ଶାହା, ନିର୍ବାହୀ ଅଧିକାରୀ

**ସ୍ୱତନ୍ତ୍ର ସଂଘନ ସଂଶୋଧନ**

# ଖସଡ଼ା ଭୋଟର ତାଲିକା ପ୍ରକାଶ

ପାଲଲହଡ଼ା,୬ ।୭ (ସମିସ): ପାଲଲହଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରବିବାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର୍) ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି । ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରବୀନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ତାଲିକା ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଡିଓ ତଥା ସହକାରୀ ନିର୍ବାଚନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ ପରିଡା ଓ ବିଦ୍ୟୁସ୍ମିତା ସାହୁ, ସହକାରୀ ଜିଲ୍ଲାପାଳ ଗିରୀଶ ଚନ୍ଦ୍ର ସିଂହଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ । ବିଜେପିର ଲିଙ୍ଗରାଜ ଦାଶ, ବିଜେଡିର ଦିଲୀପ କୁମାର ଉଦାବଳ, କଂଗ୍ରେସର ସରୋଜ କୁମାର ସାହୁ ଏବଂ ଆମ ଆଦମୀ ପାର୍ଟିରୁ ଯୁଗଳ କିଶୋର ଜିତ ପ୍ରତିନିଧି ଭାବେ ଯୋଗଦେଇଥିଲେ । ପ୍ରକାଶିତ ତାଲିକା ଅନୁଯାୟୀ ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୧,୭୪,୭୬୬ । ସେଥିମଧ୍ୟରୁ ୧,୬୨,୮୨୮ ଭୋଟରଙ୍କ ତଥ୍ୟ ଡିଜିଟାଇଜ କରାଯାଇସାରିଛି । ବିଭିନ୍ନ କାରଣରୁ ୧,୯୩୮ ଭୋଟରଙ୍କ ନାମ ସଂଗ୍ରହ ହୋଇପାରିନାହିଁ । ଏହାବ୍ୟତୀତ ୨୪,୦୬ ଜଣ ଅସଙ୍ଗତିଯୁକ୍ତ ଭୋଟର ଏବଂ ୮,୭୫୬ ଜଣ ଅଚିହ୍ନିତ ଭୋଟର ଚିହ୍ନଟ ହୋଇଛନ୍ତି । ଖସଡ଼ା ତାଲିକା ଉପରେ ଦାବି ଓ ଆପତ୍ତି ଶୁଣାଣି ତାରିଖ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ନିର୍ଦ୍ଦିଷ୍ଟ ଶୁଣାଣିସ୍ଥଳ ଭାବେ ପାଲଲହଡ଼ା ପଞ୍ଚାୟତ ସମିତି ସଭାଗୃହ, ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ, କଣିହାଁ ବ୍ଲକ ସମ୍ମିଳନୀ କକ୍ଷ ଏବଂ ରେଙ୍ଗାଳି ମହାବିଦ୍ୟାଳୟକୁ ଚୟନ କରାଯାଇଛି । ସମସ୍ତ ଯୋଗ୍ୟ ନାଗରିକ ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖସଡ଼ା ତାଲିକା ଯାଞ୍ଚ କରି ଯଦି କୌଣସି ତ୍ରୁଟି ଥାଏ ତେବେ ଦାବି ବା ଆପତ୍ତି ଦାଖଲ କରିବାକୁ ନିର୍ବାଚନ ଅଧିକାରୀ ଅନୁରୋଧ କରିଛନ୍ତି । କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଉପସ୍ଥିତ ଥିଲେ ।



## ପ୍ରକୃତି ପର୍ଯ୍ୟଟନ ପ୍ରକଳ୍ପର ଭିତ୍ତି ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

କଣିହାଁ,୬ ।୭ (ସମିସ): ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦୁଇଦିନିଆ ଅନୁଗୋଳ ଓ ଦେବଗଡ଼ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ରବିବାର ସନ୍ଧ୍ୟାରେ ରେଙ୍ଗାଳି ଡ୍ୟାମରେ ପହଞ୍ଚିଥିଲେ । ରେଙ୍ଗାଳିକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ପ୍ରାୟ ଅଢ଼େଇ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକୃତି ପର୍ଯ୍ୟଟନ ପାର୍କ, ବୋଟିଂ ସୁବିଧା, ବଣଭୋଜି ପିଣ୍ଡି ଓ ନିରୀକ୍ଷଣ ମିନାର ନିର୍ମାଣ ପାଇଁ ରେଙ୍ଗାଳି ବନ୍ଧର ଉପର ପାଶ୍ୱର୍ରେ ଉପମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଆର୍‌ସିସିଏଫ୍ ତଥା କ୍ଷେତ୍ର ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ । ପରେ ରେଙ୍ଗାଳି କଲେଜ ପଡ଼ିଆରେ ରେଙ୍ଗାଳି ପ୍ରୋଜେକ୍ଟ ୱେଲଫେୟାର ଆଣ୍ଡ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ । ଏହାପରେ ସେ ଓଏଚପିସି ଅତିଥି ଭବନରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେଇ ପ୍ରକୃତି ପର୍ଯ୍ୟଟନ ପାର୍କ ନିର୍ମାଣ କାର୍ଯ୍ୟକୁ ସ୍ୱଚ୍ଛତାର ସହ ନିର୍ଦ୍ଧାରିତ ସମୟ ୬ ମାସ ଭିତରେ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ବିଜେପି ନେତା ନୃସିଂହ ବରାଳ, ଧ୍ରୁବ ଧୀର, ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ବିନାୟ ପ୍ରଧାନ, ପ୍ରହ୍ଲାଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ

ଖମାର,୬ ।୭ (ସମିସ): ପାଲଲହଡ଼ା ବ୍ଲକ ଖମାର ପଞ୍ଚାୟତର ଓଡ଼ଶଠାରେ ବିଜେପି ଖମାର ମଣ୍ଡଳ ଓ ପବିତ୍ରନଗର ମଣ୍ଡଳ ପକ୍ଷରୁ ମିଳିତ ପ୍ରଶିକ୍ଷଣ ଶିବିର ସହ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ସୋମବାର ପାଳନ କରାଯାଇଛି । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପ୍ରଶିକ୍ଷଣ ଶିବିରରେ ଉଭୟ ମଣ୍ଡଳର ବୁଥ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ମଣ୍ଡଳ ପଦାଧିକାରୀ ଏବଂ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟଯୋଜନା, ବୁଥ ପରିଚାଳନା, ଜନସମ୍ପର୍କ ଏବଂ ସାଙ୍ଗଠନିକ ସମନ୍ୱୟ ସମ୍ପର୍କରେ ଆଲୋଚନା କରିଥିଲେ । ଏସ୍‌ଆଇଆର୍ ପ୍ରକ୍ରିୟା ପରେ ପ୍ରକାଶିତ ସଂଶୋଧିତ ଖସଡ଼ା ଭୋଟର ତାଲିକାକୁ ପ୍ରତ୍ୟେକ ବୁଥରେ ଗୁରୁତ୍ୱର ସହ ଯାଞ୍ଚ କରିବା ଆବଶ୍ୟକ । ଜଣେ ହେଲେ ବି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ ନ ପଡ଼ନ୍ତି ଏବଂ ଆବଶ୍ୟକ ସଂଶୋଧନ ସମୟ ମଧ୍ୟରେ ସମ୍ପନ୍ନ ହୁଏ ସେଥିପ୍ରତି ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସତର୍କ ଓ ସକ୍ରିୟ ରହିବାକୁ ସେ ଆହ୍ୱାନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ରେଙ୍ଗାଳି ମଣ୍ଡଳ ପ୍ରଭାରୀ ଗୌରଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ସାହୁ, ପବିତ୍ରନଗର ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳ, ଖମାର ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ବୈଠକ

ଅନୁଗୋଳ,୬ ।୭ (ସମିସ):




ଜିଲ୍ଲାର ଜନସାଧାରଣଙ୍କୁ ସ୍ୱଚ୍ଛ, ଶୃଙ୍ଖଳିତ ଏବଂ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲାପାଳ ଅବଦାଲ୍ ମହମ୍ମଦ୍ ଅଖତର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଡାକ୍ତର, ରୋଗୀ କଲ୍ୟାଣ ସମିତି ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏହା ସଂଲଗ୍ନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଏବଂ ସ୍ୱାସ୍ଥ୍ୟସେବାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ଚିକିତ୍ସାଳୟର ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ର କାର୍ଯ୍ୟକ୍ଷମ ହସ୍ତାନ୍ତର ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିଭଳି ବିଶ୍ରାମ ଗୃହର ସଫଳ ପରିଚାଳନା, ଚିକିତ୍ସାଳୟ ଭିତ୍ତିଭୂମି ମରାମତି ଓ ରଙ୍ଗ କାର୍ଯ୍ୟ, ଟ୍ରକ ଆସୋସିଏସନ କେବିନର ନବୀକରଣ, ଅନଲାଇନ୍ ଇ-ଓପିଡି ଟିକେଟ ବ୍ୟବସ୍ଥା ସହ ସିସିଟିଭି ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପୁଣି ଘାଟିରୁ ଖସିଲା ଅତଡ଼ା, ବର୍ତ୍ତିଲେ ବାଇକ ଆରୋହୀ

ବଇଣ୍ଡା,୬ ।୭ (ସମିସ): ଆଠମଲ୍ଲିକ ବ୍ଲକ ଝରଝରି ଘାଟିରୁ ସୋମବାର ପୁଣି ଅତଡ଼ା ଖସିଛି । ସକାଳେ ଅତଡ଼ା ଖସିଥିବା ବେଳେ ସେହି ବାଟ ଦେଇ ଆସୁଥିବା ଜଣେ ବାଇକ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଲଗାଣ ବର୍ଷା ହେଉଥିବା ବେଳେ ବୁଧବାର ମଧ୍ୟ ଅତଡ଼ା ଖସିଥିଲା । ପୁଣି ଅତଡ଼ା ଖସିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଶେଷକରି ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାରେ ଏହି ଘାଟି ପଡୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ପାହାଡ଼ରୁ ପଥର ସହ ମାଟି ଅତଡ଼ା ବାରମ୍ବାର ଖସୁଛି । ଫଳରେ ଏହି ରାସ୍ତା ଦେଇ ଯାଉଥିବା ଲୋକେ ନିଜକୁ ନିରାପଦ ମନେକରୁ ନାହାନ୍ତି । ପୂର୍ବରୁ ମଧ୍ୟ ୫/୬ ଥର ଅତଡ଼ା ଖସିଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଇନାହିଁ । ଏହି ଘାଟି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ଯାତାୟାତ କରୁଛି । ହେଲେ ଅତଡ଼ା ଖସିବାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।



# ଲଗାଣ ବର୍ଷାରେ ଜଳବନ୍ଦୀ ସମ୍ବଲପୁର









ସମ୍ବଲପୁର,୬।୭(ସମିସ):

ସମ୍ବଲପୁରରେ ୪ ଦିନ ହେଲାଣି ଲଗାତାର ବର୍ଷା ହେଉଛି; କିନ୍ତୁ ରବିବାର ରାତିରୁ ପ୍ରବଳରୁ ଅତି ପ୍ରବଳରେ ବର୍ଷା ହୋଇଥିଲା; ଏହା ଫଳରେ ସହର ଏବେ ଜଳବନ୍ଦୀ ହୋଇଯାଇଛି। ପ୍ରତି ପଡ଼ାରେ ପାଣି ପ୍ରବାହିତ ହେଉଛି। ଏପରିକି ରାତିରେ ଘରେ ଲୋକେ ଶୋଇଥିବା ବେଳେ ଘରେ ପାଣି ପଶି ଯାଇଥିଲା; ଯାହା ଫଳରେ ଲୋକେ ରାତି ଓ ଦିନ ତମାମ ଘାଣ୍ଟି ହୋଇଛନ୍ତି। ଗତ କାଲି ୧୮୦.୫ ମିଲିମିଟର ବର୍ଷା ହୋଇଥିବା ବେଳେ ଆଜି ସକାଳ ସୁଦ୍ଧା ୨୨୦ ମିଲିମିଟର ବର୍ଷା ହୋଇଛି। ତେବେ ବର୍ଷା ଆସିଲେ ଲୋକଙ୍କ ବଢିଯାଏ ଦୁଃଖ। ସହରରେ ରହି ମଧ ଗାଁ ଠାରୁ ଦୁଃଖ ବଳିଯାଇଛି। ସମ୍ବଲପୁର ସହରରେ ରହୁଥିବା ପ୍ରତି ପଡ଼ାବାସୀଙ୍କ ଏ କାହାଣୀ। ପ୍ରତି ବର୍ଷ ବର୍ଷା ଆସିଲେ ପଡ଼ା ଜଳମଗ୍ନ ହୋଇଯାଉଛି। କୃତ୍ରିମ ବନ୍ୟାରେ ଲୋକେ ହନ୍ତସନ୍ତ ହୁଅନ୍ତି। ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ ଠିକ ଭାବେ ହେଉ ନ ଥିବା ଏପରି ସ୍ଥିତ ସୃଷ୍ଟି ହୁଏ। ରବିବାର ଦିନ ୨ ଟାରୁ ସମ୍ବଲପୁର ସହରରେ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷା ରାତି ତମାମ ଲାଗି ରହିଥିଲା। ଏହାଫଳରେ ସମ୍ବଲପୁର ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ସହରର ତଳିଆ ଅଞ୍ଚଳ ଚାରଭାଟି, ସରଲାକାନି, ପ୍ରଧାନପଡ଼ା, ଏସଆରଆଇଟି କଲୋନୀ, ହାଉସିଂ ବୋର୍ଡ କଲୋନୀ, ଗୋପାଲ ମାଲ, ଠାକୁର ପଡ଼ା ଅଞ୍ଚଳ ଗୁଡିକରେ ପାଣି ଘରେ ପଶିଯାଇଥିଲା। ତଳି ଅଞ୍ଚଳର ପଡ଼ା ଗୁଡିକରେ ଜଳମଗ୍ନ ହୋଇଯାଇଥିଲା। ଡ୍ରେନ ପାଣି ଘରେ ଲହଡି ମାରୁଥିଲା। ସମ୍ବଲପୁରର ଏହି ଦୟନୀୟ ସ୍ଥିତି ପାଇଁ ଦୁର୍ବଳ ଓ ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥା ହିଁ ମୁଖ୍ୟତଃ ଦାୟୀ। ସହରର ବଡ଼ ନାଳଗୁଡ଼ିକର ନିୟମିତ ଓ ଠିକ୍ ସଫେଇ କରାଯାଉ ନାହିଁ। ଅନେକ ସ୍ଥାନରେ ଜବରଦଖଲ ଯୋଗୁଁ ନାଳଗୁଡ଼ିକ ସଂକୁଚିତ ହୋଇଯାଇଛି। ଏହା ଦ୍ୱାରା ବର୍ଷା ପାଣି ଶୀଘ୍ର ନିଷ୍କାସିତ ହୋଇପାରୁ ନାହିଁ। ସମ୍ବଲପୁର ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ରାତି ତମାମ ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖି ଥିଲେ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ତଥା ଧନକଉଡ଼ା ବ୍ଲକ୍ ଅଞ୍ଚଳରେ ଗତକାଲି ଠାରୁ ଲଗାତାର ବର୍ଷା ଜାରି ରହିଥିବାରୁ ସାଧାରଣ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ ଏହି ସ୍ଥିତିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମହାନଗର ନିଗମ ଏବଂ ଧନକଉଡ଼ା ବ୍ଲକ୍ ଅଞ୍ଚଳର ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଆଜି ପାଇଁ ଛୁଟି ଘୋଷଣା କରାଯାଇଛି। ସହରରେ ପ୍ରଶାସନ ପକ୍ଷରୁ ଦୁଇଟି ବନ୍ୟା ଆଶ୍ରୟ ସ୍ଥଳ କରାଯାଇଛି। ପିଲାକନ୍ଦେଇପଡ଼ା ପ୍ରାଥମିକ ସ୍କୁଲ ଓ ମନ୍ଦଲିଆରେ ଉଦ୍ଧାରଙ୍କୁ ରଖାଯାଇଛି। ବର୍ତ୍ତମାନ ମନ୍ଦଲିଆରେ ୫୦ ଜଣ ଓ ପିଲାକନ୍ଦେଇପଡ଼ାରେ ୪୫ ଜଣ ଆଶ୍ରୟ ନେଇଛନ୍ତି। ଗତକାଲିଠାରୁ ପ୍ରାୟ ୭୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା; ହେଲେ କିଛି ଲୋକ ଆଜି ନିଜ ଘରକୁ ଫେରିଥିଲେ। ପ୍ରଶାସନ ପକ୍ଷରୁ ୭୫୦ ଜଣଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସତର୍କ ଓ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯିବା ସହ ଜରୁରୀକାଳିନ ସ୍ଥିତି ପାଇଁ ସ୍ଥାନୀୟ ପ୍ରଶାସନ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ସ୍କୁଟି ସହ ଭାସିଗଲେ ଦୁଇ ଜଣ

### ● ଜଣେ ମୃତ, ଜଣେ ଉଦ୍ଧାର

ସମ୍ବଲପୁର ସହରରେ ଲଗାଣ ବର୍ଷା ଯୋଗୁଁ ସ୍ଥିତି ଅସମ୍ଭାଳ ହୋଇଛି। ଏଥିରେ ସ୍କୁଟି ସହ ଦୁଇ ଜଣ ଭାସି ଯାଇଛନ୍ତି। ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲେ ମଧ୍ୟ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ସିଟି ଷ୍ଟେସନ ପଛ ବାଗଡ଼ିଆପଡ଼ା ନିକଟରେ ଗତ କାଲି ରାତିରେ ସ୍ଥାନୀୟ ଅଞ୍ଚଳର ଗୋବର୍ଦ୍ଧନ ଚାନ୍ଦ ଓ ସୁରେଶ ଚନ୍ଦ୍ର ମହାରଣା ସ୍କୁଟିରେ ବସି ନାଳା ପାରା ହେଉଥିଲେ; ହେଲେ ପାଣିର ସ୍ରୋତ ଅଧିକ ଥିବାରୁ ଗାଡ଼ି ସହ ଭାସି ଯାଇଥିଲେ। ଗୋବର୍ଦ୍ଧନ ଗଛଡାଳ ଧରି କୌଣସି ପ୍ରକାରର ବଞ୍ଚି ଯାଇଥିଲେ; କିନ୍ତୁ ସୁରେଶ ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆଜି ଦିନ ପ୍ରାୟ ୨ଟାରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳର ଅଳ୍ପ ଦୂରରୁ ସୁରେଶଙ୍କ ମୃତଦେହ ଉଦ୍ଧାର କରିଥିଲେ।

## ୨୨୦ ମିଲିମିଟର ବର୍ଷା

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆଜି ସକାଳ ୭ଟା ସୁଦ୍ଧା ସର୍ବାଧିକ ୨୨୦ ମିଲିମିଟର ଏବଂ ଧନକଉଡାରେ ୧୮୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହା ସହିତ ରେଙ୍ଗାଲିରେ ୧୬୦ ମିମି, ଠେମେରାରେ ୧୨୬ ମିମି, ମାନେଶ୍ୱରରେ ୧୨୩ ମିମି, ଯୁଯୋମୁରାରେ ୭୦ ମିମି, ଜାମନକିରାରେ ୬୯ ମିମି, ରେଢ଼ାଖୋଲରେ ୬୭ ମିମି, ନାକ୍ଟିଦେଉଳରେ ୫୦ ମିମି, କୁଚିଣ୍ଡାରେ ୪୮ ମିମି ଏବଂ ବାମରାରେ ୪୧ ମିମି ବର୍ଷା ହୋଇଛି। ଗତକାଲି ଦୁର୍ଗାପାଲିରେ ୧୮୦.୫ ମିଲିମିଟର, ଧନକଉଡ଼ାରେ ୧୫୮.୧ ମିଲିମିଟର, ଠେମରାରେ ୮୫ ମିଲିମିଟର, ରେଙ୍ଗାଲରେ ୮୩ ମିମି, ମାନେଶ୍ୱରରେ ୭୬.୨ ମିମି. ଯୁଯୁମୁରାରେ ୫୦, ରେଢାଖୋଲରେ ୪୮ ମିମି, ନାକଟିଦେଉଳରେ ୨୯ ମିମି, କୁଚିଣ୍ଡାରେ ୨୮ ମିମି, ବାମରାରେ ୧୮ ମିମି ଓ ଜମନକିରାରେ ୧୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ଭୁଶୁଡ଼ିଗଲା ନିର୍ମାଣାଧୀନ ପାଚେରି



ସମ୍ବଲପୁର,୬।୭(ସମିସ): ମୁଦିପଡ଼ା ଜୁଡ଼ାବନ୍ଧ ଅଞ୍ଚଳରେ ଚାଲିଥିବା ନିର୍ମାଣାଧୀନ ପାଚେରୀ ପ୍ରଥମ ବର୍ଷାରେ ହିଁ ଭାଙ୍ଗି ଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛ। ସରକାରୀ ଅର୍ଥରେ ହେଉଥିବା ବିକାଶମୂଳକ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର, ପ୍ରଯୁକ୍ତିଗତ ମାନଦଣ୍ଡର ଅବହେଳା ଏବଂ କାର୍ଯ୍ୟର ଯଥାର୍ଥ ତଦାରଖର ଅଭାବ ଯୋଗୁଁ ଏହି ପାଚେରୀ ଗୋଟିଏ ବର୍ଷାରେ ହିଁ ଭୁଶୁଡ଼ି ପଡ଼ିଛି। ଏହା କେବଳ ସରକାରୀ ଅର୍ଥର ଅପଚୟ ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ଜୀବନ ଓ ସୁରକ୍ଷା ପ୍ରତି ମଧ ବିପଦ ସୃଷ୍ଟି କରୁଛି। ପାଚେରୀର ବଡ଼ ଅଂଶ ଫାଟିଯାଇ ଭାଙ୍ଗି ପଡ଼ିଛି। ନିର୍ମାଣ ସ୍ଥଳରେ ଗୁରୁତର କ୍ଷତି ଘଟିଛି। ଏହି ଘଟଣାର ସ୍ୱାଧୀନ ଓ ନିରପେକ୍ଷ ବୈଷୟିକ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟ ପାଇଁ ଦାୟୀ ଠିକାଦାର, ସଂପୃକ୍ତ ଯନ୍ତ୍ରୀ ଓ ତଦାରଖକାରୀ ଅଧିକାରୀଙ୍କ ଭୂମିକାର ଯାଞ୍ଚ କରିବାକୁ ଦାବି ହୋଇଛି। ତଦନ୍ତ ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି।

# ଶେଷ ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦେଲେ ପିଇଓ



ପଦ୍ମପୁର,୬।୭(ସମିସ): ପଦ୍ମପୁର ବ୍ଲକର ବରିଷ୍ଠ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଳାମଣି ପଧାନ ଅବସର ଗ୍ରହଣ କରଛନ୍ତି। ଶ୍ରୀ ଡୋଳାମଣି ପଧାନ ତାଙ୍କ ଚାକିରି ଜୀବନର ଶେଷ ମାସ ଦରମା ୮୨,୬୫୬ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦେଇ ଏକ ଉଦାହରଣ ସାଜିଛନ୍ତି। ଏହି ଅବସରରେ ବରଗଡ଼ ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଆନୁକୂଲ୍ୟରେ ଗୁଦେରପାଲି ଗାଁ କଲ୍ୟାଣ ମଣ୍ଡପରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲଳିତ ମୋହନ ଭୋସାଗର, ସୁରେନ୍ଦ୍ର ପଣ୍ଡା, ନନ୍ଦଲାଲ ଦାଶ, ଜିଲ୍ଲା କୋଷାଧ୍ୟକ୍ଷ, ମିନକେତନ କରସେଲ, କ୍ଷେତ୍ରପାଳ ଦାଶ, ଗୋଲାପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଫୁଲ୍ଲ ନାୟକ, କିରଶାର ଚନ୍ଦ୍ର ଦେବତା, ଚୈତନ୍ୟ ଲୁହା, ଆନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ରନ୍ଧାଖାଦ୍ୟ ଦେଲା ବରଗଡ଼ ଜିଲ୍ଲା ସମାଜସେବୀ ସଂଘ



ବରଗଡ,୬।୭(ସମିସ): ଲଗାଣ ବର୍ଷା ପାଇଁ ବରଗଡର ବିଭିନ୍ନ ଅଞ୍ଚଳରେ ରହୁଥିବା ଅସହାୟ, ଗରିବ ଓ ମାନସିକ ଅନାଗ୍ରସର ଲୋକ ଖାଦ୍ୟ ନ ଖାଇ ଭୋକରେ ରହିଯାଉଛନ୍ତି। ବରଗଡ଼ ଜିଲ୍ଲା ସମାଜସେବୀ ସଂଘ ବିଭିନ୍ନ ଅଞ୍ଚଳକୁ ଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଛି। ଯଦି କେହି ଲୋକ ବର୍ଷା ପାଇଁ ଭୋକରେ ରହୁଛନ୍ତି ଖାଦ୍ୟ ଯୋଗାଇଦେବାକୁ ଏହାର ସଭାପତି ବଳିଷ୍ଟ ଦୁର୍ଗା ଲୋକଙ୍କ ଉଦ୍ଦେଶ୍ୟରେ ଅନୁରୋଧ କରିଛନ୍ତି। ନିଜେ ସହଯୋଗ କରି ନ ପାରିଲେ ଜିଲ୍ଲା ସମାଜସେବୀ ସଂଘକୁ ଜଣାଇବାକୁ ସେ ଅନୁରୋଧ କରିଛନ୍ତି।

# ଜଳ ନିଷ୍କାସନ ବ୍ୟବସ୍ଥା ତଦାରଖ କଲେ ପୌରାଧକ୍ଷା

ବରଗଡ,୬।୭(ସମିସ): ପ୍ରବଳ ବର୍ଷା ଯୋଗୁଁ ବରଗଡ଼ ସହରର ବିଭିନ୍ନ ଅଞ୍ଚଳ ଏବଂ ସରକାରୀ ବସ୍‌ଷ୍ଟାଣ୍ଡ ପରିସର ଜଳମଗ୍ନ ହୋଇଛି। ବରଗଡ଼ ପୌରାଧକ୍ଷା ଶ୍ରୀମତୀ କଳ୍ପନା ମାଝୀ ପ୍ରତ୍ୟେକ ୱାଡର୍ ବୁଲି ଜଳ ନିଷ୍କାସନ ବ୍ୟବସ୍ଥାର ତଦାରଖ କରିଥିଲେ। ବର୍ଷା କାରଣରୁ ପ୍ରଭାବିତ ହୋଇଥିବା ଜଳବନ୍ଦୀ ଅଞ୍ଚଳରେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶ୍ରୀମତୀ ମାଝୀ ରାସନ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା କରିଥିଲେ। ତେବେ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଯାତ୍ରୀ ଓ ସ୍ଥାନୀୟବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୌରାଧକ୍ଷା ପାଣି ନିଷ୍କାସନ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ।



# ବୁଡ଼ିଗଲା ବ୍ରଜରାଜନଗର ପୌରାଞ୍ଚଳ



ଝାରସୁଗୁଡ଼ା,୬।୭(ସମିସ): ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ପୌରପାଳିକାର ୪ ନମ୍ବର ୱାର୍ଡ ଏବଂ ୮ ନମ୍ବର ୱାର୍ଡ ଅଧୀନ ଖପରାପଡ଼ା ଅଞ୍ଚଳ ପ୍ରଭାବିତ ହୋଇଛି। ବର୍ଷା ଜଳ ନିଷ୍କାସନ ନ ହୋଇ ପାରିବାରୁ ପ୍ରଭାବିତ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ୪ ନମ୍ବର ୱାର୍ଡର ଗୋପୀବିହାର କଲୋନୀରେ ଥିବା କେତେକ ବାସଗୃହ ଆଂଶିକ ଭାବେ ଜଳମଗ୍ନ ହୋଇଯାଇଛି। ଘର ଭିତରେ ପାଣି ପଶିଯିବା ହେତୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ସୂଚନା ପାଇବା ମାତ୍ରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ସହ ଜରୁରୀକାଳୀନ ସହାୟତା ଯୋଗାଇ ଦେଇଛନ୍ତି। ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇଛି। ଅଞ୍ଚଳର ମୁଖ୍ୟ ନାଳଗୁଡ଼ିକରେ ଜମି ରହିଥିବା ଆବର୍ଜନାକୁ ସଫା କରାଯାଇ ଜଳ ନିଷ୍କାସନ ପଥକୁ ସ୍ୱାଭାବିକ କରାଯାଇଛି। ଏଥିସହିତ ଜଳବନ୍ଦୀ ଯୋଗୁଁ ରୋଷେଇ କରିପାରୁ ନ ଥିବା ଗୋପୀବିହାର କଲୋନୀ ଏବଂ ଆଖପାଖ ଅଞ୍ଚଳର ପ୍ରାୟ ୧୦୦ ଜଣ ପ୍ରଭାବିତ ଲୋକଙ୍କୁ ପୌରପାଳିକା ପକ୍ଷରୁ ମାଗଣାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଅପରପକ୍ଷରେ, ୱାର୍ଡ ନମ୍ବର ୮ ଖପରାପଡ଼ା ଅଞ୍ଚଳରେ ମଧ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ପୌର ପ୍ରଶାସନ ନଜର ରଖିଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ନ ଆସିବା ପର୍ଯ୍ୟନ୍ତ ଏବଂ ଲୋକମାନେ ସ୍ୱାଭାବିକ ଅବସ୍ଥାକୁ ନ ଫେରିବା ଯାଏଁ ଏହି ସହାୟତା ଓ ସଫେଇ କାର୍ଯ୍ୟ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ପୌରପାଳିକାର ସ୍ୱତନ୍ତ୍ର ହେଲ୍ପଲାଇନ ସହ ଯୋଗାଯୋଗ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି।

# ଦେବଗଡ଼ରେ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୬।୭(ସମିସ): ଜିଲ୍ଲପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୫ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ହୋଇଛି। ବିଶେଷ କରି ଘରବାରି, ଜମିର ପଟ୍ଟା ସଂଶୋଧନ, ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ତହସିଲଦାର କର୍ଣ୍ଣ ମଲିକ୍ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅତଡ଼ା ଖସିଲା: ବିପଦରେ ବାଲିବନ୍ଧା ପୋଲ

# ୧୧୩ ହିତାଧିକାରୀଙ୍କୁ ସହାୟତା ଉପକରଣ ବଣ୍ଟନ



ପଦ୍ମପୁର,୬।୭(ସମିସ): ରାଜବୋଡ଼ାସମ୍ବର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଲିମକୋ ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ସହାୟତା ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଜନନେତା ପ୍ରୀତମ ମେହେର ଉପସ୍ଥିତ ଥିଲେ। ଏହି ଅବସରରେ ୧୧୩ ଜଣ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସହାୟକ ସାମଗ୍ରୀ ଓ ଆଧୁନିକ ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ କରାଯାଇଛି।

# ଯୋଗାସନ ପ୍ରତିଯୋଗିତାରେ ବୈଦିକ ସ୍କୁଲର କୃତିତ୍ୱ

ବରଗଡ଼,୬।୭(ସମିସ):



ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ବରଗଡ଼ ଜିଲ୍ଲା ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଶହେ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସର୍ବାଧିକ ୧୭ଟି ପଦକ ପ୍ରାପ୍ତ କରିଛନ୍ତି। ୪ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଦ୍ୟାଳୟର ଶୁଭମ ପଧାନ, ଅନନ୍ୟା ଜେନା, ସିଦ୍ଧିସ୍ମିତା ପତି ଓ ମୋନିକା ଷଡ଼ଙ୍ଗୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଆଦିତ୍ୟ ସାହୁ, ଶୁଭମ ପଧାନ, ଅଂଶିକା ଶର୍ମା, ସନାୟା ଦାସ, ରୋହନ ମେହେର, ଆକୃତି ପଧାନ ଓ ଅମ୍ବିକା ସୁସାରୀ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଗୌରୀ ସାହୁ, ଅଲିଶା ରାଣୀ ପ୍ରଧାନ, ପ୍ରିୟାଂଶି ବଗର୍ତ୍ତୀ, ପ୍ରତୀକ୍ଷା ପଧାନ, ପୁଷ୍ପାଞ୍ଜଳି ଦାସ ଓ ନିକିତା ମେହେର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଆଚିଭର୍ସ ହେଲପିଂ ଫାଉଣ୍ଡେସନ ଓ ଯୋଗାସନ ସ୍ପୋର୍ଟ୍ସ ଆସୋସିଏସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ତେବେ ବୈଦିକ ସ୍କୁଲର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଓ ବିଦ୍ୟାଳୟର ପ୍ରିନସିପାଲ ଗାର୍ଗୀ ଚଟର୍ଜୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ବର୍ଷା ଦିନେ ଡ୍ରେନ୍ କାମ

## ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



### ■ ସାଇଫନ୍ ପାଇଁ କଟାଯାଇଥିଲା; ଲଗାଣବର୍ଷାରେ ଦବିଲା ପଳାଶୁଣୀ-ବଡ଼ଗଡ଼ ରାସ୍ତା

ଭୁବନେଶ୍ୱର, ୬।୭(ସମିସ): ପଳାଶୁଣୀରୁ ବଡଗଡ଼କୁ ସଂଯୋଗ କରୁଥିବା ଦୟା ୱେଷ୍ଟ କେନାଲ୍ ରାସ୍ତାରେ ନିର୍ମାଣାଧୀନ ସାଇଫନ୍ କାମ ଚାଲିଥିବା ବେଳେ ରାସ୍ତାକୁ କଟାଯାଇଥିଲା। କିନ୍ତୁ ୩ ଦିନ ଲଗାଣ ବର୍ଷାରେ ରାସ୍ତା ଦବି ଯାତାୟତ ଏକପ୍ରକାର ବନ୍ଦ ହୋଇଛି।

ପଳାଶୁଣୀରୁ ଝାରପଡ଼ା ଦେଇ ବରଗଡ଼କୁ ଏହି ରାସ୍ତା ସଂଯୋଗ କରୁଥିବାରୁ ପ୍ରତିଶତ ଶହଶହ ଲୋକେ ଯାତାୟତ କରିଥାନ୍ତି। ହେଲେ ସାଇଫନ୍ କାମ ଯୋଗୁଁ ଦୁଇଟି ସ୍ଥାନରେ ରାସ୍ତାକୁ କାଟି ଦିଆଯାଇଛି। ଶନିବାର ରାତିରେ ପ୍ରବଳ ବର୍ଷାରେ କେନାଲ ରାସ୍ତା କେନାଲ ଭିତରକୁ ଧସିଯାଇଛି। ୪୪ ନମ୍ବର ୱାର୍ଡ ଅନ୍ତର୍ଗତ ବଡଗଡ଼ ଛକରୁ ଅନନ୍ୟା ହସ୍ପିଟାଲ୍ ରାସ୍ତାର କିଛିବାଟ ଯିବା ପରେ ଦୟା ୱେଷ୍ଟ କେନାଲ୍ ରାସ୍ତା ଦବି ଯାଇଥିଲା। ଭାରୀଯାନ ଚଳାଚଳ ଫଳରେ ଏଠାରେ ଥିବା ପୁରୁଣା କଲଭର୍ଟ ଭାଙ୍ଗି ଯାଇଥିଲା। ୬ ନମ୍ବର ମୁଖ୍ୟନାଳ ଏଠାକୁ ସଂଯୋଗ କରୁଥିବାବେଳେ ବର୍ଷାବେଳେ ଏହି ବାଟ ଦେଇ ବର୍ଷା ଓ ନାଳର ଆବର୍ଜନା ପାଣି ଗଙ୍ଗୁଆକୁ ନିଷ୍କାସନ ହୋଇଥାଏ। ଯେହେତୁ ରାସ୍ତା ଓ କଲଭର୍ଟ ଦବି ଯାଇଥିଲା, ଏହାକୁ ଭାଙ୍ଗି ପ୍ରାୟ ୨ କୋଟି ଟଙ୍କାରେ ନୂଆ କଲଭର୍ଟ ଓ ରାସ୍ତା କରାଯାଉଛି। ସେହିଭଳି ଏହି ସ୍ଥାନରୁ ଅଳ୍ପ କିଛି ବାଟ ଗଲା ପରେ ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ଦୟା ୱେଷ୍ଟ କେନାଲ୍ ରାସ୍ତାକୁ କାଟି ଦିଆଯାଇଛି। ଏଠାରେ ବି ରାସ୍ତା ଓ କଲଭର୍ଟ ଦବିଥିଲା। ଏଠାରେ ୫ ନମ୍ବର ନାଳ ସଂଯୋଗ କରୁଥିବାବେଳେ ବିଧାନସଭା, ସଚିବାଳୟ ଆଦି ପ୍ରମୁଖ ଅଞ୍ଚଳର ଆବର୍ଜନା ପାଣି ଏହି ବାଟ ଦେଇ ଗଙ୍ଗୁଆକୁ ନିଷ୍କାସିତ ହେଉଛି। ଏହାକୁ ଭାଙ୍ଗି ପ୍ରାୟ ୧.୬୭ କୋଟି ଟଙ୍କା ନୂଆ କଲଭର୍ଟ ଓ ରାସ୍ତା କରାଯାଉଛି। କିନ୍ତୁ ଦୁଇ କାମ ଶେଷ ହୋଇନଥିବା ବେଳେ ଲଗାଣ ବର୍ଷେରେ ପାଣିର ପ୍ରଖର ସୁଅରେ ଏହି ସ୍ଥାନଟି ସମ୍ପୂର୍ଣ୍ଣ ଦବି ଯାଇଥିଲା। ଯାତାୟତକୁ ସୁଗମ କରିବାକୁ ଏଠାରେ ବାଲିବସ୍ତା ପକାଯିବା ସହ ଅନ୍ୟ ବ୍ୟବସ୍ଥା କରାଯାଉଥିବା ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା କହିଛନ୍ତି। ତାଙ୍କ କହିବା ଅନୁସାରେ, କେନାଲ ତଳେ ରହିଥିବା ସାଇଫନ୍ କାମ ଚାଲିଥିଲା। ଗୋଟେ ପାଖ ଭାଙ୍ଗିଯାଇଥିବାରୁ ପ୍ରବଳ ବର୍ଷାରେ ରାସ୍ତା ଦବିଛି। ତେବେ ସାଇପନ୍ ଠାରୁ ଆହୁରୀ ୨କିଲୋମିଟର ଡ୍ରେନ୍ ନିର୍ମାଣ କରାଯିବ। ଓସ୍କାର ସିଟି ଓ ସନ୍ତୋଷୀ ବିହାର ଦେଇ ଏହି ଡ୍ରେନ୍ ଗଙ୍ଗୁଆରେ ମିଶିବ। ଏଥିପାଇଁ ଯୋଜନା ରହିଥିବା ବେଳେ ଏପର୍ଯ୍ୟନ୍ତ ଟେଣ୍ଡର ହୋଇନଥିବା ଜଣାପଡ଼ିଛି। ତେବେ ଆଗାମୀ ଦିନରେ ବର୍ଷାରେ ସ୍ଥିତି ଆହୁରି ଖରାପ ହେବା ଆଶଙ୍କା ସୃଷ୍ଟି ହୋଇଛି।

## ବିଦ୍ୟାଳୟରେ ଲହଡ଼ି ମାରୁଛି ଡ୍ରେନ୍‌ପାଣି



ବାଲିଅନ୍ତା, ୬।୭(ସମିସ): ବାଲିଅନ୍ତା ଉଚ୍ଚ ବିଦ୍ୟାଳୟରେ ଲଗାଣ ବର୍ଷା ପ୍ରଭାବରେ ଡ୍ରେନପାଣି ବିଦ୍ୟାଳୟ ପରିସରରେ ଲହଡି ମାରୁଛି। ଫଳରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ପାଣିରେ ଯିବା ଆସିବା କରିବାରେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତୀମାନେ ପାଣିରେ ପଶି ଯାତାୟାତ କରିବା ଦ୍ୱାରା ସାପ ଏବଂ ଅନ୍ୟାନ୍ୟ ସରିସୃପମାନଙ୍କ ଭୟର ଆଶଙ୍କା ରହିଛି। ଏହାଛଡା ଥଣ୍ଡା, କାଶ, ଚର୍ମରୋଗ ଆକ୍ରାନ୍ତ ଭୟରେ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟ ଛାଡିବାକୁ ଅଭିଭାବକମାନେ ଉଚିତ ମନେ କରୁ ନାହାନ୍ତି। ବାରମ୍ବାର ଅଧିକାରୀଙ୍କ ପାଖରେ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ବିଲଡରମାନେ ସରକାରୀ ଜମି ଏବଂ ଜଳ ନିଷ୍କାସନ ବାଟ ଅବରୋଧ କରି ଆପାର୍ଟମେଣ୍ଟ ନିର୍ମାଣ କରିବା ଦ୍ୱରା ବର୍ଷା ପାଣି ନିଷ୍କାସନ ସମସ୍ୟା ବଢ଼ାଇଛି। ଯଦି କିଛି ଅଘଟଣ ଘଟି ପିଲାମାନଙ୍କର କିଛି ଅସୁବିଧା ହୁଏ ସେଥିପାଇଁ କିଏ ଦାୟୀ ରହିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଜନସାଧାରଣ କହିବାନୁସାରେ ଏଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନକୁ ଓହ୍ଲାଇ ବିକ୍ଷୋଭ କରାଯିବ। ବିଦ୍ୟାଳୟ ନିକଟରେ ପୋତି ହୋଇପଡ଼ିଥିବା ଡ୍ରେନ ପୁନଃରୁଦ୍ଧାର କରାନଯିବା ଦ୍ୱାରା ବିଦ୍ୟାଳୟ ହତାରୁ ବର୍ଷାପାଣି ନିଷ୍କାସନ ସମସ୍ୟା ବୃଦ୍ଧି ପାଉଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୬।୭(ସମିସ): ସମୟ ସୁଅରେ ଯେପରି କିଛି ସ୍ମୃତି ସବୁବେଳେ ମନରେ ଘର କରି ରହିଯାଏ, ଠିକ୍ ସେହିଭଳି କିଛି ପୁରୁଣା ସିନେମା ମଧ ମନରେ ଛପି ଯାଇଥାଏ। ଏପରି ଅନେକ ଓଡିଆ ଚଳଚ୍ଚିତ୍ର ରହିଛି ଯାହା ଆଜିବି ଲୋକଙ୍କୁ ସେଥିରେ ଥିବା କଳାକାର ଏବଂ ତାଙ୍କ ଅଭିନୟକୁ ଚର୍ଚ୍ଚାର ବିଷୟ ବାରମ୍ବାର ଆଣିବାକୁ ବାଧ୍ୟକରେ। କାରଣ ସେହିସବୁ କାଳଜୟୀ ସିନେମାକୁ କେବେ ଭୁଲି ହେବନି। ସେଥିରେ ଥିବା କଳାକାର ହିଁ ଚଳଚ୍ଚିତ୍ରର ଲୋକପ୍ରିୟତା ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଠିକ୍ ସେହିଭଳି ଏକ ଚଳଚ୍ଚିତ୍ର ହେଉଛି 'କୃଷ୍ଣ ସୁଦାମା'।

ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିବା ଏହି ଫଟୋଟି ୧୯୭୬ ମସିହାରେ ମୁକ୍ତିଲାଭ କରିଥିବା କ୍ଲାସିକ ଓଡିଆ ଚଳଚ୍ଚିତ୍ର 'କୃଷ୍ଣ ସୁଦାମା'ର ଅଟେ। ଏହି ସିନେମା ନିତାଇ ପାଲିତଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ଏଥିରେ ଅଭିନେତା ଶାନ୍ତିସ୍ୱରୂପ ମିଶ୍ର ଶ୍ରୀକୃଷ୍ଣଙ୍କ ଭୂମିକାରେ ଏବଂ ଗୋବିନ୍ଦ ତେଜ ସୁଦାମା ଭୂିକାରେ, ଅଭିନେତ୍ରୀ ଅନିତା ଦାସ ଆଉ ଶାନ୍ତି ସ୍ୱରୁପ ମିଶ୍ର ଏବଂ ତ୍ରିପୁରା ମିଶ୍ର ଏହି ସିନେମାରେ ଅଭିନୟ କରିଥିବା ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ଭଗବାନ ଶ୍ରୀକୃଷ୍ଣ ଏବଂ ତାଙ୍କ ପିଲାଦିନର ପରମ ବନ୍ଧୁ ସୁଦାମାଙ୍କ ମଧ୍ୟରେ ଥିବା ଅତୁଟ ଏବଂ ପବିତ୍ର ବନ୍ଧୁତ୍ୱର କାଳଜୟୀ କାହାଣୀ। ଚଳଚ୍ଚିତ୍ରଟି ଭକ୍ତି, ଅନୁଗତ୍ୟ ଏବଂ ଦୈବୀ କୃପାର ଭାବନାକୁ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରତିପାଦନ କରେ।

## ଜିମ୍ ମାଲିକଙ୍କୁ ବିଅର ବୋତଲରେ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୬।୭ (ସମିସ): ଜିମ୍ ମାଲିକଙ୍କୁ ବିଅର ବୋତଲରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୀଳାଦ୍ରି ବିହାର ରିକ୍ସା କଲୋନୀର ରାଜା ଜେନା (୨୯)। ପୁଲିସ ସୂଚନାନୁସାରେ, ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ସୁନିଲ କୁମାର ନାୟକଙ୍କର ରୟାଲ ଫିଟନେସ ଜିମ୍ ରହିଛି। ସୋମବାର ଭୋରରୁ ରାଜା ସେହି ଜିମ୍ ଆଗରେ ଉଲଗ୍ନ ହୋଇ ଶୋଇଥିଲେ। ଭୋର୍ ପ୍ରାୟ ୫ଟା ୩୦ ସମୟରେ ସୁନିଲ ସେଠାରେ ପହଞ୍ଚି କାହିଁକି ଉଲଗ୍ନ ହୋଇ ଶୋଇଛ ବୋଲି ରାଜାକୁ ପଚାରିବା ସହ ତାଗିଦ୍ କରିଥିଲେ। କିଛି ସମୟ ପରେ ସୁନିଲ ଜିମରେ ଥିବାବେଳେ ରାଜା ଭିତରକୁ ପଶି ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଅର ବୋତଲରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ସୁନିଲ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ରାଜା ଫେରାର ହୋଇଯିବା ସହ ହତ୍ୟା କରିଦେବାକୁ ଧମକ ଦେଇଥିଲା। ସୁନିଲଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ରାଜାକୁ ଗିରଫ କରିବା ସହ କାଚ ବୋତଲ ଜବତ କରିଛି।

## ଭାଇଭଉଣୀଙ୍କୁ ଖଣ୍ଡା ଚୋଟ; ଜଣେ ଗିରଫ



ଭୁବନେଶ୍ୱର, ୬।୭ (ସମିସ): ଭାଇଭଉଣୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୋଇ ନଗରର ଦୀପକ କୁମାର ନାଏକ ଓରଫ୍ ପଙ୍କ (୨୪)।

ପୁଲିସ ସୂଚନାନୁସାରେ, ନବ ପରିଡ଼ା ଓ ଦୀପକ ବାୟା ବାବା ବସ୍ତିରେ ରହୁଥିବା ବେଳେ ଉଭୟ ପରସ୍ପରର ପଡ଼ୋଶୀ। ଗତକାଲି ସନ୍ଧ୍ୟାରେ ନବ ନିଜ ଘର ଆଗରେ ଫୋନରେ କଥା ହେଉଥିବା ବେଳେ ଦୀପକ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। କାରଣ ପଚାରିବାରୁ ନିଶାସକ୍ତ ଅବସ୍ଥାରେ ଥିବା ଦୀପକ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା। ସେତିକିବେଳେ ନବଙ୍କ ଭଉଣୀ ମଧ୍ୟସ୍ଥତା କରିବାକୁ ଆସିବାରୁ ଦୀପକ ନିଜ ଘରୁ ଏକ ଧାରୁଆ ଖଣ୍ଡା ଆଣି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ସତ୍ତ୍ୱେ ଦୀପକର ଆକ୍ରମଣରେ ନବଙ୍କ ଭଉଣୀ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପରେ ଦୀପକର ପରିବାର ଲୋକମାନେ ତା'ଠାରୁ ଖଣ୍ଡାଟି ଛଡ଼ାଇ ନେଇ ତାକୁ ଘଟଣାସ୍ଥଳରୁ ନେଇଯାଇଥିଲେ। ଦୀପକ ଯିବା ପୂର୍ବରୁ ନବ ଓ ତାଙ୍କ ପରିବାରକୁ ହତ୍ୟା କରିଦେବାକୁ ଧମକ ଦେଇଥିଲା। ନବ ଏନେଇ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଦୀପକକୁ ଗିରଫ କରିବା ସହ ତା' ଘରୁ ଖଣ୍ଡା ଜବତ କରି କୋର୍ଟ ଚାଲାଣ କରିଛି।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ଶିଳ୍ପୀ କଣ୍ଠେ ଜଗନ୍ନାଥ'

ଭୁବନେଶ୍ୱର, ୬।୭(ସମିସ): ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତିବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ସଙ୍ଗୀତାୟନ 'ଶିଳ୍ପୀ କଣ୍ଠେ ଜଗନ୍ନାଥ' ରବୀନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା କର୍ମଚାରୀ ଚୟନ କମିଶନର ସଚିବ ରାଜୀବ ଲୋଚନ ସିଂ, ସମ୍ମାନ ଅତିଥି ଓଡ଼ିଶୀ କଣ୍ଠ ସଙ୍ଗୀତଜ୍ଞ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ପ୍ରଦୀପ କୁମାର ମିଶ୍ର, ସୁରେନ୍ଦ୍ର ଦାସ, କଣ୍ଠ ଶିଳ୍ପୀ ସୌରଭ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବରିଷ୍ଠ ଗୁରୁ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଥଯାତ୍ରା ଉପଲକ୍ଷେ ଭକ୍ତିଗୀତ ପରିବେଷଣ କରାଯାଇଥିଲା। ଭକ୍ତି ସଙ୍ଗୀତ ଏମିତି ଆଖି ଦିଅ ଚକା ଆଖି କଣ୍ଠ ଦାନ କରିଥିଲେ ଗୁରୁ ଡ. ବିଜୟ କୁମାର ଜେନା, ଗୁରୁ ଚନ୍ଦନ କୁମାର। ଗୁରୁ ପ୍ରମୋଦ କୁମାର ସାହୁ ତବଲା ଏବଂ ଗୁରୁ ଶ୍ରୀନିବାସ ଶତପଥୀ ବଂଶୀ, ଗୁରୁ ସୌମ୍ୟରଞ୍ଜନ ନାୟକ ମର୍ଦ୍ଦଳରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।




## ଡ. ବାସନ୍ତୀ ମହାନ୍ତିଙ୍କ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର, ୬।୭(ସମିସ): ଗାଳ୍ପିକା ଓ ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତିଙ୍କ ୫୦ ତମ ସାରସ୍ୱତ ସୃଷ୍ଟି, 'କ୍ରାନ୍ତଦର୍ଶୀ' ପୁସ୍ତକ ପାଠକାର୍ପଣ ହୋଇଛି। ବାଉରିବନ୍ଧୁ ମେମୋରିଆଲ ଟ୍ରଷ୍ଟ ଓ ଚେନ୍ନାଇ ସୃଜନୀ ପରିବାରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ କଥାସମ୍ରାଟ ସ୍ମୃତିନ୍ୟାସର ଅଧ୍ୟକ୍ଷା ତଥା ଓଡ଼ିଶା ମହିଳା କମିଶନର ପ୍ରାକ୍ତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବରେଣ୍ୟ ଅତିଥି ଭାବେ ନାଳନ୍ଦା ବିଶ୍ୱିଦ୍ୟାଳୟର ଡିନ୍ ପ୍ରଫେସର ଗୋଦାବରୀଶ ମିଶ୍ର, ପ୍ରଫେସର ଡ. ମୋନିକା ଦାଶ ଯୋଗ ଦେଇଥିଲେ। ଚେନ୍ନାଇ ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଆଶୁତୋଷ ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଲେଖିକାଙ୍କ ଏହି ପଚାଶ ତମ ସୃଷ୍ଟିର ଶୁଭ ଜନ୍ମ ଲଗ୍ନ ଉତ୍ସବ ପାଳିତ ହୋଇଥିଲା। ଏହାପରେ ସାହିତ୍ୟିକମାନଙ୍କ ଦ୍ୱାରା 'କ୍ରାନ୍ତଦର୍ଶୀ' ପୁସ୍ତକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପୁସ୍ତକରେ ଚବିଶ ଜଣ ବରପୁତ୍ରଙ୍କ ଜୀବନାଦର୍ଶ ଆଲୋଚିତ ହୋଇଅଛି। ଏହି ଉତ୍ସବରେ ଡ. ଧରଣୀ ଧର ନାଥ, ଡ. ସୀମାନ୍ତ ନନ୍ଦ ସ୍ୱମତ ରଖିଥିବା ବେଳେ, ମହାଶ୍ୱେତା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।



## ୨୯ରେ ମଞ୍ଚସ୍ଥ ହେବ 'ଅମ୍ରିତା-ଇମରୋଜଙ୍କ ଜୀବନ କାହାଣୀ'

ଭୁବନେଶ୍ୱର, ୬।୭(ସମିସ): ଆସନ୍ତା ୨୯ ତାରିଖରେ ଉତ୍ତର ପୁରୁଷ ପକ୍ଷରୁ ମଞ୍ଚସ୍ଥ ହେବ ଭାରତୀୟ ଭାଷା ସାହିତ୍ୟର ପ୍ରଖ୍ୟାତ ଲେଖିକା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଅମ୍ରିତା ପ୍ରିତମ ଓ ଚିତ୍ରଶିଳ୍ପୀ ଇମରୋଜଙ୍କ ଜୀବନ କାହାଣୀ। ଯେଉଁଥିରେ ଅମ୍ରିତା ଓ ତାଙ୍କଠୁ ଦଶ ବର୍ଷ ସାନ ଚିତ୍ରଶିଳ୍ପୀଙ୍କ ଦେହାତୀତ ପ୍ରେମକାହାଣୀ ଓ ଅମ୍ରିତା ପ୍ରିତମ ଓ ସାହିର ଲୁଧିୱାନିଙ୍କ ସାୟରି। ଏହି ନାଟକର ନିର୍ଦ୍ଦେଶନା ଦେବଦତ୍ତ ପତି ଦେଇଥିବା ବେଳେ କୁନାଲ ହୃଦୟଙ୍କ ମୂଳ ହିନ୍ଦୀ ନାଟକର ଓଡ଼ିଆ ଅନୁସୃଜନ୍ ମଧ ନିଜେ ଦେବଦତ୍ତ କରିଛନ୍ତି। ନାଟକରେ ବିଶିଷ୍ଟ ଅଭିନେତ୍ରୀ ଭାସ୍ୱତୀ ଅମ୍ରିତା ପ୍ରିତମଙ୍କ ଭୂମିକାରେ ଅଭିନୟ କରୁଥିବା ବେଳେ ସୁକନ୍ୟା ଦିଶନୀ ଓ ଇଶୁ ମଧୁସ୍ମିତା, ସୌମ୍ୟ, ସାଇ, ରଜତ, ପ୍ରିୟବ୍ରତ, ଓମ୍, ମୁରଲୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଏଥିପାଇଁ ଦର୍ଶକମାନେ ବୁକ୍ ମାଇଁ ସୋ ରେ ଟିକେଟ ବୁକିଂ କରିପାରିବେ।

## ● କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି ବ୍ରେକ୍'

## କବିତାର ବର୍ଷାରେ ଭିଜିଲେ ଯୁବ ପିଢ଼ି



ଭୁବନେଶ୍ୱର,୬।୭(ସମିସ): କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି ବ୍ରେକ୍'ର ତୃତୀୟ ସଂସ୍କରଣ ରବିବାର ଷ୍ଟୁଡିଓ ଏନ୍‌ଆର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲେଖକ ଦେବବ୍ରତ ଦାସଙ୍କ ଉପନ୍ୟାସ 'ତୃଷ' ଏବଂ ନିହାର ରଞ୍ଜନ ପରିଡ଼ାଙ୍କ ଉପନ୍ୟାସ 'ରେନ୍‌କୋଟ୍'ର ତୃତୀୟ ସଂସ୍କରଣ ଲୋକାର୍ପଣ ହୋଇଥିଲା। ଯୁବପିଢ଼ି ନିଜର କବିତା, ଗଳ୍ପ ଏବଂ ସଙ୍ଗୀତ ନିଆରା ଶୈଳୀରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ତରୁଣ ପିଢ଼ିର ପ୍ରତିଭାବାନ୍ କବି ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲା ବେଳେ କଳିଙ୍ଗ ଭାଷା ମୁକ୍ତମଞ୍ଚର ଆବାହକ ସତ୍ୟ ଶିବ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଂଶୁମାନ ସାହୁ, ଜ୍ୟୋତି ରଞ୍ଜନ ବାରିକ, ସୁମିତ୍ ପଣ୍ଡା, ବିଶ୍ୱକସେନ୍ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଯୁବ କବି ଏବଂ ଗାଳ୍ପିକଙ୍କ ନୂଆ ବହିକୁ ଦର୍ଶକ କିଣିବା ସହ ସେମାନଙ୍କର ଦସ୍ତଖତ ନେଇଥିଲେ। ଯୁବପିଢ଼ିକୁ ଓଡ଼ିଆ ଭାଷାସାହିତ୍ୟ ଏବଂ ସଙ୍ଗୀତ ସହ ଯୋଡ଼ି ରଖିବାରେ କଳିଙ୍ଗ ଭାଷା ମୁକ୍ତମଞ୍ଚର ଏପରି ପ୍ରୟାସର ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।

## ଦୋକାନ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ନନ୍ଦନକାନନ, ୬।୭(ସମିସ): ରାତି ହେଉ କି ଦିନ; ଭୁବନେଶ୍ୱରରେ ଚୋରି ଲୁଟ ତରାଜ ଦିନକୁ ଦିନ ବଢ଼ି ଚାଲିଛି। ପୁଲିସ ଆଖି ଖୋଲି ଜଗିଛି କି ଆଖି ବୁଜି ଜଗିଛି ତାହା ଏବେ ଜନସାଧାରଣରେ ଏକ ବଡ ପ୍ରଶ୍ନ ଭାବେ ଉଭା ହୋଇଛି। ଗତ ରାତିରେ ଇନ୍‌ଫୋସିଟି ଥାନା ପଟିଆ ଷ୍ଟେସନ ରୋଡରେ ଏକ ଭେରାଇଟି ଷ୍ଟୋର ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ଥାନାରେ ହୋଇଛି। ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ସିସିଟିଭି ହାର୍ଡ ଡିସ୍କ ଚୋରି ହୋଇଛି। ଦୋକାନ ମାଲିକ ଅମୂଲ୍ୟ ପ୍ରଧାନଙ୍କ ଅଭିଯୋଗ ଅନୁସାରେ ଗତ ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳୁ ଆସି ଦୋକାନ ଖୋଲିଲା ବେଳକୁ ସଟର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନରୁ ଚୋରି କରି ନେଇଛି। ଦୋକାନରେ ଥିବା କ୍ୟାସ ବାକ୍ସରୁ ଟଙ୍କା, ସିଗାରେଟ, ଗୁଟଖା, ପାନ ମସଲା, ଥରମୋପ୍ଲସ, ସିସିଟିଭି ହାର୍ଡଡିସ୍କ ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଛି। ଏନେଇ ସେ ଆଜି ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଆମ ରାଜଧାନୀ ଆମ ଐତିହ୍ୟ


## ତ୍ରିରଥ ଶୈଳୀରେ ନିର୍ମିତ ଉତ୍ତରେଶ୍ୱର ମନ୍ଦିର




ଭୁବନେଶ୍ୱର, ୬।୭(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ପ୍ରତି ଛକ, ପ୍ରତି ଗଳିରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କିର୍ତ୍ତୀରାଜିର ମୁକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ ଜଡିତ। ସେଥିମଧ୍ୟରୁ ସପ୍ତମ ଶତାବ୍ଦୀର ଉତ୍ତରେଶ୍ୱର ମନ୍ଦିର।

ଏହି ମନ୍ଦିରଟି ବିନ୍ଦୁସାଗରର ଦକ୍ଷିଣ ପାର୍ଶ୍ୱକୁ ରହିଛି। ଏହା ରାଜଧାନୀର ପ୍ରାଚୀନତମ ମନ୍ଦିର ମଧ୍ୟରୁ ଅନ୍ୟତମ। ଏହା ତ୍ରିରଥ ଶୈଳୀରେ ନିର୍ମିତ ଉଭୟ ବମାନ ଏବଂ ଜଗମୋହନ ଏହି ମନ୍ଦିରରେ ସ୍ଥାପିତ ଅଛନ୍ତି। କାର୍ତ୍ତିକେୟଙ୍କ ପ୍ରତିମା ସହ କିଛି ଅନନ୍ୟ ମୂର୍ତ୍ତିକଳା ପାଇଁ ଉକ୍ତ ମନ୍ଦିରଟି ବିଖ୍ୟାତ। ଅନ୍ୟଥା ମନ୍ଦିରଟି ସାଜସଜ୍ଜା ବିହୀନ ଅଟେ। ଦେବୀ ଚାମୁଣ୍ଡା ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ। ସ୍ୱର୍ଣ୍ଣାଦ୍ରି ମହୋଦୟ ଅନୁସାରେ ପବିତ୍ର ବିନ୍ଦୁସାଗରର ଚାରି କୂଳରେ ଚଣ୍ଡିକାଙ୍କ ଚାରି ମୂର୍ତ୍ତି ଦେଖିବାକୁ ମିଳେ। ତନ୍ମଧ୍ୟରୁ ଉତ୍ତରେଶ୍ୱରରେ ଅବସ୍ଥିତ ଚାମୁଣ୍ଡା ଅନ୍ୟତମ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ଉତ୍ତରରେ ବିନ୍ଦୁସାଗର କୂଳରେ ଅବସ୍ଥାପିତ ହୋଇଥିବାରୁ ମନ୍ଦିର ନାମ ଉତ୍ତରେଶ୍ୱର ରଖାଯାଇଥିବା କୁହାଯାଏ। ଏହି ମନ୍ଦିରଟି ଚାରୋଟି ପୀଠ ମଧ୍ୟରୁ ଅନ୍ୟତମ। ଅନ୍ୟ ଚାରୋଟି ପୀଠ ହେଲା ଯୋଗ ପୀଠ ଭାବରେ ଖରାଖିଆ ବୈଦ୍ୟନାଥ, ଭୋଗ ପୀଠ ଭାବେ ଲିଙ୍ଗରାଜ ଏବଂ ସୀଦ୍ଧ ପୀଠ ଭାବେ କେଦାରଗୌରୀ ମନ୍ଦିର ପରିଚିତ। ମନ୍ଦିରର ଦ୍ୱାରରେ ନବଗ୍ରହ ସ୍ଥାପିତ ଅଛନ୍ତି। ମନ୍ଦିରରେ ନରସିଂହଙ୍କ ଜନ୍ମ, କାର୍ତ୍ତିକ ପୂର୍ଣ୍ଣମୀ, ଶିବରାତ୍ରି, ଦୂର୍ଗାଷ୍ଟମୀ ଏବଂ ଚୈତ୍ର ମଙ୍ଗଳବାର ଏଠାରେ ପାଳନ କରାଯାଇଥାଏ। ସେହିପରି ଚୈତ୍ର ମଙ୍ଗଳବାର ଦିନ ଏଠାରେ ଉତ୍ତରେଶ୍ୱରଙ୍କୁ ପଣା ଭୋଗ ଦିଆଯାଇଥାଏ। ଉତ୍ତରାୟିନୀଙ୍କୁ ପ୍ରଭୁ ଲିଙ୍ଗରାଜଙ୍କ ଆସ୍ଥା ଚଣ୍ଡୀ ବୋଲି କୁହାଯାଏ।

### ଏବେ କେମିତି ରହିଛି



ଏହି ମନ୍ଦିରଟି ବିନ୍ଦୁସାଗରର କୂଳରେ ଅବସ୍ଥାପିତ। ପ୍ରତିଦିନ ଏଠାକୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୁଏ। ମନ୍ଦିରର ପରିସରରେ ଏକ ଐତିହ୍ୟ କୁଣ୍ଡ ମଧ ରହିଛି। ହେଲେ ସମୟ ସହ ତାର ରକ୍ଷଣାବେକ୍ଷଣ ଅଭାବରୁ ପାଣିର ରଙ୍ଗ ପରିବର୍ତ୍ତନ ହେବେ ସହ ଅପରିଷ୍କାର ମଧ ହୋଇଗଲାଣି। ସେହି କୁଣ୍ଡ ମଧ୍ୟରେ କଇଁଛ ମଧ ଅଛନ୍ତି। ମନ୍ଦିରଟି ସାଜସଜ୍ଜା ବିହୀନ ହୋଇଥିବାରୁ ସେଥିରେ କାରୁକାର୍ଯ୍ୟ ହୋଇ ନାହିଁ। ଏହା ବ୍ୟତୀତ ମନ୍ଦିରର ଅନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ସମୟରେ କରାଯାଉଛି ବୋଲି ଜଣେ ସ୍ଥାନୀୟ ବାସିନ୍ଦା ମତ ଦେଇଥିଲେ।

# ଉଛୁଳିଲା ନିବୃତ୍ତି ଜୋର; ବୁଡ଼ିଗଲା ଚାଷଜମି





ତରଭା, ୬।୭ (ସମିସ):

ଜୁନ ୩୦ରୁ ଚାଲିଥିବା ଲଗାଣ ବର୍ଷାରେ ତରଭା ବ୍ଲକର ଅଧିକାଂଶ ଚାଷଜମି ବର୍ଷା ପାଣିରେ ବୁଡି ରହିଛି। ନିବୃତ୍ତି ଜୋରରେ ବନ୍ୟା ପାଣି ଆସୁଛି। ଚାଷଜମିରେ ବର୍ଷା ପାଣି ଚାଲିଥିବାରୁ ପଲହା ସବୁ ପାଣିରେ ବୁଡି ନଷ୍ଟ ହେଲାଣି। ତରଭା ସହରରେ ବର୍ଷା ପାଣି ଘର ଭିତରକୁ ପଶିବା ସହ ଅନେକ ଘର ପାଣି ଘେରରେ ରହିଛି। ଅନେକ ସ୍ଥାନରେ ରାସ୍ତା ଉପରେ ପାଣି ଚାଲୁଥିବାରୁ ଗମନା ଗମନରେ ବ୍ୟାଘାତ ସୃଷ୍ଟି ହେଉଛି। ତରଭା ସହରରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଜନସାଧାରଣ କହୁଛନ୍ତି। ୱାର୍ଡ ନମ୍ବର ୬ ମସଜିଦ ନିକଟରେ ଥିବା ପ୍ରିୟରଞ୍ଜନ ସାହୁଙ୍କ ବାସଭବନ ଚାରି ପଟରୁ ପାଣି ଘେରରେ ରହିଛି। ହରିଜନପଡା, କୁମ୍ଭାରପଡା, ପେଟ୍ରୋଲପମ୍ପ ବାଇପାସ ରାସ୍ତା, ମସଜିଦ ଦେଇ ଜେଏନଭି ଯିବା ରାସ୍ତାର ଅନେକ ସ୍ଥାନରେ ବର୍ଷା ପାଣି ଯୋଗୁଁ ଲୋକେ ଖୁବ ଅସୁବିଧା ଭୋଗ କରୁଛନ୍ତି। ଜୁନ ୨୫ ତାରିଖ ସୁଦ୍ଧା ତରଭା ବ୍ଲକରେ ସର୍ବନିମ୍ନ ୧୧ ମିମି ବର୍ଷା ରେକର୍ଡ କରାଯାଇଥିଲା; ହେଲେ ଜୁନ ୩୦ ତାରିଖରେ ୯୬ ମିମି, ଜୁଲାଇ ୧ ତାରିଖରେ ୧୧ ମିମି, ଜୁଲାଇ ୨ ତାରିଖ ୧୧୦ ମିମି, ଜୁଲାଇ ୩ ତାରିଖ ୬.୭ ମିମି, ଜୁଲାଇ ୪ ତାରିଖ ୮୮ ମିମି ଓ ଜୁଲାଇ ୫ ତାରିଖ ୨୦୫ ମିମି ବର୍ଷା ହେବାରୁ ତରଭା ସହରର ଅବସ୍ଥା ଶୋଚନୀୟ ହୋଇପଡିଛି। ଏସମ୍ବନ୍ଧରେ ଏନଏସି ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ତରଭା ସହର ବାହାରେ ଥିବା ଚାଷଜମିଗୁଡିକୁ ପୋତି ପ୍ଲଟିଂ କରାଯାଉଛି। ଉପର ମୁଣ୍ଡରୁ ଆସୁଥିବା ବର୍ଷା ପାଣି ଏହି ଚାଷଜମି ଦେଇ ନିବୃତ୍ତି ଜୋରକୁ ନିଷ୍କାସିତ ହେଉଥିଲା। ଚାଷ ଜମିକୁ ପୋତି ଘର ଦ୍ୱାର ନିର୍ମାଣ ହେଉଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇନ ପାରି ଘରେ ପଶୁଛି। ଡାକ୍ତରଖାନା ପଛପଟ, ଥାନା ପଛପଟ ଓ କୁମ୍ଭାରପଡାରୁ ବର୍ଷା ପାଣି ନିଷ୍କାସନ ପାଇଁ ଏନଏସି ତରଫରୁ ଜେସିବି ଦ୍ୱାରା ଡ୍ରେନ ଖୋଳା ଚାଲିଛି ବୋଲି କହିଥିଲେ।

## ଟ୍ରେନ୍ ଧକ୍କାରେ ବଳଦର ମୃତ୍ୟୁ

ଜହ୍ନାପଙ୍କ, ୬।୭ (ସମିସ): ବୌଦ୍ଧ ଥାନା ବନ୍ଧାପଥର ପଞ୍ଚାୟତର ନକୁଆନାଳୀ ଗ୍ରାମ ନିକଟରେ ଟ୍ରେନ୍ ଧକ୍କାରେ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨.୧୫ରେ ବୌଦ୍ଧରୁ ଭୁବନେଶ୍ୱର ଯାଉଥିବା ଇଣ୍ଟରସିଟି ରେଳ ଧାରଣା ପାର ହେଉଥିବା ଗ୍ରାମର ଭରତ ସ୍ୱାଇଁଙ୍କ ଗୋଟିଏ ବଳଦକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବଳଦର ମୃତ୍ୟୁ ହୋଇଥିଲା।

## ମୁକୁଳା ଟ୍ରାନ୍ସଫର୍ମର ନେଲା ଦୁଇ ଗୋରୁଙ୍କ ଜୀବନ

ତରଭା, ୬।୭ (ସମିସ): ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ମୁକୁଳା ଟ୍ରାନ୍ସଫର୍ମର ସମ୍ପର୍କରେ ଆସି ଦୁଇଟି ଗର୍ଭବତୀ ଗାଈଙ୍କ ମୃତ୍ୟୁ ହେବା ଘଟଣା ଚାରଭଟ୍ଟା ଗ୍ରାମବାସୀଙ୍କୁ ବିବ୍ରତ କରିଛି। ତରଭା ବ୍ଲକ୍ ଚାରଭଟ୍ଟା ଦୁର୍ଗା ମଣ୍ଡପ ନିକଟରେ ବିଦ୍ୟୁତ୍ ବିଭାଗର ଏକ ଟ୍ରାନ୍ସଫର୍ମର ବସିଛି। ଏହି ଟ୍ରାନ୍ସଫର୍ମର ଚାରିପଟେ କୌଣସି ବାଡ଼ ନ ଥିବାରୁ ଗୋରୁଗାଈ ଏଠାକୁ ଆସି ଘାସ ଚରିଥାନ୍ତି। ସୋମବାର ଅପରାହ୍ନରେ ଗ୍ରାମର ଯୁଗେଶ୍ୱର ମାଝୀଙ୍କ ଗାଈ ଗୋରୁ ଟ୍ରାନ୍ସଫର୍ମର ନିକଟରେ ଘାସ ଚରୁଥିବା ବେଳେ ଦୁଇଟି ଗର୍ଭବତୀ ଗାଈ ବିଦ୍ୟୁତ୍ ତାର ସମ୍ପର୍କରେ ଆସି ଆଖି ବୁଜିଥିଲେ। ଏହି ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଦେବାକୁ ଗ୍ରାମବାସୀ ବାରମ୍ବାର ଦାବି କରୁଥିଲେ ହେଁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସମିତିସଭ୍ୟ ଘନଶ୍ୟାମ ଡାଙ୍ଗ କ୍ଷୋଭ ପ୍ରକାଶ କରିବା ସହ ଶୀଘ୍ର ବାଡ଼ ଦେବାପାଇଁ ଦାବି କରିଛନ୍ତି।

## ମେଣ୍ଡାରେ ବନ ମହୋତ୍ସବ ସପ୍ତାହ ପାଳନ



ତରଭା, ୬।୭ (ସମିସ): ତରଭା ବ୍ଲକ୍ ମେଣ୍ଡା ମହର୍ଷି ବୁଦ୍ଧରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ରଘୁରାଜ ସିଂ ସେନାପତିଙ୍କ ଅଧ୍ୟକ୍ଷତାରେ ବନୋ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ କାଉନସେଲର ଅକ୍ଷୟ ସାହୁ ପ୍ରାରମ୍ଭିକ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବନ ଅଧିକାରୀ ଭକ୍ତବନ୍ଧୁ ମିଶ୍ର ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଅରୁଣ ପାଢ଼ୀ ଛାତ୍ରଛାତ୍ରୀଙ୍କୁ ଚାରାରୋପଣ ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମେଣ୍ଡା ଗ୍ରାମର ବିଭୁତି ଭୂଷଣ ଝାଙ୍କର, ସବ୍ୟସାଚୀ ଦଣ୍ଡସେନା, ହୃଷିକେଶ ପାତ୍ର, ରାଜେନ୍ଦ୍ର ପଣ୍ଡା, ଗଣନାଥ ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ଆନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୬।୭ (ସମିସ): ଜିଲ୍ଲପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୫ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ହୋଇଛି। ବିଶେଷ କରି ଘରବାରି, ଜମିର ପଟ୍ଟା ସଂଶୋଧନ, ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ତହସିଲଦାର କର୍ଣ୍ଣ ମଲିକ୍ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭାଙ୍ଗିଲା ଆମଠାପଡ଼ା ଶାଖା କେନାଲ

ଜହ୍ନାପଙ୍କ, ୬।୭ (ସମିସ): ବୌଦ୍ଧ ବ୍ଲକ୍ ବଘିଆପଡ଼ା ପଞ୍ଚାୟତର ଆମଠାପଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଆମଠାପଡ଼ା ଶାଖା କେନାଲଟି ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ କ୍ଷତି ହୋଇଛି। ରାସ୍ତା ସାଇଟ୍‌ରୁ ଭାଙ୍ଗି ଯାଇ ସମ୍ପୂର୍ଣ୍ଣ ଶାଖା କେନାଲର ମୁହଁରେ ବାଲି, ପଙ୍କ ପୋତି ହୋଇଯାଇଛି।



## ରେଘାମୁଣ୍ଡା ମନ୍ଦିରସାହି ଲୋକେ ଜଳବନ୍ଦୀ

କନ୍ଧମାଳ, ୬।୭ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଉମା ପଞ୍ଚାୟତ ରେଘାମୁଣ୍ଡା ମନ୍ଦିର ସାହିରେ ଏବେ ସଂଘାତିକ ସ୍ଥିତି ଉପୁଜିଛି। ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଏହି ସାହିର ପରିବାର ଏବେ ପାଣି ଘେରରେ ରହିଛନ୍ତି। ଘର ଚାରିପାଖେ ପାଣି ଜମି ରହିଥିବାରୁ ଲୋକେ ଘରୁ ବାହାରିବା ମଧ୍ୟ ମୁସ୍କିଲ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ସାହିରେ ଠିକ୍ ଡ୍ରେନେଜ୍ ବ୍ୟବସ୍ଥା ବା ଜଳ ନିଷ୍କାସନର କୌଣସି ସୁବିଧା ନାହିଁ। ବର୍ଷା ହେଲେ ପାଣି ବାହାରିଯିବା ପାଇଁ ବାଟ ନ ଥିବାରୁ ସମସ୍ତ ପାଣି ଆସି ସାହିର ଏହି ପରିବାରଗୁଡ଼ିକର ଘର ଚାରିପାଖରେ ଜମି ରହୁଛି। ଏହାଫଳରେ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି।

## ବୁଡ଼ିଗଲା ଧର୍ମଦଣ୍ଡି ନାଳ ପୋଲ



ଡୁଙ୍ଗୁରିପାଲି, ୬।୭ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚମ୍ପାଡୁଲି ଧର୍ମଦଣ୍ଡି ନାଳ ଲଗାଣ ବର୍ଷାରେ ବୁଡି ଯାଇଛି। ପୋଲ ଉପରେ ପାଣି ଚାଲୁଥିବାରୁ ଡୁଙ୍ଗୁରିପାଲି-ଇଚ୍ଛାପୁର ରାସ୍ତା ବଚ୍ଛିନ୍ନ ହୋଇଛି। ଜିଲ୍ଲାରେ ୪ ଦୀନ ହେବ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହା ଫଳରେ ବନ୍ୟା ଜଳ ମାଡ଼ି ଆସିଛି।

## ଶୁଣିଲାନି ପ୍ରଶାସନ, ଗାଁ ରାସ୍ତା ତିଆରି କଲେ ଯୁବପିଢ଼ି



ଶଗଡ଼ା, ୬।୭ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବିଳାସପୁର ପଞ୍ଚାୟତ ବିକ୍ରମପୁର ଗ୍ରାମର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ଲୋକେ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ପିଲାମାନେ ଏହାକୁ ହୃଦୟଙ୍ଗମ କରି ନିଜସ୍ୱ ଖର୍ଚ୍ଚ ସହ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଛନ୍ତି। ଗ୍ରାମର ଲୋକେ ରାସ୍ତା ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନ ଶୁଣିବାରୁ ଗ୍ରାମର ପିଲାମାନେ ଚାନ୍ଦା ଆଦାୟ କରିବା ସହ ନିଜେ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଛନ୍ତି।

## ଭାସିଗଲା ଦାନବାକ୍ସ, ବୃଷଭ ମୂର୍ତ୍ତି

ଜହ୍ନାପଙ୍କ, ୬।୭ (ସମିସ): ବୌଦ୍ଧ ବ୍ଲକ୍ ବ୍ରାହ୍ମଣିପାଲି ପଞ୍ଚାୟତ ଖଲିଆପାଲି ଗୁପ୍ତେଶ୍ୱର ମନ୍ଦିରର ଦାନବାକ୍ସ, ବୃଷଭ ମୂର୍ତ୍ତି ବନ୍ୟା ଜଳରେ ଭାସି ଯାଇଛି। ସାଲୁଙ୍କି ନଦୀ କୂଳରେ ଥିବା ଏହି ମନ୍ଦିର ଚାରିପାଖ ବୁଡି ଯାଇଥିଲା। ତେବେ ବୃଷଭଟି ଭାସି ଯାଇ ମନ୍ଦିର ବାହାରେ ପଡ଼ିଥିବା ବେଳେ ଦାନବକ୍ସଟି ଭାସି ଯାଇଛି। ଏହା ସହ ମନ୍ଦିରର ଛତି, ଛତ୍ର ସହ ପୂଜା ସାମଗ୍ରୀ ଭାସି ଯାଇଛି। ସୁଅ ମାଡ଼ରେ ମନ୍ଦିର ରୋଷେଇ ଘର ଭାଙ୍ଗି ଯାଇଛି। ଦୀର୍ଘ ୧୪ ଘଣ୍ଟା ବନ୍ୟା ପାଣି ଘେରରେ ମନ୍ଦିରଟି ରହିଥିବା ବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି।



## ବନ୍ୟା ପୀଡ଼ିତଙ୍କୁ ସହଯୋଗ କଲା ମାଁ ମାହେଶ୍ୱରୀ ସେନା

ଶଗଡା, ୬।୭ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ ଆଶ୍ରେଗାଁରେ ଲଗାଣ ବର୍ଷାରେ ମାଟି ଘର ଭାଙ୍ଗି ଯାଇଛି। ବାସହୀନ ହେଇଥିବା ୬ ପରିବାରର ଘର ଭାଙ୍ଗିଥିବା ଖବର ପାଇ ବର୍ଷା ସତ୍ତ୍ୱେ ବର୍ଷାରେ ଭିଜି ଭିଜି ମାଁ ମାହେଶ୍ୱରୀ ସେନା ସହଯୋଗର ହାତ ବଢାଇଛି। ଆଜାଦ୍ କଲତା, ଗଜାନନ ପଧାନ ଏବଂ ଅନ୍ୟମାନେ ଲୋକଙ୍କ ଘରକୁ ଘର ଯାଇ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ତୁରନ୍ତ ଖୁଣ୍ଟିଗୋରା ଆର୍.ଆଇ ଅରୁଣ ନାଏକଙ୍କୁ ଯୋଗାଯୋଗ କରି ୬ ପରିବାରକୁ ରହିବା ପାଇଁ ଜରିପାଲର ବ୍ୟବସ୍ଥା କରିଛନ୍ତି।




## ବୁଡ଼ିଗଲା ବ୍ରଜରାଜନଗର ପୌରାଞ୍ଚଳ



ବ୍ରଜରାଜନଗର, ୬।୭ (ସମିସ): ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ପୌରପାଳିକାର ୪ ନମ୍ବର ୱାର୍ଡ ଏବଂ ୮ ନମ୍ବର ୱାର୍ଡ ଅଧୀନ ଖପରାପଡ଼ା ଅଞ୍ଚଳ ପ୍ରଭାବିତ ହୋଇଛି। ବର୍ଷା ଜଳ ନିଷ୍କାସନ ନ ହୋଇ ପାରିବାରୁ ପ୍ରଭାବିତ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ୪ ନମ୍ବର ୱାର୍ଡର ଗୋପୀବିହାର କଲୋନୀରେ ଥିବା କେତେକ ବାସଗୃହ ଆଂଶିକ ଭାବେ ଜଳମଗ୍ନ ହୋଇଯାଇଛି। ଘର ଭିତରେ ପାଣି ପଶିଯିବା ହେତୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ସୂଚନା ପାଇବା ମାତ୍ରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ସହ ଜରୁରୀକାଳୀନ ସହାୟତା ଯୋଗାଇ ଦେଇଛନ୍ତି। ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇଛି। ଅଞ୍ଚଳର ମୁଖ୍ୟ ନାଳଗୁଡ଼ିକରେ ଜମି ରହିଥିବା ଆବର୍ଜନାକୁ ସଫା କରାଯାଇ ଜଳ ନିଷ୍କାସନ ପଥକୁ ସ୍ୱାଭାବିକ କରାଯାଇଛି। ଏଥିସହିତ ଜଳବନ୍ଦୀ ଯୋଗୁଁ ରୋଷେଇ କରିପାରୁ ନ ଥିବା ଗୋପୀବିହାର କଲୋନୀ ଏବଂ ଆଖପାଖ ଅଞ୍ଚଳର ପ୍ରାୟ ୧୦୦ ଜଣ ପ୍ରଭାବିତ ଲୋକଙ୍କୁ ପୌରପାଳିକା ପକ୍ଷରୁ ମାଗଣାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଅପରପକ୍ଷରେ, ୱାର୍ଡ ନମ୍ବର ୮ ଖପରାପଡ଼ା ଅଞ୍ଚଳରେ ମଧ୍ୟ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ପୌର ପ୍ରଶାସନ ନଜର ରଖିଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ନ ଆସିବା ପର୍ଯ୍ୟନ୍ତ ଏବଂ ଲୋକମାନେ ସ୍ୱାଭାବିକ ଅବସ୍ଥାକୁ ନ ଫେରିବା ଯାଏଁ ଏହି ସହାୟତା ଓ ସଫେଇ କାର୍ଯ୍ୟ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ପୌରପାଳିକାର ସ୍ୱତନ୍ତ୍ର ହେଲ୍ପଲାଇନ ସହ ଯୋଗାଯୋଗ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି।

## କୁରୁମୁଣ୍ଡା ନାଳରେ ୩ଫୁଟର ବନ୍ୟାଜଳ

ଶଗଡା, ୬।୭ (ସମିସ): ବୌଦ୍ଧ ଜିଲ୍ଲା ଶଗଡାଠାରୁ ମନମୁଣ୍ଡା ପୂର୍ତ୍ତ ରାସ୍ତାର କୁରୁମୁଣ୍ଡା ନାଳ ଉପରେ ୩ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଏହା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୪ଦିନ ଧରି ବର୍ଷା ହେବା ଯୋଗୁଁ ନାଳରେ ବନ୍ୟା ପାଣି ପ୍ରବାହିତ ହେଉଛି। ଏହି ନାଳରେ ଗତବର୍ଷ ପ୍ରବଳ ବର୍ଷା ସହ ବନ୍ୟା ପାଣିରେ ଏକ ଟ୍ରାକ୍ଟର ଭାସି ଯାଇଥିଲା। ଗତ ବର୍ଷ ମନମୁଣ୍ଡା-ଶଗଡା ପୂର୍ତ୍ତ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଏହି ପୋଲରେ ନୂତନ ଉଚ୍ଚ ପୋଲ ନିର୍ମାଣ ହୋଇ ପାରିଲା ନାହିଁ। ଅଞ୍ଚଳବାସୀ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗ ଏହାକୁ ଅଣଦେଖା କରି ଆସୁଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଘଣ୍ଟାପଡ଼ା ସମଲେଶ୍ୱରୀ ନାଳ ଉପରେ ୩ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଏହାଫଳରେ ଘଣ୍ଟାପଡା ମାଣ୍ଡିଆଜୋରରୁ କୁଲତାଯୋର, ଫାସେଡ, ବରପଦର ଆଦି ୨ଟି ପଞ୍ଚାୟତର ୨୫ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ବିପଦ ସଙ୍କୁଳ ତେଲ ନଦୀ ସେତୁ



ମନମୁଣ୍ଡା, ୬।୭ (ସମିସ): ମନମୁଣ୍ଡା-ସୋନପୁର ମଧ୍ୟରେ ଥିବା ତେଲ ନଦୀ ସେତୁ ମରଣଯନ୍ତା ପାଲଟିଛି। ସେତୁ ଉପର କଂକ୍ରିଟ ବହୁତ୍ ଜାଗାରେ ଫାଟି ଖାଲ ହୋଇଛି। ଲୁହ ଛଡ ଉପରକୁ ଟେକି ହୋଇ ରହିଛି। ବର୍ଷା ସମୟରେ ଖାଲରେ ପାଣି ଭର୍ତ୍ତି ହେବା ଯୋଗୁ ଲୁହା ଛଡ ଦେଖା ଯାଉନାହିଁ। ଏହାଫଳରେ ଅନେକ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇ କ୍ଷତାକ୍ତ ହେଉଛନ୍ତି। ସେତୁ ବାଡା ଭାଙ୍ଗି ନୂତନ ବାଡା ନିର୍ମାଣ କାମ ଅଧପନ୍ତରିଆ ହୋଇ ପଡ଼ି ରହିଛି। ତାହା ବିପଦ ସୃଷ୍ଟି କରିଛି। ଅନେକ ଟ୍ରକ୍ ବାଡା ଭାଙ୍ଗି ତଳେ ପଡ଼ିଲାଣି। ଏକ ବସ୍ ବାଡା ଭାଙ୍ଗି ଝୁଲି ରହିଥିଲା। ଅନେକ ଲୋକ୍ ବାଇକ୍ ସହ ତଳେ ପଡ଼ି ଗୁରୁତର ହୋଇଛନ୍ତି।

# ଜିଲ୍ଲାପାଳଙ୍କ ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ







କନ୍ଧମାଳ/ଶଗଡା, ୬।୭ (ସମିସ):

ଲଗାଣ ବର୍ଷା ଯୋଗୁଁ ବୌଦ୍ଧ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆଜି କନ୍ଧମାଳ ବ୍ଲକର ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିଥିଲେ। ପ୍ରଥମେ ଜିଲ୍ଲାପାଳ ବାସୁଦେବପାଲି ଗ୍ରାମକୁ ଯାଇ ରାସ୍ତା ଉପରେ ପାଣି ଜମି ରହିଥିବା ଦେଖି ଶୀଘ୍ର ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହିତ ଡ୍ରେନ୍ ନିର୍ମାଣ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମନମୁଣ୍ଡାସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ନିକଟରେ ଜମିଥିବା ପାଣିର ତୁରନ୍ତ ନିଷ୍କାସନ ପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ନୂଆପାଲି ଗ୍ରାମରେ ବର୍ଷା ପ୍ରଭାବରେ କେତେକ କଚ୍ଚା ଘର ଭାଙ୍ଗିଯାଇଥିବାରୁ ସେଠାରେ ଭଗ୍ନାବଶେଷ ସଫା କରିବା ସହ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଶୀଘ୍ର ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ଘଣ୍ଟାପଡ଼ା ଅଞ୍ଚଳର ରେକଡୋଲ ଓ କୁରୁକୁପା ବ୍ରିଜ୍ ପରିଦର୍ଶନ କରିଥିଲେ। ବ୍ରିଜ୍ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ପାଇଁ ବିପଦଜନକ ସ୍ଥିତି ସୃଷ୍ଟି ହୋଇଥିବା ଦେଖି ସମ୍ପୃକ୍ତ ଥାନାର ଆଇଆଇସିମାନଙ୍କୁ ସେଠାରେ ୨୪ ଘଣ୍ଟିଆ ହୋମଗାର୍ଡ ମୁତୟନ କରି ଲୋକଙ୍କୁ ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତରୁ ବାରଣ କରିବା ସହ ବିକଳ୍ପ ରାସ୍ତାର ବ୍ୟବସ୍ଥା କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଜୋଶୀ, ବିଡିଓ ସାମ୍ମୀ ରେଡ଼ି ଜୟଶ୍ରୀଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବର୍ଷାଜନିତ କ୍ଷତିଗ୍ରସ୍ତ ସମସ୍ତ ପରିବାରଙ୍କୁ ଅତିଶୀଘ୍ର ସରକାରୀ ସହାୟତା ପହଞ୍ଚାଇବା ସହ ପ୍ରଭାବିତ ଅଞ୍ଚଳରେ ନିରନ୍ତର ତଦାରଖ ଜାରି ରଖିବାକୁ ସମସ୍ତ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଦିନକୁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର ଆଦି ବିଭିନ୍ନ ଅନୁଷ୍ଠାନକୁ ଦିନକ ପାଇଁ ଜିଲ୍ଲାପାଳ ଛୁଟି ଘୋଷଣା କରିଥିଲେ। ଜିଲ୍ଲାପାଳ ରେକଡୋଲ, ନୂଆପାଲି, କୁରୁକୁପା, ଘଣ୍ଟାପଡ଼ା ଆଦି ବିଭିନ୍ନ ଗାଁ ପରିଦର୍ଶନ କରିଥିଲେ। ରାସ୍ତା, ଡାକ୍ତରଖାନା, ସ୍କୁଲ, ଭାଙ୍ଗିଯାଇଥିବା ଘର, ବନ୍ୟା ଘେରରେ ଥିବା ଗାଁ ବୁଲି ସମୀକ୍ଷା କରିଥିଲେ।





# ଶୁଣ ସରକାର



୮ ଦଫା ଦାବି ପୂରଣ ନହେବା ଓ ୫ ଲକ୍ଷ ଟଙ୍କା ସର୍ଟ ଟେଣ୍ଡର ଉଚ୍ଛେଦ ବିରୋଧରେ ନିଖିଳ ଓଡ଼ିଶା କଣ୍ଟ୍ରାକ୍ଟର ମହାସଂଘର ନିର୍ମାଣ ସୌଧ ସମ୍ମୁଖରେ ଘଣ୍ଟ ବାଡ଼େଇ ବିକ୍ଷୋଭ




ଚାକିରି ବୟସସୀମା କୋହଳ, ଅଫ୍‌ଲାଇନ୍ ପରୀକ୍ଷା ଓ ଅନ୍ୟାନ୍ୟ ଦାବିରେ ମାଷ୍ଟର କ୍ୟାଣ୍ଟିନ ଛକରେ ଡିଷ୍ଟ୍ରିକ୍ଟ କନେଷ୍ଟବଳ /ଓଆଇଏସ୍‌ଏଫ୍ କନେଷ୍ଟବଳ ଆଶାୟୀଙ୍କ ବିକ୍ଷୋଭ

# ସୁଦର୍ଶନ ଦାରୁପୀଠରେ ସ୍ନାନଯାତ୍ରା

ଧଉଳି, ୬।୭(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଗଡ଼କଣ୍ଟୁଣିଆ ସୁଦର୍ଶନ ଦାରୁ ପୀଠରେ ପୁରୀ ଜଗନ୍ନାଥ ମନ୍ଦିରର ନୀତିକନ୍ତି ଅନୁସାରେ ଶ୍ରୀଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିରରେ ପୂଜିତ ନୂତନ ବିଗ୍ରହମାନଙ୍କର ସ୍ନାନ ପୂର୍ଣ୍ଣିମା ଯାତ୍ରା ପାଳିତ ରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ।ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଅଣସର ଗୃହକୁ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦି ଛାଡ଼ି ଗୋଟି ପହଣ୍ଡିରେ ଅଣସରକୁ ବିଜେ କରିଥିଲେ ଦାରୁବିଗ୍ରହ। ପହଣ୍ଡି ସରିବା ପରେ ଚିତା ଓଲାଗି ହୋଇ ଅଣସର ନୀତି ହୋଇଥିଲା। ଏହାପରେ କୋଠ ସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିଥିଲେ।ଶ୍ରୀବିଗ୍ରହ ବା ପ୍ରଭୁଙ୍କ ପ୍ରତିମା ବିଷୟରେ ବ୍ୟାସଦେବକୃତ 'ଶ୍ରୀମଦ୍ ଭାଗବତ'ରେ ଉଲ୍ଲେଖ ଅଛି। ସେଥିରେ ବର୍ଣ୍ଣିତ ଆଠପ୍ରକାରର ପ୍ରତିମା ମଧ୍ୟରୁ 'ଚିତ୍ରପ୍ରତିମା' ଅନ୍ୟତମ। ଏହି ପ୍ରତିମାଙ୍କୁ ପାରମ୍ପରିକ ରୀତିରେ ଶ୍ରୀମନ୍ଦିରର ଚିତ୍ରକାର ସେବକ ଅଙ୍କନ କରିଥାଆନ୍ତି। ଏହି ସମୟରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରା ଆଦି ଦାରୁଦିଅଁମାନଙ୍କର ଗୁପ୍ତସେବା ଚାଲିଥିବାରୁ ସେମାନଙ୍କର ଦର୍ଶନ ନିଷେଧ ଥାଏ। ସେଥିପାଇଁ ଏହି ପଟପ୍ରତିମାଙ୍କଠାରେ ଶ୍ରୀଦାରୁଦିଅଁଙ୍କର ସମସ୍ତ ପୂଜାଅର୍ଚ୍ଚନା କରାଯାଇଥାଏ। ଏହି ତିନି ପଟପ୍ରତିମା ଚତୁର୍ଭୁଜ ରୂପେ ଅଙ୍କିତ ହୋଇଥାଆନ୍ତି। ମନ୍ଦିର ଗୃହର ର ମୁଖ୍ୟ ଦ୍ୱାରରେ ଶ୍ରୀଜଗନ୍ନାଥ ଶ୍ରୀଅନନ୍ତ ନାରାୟଣ ରୂପରେ, ମା' ସୁଭଦ୍ରା ଭୁବନେଶ୍ୱରୀ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ, ଶ୍ରୀସୁଦର୍ଶନ ଶ୍ରୀନାରାୟଣ ପ୍ରତିମାଙ୍କର ଶ୍ରୀହସ୍ତରେ ଚକ୍ରରୂପେ ଅବସ୍ଥିତ ଥାଆନ୍ତି। ମହାଅଣସର ପଟିରେ ପରମ୍ପରା ଅନୁଯାୟୀ ସ୍ଥାନିତ ହୋଇଥିଲେ।ଭକ୍ତମାନେ ବର୍ତ୍ତମାନ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ପଟିଦିଅଁଙ୍କୁ ଦର୍ଶନ କରିବେ।ଏହି ସମୟରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରା ଆଦି ଦାରୁଦିଅଁମାନଙ୍କର ଗୁପ୍ତସେବା ଚାଲିଥିବାରୁ ସେମାନଙ୍କର ଦର୍ଶନ ନିଷେଧ ଥାଏ। ସେଥିପାଇଁ ଏହି ପଟପ୍ରତିମାଙ୍କଠାରେ ଶ୍ରୀଦାରୁଦିଅଁଙ୍କର ସମସ୍ତ ପୂଜାଅର୍ଚ୍ଚନା କରାଯାଇଥାଏ।ଏ ପ୍ରସଙ୍ଗରେ ପ୍ରଶ୍ନ ଉଠେ- ଏହି ପଟିଦିଅଁ ବା ପଟପ୍ରତିମା କ'ଣ ବ୍ରହ୍ମ? ଏହାର ଉତ୍ତର ଅଛି 'ନୀଳାଦ୍ରିମହୋଦୟ'ରେ। ସେଥିରେ କୁହାଯାଇଛି, ଯେତେବେଳେ ଦାରୁବ୍ରହ୍ମ ଅଣସର ଘରେ ରହିଥାଆନ୍ତି, ସେତେବେଳେ ସେଠାରେ ଦାରୁବିଗ୍ରହଙ୍କର ପୂଜା ହୁଏନାହିଁ। କାରଣ, ସେତେବେଳେ ଦାରୁରୂପୀ ଶ୍ରୀଜଗନ୍ନାଥ ପଟକୁ ଆଶ୍ରୟ କରି ରହିଥାଆନ୍ତି। ସେହି ସମୟରେ ପଟବ୍ରହ୍ମ ହିଁ ଦାରୁବ୍ରହ୍ମ ରୂପେ ପୂଜିତ ହୋଇଥାଆନ୍ତି। ଅଣସର ଶେଷରେ ଏହି ପଟବ୍ରହ୍ମଙ୍କର ବିସର୍ଜନ କରାଯାଏ ଏବଂ ଦାରୁବିଗ୍ରହମାନେ ଦାରୁବ୍ରହ୍ମ ଭାବରେ ନବଯୌବନରେ ଦର୍ଶନ ଦେଇଥାଆନ୍ତି। ମନ୍ଦିରର ମୁଖ୍ୟ ପଣ୍ଡା ବଳରାମ ମିଶ୍ର ଙ୍କ ତତ୍ତ୍ୱାବଧାନରେ ୬ଜଣ ପଣ୍ଡାଙ୍କ ଦ୍ୱାରା ଅଣସର ନୀତି ଚାଲିଛି। ବର୍ତ୍ତମାନ ବିଭିନ୍ନ ଫଳ ଭୋଗ ଲାଗି ହେଉଥିବା ବେଳେ ଫୁଲୁରି ତେଲ ସେବା ଯୋଗାଇ ଦେଉଛନ୍ତି ପଣ୍ଡା ସେବକ ମାନେ। କାରଣ ଜ୍ୱର ରୁ ଉପଶମ ପାଇଁ।



ଇତି ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ମହାପ୍ରଭୁ ରଥଯେମା ସ୍ଥିତ ମା ଭଗବତୀ ମନ୍ଦିର ( ମାଉସୀ ମା ମନ୍ଦିର) ରେ କିପରି ନଅ ଦିନ ଧରି ରହିବେ। କିପରି ସୁଚାର ରୂପେ ସମସ୍ତ ନିତିକାନ୍ତି ହେବ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାହୁ, ଚକ୍ରାଧର ନାୟକ, ବିକ୍ରମ କେଶରୀ ମହାନ୍ତି, ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ, କପିଳ ମହାରଣା, ସନ୍ତୋଷ ସାହୁ, ଶୁବାସ ମହାରଣା, ସୁରେଶ ମହାରଣା, ହରେକୃଷ୍ଣ ମହାରଣା ପ୍ରମୁଖ କର୍ମକର୍ତ୍ତା ଉକ୍ତ ବୈଠକରେ ଉଭୟ ମନ୍ଦିର ଯୋଗ ଦିଇଥିଲେ।

## ପାଣି ଘେରରେ ଶହେ ପରିବାର

ଯାଁଳା, ୬।୭(ସମିସ): ସମିସ ଲଗାଣ ବର୍ଷାରେ ରାଜଧାନୀ ଉପକଣ୍ଠ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାଁଳା ଓ ମଦନପୁର ପଞ୍ଚାୟତର କିଛି ତଳି ଅଞ୍ଚଳର ଦୁଇ ଦିନ ଲଗାଣ ବର୍ଷା ଫଳରେ ଗତକାଲି ଠାରୁ ପ୍ରାୟ ଶହେ ପରିବାର ଏବେ ଜଳ ଘେରରେ ଅଛନ୍ତି। ରାଜପଥରେ ଥିବା କଲଭଟରେ ପାଣି କଟି ପାରୁନଥିବାରୁ ଏଭଳି ଅସୁବିଧା ସୃଷ୍ଟି ହୋଇଛି।


ଗତ ଦୁଇ ଦିନ ତଳେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିଲା।ପ୍ରବଳ ବର୍ଷା ପ୍ରଭାବରେ ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିଲା। ଯାଁଳା ଓ ମଦନପୁର ଖାଲୁଆ ଅଞ୍ଚଳରେ ଥିବା ପାଣି ଜମି ହରିବା ଯୋଗୁଁ ବହୁ ପରିବାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ସହ ଡେରାସ ବନ୍ଧ ପାଣି ଯାଁଳା ଗହିର ଦେଇ ପ୍ରବାହିତ ହୁଏ। ତେଣୁ ଡେରାସ ପାଣି ପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଜଳ ପତନ ବଢ଼ିଥିଲା।ଗତକାଲି ଉକ୍ତ ଅଞ୍ଚଳର ରାସ୍ତାରେ ପ୍ରାୟ ୩/୪ ଫୁଟ ପାଣି ଚାଲିଥିଲା। କିନ୍ତୁ ଆଜି ରାସ୍ତାରୁ ପାଣି ପାୟ ଦୁଇ ଫୁଟ କମିଥିଲେ ମଧ୍ୟ ଏବେବି ରାସ୍ତାରେ ପ୍ରାୟ ଫୁଟେ ପାଣି ପ୍ରବାହିତ ହେଉଛି। ଲୋକଙ୍କ ଘର ଭିତରେ ମଧ୍ୟ ୩/୪ ଫୁଟ ପସିଯିବା ଦ୍ୱାରା ଗାଡି ଅନ୍ୟାନ୍ୟ ବୈଦୁତିକ ସାମଗ୍ରି ବୁଡି ଯାଇଥିଲା। ଫଳରେ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ଶିକାର ହୋଇଛନ୍ତି। ପାଣି ଛାଡିବା ବିଳମ୍ବ ହେଲେ ଉକ୍ତ ଅଞ୍ଚଳରେ ଡାଇରିଆ ଓ ମେଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି କରିଛି।

## ଜୟନ୍ତୀରେ ଡ. ଶ୍ୟାମାପ୍ରସାଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୬।୭(ସମିସ): ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସତ୍‌ସଙ୍ଗ ବିହାରସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅସୁସ୍ଥ ନବଜାତକଙ୍କୁ ନୂଆ ଜୀବନ ଦେଲେ ସମ୍ ଡାକ୍ତର



ଭୁବନେଶ୍ୱର, ୬।୭(ସମିସ): ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରମାନେ ମାତ୍ର ୨୪ ସପ୍ତାହରେ ଜନ୍ମ ହୋଇଥିବା ଗୋଟିଏ ଅସୁସ୍ଥ ଏବଂ ଅପରିପକ୍ୱ ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି। ଅନ୍ୟ ଏକ ହସ୍ପିଟାଲରେ ଜନ୍ମିତ ଶିଶୁଟିର ଓଜନ ୬୩୦ ଗ୍ରାମ ଥିବା ସହ ଶିଶୁଟିକୁ ଗୁରୁତର ଅବସ୍ଥାରେ ସମ୍ ହସ୍ପିଟାଲର ଭର୍ତ୍ତି କରାଯାଇଥିଲା। ଏଭଳି ଅତ୍ୟନ୍ତ ଅପରିପକ୍ୱ ଶିଶୁଙ୍କ କ୍ଷେତ୍ରରେ ବଞ୍ଚିବାର ସମ୍ଭାବନା ସାଧାରଣତଃ କମ୍ ଥିବାରୁ ଶିଶୁଟିକୁ ଇନଭେସିଭ୍ ମେକାନିକାଲ୍ ଭେଣ୍ଟିଲେସନ୍ ଓ ପରବର୍ତ୍ତୀ ସମୟରେ ନନ୍- ଇନଭେସିଭ୍ ଭେଣ୍ଟିଲେସନ୍ (ଏନ୍‌ଆଇଭି), ସିପିଏପି ଏବଂ ପାରେନ୍‌ଟେରାଲ୍ ନ୍ୟୁଟ୍ରିସନ୍ ଭଳି ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ନବଜାତ ଶିଶୁରୋଗ ବିଭାଗର ସମସ୍ତ ଡାକ୍ତର ଓ ନର୍ସମାନଙ୍କର ସମନ୍ୱିତ ପ୍ରୟାସ ଏହି ସଫଳତାର ମୂଳ କାରଣ ବୋଲି ବିଭାଗର ମୁଖ୍ୟ ଡ. ଦେବାଶିଷ ନନ୍ଦ କହିଛନ୍ତି।

## ଅଷ୍ଟମ କେନ୍ଦ୍ରୀୟ ବେତନ କମିସନଙ୍କ ନିକଟରେ କନଫେଡେରେସନର ଦାବିପତ୍ର



ଭୁବନେଶ୍ୱର, ୬।୭(ସମିସ): ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନଙ୍କ ଆଲୋଚନା ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ (କନଫେଡେରେସନ୍ ଅଫ୍ ସେଣ୍ଟ୍ରାଲ୍ ଗଭର୍ଣ୍ଣମେଣ୍ଟ ଏମ୍ପ୍ଲୟିଜ୍ ଆଣ୍ଡ ୱାର୍କର୍ସ), ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସଂଘର ସାଧାରଣ ସମ୍ପାଦକ ବୃହସ୍ପତି ସାମଲ ଜାତୀୟ ପରିଷଦ (ଜେସିଏମ୍) ର କର୍ମଚାରୀ ପକ୍ଷରୁ ଦାଖଲ ହୋଇଥିବା ସମସ୍ତ ଦାବିକୁ ସମର୍ଥନ କରିବା ସହ କର୍ମଚାରୀ ଓ ପେନସନ୍‌ଭୋଗୀଙ୍କ ପାଇଁ ନ୍ୟାୟସଙ୍ଗତ, ପ୍ରଗତିଶୀଳ ଓ ଆବଶ୍ୟକତାଭିତ୍ତିକ ବେତନ ବ୍ୟବସ୍ଥା ସୁପାରିଶ କରିବାକୁ କମିଶନଙ୍କୁ ଅନୁରୋଧ କରିଥିଲେ। ପରିବାରର ସଂଜ୍ଞାକୁ ୩ଟି ଉପଭୋକ୍ତା ୟୁନିଟ୍ ପରିବର୍ତ୍ତେ ନିର୍ଭରଶୀଳ ବୃଦ୍ଧ ପିତାମାତାଙ୍କୁ ସାମିଲ କରି ୫ଟି ଉପଭୋକ୍ତା ୟୁନିଟ୍ କରାଯିବା, ସର୍ବନିମ୍ନ ମାସିକ ବେତନ ୧, ୧୫, ୦୦୦ ଟଙ୍କା, ବାର୍ଷିକ ବେତନ ବୃଦ୍ଧିକୁ ୩ ପ୍ରତିଶତରୁ ୬ ପ୍ରତିଶତକୁ ବୃଦ୍ଧି, ଏକ୍ସ, ୱାଇ ଓ ଜେଡ୍ ଶ୍ରେଣୀର ସହର ପାଇଁ ଗୃହଭଡ଼ା ଭତ୍ତା କ୍ରମଶଃ ୪୦, ୩୫ ଓ ୩୦ ପ୍ରତିଶତ କରିବା, ଓଡ଼ିଶାର ସାଂସ୍କୃତିକ ସ୍ୱାତନ୍ତ୍ର୍ୟକୁ ସମ୍ମାନ ଜଣାଇ ତିନୋଟି ଜାତୀୟ ଛୁଟି ବ୍ୟତୀତ ଅନ୍ୟ ସମସ୍ତ ଛୁଟି ନିର୍ଦ୍ଧାରଣର କ୍ଷମତା ରାଜ୍ୟସ୍ତରୀୟ କେନ୍ଦ୍ର ସରକାରୀ କର୍ମଚାରୀ କଲ୍ୟାଣ କମିଟିକୁ ପ୍ରଦାନ କରିବା ଆଦି ଦାବି କରିଛି ସଂଘ। ପେନସନଭୋଗୀଙ୍କ ପକ୍ଷରୁ ଅଲ୍ ଇଣ୍ଡିଆ ପୋଷ୍ଟାଲ୍ ଆଣ୍ଡ ଆରଏମଏସ ପେନସନର୍ସ ଆସୋସିଏସନ୍, ଓଡ଼ିଶାର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଧଳଙ୍କ ସମେତ ଏହି ବୈଠକରେ ବିଭିନ୍ନ ସଂଘ, ଫେଡେରେସନ ଓ ପେନସନର୍ସ ସଂଗଠନର ପ୍ରତିନିଧିମାନେ କମିଶନଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ।

## ରଥଯାତ୍ରାରେ ଦୃଷ୍ଟିବାଧିତ ପିଲାଙ୍କ ଦ୍ୱାରା ପରିବେଷିତ ହେବ ଭଜନ ଓ କଥାମୃତ

ଭୁବନେଶ୍ୱର, ୬।୭(ସମିସ):ପବିତ୍ର ରଥଯାତ୍ରା ଅବସରରେ ଦୃଷ୍ଟିବାଧିତ ଶିଶୁମାନେ ପରିବେଷଣ କରିବେ ଭଜନ ଓ କଥାମୃତ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆର ସଭାପତି ଡ. ନାରାୟଣ ମହାପାତ୍ର ଏବଂ ଓଡ଼ିଶା ସର୍ଭିସ ସେଣ୍ଟର ଫର ଦି ଦିବ୍ୟାଙ୍ଗ ପିପୁଲର ସଭାପତି ଭବାନୀ ଶଙ୍କର ପାଢ଼ୀଙ୍କ ମିଳିତ ସହଯୋଗରେ ପରିବେଷିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅଧୀନରେ ଚଳିତ ବର୍ଷ ସ୍ନାନଯାତ୍ରାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଭକ୍ତି ସଙ୍ଗୀତ ଓ ଆଲୋଚନାଚକ୍ରର ଆୟୋଜନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ବିଜୟ ମୋହନ ପଣ୍ଡା, ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ଆଡ୍‌ଭୋକେଟ୍ ମାନସ ଓ ସମାଜସେବୀ ଶିଶିର ପାଇବେ 'ଗଙ୍ଗାଧର ମହାପାତ୍ର ସମ୍ମାନ'





ଭୁବନେଶ୍ୱର, ୬।୭(ସମିସ): ବରିଷ୍ଠ ଓକିଲ ମାନସ ମହାପାତ୍ର ଓ ସମାଜସେବୀ ଶିଶିର ନାୟକଙ୍କୁ 'ଗଙ୍ଗାଧର ମହାପାତ୍ର ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ୧୪ ତାରିଖରେ ବୁଦ୍ଧମନ୍ଦିର ସ୍ୱର୍ଗତ ମହାପାତ୍ରଙ୍କ ଜନ୍ମଉତ୍ସବରେ ପ୍ରଦାନ ଏହି ସମ୍ମାନ କରାଯିବ ବୋଲି ଆୟୋଜିତ ବୈଠକରେ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ଏହି ବୈଠକରେ ଟ୍ରଷ୍ଟି ଡ. ବୁଦ୍ଧଦେବ ମିଶ୍ର, ସୀତାବଲ୍ଲଭ ମହାପାତ୍ର, ପୁଷ୍ପରାଜ ପ୍ରଧାନ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି, ଶ୍ୟାମାବଲ୍ଲଭ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ଦ୍ୱାରା ବନ ମହୋତ୍ସବ




ଭୁବନେଶ୍ୱର, ୬।୭(ସମିସ): ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ଆନୁକୂଲ୍ୟରେ ଛତାବରସ୍ଥିତ ମହାତ୍ମାଗାନ୍ଧୀ କାରାଗାର ଏବଂ ସଂସ୍କାର ଏକାଡେମୀ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। କ୍ଲବର ସଭାପତି ରଘୁନାଥ ପୃଷ୍ଟିଙ୍କ ନେତୃତ୍ୱ ତଥା ସମ୍ପାଦକ ମନମୋହନ ମିଶ୍ର ଓ କୋଷାଧ୍ୟକ୍ଷ କୀର୍ତ୍ତିବର୍ଦ୍ଧନ ଭୂୟାଁଙ୍କର ପ୍ରଚେଷ୍ଟାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲାୟନ ସଦସ୍ୟ ଓ ସଦସ୍ୟାମାନେ ଆମ୍ବ, ପିଜୁଳି, ସପେଟା, ଲିଚୁ, ଜାମୁରୋଳ ଓ ଗୋଲାବଜାମୁ ଆଦି ଫଳ ଚାରା ରୋପଣ କରିଥିଲେ। ଏକାଡେମୀର ଉପ ନିର୍ଦ୍ଦେଶିକା ଉର୍ମିଳା ମିଞ୍ଜ ଓ ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ଜେନାଙ୍କ ତଥା ଅନ୍ୟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲାୟନ୍ସ କ୍ଲବର ସର୍ଭିସ କମିଟି ଅଧ୍ୟକ୍ଷା ଗାୟତ୍ରୀ ମିଶ୍ର, ଲାୟନ ଜିଲ୍ଲାର ପ୍ରାକ୍ତନ ଜିଇଟି ସଂଯୋଜକ ମନୋରଞ୍ଜନ ଭୂୟାଁ, ପୂର୍ବତନ ସଭାପତିବୃନ୍ଦ ଅଭୟ କୁମାର ମହାପାତ୍ର, ବାନାମ୍ବର ସାହୁ ଓ ପୂର୍ବତନ ସମ୍ପାଦକ ବିଚିତ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରମେଶ ଚନ୍ଦ୍ର ଦାଶଙ୍କୁ 'ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ'

ଭୁବନେଶ୍ୱର,୬।୭(ସମିସ): ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷକ ରମେଶ ଚନ୍ଦ୍ର ଦାଶଙ୍କୁ 'ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବୃତ୍ତିରେ ଜଣେ ଶିକ୍ଷକ ହୋଇଥିବା ବେଳେ ନିଜ ଅଞ୍ଚଳର ପ୍ରାୟ ୩୦ ଖଣ୍ଡ ଗ୍ରାମରେ ମହାପ୍ରଭୁଙ୍କ ସଂସ୍କୃତିର ବାର୍ତ୍ତା ପହଞ୍ଚାଇବା ସହ ଏପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୩୦୦୦ରୁ ଊର୍ଦ୍ଧ୍ୱ ଥର 'ଶ୍ରୀ ଜଗନ୍ନାଥ କଥାମୃତ' କାର୍ଯ୍ୟକ୍ରମ ସଫଳତାର ସହ କରିସାରିଛନ୍ତି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ପାଇଁ ସେ ସଂକଳ୍ପବଦ୍ଧ। ତାଙ୍କର ଏହି ଅନନ୍ୟ ଓ ନିଷ୍ଠାପର ପ୍ରୟାସକୁ ସ୍ୱୀକୃତି ଦେଇ ସଂସ୍ଥାନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ସଂସ୍ଥାନ ପକ୍ଷରୁ ଡ. ନାରାୟଣ ମହାପାତ୍ର ଏହି ସୂଚନା ପ୍ରଦାନ କରିଛନ୍ତି।

# ଦେଶରେ ଶ୍ରେଷ୍ଠ ୧୦ ମେଡିକାଲ କଲେଜ ମଧ୍ୟରେ ଭୁବନେଶ୍ୱର ଏମ୍‌ସ

## ଇଣ୍ଡିଆ ଟୁଡେ ସର୍ଭେରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ଉନ୍ନୀତ ମେଡିକାଲ କଲେଜ

ଭୁବନେଶ୍ୱର, ୬।୭ (ସମିସ): ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍‌ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୬ରେ ସମଗ୍ର ଦେଶରେ ଦଶମ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ଉନ୍ନତ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି।



ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇଣ୍ଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି। ଏହି ଅବସରରେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।' ୨୦୨୧ରେ ଏହି ସର୍ଭେରେ ଏମ୍‌ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୬ ରେ ଏହି ସୂଚୀରେ ୧୦ମ ସ୍ଥାନକୁ ଉନ୍ନୀତ ହେବା ଏମ୍‌ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା,

ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ସୌଭାଗ୍ୟ କୁମାର ଜେନା, ଡ. ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶିତ

**ରାଉରକେଲା, ୬।୭ (ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ଚିଠା ଭୋଟର ତାଲିକା ରବିବାର ପ୍ରକାଶ ପାଇଛି। ଜିଲ୍ଲାପାଳ ସୁନ୍ଦରଗଡ଼ ଡା. ଶୁଭଙ୍କର ମହାପାତ୍ର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏହି ତାଲିକାକୁ ପ୍ରକାଶ କରିଥିଲେ। ଏହା ସହିତ ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ରରେ ମଧ୍ୟ ଏହି ତାଲିକା ପ୍ରକାଶ କରାଯାଇଛି।

ସେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ୫ ଜୁଲାଇ ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାରେ ମୋଟ ୧୪, ୬୪, ୫୪୭ ଜଣ ଭୋଟରଙ୍କ ମଧ୍ୟରୁ ୧୩, ୭୯, ୮୫୫ ଜଣ ଭୋଟର ସେମାନଙ୍କର ପରିଗଣନା ଫର୍ମ ଦାଖଲ କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ୭ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୩୭ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୧୭ ଜଣ ଅତିରିକ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୧୮୪୭ଟି ମତଦାନ କେନ୍ଦ୍ରରେ ନିୟୋଜିତ ୧୮୪୭ ଜଣ ବୁଥ୍ ସ୍ତରୀୟ ଅଧିକାରୀ ସାମିଲ ଥିଲେ। ସେମାନଙ୍କୁ ୩୧୭୮ ଜଣ ସ୍ୱେଚ୍ଛାସେବୀ ସହାୟତା ପ୍ରଦାନ କରିଥିଲେ।

ଏଥିସହ ୬ଟି ରାଜନୈତିକ ଦଳର ଜିଲ୍ଲା ସଭାପତି ଓ କ୍ଷେତ୍ର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ଦ୍ୱାରା ପ୍ରାୟ ୩୨୮୮ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ ହୋଇଥିଲେ।

ଜିଲ୍ଲାପାଳ ଆହୁରି କହିଥିଲେ ଯେ, ୫ ଜୁଲାଇରୁ



୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅବଧି ମଧ୍ୟରେ ଯେକୌଣସି ଭୋଟର କିମ୍ବା ରାଜନୈତିକ ଦଳ ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିବା କିମ୍ବା ଅଯୋଗ୍ୟ ନାମ ବାଦ ଦେବା ପାଇଁ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବସରରେ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ ମଧ୍ୟ ଆୟୋଜିତ ହୋଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଇଆରଓ, ଏଇଆରଓ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଉପଜିଲ୍ଲାପାଳ ସଦର ତେଜସ୍ୱିନୀ ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଭାରତୀୟ ଜନତା ପାର୍ଟିର ଭେଷଜ ରଥ, ବିଜୁ ଜନତା ଦଳର ଜୟ ନାରାୟଣ ତ୍ରିପାଠୀ ଓ ସଞ୍ଜୟ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସର ଅଜିତ ପ୍ରସାଦ ଓ ପାର୍ଶ୍ୱ ସରାଫ ଏବଂ ଆମ ଆଦମୀ ପାର୍ଟିର ରାଧାରମଣ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

ଏହା ବ୍ୟତୀତ, ରାଉରକେଲା ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀର ରାଜନୈତିକ ଦଳମାନଙ୍କ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଉରକେଲା ମହାନଗର ନିଗମର ଯୁଗ୍ମ କମିଶନର ପଲ୍ଲବୀ ନାୟକ ଅଧ୍ୟକ୍ଷତା କରିଥିଲେ। ରାଉରକେଲା ମହାନଗର ନିଗମର ଉପାୟୁକ୍ତ ଅନିତା ନାୟକ, ତହସିଲଦାର ସଲମା ମାଝୀ, ସହାୟକ ଜିଲ୍ଲାପାଳ ହରେକୃଷ୍ଣ ସାହୁ, ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା, ଭାରତୀୟ ଜନତା ପାର୍ଟିର ଅକ୍ଷୟ କୁମାର ଦାସ ଓ ଅଜୟ କୁମାର କଂସାରି, ବିଜୁ ଜନତା ଦଳର ରମାକାନ୍ତ ରଥ, ଏବଂ ଆମ ଆଦମୀ ପାର୍ଟିର ଏଫ ଖାନ୍ ଓ ଆକାଶ କୁମାର ନାୟକ, ବି ଏସ ପି ରଞ୍ଜନ କୁମାର ତନ୍ତୀ, ସିପିଆଇଏମ୍ ଶ୍ରୀମନ୍ତ ବେହେରା ଓ ରାଜ କିଶୋର ପ୍ରଧାନ, ଭାରତୀୟ ଜାତୀୟ କଂଗ୍ରେସର ସୁଭାଷ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

### ଚିଠା ଭୋଟର ତାଲିକା ପ୍ରକାଶିତ

## ବଣାଇ ଉପଖଣ୍ଡରେ ୯, ୩୪୨ ଭୋଟରଙ୍କ ନାମ ବାଦ୍

**ବଣାଇ, ୬।୭ (ସମିସ):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ବଣାଇ ଉପଖଣ୍ଡର ଚିଠା ଭୋଟର ତାଲିକା୨୦୨୬ ରବିବାର ଉପ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପ୍ରକାଶ ପାଇଛି। ଏହି ଅବସରରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ



**ବର୍ତ୍ତମାନ ମୋଟ ଭୋଟର ୨, ୧୭, ୮୦୨**

ପାତ୍ର ଉପସ୍ଥିତ ଥିଲେ। ଚିଠା ଭୋଟର ତାଲିକା ପ୍ରକାଶ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ହେମନ୍ତ କୁମାର ସାହୁ, ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଓ ରୋହିତାଶ୍ୱ ମିଶ୍ର, କଂଗ୍ରେସ ପକ୍ଷରୁ ରୁଦ୍ର ଚରଣ ସାହୁ ଏବଂ ସିପିଆଇ(ଏମ) ପକ୍ଷରୁ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ ଉପସ୍ଥିତ ରହି ତାଲିକା ଗ୍ରହଣ କରିଥିଲେ।

ପ୍ରକାଶିତ ତଥ୍ୟ ଅନୁସାରେ ପୂର୍ବରୁ ମୋଟ ଭୋଟର ସଂଖ୍ୟା ୨, ୨୭, ୧୪୪ ଥିବାବେଳେ ସତ୍ୟାପନ ପରେ ୯, ୩୪୨ ଜଣଙ୍କ ନାମ ବିଭିନ୍ନ କାରଣରୁ ବାଦ ଦିଆଯାଇଛି। ଫଳରେ ବର୍ତ୍ତମାନ ଚିଠା ଭୋଟର ତାଲିକାରେ ମୋଟ ଭୋଟର ସଂଖ୍ୟା ୨, ୧୭, ୮୦୨ ରହିଛି।

ନିର୍ବାଚନ ବିଭାଗ ପକ୍ଷରୁ ପ୍ରକାଶିତ ବିବରଣୀ ଅନୁଯାୟୀ ବାଦ ପଡ଼ିଥିବା ୯, ୩୪୨ ଜଣଙ୍କ ମଧ୍ୟରୁ ୫, ୪୨୬ ଜଣଙ୍କ ମୃତ୍ୟୁ ଘଟିଥିବା, ୩୨୧ ଜଣ ଅନୁପସ୍ଥିତ କିମ୍ବା ଖୋଜ ମିଳିନଥିବା, ୨, ୯୩୮ ଜଣ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା, ୫୭୫ ଜଣ ଅନ୍ୟ ସ୍ଥାନରେ ପୂର୍ବରୁ ନାମ ପଞ୍ଜୀକୃତ କରିଥିବା ଏବଂ ୮୨ ଜଣଙ୍କ ନାମ ଅନ୍ୟାନ୍ୟ କାରଣରୁ ବାଦ ଦିଆଯାଇଛି।

ଉପ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଶ୍ରୀ ଦାସ ସୂଚନା ଦେଇ କହିଥିଲେ ଯେ, ଚିଠା ଭୋଟର ତାଲିକା ସମ୍ପର୍କରେ କୌଣସି ଆପତ୍ତି, ସଂଶୋଧନ କିମ୍ବା ନୂତନ ନାମ ଅନ୍ତର୍ଭୁକ୍ତ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ କିମ୍ବା ନିର୍ବାଚନ କାର୍ଯ୍ୟାଳୟରେ ଆବେଦନ କରାଯାଇପାରିବ। ନିୟମ ଅନୁଯାୟୀ ଦାବି ଓ ଆପତ୍ତିର ସମାଧାନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

## କୋଏଲ ନଦୀରେ ବୁଡ଼ି ଯୁବକ ମୃତ

**ରାଉରକେଲା, ୬।୭ (ସମିସ):** ରାଉରକେଲାର କୋଏଲ ନଦୀରେ ଗାଧୋଉଥିବା ବେଳେ ଜଣେ ଯୁବକ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ସେକ୍ଟର-୧୯ ଆଜାଦ ବସ୍ତିର ବାସିନ୍ଦା ମହମ୍ମଦ ଆସିଫ ଅହମ୍ମଦ। ସୋମବାର ତାଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ରବିବାର ଅପରାହ୍ନରେ ଆସିଫ ତାଙ୍କର ଦୁଇରୁ ତିନି ଜଣ ସାଙ୍ଗଙ୍କ ସହ କୋଏଲ ନଦୀକୁ ଗାଧୋଇବା ଯାଇଥିଲେ। ଲଗାଣ ବର୍ଷା ଯୋଗୁଁ ନଦୀରେ ପ୍ରବଳ ସ୍ରୋତ ଥିବାରୁ ସେ ଭାସି ଯାଇଥିଲେ।

ସାଙ୍ଗମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ ପହଞ୍ଚିଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ବି ସନ୍ଧାନ ମିଳିନଥିଲା। ସୋମବାର ପୁଣିଥରେ ଖୋଜି ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ରାଉରକେଲା ପଠାଯାଇଥିଲା।

## ପ୍ରକୃତି ବଞ୍ଚାଅ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୬।୭ (ସମିସ):** ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ମାରୱାଡ଼ି ଯୁବ ମଞ୍ଚ, ଜାଗୃତି ଶାଖା ପକ୍ଷରୁ 'ବୀଜ ବଲ୍ ତିଆରି' ଓ ପ୍ରକୃତି ବଞ୍ଚାଅ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ପୂର୍ବତନ ସଭାପତି ଅନାମିକା ମିତ୍ତଲ, ସଭାପତି ପ୍ରଜ୍ଞା ଅଗ୍ରୱାଲ, ସମ୍ପାଦିକା କଞ୍ଚନ ଅଗ୍ରୱାଲ, ସଦସ୍ୟା ଜ୍ୟୋତି ସିଂଘଲ, ପୂଜା ଡୋଡ୍ରାଜକେ, ଶ୍ରଦ୍ଧା ଡୋଡ୍ରାଜକେ, ରୋନକ ଅଗ୍ରୱାଲ, ରୂପା ଅଗ୍ରୱାଲ, ଗୁଡ଼ି ଅଗ୍ରୱାଲ, ରୁଚିକା ତୁଳସୀୟାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିଶୁ, ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ସଭାପତି ଭବାନୀ ଶଙ୍କର ଚାନ୍ଦେଲ, ଉପସଭାପତି ଚନ୍ଦନ ଲାଲ ଅଗ୍ରୱାଲ ଓ ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ରଙ୍କୁ ମାରୱାଡି ଯୁବ ମଞ୍ଚ, ଜାଗୃତି ଶାଖା ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେ ବିଦ୍ୟାଳୟରେ ଏକ 'ୱାଟର କୁଲର' ସ୍ଥାପନ କରି ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ଡଲି ସାହୁ ଧନ୍ୟବାଦ ଅର୍ପଣ କରି କରିଥିଲେ।



## ଦୁର୍ଘଟଣାରେ ଯୁବ ଶ୍ରମିକଙ୍କ ମୃତ୍ୟୁ

**ରାଉରକେଲା, ୬।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟ ସେଣ୍ଟର (ଆଇଡିସି) ଅଞ୍ଚଳରେ ସୋମବାର ସକାଳେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ଘଟିଛି। କୋକା-କୋଲା କାରଖାନା ସମ୍ମୁଖରେ ଘଟିଥିବା ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ନେଇ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ସମୟରେ ଏକ ଟାଟା ଏସ୍ ମିନି ଟ୍ରକ୍ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସି ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଚାଳକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ମୃତକ ଜଣକ ଆଇଡିସି ଅଞ୍ଚଳର ଏକ ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ସେ ଡ୍ୟୁଟି ଶେଷ କରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାଯିବା ସୁଦ୍ଧା ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦାମାନେ ରାସ୍ତା କଡ଼ରେ ଭାରୀ ଯାନବାହନର ବେଆଇନ ପାର୍କିଂ ଏବଂ ଟ୍ରାଫିକ୍ ନିୟମର ବାରମ୍ବାର ଉଲ୍ଲଂଘନକୁ ଏଭଳି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ଦର୍ଶାଇ ହୋହଲ୍ଲା କରିଥିଲେ। ବ୍ରାହ୍ମଣୀତରଙ୍ଗ ପୁଲିସ ଦୁର୍ଘଟଣା ଘଟାଇଥିବା ସମ୍ପୃକ୍ତ ଟାଟା ଏସ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବନ୍ଧମୁଣ୍ଡା ଅଞ୍ଚଳରୁ ୨ ଚୋରା ବନ୍ଧୁକ ଜବତ; ଜଣେ ଗିରଫ

### ଝାଡ଼ଖଣ୍ଡକୁ ବନ୍ଧୁକ ଚୋରାଚାଲାଣ ଲିଙ୍କର ତଦନ୍ତ ଆରମ୍ଭ

**ରାଉରକେଲା, ୬।୭ (ସମିସ):** ବେଆଇନ ବନ୍ଧୁକ କାରବାର ବିରୋଧରେ ଚାଲିଥିବା ଅଭିଯାନରେ ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ବଣ୍ଡାମୁଣ୍ଡା ପୁଲିସକୁ ମିଳିଛି ବଡ଼ ସଫଳତା। ପୁଲିସ ଦୁଇଟି ଚୋରା ଦେଶୀ ବନ୍ଧୁକ ଜବତ କରିବା ସହ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଣ୍ଡାମୁଣ୍ଡା ସେକ୍ଟର-ସି ଅଞ୍ଚଳର ମହମ୍ମଦ ସମସେର (୫୨)। ଏହା ପଛରେ କାର୍ଯ୍ୟ କରୁଥିବା ଏକ ଆନ୍ତଃରାଜ୍ୟ ବନ୍ଧୁକ ଚୋରାଚାଲାଣ ରାକେଟ୍‌ର ସମ୍ଭାବ୍ୟ ଲିଙ୍କ୍ ରହିଥିବା ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ନିର୍ଭରଯୋଗ୍ୟ ସୂଚନା ଆଧାରରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବନ୍ଧମୁଣ୍ଡା ପୁଲିସ ପ୍ରେମନଗର ଛକରେ ଚଢ଼ଉ କରି ମହମ୍ମଦ ସମସେରକୁ କାବୁ କରିଥିଲା। ତାଙ୍କ ନିକଟରୁ ଗୋଟିଏ ଦେଶୀ ରିଭଲଭର ଓ ଗୋଟିଏ ଦେଶୀ ଏକନଳିଆ ପିସ୍ତଲ ଜବତ କରିଥିଲା। ବଣ୍ଡାମୁଣ୍ଡା ଥାନା ଅଧିକାରୀ ରଞ୍ଜନ କୁମାର ନାୟକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଝାଡ଼ଖଣ୍ଡରୁ ଏହି ଅସ୍ତ୍ର ଆଣି ରାଉରକେଲା ଅଞ୍ଚଳରେ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି।

ବଣ୍ଡାମୁଣ୍ଡା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ଜିତେନ୍ଦ୍ର ସେଠୀ ଏ ନେଇ ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚଢ଼ଉରେ ବଣ୍ଡାମୁଣ୍ଡା ଥାନା ଆଇଆଇସି ରଞ୍ଜନ କୁମାର ନାୟକଙ୍କ ସହ ଏସ୍‌ଆଇ ଅର୍ଜୁନ ସେଠୀ, ଏସ୍‌ଆଇ କାଦମ୍ବରୀ ସିଂହ, ଏଏସ୍‌ଆଇ ସଞ୍ଜିତା ସାମଲ ଓ ବଣ୍ଡାମୁଣ୍ଡା ଥାନାର ଅନ୍ୟ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

## ୪୦ ଫୁଟ ତଳକୁ ଖସିଲା ଟ୍ରକ୍

**ବଣାଇ, ୬।୭ (ସମିସ):** ବଣାଇ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ଫୁଲଝରକେନ୍ଦୁଝରର ରାସ୍ତାର ଏକ ବିପଜ୍ଜନକ ଟର୍ଣ୍ଣିଂରେ ରବିବାର ଭାରସାମ୍ୟ ହରାଇ ଏକ ଟ୍ରକ୍ ପ୍ରାୟ ୪୦ ଫୁଟ ତଳକୁ ଖସିପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ଟ୍ରକର ଚାଳକ ଓ ହେଲ୍ପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟ୍ରକ୍‌ଟି ଫୁଲଝର ପଟୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଏକ ତୀବ୍ର ବୁଲାଣିରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଟ୍ରକ୍‌ଟି ରାସ୍ତାରୁ ଖସି ପ୍ରାୟ ୪୦ ଫୁଟ ତଳକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଟ୍ରକର ସାମ୍ନା ଅଂଶ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ଓ ହେଲ୍ପର ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବର୍ଷା ପରେ ଅଞ୍ଚଳରେ ଘନ କୁହୁଡ଼ି ସୃଷ୍ଟି ହୋଇଥିବାରୁ ଚାଳକ ଟର୍ଣ୍ଣିଂକୁ ସଠିକ୍ ଭାବେ ଆକଳନ କରିପାରିନଥିବାରୁ ଏହି ଦୁର୍ଘଟଣା ଘଟିଛି। ମହୁଲପଦା ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ସହ ତଦନ୍ତ ଆରମ୍ଭ କରିଥିଲା। ଆହତ ଚାଳକ ଓ ହେଲ୍ପରଙ୍କୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡ଼ିଛି।

## ହୋଟେଲ କର୍ମଚାରୀଙ୍କୁ ଛୁରାମାଡ; ଅଭିଯୁକ୍ତ ଗିରଫ

**ରାଉରକେଲା, ୬।୭ (ସମିସ):** ରାଉରକେଲାର ପାନପୋଷ ଅଞ୍ଚଳର ଏକ ହୋଟେଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୁରୁତର କରିବା ଘଟଣାରେ ରଘୁନାଥପାଲି ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଏକ ଛୁରିରେ ହୋଟେଲ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। କର୍ମଚାରୀ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତଦନ୍ତ ସମୟରେ ପୁଲିସ ଆକ୍ରମଣରେ ବ୍ୟବହୃତ ଛୁରିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଇସ୍ପାତ୍ ସାହିତ୍ୟ ସଂସଦର କାର୍ଯ୍ୟକାରୀ କମିଟି ବୈଠକ

**ରାଉଲକେଲା, ୬।୭ (ସମିସ):** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ୍ ସାହିତ୍ୟ ସଂସଦର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ହରମୋହନ ମିଶ୍ର, ବ୍ରଜେନ୍ଦ୍ର



ଦାସ, ତ୍ରିଲୋଚନ ମଥାନ, କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ଉପସଭାପତି ରଶ୍ମିବାଳା ରାଉତରାୟ, କୋଷାଧ୍ୟକ୍ଷ ଉପେନ୍ଦ୍ର ବସ୍ତିଆ, ମଞ୍ଜୁଳା କୁମାରୀ ରଥ, ପ୍ରଶାନ୍ତ କୁମାର ପତି, ଡଳିରାଣୀ ବ୍ରହ୍ମା, ବିଜୟିନୀ ଜେନା, ପ୍ରକାଶ ଚନ୍ଦ୍ର ସେଠୀ, ଉର୍ବଶୀ ଦାଶ, ଚିତ୍ତରଞ୍ଜନ ବ୍ରହ୍ମା, ମମତା କୁମାରୀ ଜେନା ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଏହି ଅବସରରେ ବାର୍ଷିକ ମୁଖପତ୍ର 'ସ୍ତବକ' ପାଇଁ ସଦସ୍ୟ ସଦସ୍ୟାମାନଙ୍କ ଠାରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଲେଖା ଗୁଡ଼ିକ ଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବାର୍ଷିକ ମୁଖପତ୍ର ସ୍ତବକ ନିମନ୍ତେ ମୁଖ୍ୟ ସମ୍ପାଦକ ଭାବରେ ପ୍ରଶାନ୍ତ କୁମାର ପତି ଏବଂ ସମ୍ପାଦନା ମଣ୍ଡଳୀରେ ସତ୍ୟବ୍ରତ ଦାସ, ରଶ୍ମିବାଳା ରାଉତରାୟ ଏବଂ ମଞ୍ଜୁଳା କୁମାରୀ ରଥ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୨ତାରିଖ ରବିବାର ଦିନ ଅପରାହ୍ନ ୬ ଘଟିକା ସମୟରେ ବିଜ୍ଞାନ ସାହିତ୍ୟ ଆଲୋଚନା, କବିତା ପାଠ ଓ ବିଜ୍ଞାନ ଲେଖକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଅଗଷ୍ଟ ମାସ ୯ ତାରିଖରେ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଏବଂ ଅକ୍ଟୋବର ପ୍ରଥମ ସପ୍ତାହରେ ଦୁଇଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ପ୍ରତିଭା ଚୟନ କମିଟି ଗଠିତ ହେବା ସଙ୍ଗେ ସଙ୍ଗେ ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ସଫଳ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରାଗଲା। ଭୁବନେଶ୍ୱର ଠାରେ ଚିକିତ୍ସିତ ହେଉଥିବା ପ୍ରାକ୍ତନ ସାଧାରଣ ସମ୍ପାଦକ ବେଣୁଧର ନାୟକଙ୍କ ଆଶୁ ଆରୋଗ୍ୟ କାମନା କରାଗଲା। ଶେଷରେ ଉପେନ୍ଦ୍ର କୁମାର ବସ୍ତିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ■ ବେଦାନ୍ତ ଆଲୁମିନିୟମର କୋଇଲା ଖଣି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍

## ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଗ୍ରାମାଞ୍ଚଳରେ ଆଣିଛି ବ୍ୟାପକ ପରିବର୍ତ୍ତନ

**ରାଉରକେଲା, ୬।୭ (ସମିସ):** ଓଡ଼ିଶାର ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଯାଇ ବେଦାନ୍ତ ଆଲୁମିନିୟମ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ଏଚ୍‌ୟୁ) କାର୍ଯ୍ୟକ୍ରମ ଜରିଆରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୬ଟି ଗ୍ରାମରେ ୪ହଜାରରୁ ଅଧିକ ଶିଶୁଙ୍କ ସମେତ ୫୦ ହଜାରରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଥିବା ସୂଚନା ମିଳିଛି।



ଗତ ୩ ବର୍ଷ ମଧ୍ୟରେ ୩୫ଶହରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ୧୧ଶହରୁ ଅଧିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକ ଉପକୃତ ହୋଇଛନ୍ତି। ଶୀଘ୍ର ରୋଗ ନିର୍ଣ୍ଣୟ ଏବଂ ଯତ୍ନର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପଦକ୍ଷେପ ଝାରସୁଗୁଡ଼ାର ୫ଟି ଏବଂ ସୁନ୍ଦରଗଡ଼ର ୧୦ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରି ଅନେକ ଦୁର୍ଗମ ଅଞ୍ଚଳରେ ପହଞ୍ଚିଛି।


ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକ୍ରମ ଆଖପାଖର ଲୋକଙ୍କ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇଥାଏ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଟିମର ଡାକ୍ତର ଇନ୍ଦ୍ରପ୍ରକାଶ ପ୍ରଜାପତି କହିଛନ୍ତି, ଦୁର୍ଗମ ଗ୍ରାମାଞ୍ଚଳରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଲୋକମାନେ ପ୍ରାୟତଃ ଡାକ୍ତରୀ ସହାୟତା ନେବା ପୂର୍ବରୁ ରୋଗ ଗୁରୁତର ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ସହାୟତାରେ, ଆମେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଶୀଘ୍ର ଚିହ୍ନଟ କରିଥାଉ, ସମୟୋଚିତ ଚିକିତ୍ସା ପ୍ରଦାନ କରିଥାଉ ଏବଂ ଦୀର୍ଘସ୍ଥାୟୀ ରୋଗ ଥିବା ରୋଗୀଙ୍କ ପାଇଁ ନିୟମିତ ଚିକିତ୍ସା ସୁନିଶ୍ଚିତ କରିଥାଉ।

କୁତାଲୋଇ ଗାଁର ବାସିନ୍ଦା ସୋରୋଜିନୀ ଠାକୁର ତାଙ୍କ ଅନୁଭୂତି ବାଣ୍ଟି କହିଛନ୍ତି, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ନିୟମିତ ଭାବରେ ଡାକ୍ତର ଏବଂ ଅତ୍ୟାବଶ୍ୟକ ଔଷଧ ଆମ ଘର ପାଖରେ ପହଞ୍ଚି ଏକ ବଡ ପରିବର୍ତ୍ତନ ଆଣିଛି। ଝାରସୁଗୁଡା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ବେଦାନ୍ତ ଆଲୁମିନିୟମର କୋଇଲା ଖଣି ଏହାର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ୨୬ ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି।

# ଆର୍‌ଏସ୍‌ପିରେ 'ରୋଶନୀ-ସକ୍ଷମ ସାଥୀ' କର୍ମଶାଳା

**ରାଉରକେଲା, ୬।୭ (ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଜୁଲାଇରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀଙ୍କ ପତ୍ନୀମାନଙ୍କ ପାଇଁ ପରାମର୍ଶଭିତ୍ତିକ କର୍ମଶାଳା



'ରୋଶନୀ-ସକ୍ଷମ ସାଥୀ' ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ୟୁଟିଲିଟିଜ୍ ଆଣ୍ଡ ଏନଭାୟରନମେଣ୍ଟର ସିଜିଏମ୍ ଆଶା ଏସ୍. କାର୍ଥା ମୁଖ୍ୟ ଅତିଥି ଏବଂ ଜିଏମ୍ ଇନ୍-ଚାର୍ଜ (ଏଏମ୍‌ଆର୍ ଏମ୍ ଏବଂ ସ୍ପେଶାଲ୍ ସେଲ୍‌ଫ) କଲ୍ୟାଣ ସମାଜଦାର, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ନିଜ ବକ୍ତବ୍ୟରେ ଶ୍ରୀମତୀ କାର୍ଥା କହିଥିଲେ



ଯେ, ଅବସର ପରବର୍ତ୍ତୀ ଜୀବନରେ ଆସୁଥିବା ପରିବର୍ତ୍ତନ ସହ ସମନ୍ୱୟ ରଖି ଏକ ସକାରାତ୍ମକ ନୂତନ ଜୀବନ ପର୍ଯ୍ୟାୟକୁ ସୁଗମ ଭାବେ ଆଗେଇ ନେବାରେ ପତ୍ନୀମାନଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

କର୍ମଶାଳାରେ ବାବୁଲା ନାଏକ, ଏଜିଏମ୍ (ସିପି-୨) 'ଅବସର ପରେ ଜୀବନର ନୂତନ ପର୍ଯ୍ୟାୟକୁ ସୁଗମ ଭାବେ ଗ୍ରହଣ କରିବା ପାଇଁ ମାନସିକ ପ୍ରସ୍ତୁତି' ଶୀର୍ଷକ ବିଷୟରେ ଆଲୋଚନା କରିଥିଲେ। କେ କେ ବର୍ମା, ଡିଜିଏମ୍ (ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍) ଆର୍ଥିକ ସୁରକ୍ଷା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଟି. ବି. ଟପ୍ପୋ, ଡିଜିଏମ୍ (ହର୍ଟିକଲଚର୍) ଅବସର ପରବର୍ତ୍ତୀ ସମୟକୁ ସାର୍ଥକ ଭାବେ ବ୍ୟତୀତ କରିବାର ବିଭିନ୍ନ ଉପାୟ ସମ୍ପର୍କରେ ପରାମର୍ଶ ଦେଇଥିବା ବେଳେ ଡା. ଏସ୍. କୁମାର, ଅତିରିକ୍ତ ସିଏମ୍‌ଓ 'ଉତ୍ତମ ସ୍ୱାସ୍ଥ୍ୟ, ସୁସ୍ଥ ଏବଂ ସାର୍ଥକ ଜୀବନ ପାଇଁ ସମନ୍ୱିତ ଦୃଷ୍ଟିକୋଣ' ବିଷୟରେ ବକ୍ତବ୍ୟ ରଖିଥିଲେ।

ଏସ୍. ପି. ମାଝୀ, ଆସିଷ୍ଟାଣ୍ଟ ମ୍ୟାନେଜର (ଏଚ୍‌ଆର୍) ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଅବିନାଶ, ଏଜିଏମ୍ (ଏଚ୍‌ଆର୍)ଙ୍କ ମାର୍ଗଦର୍ଶନରେ ଏସ୍. କେ. ନାୟକ, ଡେପୁଟି ମ୍ୟାନେଜର (ଏଚ୍‌ଆର୍) ଏହି କର୍ମଶାଳାର ସଂଯୋଜନା କରିଥିବା ବେଳେ ଏଚ୍‌ଆର୍ - ଇଆର୍ ଆଣ୍ଡ ସି ଦଳ ଏଥିରେ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି କରିଛି ଉଚ୍ଚ ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନ

### ମୋଟ ଉତ୍ପାଦନର ୪୦%ରୁ ଊର୍ଦ୍ଧ୍ୱ

**ରାଉରକେଲା, ୬।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା ସ୍ପେଶାଲ ଷ୍ଟିଲ୍ ଏବଂ ମୂଲ୍ୟ-ଯୁକ୍ତ ଉତ୍ପାଦଗୁଡ଼ିକ ଉପରେ ନିଜର ଦୃଷ୍ଟିଭଙ୍ଗୀକୁ ଆହୁରି ସୁଦୃଢ଼ କରିଛି,



ଯାହା ଚଳିତ ଆର୍ଥିକ ବର୍ଷର ଜୁନ୍ ଏବଂ ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍) ମଧ୍ୟରେ ଉଭୟ ଉତ୍ପାଦନ ପରିମାଣ ଏବଂ ମାର୍ଜିନକୁ ବର୍ଦ୍ଧିତ କରିଛି।

ଜୁନ୍ ମାସରେ, ଆରଏସପି-୩, ୬୭, ୮୧୮ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି, ଯେଉଁଥିରୁ ସ୍ପେଶାଲ ଷ୍ଟିଲ୍ ମୋଟ ଉତ୍ପାଦନର ୪୧.୪% ଥିଲା, ଯାହା ଉଚ୍ଚ-ମୂଲ୍ୟଯୁକ୍ତ ଉତ୍ପାଦ ଆଡ଼କୁ କାରଖାନାର ନିରନ୍ତର ପରିବର୍ତ୍ତନକୁ ରେଖାଙ୍କିତ କରୁଛି।

ଉଲ୍ଲେଖଯୋଗ୍ୟ ଯେ ଜୁନ୍ ମାସରେ ମୋଟ ଚାଲାଣ ୩, ୪୩, ୨୧୮ ଟନ୍ ରହିଥିଲା, ଯେଉଁଥିରେ ସ୍ପେଶାଲ ଷ୍ଟିଲ୍ ଅଂଶ ୪୪.୪%କୁ ବୃଦ୍ଧି ପାଇଛି, ଯାହା ଉଚ୍ଚ-ମାର୍ଜିନ ପ୍ରଦାନକାରୀ ଗ୍ରେଡ୍ ଗୁଡ଼ିକ ପାଇଁ ସୁଦୃଢ଼ ବଜାର ଗ୍ରହଣୀୟତା ଏବଂ ଦକ୍ଷ ପରିବହନ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି।

ପ୍ରଥମ ତ୍ରୈମାସିକ ପାଇଁ, ଆର୍‌ଏସ୍‌ପି ୧୦, ୪୮, ୦୬୩ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି, ଯେଉଁଥିରୁ ପ୍ରାୟ ୪୦% ସ୍ପେଶାଲ ଷ୍ଟିଲ୍ ଅନ୍ତର୍ଭୁକ୍ତ ଥିଲା, ଯେତେବେଳେ କି ଉକ୍ତ ତ୍ରୈମାସିକ ମଧ୍ୟରେ ଚାଲାଣ ମୋଟ ଉତ୍ପାଦନର ପ୍ରାୟ ୪୧% ଥିଲା, ଯାହା ଉଭୟ ମାନକ ଏବଂ ପ୍ରିମିୟମ୍ ଉତ୍ପାଦ ଗୁଡ଼ିକର ସନ୍ତୁଳିତ ଗତିଶୀଳତାକୁ ସୂଚାଉଛି।

# ବରଗଡ଼ ସହର ସାରା କୃତ୍ରିମ ବନ୍ୟା

**ବରଗଡ଼, ୬।୭ (ସମିସ):** ଗତ ଦୁଇ ଦିନର ଲଗାଣ ବର୍ଷା ବରଗଡ଼ ସହରର ଜଳ ନିଷ୍କାସନ ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାକୁ ଆଣିଛି। ୱାର୍ଡ ନମ୍ବର୧, ବାବୁଟିକ୍ରା, ଖଜୁରଟିକ୍ରା, ଜର୍ଜ ହାଇସ୍କୁଲ ପଡ଼ିଆ, ୱାର୍ଡ ନମ୍ବର୧୪, ରେଲୱେ ଷ୍ଟେସନ ପଡ଼ା, ଅମାପାଲି ସମେତ ସହରର ଅନେକ ଅଞ୍ଚଳ ଜଳମଗ୍ନ। ପୂର୍ବତନ ବିଧାୟକ ଶ୍ରୀ ସାଧୁ ନେପାକ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିବା ସହ ପୌର ପରିଷଦ ଅଧିକାରୀ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପୌର ପରିଷଦ, ପୂର୍ତ୍ତ ବିଭାଗ, ପିଏଚଡି ସମେତ ସମସ୍ତ ସମ୍ପୃକ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରି ଡ୍ରେନ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଅଧାପନ୍ତରିଆ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟଥା ଜଳବନ୍ଦୀ ସହ ଡାଇରିଆ ପରି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ବଢ଼ିବ ବୋଲି ସେ ସତର୍କ କରାଇଛନ୍ତି। ବିକାଶର ନାଁରେ ଯଦି ପ୍ରତିବର୍ଷ ବରଗଡ଼ବାସୀଙ୍କୁ କୃତ୍ରିମ ବନ୍ୟା ଓ ଜଳବନ୍ଦୀର ଯନ୍ତ୍ରଣା ସହିବାକୁ ପଡୁଛି, ତେବେ ଏହାକୁ ବିକାଶ କୁହାଯିବ ନା ବିନାଶଏହି ପ୍ରଶ୍ନର ଉତ୍ତର ଆଜି ସମଗ୍ର ବରଗଡ଼ ଚାହୁଁଛି ବୋଲି ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ କହିଛନ୍ତି।



# ସମ୍ବରଧରା ପୁରୁଣା ବ୍ରିଜ୍ ଉପରେ ୩ ଫୁଟ୍ ପାଣି; ଯାତାୟାତ ଠପ୍

**ଅମ୍ବାଭୋନା, ୬।୭ (ସମିସ)**



**୬ ପଞ୍ଚାୟତର ୨୦ ହଜାରରୁ ଅଧିକ ଲୋକ ହନ୍ତସନ୍ତ**

**ନିର୍ମାଣାଧୀନ ସୁଉଚ୍ଚ ସେତୁ କାମରେ ବିଳମ୍ବକୁ ନେଇ ବଢ଼ିଲା କ୍ଷୋଭ**

**ବିକଳ୍ପ ରାସ୍ତା, ସୁରକ୍ଷା ବ୍ୟବସ୍ଥା ଓ ଶୀଘ୍ର କାମ ଶେଷ କରିବାକୁ ଦାବି**

ଲଗାଣ ବର୍ଷା ଯୋଗୁଁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ସମ୍ବରଧରା ପୁରୁଣା ବ୍ରିଜ୍ ଉପରେ ପ୍ରାୟ ତିନି ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ବାରବଖରା ଜଳପ୍ରପାତ ଓ ଜଙ୍ଗଲି ନାଳାର ପ୍ରବଳ ସ୍ରୋତ ଯୋଗୁଁ ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଘାଇ ସୃଷ୍ଟି ହୋଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ କର୍ଲା, ଲଖନପୁର, ଖୋଲା, ଉତ୍ତମ, ବୁଙ୍ଗାପାଲି ଓ ଡୁଙ୍ଗୁରୀ ସମେତ ଛଅଟି ପଞ୍ଚାୟତର ପ୍ରାୟ ୨୦ ହଜାରରୁ ଅଧିକ ଲୋକ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବର୍ଷା ପୂର୍ବରୁ ନିର୍ମାଣାଧୀନ ସୁଉଚ୍ଚ ସେତୁର କାମ ଶେଷ କରିବାକୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଠିକାଦାରଙ୍କ ମନ୍ଥର କାମ ଯୋଗୁଁ ସମ୍ପୂର୍ଣ୍ଣ ହୋଇ ପାରିନଥିଲା। ଯାହାର ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ।

ଗତ ୨୫ ଅଗଷ୍ଟ ୨୦୨୫ରେ ୬୨୨.୪୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୦.୯୨୮ କିଲୋମିଟର ଲମ୍ବର ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିବାବେଳେ ବର୍ଷେ ବିତିଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇନଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହେବା ଫଳରେ ଗର୍ଭବତୀ ଓ ପ୍ରସୂତୀ ମହିଳା, ଶିଶୁ, ବୃଦ୍ଧ ରୋଗୀଙ୍କ ଚିକିତ୍ସା, ଛାତ୍ରଛାତ୍ରୀଙ୍କ କଲେଜ ଯାତାୟାତ, ବ୍ୟାଙ୍କ, କୋର୍ଟ, ବଜାର ଓ ଜିଲ୍ଲା ମୁଖ୍ୟାଳୟକୁ ଯିବା-ଆସିବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପଟେ ଏହି ଜଙ୍ଗଲ ରାସ୍ତାରେ ବାରମ୍ବାର ଡକାୟତି ଓ ମୋବାଇଲ ଲୁଟ ଘଟଣା ଘଟୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ଗତକାଲି ଏହି ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ତିନିଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି।

ସମ୍ବରଧରା ସୁଉଚ୍ଚ ସେତୁ କାମ ଶେଷ ନହେବା ପର୍ଯ୍ୟନ୍ତ ଅସ୍ଥାୟୀ ସବୁଦିନିଆ ବିକଳ୍ପ ରାସ୍ତାର ବ୍ୟବସ୍ଥା, ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ପକାଇବା, ଜଙ୍ଗଲ ସଫେଇ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଏବଂ ଲୁଟେରାଙ୍କୁ ଗିରଫ କରିବା ସହ ସେତୁ ନିର୍ମାଣ କାମକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ୬ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜୀବୀ, କୃଷକ ସଂଗଠନ ଓ ସାଧାରଣ ଜନତା ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

# ଗାଇସିଲେଟ୍-ବଲାଙ୍ଗୀର ଯୋଗାଯୋଗ ବିଚ୍ଛିନ୍ନ

**ଗାଇସିଲେଟ, ୬।୭ (ସମିସ):** ପଶ୍ଚିମ ଓଡ଼ିଶାରେ ଲଗାଣ ବର୍ଷାର ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ବରଗଡ଼ ଜିଲ୍ଲାର ଗାଇସିଲେଟ ବ୍ଲକରେ ଅବିରତ ବର୍ଷା ଯୋଗୁଁ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଅଞ୍ଚଳର ନଦୀ ଓ ନାଳଗୁଡ଼ିକରେ ଜଳସ୍ତର ବଢ଼ିବା ସହ ଗାଇସିଲେଟରୁ ବଲାଙ୍ଗୀରକୁ ସଂଯୋଗ କରୁଥିବା ପ୍ରମୁଖ ସଡ଼କର ଲେବଡି ନାଳା ପୁରୁଣା ପୋଲ ଉପରେ ପ୍ରାୟ ୩ରୁ ୪ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ସମସ୍ତ ପ୍ରକାର ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି।

ନୂତନ ବ୍ରିଜ୍ ନିର୍ମାଣ ଅବହେଳା ଯୋଗୁଁ ଜନସାଧାରଣ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। କେବଳ ଯାତାୟାତ ନୁହେଁ, ଲଗାଣ ବର୍ଷା ଯୋଗୁଁ ବହୁ ଚାଷଜମିରେ ପାଣି ଜମି ରହି ଚାଷୀମାନେ ଫସଲ କ୍ଷତି ନେଇ ଚିନ୍ତାରେ ଥିବା ବେଳେ ନିମ୍ନାଞ୍ଚଳରେ ଜଳବନ୍ଦୀ ଆଶଙ୍କା ମଧ୍ୟ ବଢ଼ିଛି। ବର୍ଷା ଆହୁରି ଜାରି ରହିଲେ ପରିସ୍ଥିତି ଭୟଙ୍କର ହୋଇପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପାଣି ଭର୍ତ୍ତି ପୋଲ ଅତିକ୍ରମ ନ କରିବାକୁ ଲୋକଙ୍କୁ ସତର୍କ କରାଯାଉଥିଲେ ମଧ୍ୟ ଲୋକେ ବାଧ୍ୟ ହୋଇ ଯାଉଛନ୍ତି। ଗାଇସିଲେଟ ଅଞ୍ଚଳର ଲୋକମାନେ ଶୀଘ୍ର ଯାତାୟାତ ସ୍ୱାଭାବିକ କରିବା ସହ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।



# ଖରାମାଲ-ଭେରୁଆମୁଣ୍ଡା ମୁଖ୍ୟ ରାସ୍ତାରେ ଘାଇ

**ପାଇକମାଲ, ୬।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଅନ୍ତର୍ଗତ ଖରାମାଲ ଗ୍ରାମରୁ ଭେରୁଆମୁଣ୍ଡା ଦେଇ ଜାମସେଠକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବଡ଼ ଘାଇ ସୃଷ୍ଟି ହୋଇଛି।



ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ରାସ୍ତା ଖରାମାଲ ଓ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଏକ ପ୍ରମୁଖ ଯୋଗାଯୋଗ ମାଧ୍ୟମ। ରାତି ପାହିଲେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହାସହ ଅଞ୍ଚଳର ଛାତ୍ରଛାତ୍ରୀମାନେ ନିକଟସ୍ଥ ଗ୍ରାମ ଓ ଶିକ୍ଷାନୁଷ୍ଠାନକୁ ପାଠ ପଢ଼ିବାକୁ ଯିବା ପାଇଁ ମଧ୍ୟ ଏହି ରାସ୍ତା ବ୍ୟବହାର କରନ୍ତି। କିନ୍ତୁ ରାସ୍ତାରେ ଘାଇ ହେବା ପରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାଟି କଚ୍ଚା ଥିବାରୁ ପ୍ରତିବର୍ଷ ବର୍ଷା ଋତୁରେ ସମାନ ସମସ୍ୟା ଦେଖାଦେଉଛି। ସାମାନ୍ୟ ବର୍ଷାରେ ମଧ୍ୟ କାଦୁଅ ପଚ ପଚ ହେଉଛି। ଘାଇ ସୃଷ୍ଟି ହେବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ବିପଦ ବଢ଼ିଥିବାବେଳେ ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଜାରି ରହିଲେ ରାସ୍ତାର ଅବସ୍ଥା ଆହୁରି ଖରାପ ହେବା ସହ ଗାଁର ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ଏହି ପରିସ୍ଥିତିରେ ରାସ୍ତାର ମରାମତି ଏବଂ ଘାଇ ସ୍ଥାନର ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି ଉଠାଇଛନ୍ତି। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବା ସହ କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ଦନ୍ତା ବ୍ରିଜ୍ ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ

**ଭେଡେନ, ୬।୭ (ସମିସ):** ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବେଦିନ ସ୍ଥିତ ଦନ୍ତା ନଦୀ ଓ ଜିରା ନଦୀ ଉପରେ ନିର୍ମିତ ହୋଇଥିବା ଦୋମୁହାଣୀ ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଭେଡେନରେ ସମସ୍ତ କାର୍ଯ୍ୟାଳୟ ଥିବାରୁ ଅନ୍ୟ ସମସ୍ତ ପଞ୍ଚାୟତରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ରାସ୍ତା ଦେଇ ଜନସଧାରଣ ବୌଦ୍ଧ, ସୋନପୁର, କଟକ, ଭୁବନେଶ୍ୱର ପ୍ରଭୃତି ଅଞ୍ଚଳକୁ ଯାଉଥିବାରୁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତା'ସହିତ ଭେଡ଼େନ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଥିବାରୁ ଏଠାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଅଛି। ବ୍ରିଜ ବୁଡି ଯିବାରୁ ଲୋକମାନେ ଭେଡେନ ଆସିବାକୁ ୬କିଲୋମିଟର ହେଉଥିବା ବେଳେ ଏବେ ଭେଡେନ ଆସିବାକୁ ହେଲେ ୨୦କିଲୋମିଟର ବୁଲିକି ଆସିବାକୁ ପଡୁଛି। ଚାଷଜମି ଜଳମଗ୍ନ ଯୋଗୁଁ ଚାଷୀ ଚିନ୍ତାରେ। ପ୍ରତିବର୍ଷ ବନ୍ୟାରେ ନିର୍ମିତ ହୋଇଥିବା ବ୍ରିଜ ବୁଡିଯାଏ।ତେଣୁ କରି ଅଞ୍ଚଳବାସୀ ବହୁଦିନରୁ ପ୍ରଶାସନ ପାଖରେ ଦାବି କରିଛନ୍ତି ଯେ ସେଠାରେ ଆଉ ଗୋଟିଏ ନୂତନ ବ୍ରିଜ ନିର୍ମାଣ କରିବାକୁ। ଏଥିପ୍ରତି ପ୍ରଶାସନ ଶୀଘ୍ର ଦୃଷ୍ଟି ଦିଅନ୍ତୁ ବୋଲି ପ୍ରକାଶ କରିଛନ୍ତି।

# ପଦ୍ମପୁରରେ ଦିନକରେ ୧୪୬ ମିମି ବର୍ଷା

**ପଦ୍ମପୁର, ୬।୭ (ସମିସ):** ପଦ୍ମପୁର ଉପଖଣ୍ଡରେ ଜୁନରେ ମାତ୍ର ୫୧ ପ୍ରତିଶତ ବର୍ଷା ହୋଇଥିଲା। ଯେଉଁଥି ପାଇଁ ଚାଷ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇ ଚାଷୀ ଚିନ୍ତା ରେ ପଡ଼ିଥିଲା। ମାତ୍ର ଗୋଟିଏ ଦିନରେ ପଦ୍ମପୁରରେ ୧୪୬ମିମି ବର୍ଷା ରେକର୍ଡ ହୋଇଛି। ଯାହାକୁ ନେଇ ଚାଷୀ ଆଶ୍ୱସ୍ତ ହୋଇଛି। କୃଷି ବିଭାଗ ସୂଚନା ମୁତାବକ କେବଳ ୩୦ପ୍ରତିଶତ ଜମିରେ ଧାନ ବୁଣା ସରିଥିବା ବେଳେ ତଳି ପକା ଆରମ୍ଭ ହୋଇ ନଥିଲା। ସେହିପରି ବର୍ଷା ଅଭାବରୁ ମୁଗ ବିରି, କପା ସମେତ ଅନ୍ୟାନ୍ୟ ଫସଲ ମଧ୍ୟ ଆରମ୍ଭ ହୋଇନଥିଲା।

ଏହି ଲଘୁଚାପ ବର୍ଷା ରେ ରବିବାର ରାତିରୁ ସୋମବାର ମଧ୍ୟରେ ବିଜେପୁରରେ ୧୦୩.୬ମିମି, ଗାଇସିଲେଟରେ ୧୦୭ମିମି, ଝାରବନ୍ଧରେ ୧୦୮ମିମି, ପାଇକମାଲରେ ୯୨ମିମି ସୋହେଲା ରେ ୬୮ମିମି ଏବଂ ପଦ୍ମପୁରରେ ସର୍ବାଧିକ ୧୪୬ମିମି ବର୍ଷା ରେକର୍ଡ କରାଯାଇଛି। ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାଷଜମି ସବୁ ବର୍ଷା ପାଣିରେ ବୁଡି ଯାଇଛି। ଅନେକ ସ୍ଥାନରେ ଗମନାଗମନ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ତେବେ ବାରମ୍ବାର ମରୁଡ଼ିକୁ ସାମ୍ନା କରୁଥିବା ଏହି ଅଞ୍ଚଳର ଚାଷୀଙ୍କୁ ମରୁଡ଼ି ଚିନ୍ତା ମଧ୍ୟ ଘାରିଛି। ବର୍ଷା ଜଳ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମନରେ ମରୁଡ଼ି ଆଶଙ୍କା ମଧ୍ୟ ଟଳିନାହିଁ।



# ଲଗାଣ ବର୍ଷାରେ ଭାଙ୍ଗିଲା ଦୁଇ ଭାଇଙ୍କ ଘର

**ଅମ୍ବାଭୋନା, ୬।୭ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଖୋଲା ପଞ୍ଚାୟତର ଚକ୍ରାମାଲ ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଦୁଇ ଭାଇଙ୍କ ଘର ଭାଙ୍ଗି ଯାଇଛି। ସୂଚନା ଅନୁଯାୟୀ, ବୁଦ୍ଧଦେବ ବାରିକ ଓ ଯୁଧିଷ୍ଠିର ବାରିକଙ୍କ ବାସଗୃହ ଲଗାତାର ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇ ଭାଙ୍ଗି ପଡ଼ିଛି। ସେମାନେ ଦୁର୍ଦ୍ଦଶାରେ ଦିନ କାଟୁଥିବା ବେଳେ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ପୀଡ଼ିତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



# ଜିଲ୍ଲା ସମଗ୍ର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ଜଳାର୍ଣ୍ଣବ

**ବରଗଡ଼, ୬।୭ (ସମିସ):** ବରଗଡ଼ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଭିତରେ ୪ ଫୁଟ ଉପରେ ପାଣି ଜମି ରହିଥିବା ସୋମବାର ଦେଖାଯାଇଛି। ଏଠାରେ ମଧ୍ୟ ଡ୍ରେନେଜ ବ୍ୟବସ୍ଥା ଫେଲ। ବରଗଡ଼ ସହରର ଅନେକ ଅଞ୍ଚଳରେ ଘର ଭିତରେ ପାଣି ପଶିଥିବାବେଳେ ଏବେ ଅଫିସରେ ମଧ୍ୟ ପାଣି ଜମା ରହିଥିବା ଦୃଶ୍ୟ ଦେଖାଯାଉଛି। କାର୍ଯ୍ୟାଳୟକୁ ଯିବାକୁ ହେଲେ ଆଣ୍ଠୁଏ ପାଣିରେ ପଶି ଯିବ ନଚେତ୍ ଡଙ୍ଗା ଦରକାର। ସୋମବାର ଅଫିସ ଭିତରକୁ ଯିବାକୁ କର୍ମଚାରୀଙ୍କୁ ନାହିଁ ନ ଥିବା ଅସୁବିଧା ହୋଇଥିଲା। ଆଗକୁ ଆହୁରି ବର୍ଷା ଥିବାରୁ ଏବେ କର୍ମଚାରୀ ଚିନ୍ତାରେ।



# ଯୁବ ସମାଜସେବୀଙ୍କ ଅକାଳ ବିୟୋଗ

**ବରଗଡ଼, ୬।୭ (ସମିସ):** ଯୁବ ସମାଜସେବୀ ଆଶିଷ ଆଚାର୍ଯ୍ୟଙ୍କ ଅକାଳ ବିୟୋଗ ଘଟିଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସେ କିଛିଦିନ ହେଲା ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧା ମାଆ, ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ ଏବେ ଅସହାୟ ହୋଇପଡ଼ିଛନ୍ତି। ସୋହେଲା ଥାନା ଗର୍ଭଣା ଗ୍ରାମରେ ଜନ୍ମିତ ଆଶିଷ ଚିଚିଣ୍ଡା ଗ୍ରାମରେ ଘର କରି ରହୁଥିଲେ। ମାତ୍ର ପିଲାଛୁଆଙ୍କ ପାଠପଢ଼ା ନିମନ୍ତେ କିଛି ବର୍ଷ ହେଲା ବରଗଡ଼ରେ ରହି ଆସୁଥିଲେ।



# ୧୫ଦିନ ହେଲା ଟ୍ରାନ୍ସଫର୍ମର ଅଚଳ

**ବିଜେପୁର, ୬।୭ (ସମିସ):** ବିଜେପୁର ବ୍ଲକ ଜୋଖିପାଲି ଗ୍ରାମର ବିଂଝାଲପଡ଼ାରେ ଗତ ୧୫ ଦିନ ଧରି ବିଦ୍ୟୁତ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଛି। ଫଳରେ ସମଗ୍ର ଅଞ୍ଚଳ ଅନ୍ଧାରରେ ରହିଛି ଓ ବିଦ୍ୟୁତ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଟ୍ରାନ୍ସଫର୍ମର ଅଚଳ ହେବା ପରଠାରୁ ବାରମ୍ବାର ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଓ ଅନୁରୋଧ କରାଯାଇଥିଲେ ମଧ୍ୟ ଶୁଣୁନାହାନ୍ତି। ଫଳରେ ବର୍ଷା ରାତିରେ ହୀନସ୍ତା ହେବା ସହ ସରୀସୃପଙ୍କ ଭୟ ରହୁଛି। ଯଦି ତୁରନ୍ତ ଟ୍ରାନ୍ସଫର୍ମର ମରାମତି କିମ୍ବା ପରିବର୍ତ୍ତନ କରାନଯାଏ, ତେବେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।ତେଣୁ ସମ୍ପୃକ୍ତ ବିଭାଗ ଓ ଟାଟା ପାୱାର କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ସନ୍ତୋଷ ସାହୁ, ବିଶ୍ୱାମିତ୍ର ସାହୁ, ବଶିଷ୍ଠ ସାହୁ, ପ୍ରହ୍ଲାଦ ସାହୁ, ସୁନ୍ଦର ଧରୁଆ, ରାମ ଧରୁଆ, ରାୟଗୁରୁ, ଠାକୁର ଚରଣ ବାଗଙ୍କ ଗ୍ରାମବାସୀ ଦାବି କରିଛନ୍ତି।

# ଗଞ୍ଜେଇ ଜବତ; ୨ଗିରଫ

**ପଦ୍ମପୁର, ୬।୭ (ସମିସ):** ସୋମବାର ପଦ୍ମପୁର ପୁଲିସ ପାଟଣାଗଡ଼ ପଟରୁ ଗଞ୍ଜେଇ ଆସୁଥିବା ଖବର ପାଇ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପ୍ ପାଖରେ ଜଗି ରହିଥିଲା। ଏକ କଳା ରଙ୍ଗର ବାଇକ୍‌କୁ ଅଟକାଇ ଯାଞ୍ଚ ପରେ ସେଥିରୁ ୩କେଜି ୫୦୦ଗ୍ରାମ ଗଞ୍ଜେଇ ସହିତ ନଗଦ ୧୦ହଜାର ୩୦୦ଟଙ୍କା ଓ ଏକ ଅଚଳ ମୋବାଇଲ ଫୋନ ଜବତ କରିଥିଲେ। ଏନେଇ ପଦ୍ମପୁର ଥାନାରେ ନଂ.୧୬୩ରେ ମାମଲା ରୁଜୁ କରି ଗଞ୍ଜେଇ ଚୋରାଚାଲାଣ କରୁଥିବା ପଦ୍ମପୁର ଥାନା କୁମୁନିବାହାଲିର ପ୍ରଦୀପ୍ତ ହଂସ ଓ ଜଗଦଲପୁର ଥାନା କୁର୍ମା ଗ୍ରାମର ପଦ୍ମିନୀ ତାଟିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ପାଣ୍ଡବ ଶବର ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବନମହୋତ୍ସବ








**ଝାରବନ୍ଧ, ୬।୭ (ସମିସ)**

ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଝାରବନ୍ଧ ପରିସରରେ ଏନ୍‌ଏସ୍‌ଏସ ଏବଂ ୱାଇଆର୍‌ସି ୟୁନିଟ୍ ଆନୁକୂଲ୍ୟରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇଂରାଜୀ ବିଭାଗୀୟ ମୁଖ୍ୟ ଗଗନ ବିହାରୀ ଡନସନା, ଅର୍ଥନୀତି ବିଭାଗ ମୁଖ୍ୟ ନବୀନ କୁମାର ମେହେର, ଅଧ୍ୟାପକ ଚନ୍ଦ୍ରମଣି ବାଗ, ମୁକେଶ ବାଗ, ଅଧ୍ୟାପିକା ରଶ୍ମି ମହାଲିଙ୍ଗ, ରୀତାଞ୍ଜଳି ଗୁରୁ, ମିନପ୍ରଭା ପ୍ରଧାନ ଏବଂ ଲାଇବ୍ରେରୀଆନ ଅଶୋକ ହାତୀ, କିରାଣି ବଂଶୀଧର ସେଠୀ, ଲାଇବ୍ରେରୀ ସହାୟକ ଦୁର୍ଯ୍ୟୋଧନ ପାଣ୍ଡେ ପ୍ରମୁଖଙ୍କ ସହିତ ଶହେ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନୃସିଂହନାଥ ରୁ ଅଣାଯାଇଥିବା ଔଷଧୀୟ, ଫଳ ଓ ଫୁଲ ଚାରା ପତଞ୍ଜଳୀ ଉଦ୍ୟାନ ଓ ଗଙ୍ଗାଧର ଉଦ୍ୟାନରେ ରୋପଣ କରାଯାଇଥିଲା।

**ଗାଇସିଲେଟ:** ଗାଇସିଲେଟ ବ୍ଲକର ସଂସ୍କୃତି ଅନୁଷ୍ଠାନ ସଂକ୍ରିପାଣି ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଫିରିଙ୍ଗିମାଳ ସରପଞ୍ଚ ପହିଲମାନ ସିଂ ବରିହା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁନାଧର ସାହୁ ଯୋଗ ଦେଇ ଚାରା ରୋପଣ କରିଥିଲେ। ଅନୁଷ୍ଠାନର ସଭାପତି ଡୋଳାମଣି ସାହୁ ଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆୟୋଜିତ କରାଯାଇଥିଲା। ଉପ ସଭାପତି ଘାସିରାମ ବରିହା ସଭ୍ୟ ହରିବୁଲ ଭୁକ୍ତା, ପଞ୍ଚାନନ ସାହୁ, ରାମଚନ୍ଦ୍ର ପାଣ୍ଡେ, ପ୍ରଶାନ୍ତ ସାହୁ, ଆଶିଷ ସାହୁ, ହର ସାହୁ, ପରମାନନ୍ଦ ପାଣ୍ଡେ ଓ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

**ବରଗଡ଼:** ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଖେଳପଡ଼ିଆ ଠାରେ ବଗେଇବିରା ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ ଓ ବୁଦ୍ଧ ବିହାର କମିଟି ବରଗଡ଼ର ମିଳିତ ଉଦ୍ୟମରେ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ସଂଗଠନ ସମୂହ ଦ୍ୱାରା ବୃକ୍ଷ ରୋପଣ ଓ ପରିବେଶ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ବରେଇବିରା ଖେଳ ପଡ଼ିଆର ଚାରି ପାର୍ଶ୍ୱରେ ଓ ବୁଦ୍ଧ ବିହାର ପରିସରରେ ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା। ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡେମୀ ତଥା ବୁଦ୍ଧ ବିହାର କମିଟି ବରଗଡ଼ର ସଭାପତି ପୁରନ୍ଦର ଭୋସାଗର ଓ ବୁଦ୍ଧ ବିହାର କମିଟିର ସମ୍ପାଦକ ଅବିନାଶ ବାଗ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଁର ଝିଅ ସ୍ୱର୍ଗତ ସୃଷ୍ଟିପ୍ରଭା ପ୍ରଧାନଙ୍କ ନାଁରେ ତାଙ୍କର ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଝିଅ ସପ୍ତର୍ଷି ସାହୁଙ୍କ ହାତରୁ ପ୍ରଥମ ଚାରା ରୋପଣ କରାଯାଇଥିଲା। ନୂଆପଡ଼ା ସିଡିଏମଓ ବିଦ୍ୟାଧର ନାଗ, ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ସୁନ୍ଦରଗଡ଼ ଜିଲ୍ଲା ଅଡିଟ୍ ଅଫିସର ଫଣୀନ୍ଦ୍ର କୁମାର ତାଣ୍ଡି, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗୁରୁଚରଣ ହରିପାଲ, ବିଶିଷ୍ଟ ଚାଷୀ ନେତା ତଥା ସଂଯୁକ୍ତ କିସାନ ମୋର୍ଚ୍ଚା ସଭାପତି ରମେଶ ମହାପାତ୍ର, ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, କଟାପାଲି କଲେଜ ଅଧ୍ୟାପକ ସଞ୍ଜୀବ କୁମାର ସୁନା, କୋଶଳ ସେନାର ସମ୍ପାଦକ ବୀରବଲ ମହାକୁର, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଆମ୍ବେଦକର ଯୁବା ସଂଘ ବରଗଡ଼ର ଯୁଧିଷ୍ଠିର ବିଭାର, ଗୋବିନ୍ଦପୁର ଯୁବକ ସଂଘର ରଞ୍ଜନ କୁମାର ଦାସ, ଫୁଲେ ପାଠଶାଳାର ଅବସରପ୍ରାପ୍ତ ଏଲ୍‌ଆଇସି ଅଫିସର ବାବଲୁ ବିଭାର ଓ ଅବସରପ୍ରାପ୍ତ ଫରେଷ୍ଟର ରମାକାନ୍ତ ସାହୁ, ଜିଲ୍ଲା ସମାଜସେବୀ ସଂଘର ବଳିଷ୍ଠ ଦୁର୍ଗା, ସମାଜସେବୀ ଭଗବାନ ପ୍ରଧାନ ସମେତ ବଗେଇବିରା ଗ୍ରାମର ମହିଳାମାନଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇଥିଲେ। ଶେଷରେ ବୁଦ୍ଧ ବିହାର କମିଟିର ସଦସ୍ୟ ତଥା ଏକାଡେମୀର ସମ୍ପାଦକ ଯକ୍ତବନ୍ଦନ ଦେହେଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ପଦ୍ମପୁର ବ୍ଲକ ଅନ୍ତର୍ଗତ ଘନାମାଲ ଗ୍ରାମରେ ସାପ୍ତାହିକ ବନ ମହୋତ୍ସବ ଗ୍ରାମବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଛି। ବନ ମହୋତ୍ସବ ପାଳନ ପୂର୍ବରୁ ଗ୍ରାମର ସମସ୍ତଙ୍କୁ ନେଇ ଚାରା ରୋପଣ ସହିତ ବୃକ୍ଷର ଯତ୍ନ ନେବାକୁ ଦାୟିତ୍ୱ ବଣ୍ଟନ ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଗ୍ରାମର ସମସ୍ତେ ମିଶି ଚାରା ରୋପଣ କରିଥିଲେ।

## ବ୍ରାହ୍ମଣ ସମାଜ ତରଫରୁ ବୃକ୍ଷରୋପଣ

**ପଦ୍ମପୁର:** ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ସମାଜର ସାଂସ୍କୃତିକ ଭବନ ପରିସରକୁ ସ୍ୱଚ୍ଛ ରଖିବା ସହ ଜରିମୁକ୍ତ ଅଭିଯାନ କରାଯାଇଥିବା ବେଳେ ସମାଜର ସଭ୍ୟ ସ୍ୱର୍ଗତ ସନ୍ତୋଷ କୁମାର ପୁରୋହିତଙ୍କ ପ୍ରଥମ ପୁଣ୍ୟ ତିଥିରେ ତାଙ୍କ ସ୍ମୃତିରେ ୧୦ଟି ବୃକ୍ଷ ରୋପଣ ସହ ରକ୍ଷଣାବେକ୍ଷଣ ତାଙ୍କ ଭଣଜା ପ୍ରବୀଣ ପାଣିଗ୍ରାହୀ ଓ ନାତି ଆୟୁଷ ପଣ୍ଡା ଦାୟିତ୍ୱ ନେଇଥିଲେ। ସମାଜର ସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ସଦାନନ୍ଦ ପୁରୋହିତ, ଜିତେନ୍ଦ୍ର କୁମାର ଦାଶ, ଅକ୍ଷୟ ଚାନ୍ଦ, ଶାନ୍ତିସ୍ୱରୂପ ପୁରୋହିତ, ଜତିନ୍ଦ୍ର ନାଥ ଗୁରୁ, ତୃପ୍ତିମୟୀ ଦାଶ, ସୁଶୀଳା ଯୋଶୀ, ସନ୍ତୋଷିନି ରଥ, ମନୋରମା ମହାପାତ୍ର, ପାର୍ଥସାରଥୀ ମହାପାତ୍ର ପ୍ରଭୃତି ଗୋଟିଏ ଲେଖାଏଁ ଗଛ ରୋପଣ କରି ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବାରୁ ସେହି ଗଛ ତାଙ୍କ ନାମରେ ନାମିତ କରାଯାଇଛି। କାର୍ଯ୍ୟକ୍ରମରେ ମେଜର ଚିତ୍ତରଞ୍ଜନ ଦାଶ, ସହଦେବ ଦେବତା, ଅଶ୍ୱିନୀ ପଣ୍ଡା, ବଳଦେବ ପାଣିଗ୍ରାହୀ, ସୁରେଶ ମିଶ୍ର, ଉମେଶ ଦାଶ, ଗୋବିନ୍ଦ ପାଣିଗ୍ରାହୀ, ଭରତ ପଣ୍ଡା, ଜ୍ୟୋସ୍ନାରାଣୀ କର, ଜିତେନ୍ଦ୍ର ଦାଶ ପ୍ରଭୃତି ଯୋଗ ଦେଇଥିଲେ।

# ବିଜେପୁରରେ ମିଳିତ ଅଭିଯୋଗ ଶୁଣାଣି

**ବିଜେପୁର, ୬।୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ବ୍ୟତୀତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ ଏବଂ ବ୍ଲକ ଅଧ୍ୟକ୍ଷ ଜୟକୃଷ୍ଣ ଡନସନା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। କୋଟ ୧୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୮ ଗୋଟି ବ୍ୟକ୍ତିଗତ ଏବଂ ୩ ଗୋଟି ସାମୂହିକ ଅଭିଯୋଗ ଥିଲା।

# କ୍ଲଷ୍ଟର ସ୍ତରୀୟ ବୈଠକ

**ବରପାଲି, ୬।୭ (ସମିସ):** ବରପାଲି ବ୍ଲକ କଦଳିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ବୈଠକ ସିଆର୍‌ସିସି କ୍ଷେତ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ଶିକ୍ଷା ବର୍ଷରେ ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ଶୈକ୍ଷିକ କ୍ୟାଲେଣ୍ଡର, ବାର୍ଷିକ କାର୍ଯ୍ୟ ଯୋଜନା, ଶିକ୍ଷଣ ଫଳାଫଳ ପୁସ୍ତିକା, ବିଦ୍ୟାଳୟ ସମୟ ନିର୍ଘଣ୍ଟ, ଖେଳଭିତ୍ତିକ ଶିକ୍ଷା, ଆକଳନ ରୂପରେଖା, ଶିକ୍ଷଣ ସୋପାନ ରେଜିଷ୍ଟର, ବିଦ୍ୟାଳୟ ନିରାପତ୍ତା, ଅନ୍‌ଲାଇନ କଣ୍ଟେଣ୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବରପାଲି ବ୍ଲକର ସମସ୍ତ କ୍ଲଷ୍ଟରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗଲପୁର କ୍ଲଷ୍ଟରକୁ ଏବିଇଓ ଦିଲୀପ ମେହେର ସହ ବିଆରଟି ମୁକୁନ୍ଦ ମେହେର, ବରପାଲି -୨ କ୍ଲଷ୍ଟରକୁ ଏବିଇଓ ରତ୍ନାକର ଭୋଇ ଏବଂ କଦଳିପାଲି କ୍ଲଷ୍ଟରକୁ ବିଆରସିସି ଦୁର୍ଯ୍ୟୋଧନ ସିଂ ପରିଦର୍ଶନରେ ଯାଇ ବୈଠକରେ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିବା ସହ ଚଳିତ ବର୍ଷ ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କ ପ୍ରୟାସ ତଥା ଉଦ୍ୟମରେ ଏନଇପି-୨୦୨୦ ଅନୁସାରେ ଶିକ୍ଷାର୍ଥୀମାନଙ୍କ ସବୁ ପ୍ରକାର ଶୈକ୍ଷିକ ଓ ଅଣ ଶୈକ୍ଷିକ ଶିକ୍ଷଣ ଫଳାଫଳରେ ଉନ୍ନତି କାମନା କରିଥିଲେ।

# ବର୍ଷାରେ ଭାଙ୍ଗିଲା ଅସହାୟ ପ୍ରଣତିଙ୍କ ଘର

**ଥୁଆମୂଳ ରାମପୁର, ୬।୭ (ସମିସ)**

ଗରିବ ଓ ଅସହାୟଙ୍କ ପାଇଁ ସରକାରଙ୍କ ମାଳ ମାଳ ଯୋଜନା ସତ୍ତ୍ୱେ ଆଜି ବି ଲୋପ ମୌଳିକ ସୁବିଧାରୁ ବଞ୍ଚିତ। ଏମିତି ଜଣେ ମହିଳା ହେଲେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ

## ରାସନ କାର୍ଡ ନାହିଁ, ସରକାରୀ ସହାୟତାରୁ ବଞ୍ଚିତ
## ପଡ଼ୋଶୀଙ୍କ ଘରେ ନେଲେ ଆଶ୍ରୟ

ସାଇସୁରୁନୀ ସାପ୍ତାହିକ ବଜାର ପଡ଼ିଆ ନିକଟରେ ବସବାସ କରୁଥିବା ସ୍ୱାମୀ ପରିତ୍ୟକ୍ତା ଅସହାୟ ମହିଳା ପ୍ରଣତୀ ମାଝୀ। ପରିବାର କହିଲେ ତାଙ୍କର ୮ ବର୍ଷର ଝିଅ। ବାଉଁଶ ଓ ନଡ଼ାରେ ତିଆରି ଏକ ଜରାଜୀର୍ଣ୍ଣ କୁଡ଼ିଆ ଘରେ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଛନ୍ତି। ଚଳିତ ଲଗାଣ ବର୍ଷାରେ ରବିବାର ଘରର ଗୋଟିଏ ପାର୍ଶ୍ୱ



କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଘର ଭିତରେ ଥିବା ଦୈନନ୍ଦିନ ବ୍ୟବହାରର ସାମଗ୍ରୀ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଯାଇଥିବାବେଳେ ସୌଭାଗ୍ୟ ବଶତଃ ମା'-ଝିଅ ବର୍ତ୍ତି ଯାଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରଣତୀ ମାଝୀଙ୍କ ପାଖରେ ରାସନ କାର୍ଡ ନଥିବାରୁ ସେ ଖାଦ୍ୟ ସୁରକ୍ଷା ଯୋଜନା ସମେତ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ। ଘଟଣା ପରେ ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ ପ୍ରଶାସନ, ପିଇଓ କିମ୍ବା ଅନ୍ୟ କୌଣସି ଅଧିକାରୀ ତାଙ୍କ ନିକଟରେ ପହଞ୍ଚି ନାହାନ୍ତି। ଅନ୍ୟପକ୍ଷରେ, ସରକାରୀ ସହାୟତା ମିଳିନଥିବା ବେଳେ ମାନବିକତାର ପରିଚୟ ଦେଇ ପଡ଼ୋଶୀମାନେ ପ୍ରଣତୀ ମାଝୀ ଓ ତାଙ୍କ ଝିଅଙ୍କୁ ନିଜ ଘରେ ଆଶ୍ରୟ ଦେଇଛନ୍ତି। ପ୍ରଶାସନ ତୁରନ୍ତ ପହଞ୍ଚି ମୌଳିକ ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଲା ବୃଦ୍ଧଙ୍କ ମାଟି ଘର

## ଆବାସ ଯୋଜନାରେ ସାମିଲ କରିବାକୁ ଦାବି



**ଖଡ଼ିଆଳ, ୬।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟା ପଞ୍ଚାୟତର ଜୁନାପଣି ଗ୍ରାମର ଅସହାୟ ବୃଦ୍ଧ କେଚକେଚା ମାଝିଙ୍କ (୭୦)ଙ୍କ ମାଟି ଘର ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଘର ଭାଙ୍ଗିଯିବା ପରେ ବୃଦ୍ଧ ଜଣକ ବାସହରା ହୋଇପଡ଼ିଥିବା ବେଳେ ଖୋଲା ଆକାଶ ତଳେ ଦିନ କାଟିବାକୁ ବାଧ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ବୃଦ୍ଧ ଜଣକ ଏକ ମାଟି ଘରେ ବସବାସ କରୁଥିଲେ। ବର୍ତ୍ତମାନ ହୋଇଥିବା ଲଗାଣ ବର୍ଷାରେ ଘରର କାନ୍ଥ ଦୁର୍ବଳ ହୋଇ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ କୌଣସି ଜୀବନହାନି ଘଟିନଥିଲେ ମଧ୍ୟ ବୃଦ୍ଧଙ୍କ ସମସ୍ତ ଘରୋଇ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ବୃଦ୍ଧ ଜଣକ ବର୍ତ୍ତମାନ ପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ ହୋଇନଥିବାରୁ ତାଙ୍କୁ ଏହି ଯୋଜନାରେ ତୁରନ୍ତ ସାମିଲ କରି ପକ୍କା ଘର ଯୋଗାଇ ଦେବାକୁ ବୃଦ୍ଧ ଓ ଗ୍ରାମବାସୀ ଦାବି କରିଛନ୍ତି। ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ଏଭଳି ଅସହାୟ ପରିବାରଙ୍କୁ ପ୍ରାଥମିକତା ଭିତ୍ତିରେ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

# ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କଲା ପ୍ରଶାସନ

**କେସିଙ୍ଗା, ୬।୭ (ସମିସ):** ଗତ ୩୦ ତାରିଖ ଦିନ କଳାହାଣ୍ଡି ଓ ବଲାଙ୍ଗୀର ସୀମାରେ ଥିବା କେସିଙ୍ଗା ଥାନାର ଅମାଠ ଛକ ଜାତୀୟ ରାଜପଥ ୨୬ ଉପରେ କେସିଙ୍ଗା ପୁଲିସକୁ ମିଳିଥିଲା ପ୍ରାୟ ୫୦ ବର୍ଷର ଜଣେ ଅପରିଚିତ ବ୍ୟକ୍ତିଙ୍କ ଶବ। ଶବ ପାଖରୁ ଗୋଟିଏ ବାଇକ୍ ଓ ୬୩ କେଜି ଗଞ୍ଜେଇ ମଧ୍ୟ ଜବତ କରିଥିଲା ପୁଲିସ। ପରିଚୟ ନ ମିଳିବାରୁ ସେହି ଅଜଣା ଶବକୁ ଶେଷରେ ପ୍ରଶାସନ ପକ୍ଷରୁ ସତ୍କାର କରାଯାଇଛି। ଦୀର୍ଘ ୫ ଦିନ ଧରି ଶବକୁ କେସିଙ୍ଗା ମେଡିକାଲର ଶବ ସଂରକ୍ଷଣ ଗୃହରେ ରଖି ପୁଲିସ ପରିଚୟ ଖୋଜି ନ ପାଇବାରୁ କେସିଙ୍ଗା ଏନ୍ଏସି ସହଯୋଗରେ ସ୍ଥାନୀୟ ତେଲ ନଦୀ କୂଳରେ ପୋତି ଦେଇଥିଲେ। କେସିଙ୍ଗା ପୁଲିସ ଅଧିକାରୀ ଅରକ୍ଷୀତ ମାଝୀ, ଏନ୍ଏସି ଅଧିକାରୀ ଗଦାଧର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ପାଇଁ ବିଦ୍ୟାଳୟ ବନ୍ଦ

**ନୂଆପଡ଼/ସିନାପାଲି, ୬।୭ (ସମିସ):** ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ନୂଆପଡ଼ା ଜିଲ୍ଲା ପାଇଁ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ପୂର୍ବାନୁମାନ ସହ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରହିଛି। ନୂଆପଡ଼ା ଜିଲ୍ଲା ରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବର୍ଷା କିଛି ମାତ୍ରା ରେ କମିଛି। ଏନେଇ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଛୁଟି ଘୋଷଣା ସୂଚନା ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି।

# କପାଚାଷ ନଷ୍ଟ କଲେ ହାତୀପଲ



**ମ.ରାମପୁର, ୬।୭ (ସମିସ):** ମ.ରାମପୁର ବ୍ଲକ ଅନ୍ତର୍ଗତ ଡ଼ମ କର୍ଲାଖୁଣ୍ଟା ପଞ୍ଚାୟତର ଉଳିମୁଣ୍ଡା ଗ୍ରାମରେ ଗତ ବିଳମ୍ବିତ ରାତିରେ ୨୦ରୁ ୨୫ ଟିକିଆ ହାତୀ ଆସି ୨ ଏକର କପା ଚାଷ ଓ ଆମ୍ବଗଛ ନଷ୍ଟ କରିଛନ୍ତି। ଜମିରେ ପଶି ଅମ୍ବା ଗଛ ଭାଙ୍ଗିବା ସହ କପା ଫସଲକୁ ସମ୍ପୂର୍ଣ୍ଣ ଦଳି ଚକଟି ଦେଇଛନ୍ତି। ଋଣ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଏନେଇ ଚାଷୀ ଗଣେଶ ବାଗ ମ.ରାମପୁର ବନବିଭାଗ ନିକଟରେ ଅଭିଯୋଗ କରିଛନ୍ତି। କପା ଚାଷ କ୍ଷୟକ୍ଷତିର ଆକଳନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୀଘ୍ର ଉଚିତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।

# ବର୍ଷାରେ ବୁଡ଼ିଲା ଲଖନା ରେଳୱେ ଅଣ୍ଡର ବ୍ରିଜ

**ନୂଆପଡ଼ା, ୬।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ରେଳୱେ ଅଣ୍ଡର ପାସ୍ ବ୍ରିଜ୍‌ରେ ଏବେ ବର୍ଷା ଜଳ ଲହଡ଼ି ଭାଙ୍ଗୁଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗତ ଦୁଇ ଦିନର ଲଗାଣ ବର୍ଷା ଯୋଗୁଁ ଅଣ୍ଡର ପାସ୍ ବ୍ରିଜ୍‌ରେ ପ୍ରାୟ ୩ ରୁ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ଜମି ରହିଛି, ଯାହାଦ୍ୱାରା ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଣ୍ଡର ବ୍ରିଜ୍‌ର ଉଚ୍ଚତା କମ୍ ଥିବାରୁ ସାଧାରଣ ଦିନରେ ମଧ୍ୟ ବଡ଼ ଚାରିଚକିଆ ଯାନ ଗୁଡ଼ିକ ଏହା ମଧ୍ୟ ଦେଇ ଗତି କରିପାରନ୍ତି ନାହିଁ। ଆଉ ଏବେ ବର୍ଷା ଦିନେ ପାଣି ଜମି ରହିବା ଯୋଗୁଁ ସ୍ଥିତି ଆହୁରି ସଂଗୀନ ହୋଇପଡ଼ିଛି।

ବାରମ୍ବାର ଦାବି ସତ୍ତ୍ୱେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଲଖନା ଅଞ୍ଚଳବାସୀ ସମ୍ବଲପୁର ପୂର୍ବତଟ ରେଳ ଡିଭିଜନର ଡିଆରଏମ୍‌ଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଅନେକ ଆନ୍ଦୋଳନ କରିଛନ୍ତି। ହେଲେ ପୂର୍ବତଟ ରେଳ ବିଭାଗ ଚୁପ୍ ବସିଛି। ଏନେଇ ଅଞ୍ଚଳବାସୀ ରେଳରୋକ ମଧ୍ୟ କରିଥିଲେ। ବିଭିନ୍ନ ସମୟରେ ରେଳ ବିଭାଗର ବଡ଼ ବଡ଼ ଅଧିକାରୀମାନେ ଆସି ସ୍ଥାନୀୟ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରନ୍ତି, ହେଲେ ସେମାନଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ସଦୃଶ ହେଉଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଏହି ସଂଗୀନ ସମସ୍ୟା ପ୍ରତି



ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଏହାର ଏକ ସ୍ଥାୟୀ ସମାଧାନ ଦିଗରେ ଦୃଢ଼ ପଦକ୍ଷେପ ନେବେ ନା ନାହିଁ ତାକୁ ନେଇ ଅପେକ୍ଷା କରିଛନ୍ତି ଲଖନା ଅଞ୍ଚଳ ବାସୀ।

## ୨୦ ବର୍ଷ ମାଟି ମା'ର ସେବା ପରେ ଘରକୁ ଫେରିଲେ

# ବୀରପୁତ୍ର ବିଜେନ୍ଦ୍ରଙ୍କୁ ଭବ୍ୟ ସ୍ୱାଗତ

**ନୂଆପଡ଼ା/ଖଡିଆଳ, ୬।୭ (ସମିସ):** ଦୀର୍ଘ ୨୦ ବର୍ଷ ଧରି ଭାରତୀୟ ବାୟୁସେନାରେ ସେବା କରି ସର୍ଜେଣ୍ଟ ପଦରୁ ଅବସର ନେବା ପରେ ଖଡ଼ିଆଳ ବ୍ଲକ ଦମାପଲା ଗ୍ରାମର ବୀର ପୁତ୍ର ବିଜେନ୍ଦ୍ର କୁମାର ଦଳପତି ନିଜ ଜନ୍ମମାଟିକୁ ଫେରିଛନ୍ତି। ବିଜେନ୍ଦ୍ର ମାତ୍ର ୧୯ ବର୍ଷ ବୟସରେ ୨୦୦୬ ମସିହାରେ ଭାରତୀୟ ବାୟୁସେନାରେ ଯୋଗଦାନ କରିଥିଲେ। ରାଜସ୍ଥାନର ପ୍ରସିଦ୍ଧ ମାଉଣ୍ଟ ଆବୁ ଅଞ୍ଚଳରେ ସାର୍ଜେଣ୍ଟ ଭାବେ କାର୍ଯ୍ୟରତ ରହି ସେ ଦୀର୍ଘ ଦୁଇ ଦଶନ୍ଧି ଧରି ନିଜ କର୍ତ୍ତବ୍ୟ ପାଳନ କରିଥିଲେ।



୩୦ ଜୁନ୍ ୨୦୨୬ରେ ୩୯ ବର୍ଷ ବୟସରେ ଅବସର ଗ୍ରହଣ କରିବା ପରେ ସେ ନିଜ ମାଟିକୁ ଫେରିଥିଲେ। ଖଡ଼ିଆଳରେ ପହଞ୍ଚିବା ପରେ ତାଙ୍କୁ ଫୁଲମାଳ, ଢୋଲ-ନିଶାନ, ଜୟଧ୍ୱନି ପୂର୍ବକ ଭବ୍ୟ ସ୍ୱାଗତ କରାଯାଇଥିଲା।

ଖଡ଼ିଆଳ ଆମ୍ବେଦକର ଛକରୁ ବାହାରିଥିବା ବିଶାଳ ଶୋଭାଯାତ୍ରା ବ୍ଲକ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ନିଜ ପ୍ରତିକ୍ରିୟାରେ ବିଜେନ୍ଦ୍ର ଦଳପତି କହିଥିଲେ, 'ମାଟିର ଋଣ ଶୁଝିବାକୁ ହେଲେ ୟୁନିଫର୍ମ ପିନ୍ଧିବା ଦରକାର'। ଆପଣମାନଙ୍କ ଭଲପାଇବା ଓ ଆଶୀର୍ବାଦ ହିଁ ମୋର ସବୁଠାରୁ ବଡ଼ ପଦକ।

# ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଲାଞ୍ଜିଗଡ଼, ୬।୭ (ସମିସ):** ବିଭିନ୍ନ ଦାବି ନେଇ ଲାଞ୍ଜିଗଡ଼ ବ୍ଲକ ଯୋଗାଣ ସହାୟକ ସଂଘ ଆସନ୍ତା ୧୦ ତାରିଖରୁ ସାମୂହିକ ଛୁଟିରେ ଯିବାକୁ ଚେତାବନୀ ଦେଇଛି। ଏନେଇ ସଂଘ ପକ୍ଷରୁ ସଭାପତି ରାଜେନ୍ଦ୍ର କୁମାର ମହାଖୁଡ଼ଙ୍କ ନେତୃତ୍ୱରେ ସୋମବାର ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଯୋଗାଣ ସହାୟକ ମାନଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାର ଏଯାବତ କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧ ହୋଇ



ଚଳିତ ମାସ ୧୦ରୁ ସମସ୍ତେ ସାମୂହିକ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଜୁଲାଇ ଓ ଅଗଷ୍ଟ ମାସର ରାସନ ବଣ୍ଟନ ପାଇଁ ପ୍ରଶାସନ ଚାପ ପକାଉଥିବାବେଳେ ସଂଘ ପକ୍ଷରୁ ଏହାକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରାଯାଇଛି। ଦାବିପତ୍ର ପ୍ରଦନ ସମୟରେ ସଂଘର ସାଧାରଣ ସମ୍ପାଦକ ନାରାୟଣ ପ୍ରସାଦ ନାୟକ, ତାପସ ରଞ୍ଜନ ଦଳାଇ, କୁଳମଣି ବେହେରା, ପ୍ରତାପ ବିଭାର, ଭାଗ୍ୟବାନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିପୂର୍ଣ୍ଣ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କେସିଙ୍ଗା, ୬।୭ (ସମିସ):** କେସିଙ୍ଗାରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ସଭାଗୃହରେ କେସିଙ୍ଗା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଡ. ହେମ ସାଗର ସାହାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ହରିଶଙ୍କର ଭୋଇ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ସହରର ବହୁ ଲୋକେ ଏହି ବୈଠକରେ ସାମିଲ ହୋଇ ନିଜ ନିଜ ମତାମତ ରଖିଥିଲେ। ଏନଏସି କର୍ତ୍ତୃପକ୍ଷ, ପୁଲିସ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ର ଅଧିକାରୀ ବୈଠକରେ ସାମିଲ ହୋଇଥିଲେ। ଯେମିତି ଶାନ୍ତି ଶୃଙ୍ଖଳା ରେ ରଥଯାତ୍ରା ପାଳନ ହୋଇପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କେସିଙ୍ଗା ର ରଥଯାତ୍ରା ଜାତୀୟ ରାଜପଥ ଉପରେ ଅନୁଷ୍ଠିତ ହେଉଥିବାରୁ ବୈଠକରେ କେସିଙ୍ଗା ଏସଡିପିଓ ଆସନ୍ତା ରଥଯାତ୍ରା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଶାନ୍ତିପୂର୍ଣ୍ଣ ରଥଯାତ୍ରା ପାଳନ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ।

# ବିକାଶ ଶିକ୍ଷାନୁଷ୍ଠାନ ସମୂହରେ ପ୍ୟାରେଣ୍ଟିଂ କର୍ମଶାଳା



**ଭବାନୀପାଟଣା, ୬।୭ (ସମିସ):** ସ୍ଥାନୀୟ ବିକାଶ ଶିକ୍ଷାନୁଷ୍ଠାନରେ ସନ୍ତାନ ସନ୍ତତି ମାନଙ୍କ ପାଳନ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା, ମୁଖ୍ୟ ଶିକ୍ଷା ଅଧିକାରୀ ଡି ପଦ୍ମିନୀ, ମୁଖ୍ୟ ପ୍ରଶାସକଙ୍କ ସମେତ ସମସ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଉପସ୍ଥିତ ଥିଲେ। ଜେସିଆଇ ତାଲିମଦାତା ମୁକେଶ ଅସର ମୁଖ୍ୟ ଅତିଥି ତଥା ତାଲିମଦାତା ଭାବରେ ଯୋଗ ଦେଇଥିଲେ। ପ୍ରଥମେ ଅନୁଷ୍ଠାନର ସମସ୍ତ ନନ୍ ଟିଚିଂ କର୍ମଚାରୀଙ୍କୁ ନେଇ ତାଲିମ ପ୍ରଦାନ କରିଥିବା ବେଳେ ମଧ୍ୟାହ୍ନରେ ପ୍ରାୟ ୪ଶହ ଅଭିଭାବକମାନଙ୍କୁ ନେଇ ସନ୍ତାନ ସନ୍ତତି ପାଳନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ପିଲାଙ୍କ ମନୋଭାବକୁ ବୁଝିବା ଓ ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ତାଙ୍କ କ୍ରିୟା କଳାପ ଶିକ୍ଷଣ ଶୈଳୀରେ ଅଭିଭାବକ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଅପରାହ୍ନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ଅଧିବେଶନ ରହିଥିଲା। ଏଥିରେ ସେ ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ଉପଯୋଗ କରିବା ଦିଗରେ ଓ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ନିଜକୁ କିପରି ସମସ୍ୟା ମୁକ୍ତ ରଖି ପାରିବେ ମାର୍ଗ ଦର୍ଶନ କରାଇଥିଲେ।

# ୭୭ ତମ ବନ ମହୋତ୍ସବ ପାଳିତ

**ଗୋଲାମୁଣ୍ଡା, ୬।୭ (ସମିସ):** ଗୋଲାମୁଣ୍ଡା ସଦର ସ୍ଥିତ କୃଷି କାର୍ଯ୍ୟାଳୟ ଅଗଣାରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପଦ୍ମା ମଞ୍ଜରୀ ପ୍ରଧାନ ଓ ସମସ୍ତ ମହିଳା ପରିଦର୍ଶିକା, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗୋଲାମୁଣ୍ଡା ବନପାଳ ରମେଶ ବାଗ୍, ସହକାରୀ କୃଷି ଅଧିକାରୀ ସମୀର ପାତ୍ରଙ୍କ ସହିତ କୃଷି ବିଭାଗର ସମସ୍ତ କର୍ମଚାରୀ, ପ୍ରସନ୍ନ ରାଉତ, ପ୍ରଦୀପ ପଣ୍ଡା ଏବଂ ସର୍ବମଙ୍ଗଳା ଡିଗ୍ରୀ କଲେଜର ଛାତ୍ର, ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# କଲମପୁର ଆଦର୍ଶ ବିଦ୍ୟାଳୟରେ ମକ୍‌ଡ୍ରିଲ

**କଲମପୁର, ୬।୭ (ସମିସ):** କଲମପୁର ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିପର୍ଯ୍ୟୟ ପ୍ରଶମନ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାହୁଲ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲମପୁର ଅଗ୍ନିଶମ ସେବା ବିଭାଗର ଭାରପ୍ରାପ୍ତ ଅଧିକାରୀ ପ୍ରେମ ରଣାଙ୍କ ନେତୃତ୍ୱରେ ଏକଦଳ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବଜ୍ରାଘାତ ସମୟରେ କିପରି ନିଜକୁ ସୁରକ୍ଷିତ ରଖିବେ, ଅଗ୍ନିକାଣ୍ଡ ଘଟିଲେ କଣ କୌଶଳ ଗ୍ରହଣ କରିବେ, ପାଣିରେ ବୁଡି ଯାଉଥିବା ସମୟରେ କଣ କରାଯାଇ ପାରେ ଶିଖାଇଥିଲେ। ଫାୟାର ଫୋର୍ସ ସାରଦା ଭୂଷଣ ହୋତା ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ରାକେଶ ପରିମାଣିକ, ଦିବ୍ୟ ଲୋଚନ ବେହେରା, ପ୍ରଦୀପ କୁମାର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

# ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ଧର୍ମଗଡ଼, ୬।୭ (ସମିସ):** ଧର୍ମଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ବ୍ରାହ୍ମଣଛେଣ୍ଡିଆ ସ୍ଥିତ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର



ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀକାନ୍ତ ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚନ୍ଦନ ସେଠୀ, ରେଞ୍ଜର ଭବାନୀ ଶଙ୍କର କାଉର, ବନପାଳ ସୀମା ଧଙ୍ଗଡ଼ାମାଝୀ, ଝୁନୁମାଳା ସାହୁ, ଅନିତା ଦୁର୍ଗା, ରିଟେନର ସଂଯୁକ୍ତା ପଣ୍ଡା, ତାଲୁକ ଆଇନ ସେବା ସମିତିର ସଦସ୍ୟ ତଥା ଆଇନଜୀବୀ ମିହିର ରଞ୍ଜନ ପଟ୍ଟଯୋଶୀ, ବିନୋଦ ନାଏକ, କଲ୍ୟାଣୀ ନାଏକ, ଗଙ୍ଗାଧର ମଙ୍ଗରାଜ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ନାଏକଙ୍କ ସମେତ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରି ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାର କହିଥିଲେ ଯେ, ପରିବେଶର ସନ୍ତୁଳନ ରକ୍ଷା ପାଇଁ ବୃକ୍ଷରୋପଣ ଓ ବନ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

# ନୂଆପଡ଼ା ସଦର ମହକୁମାରେ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡ଼ା/କୋମନା/ସିନାପାଲି, ୬।୭ (ସମିସ)**

ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଳ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ହୋଇଯାଇଛି। ଶିବିରରେ ମୋଟ ୫୪ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିରୁ ୪୯ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଥିଲା। ଦୁଇଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇ ରେଡକ୍ରସ୍ ପାଣ୍ଠିରୁ ଦୁଖୁରାମ କଲାର ଓ ଚିନ୍ତାମଣି ମାଝୀଙ୍କୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ସେହିପରି ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ବ୍ୟକ୍ତିଙ୍କୁ 'ସ୍ୱଚ୍ଛ ଦୂତ' ସମ୍ମାନ ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାଁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି


**ଭବାନୀପାଟଣା, ୬।୭ (ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଏସ୍‌ପି ନାଗରାଜ ଦେବରକୋଣ୍ଡା ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ମୋଟ ୧୦୮ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିବାବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ୮୩ଟି ଓ ସାମୂହିକ ୧୫ଟି ରହିଥିଲା। ୧୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସେହିପରି ୭ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର ସମେତ ବିଭିନ୍ନ ବିଭାଗର ଅଧିକାରୀଗଣ ଯୋଗ ଦେଇଥିଲେ।

# ଭୋଗରାଇ ବ୍ଲକରେ ୧୧ ହଜାର ୨୭ ଜଣ ଭୋଟର ତାଲିକାରୁ ବାଦ୍

ବାଲେଶ୍ୱର(ଉତ୍ତର), ୬।୭ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅନ୍ତର୍ଗତ ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଚିଠା ଭୋଟର ତାଲିକା ରବିବାର ପ୍ରକାଶ ପାଇଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମନୋରମା ଭୂୟାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୩ ଜଣ ସହକାରୀ ପଞ୍ଜୀକରଣ ଅଧିକାରୀଙ୍କ ସହିତ ବିଜେଡି, ବିଜେପି, କଂଗ୍ରେସ ଓ ସିପିଏମ୍‌ର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ତାଲିକା ପ୍ରକାଶ କରିଥିଲେ। ଚଳିତ ସ୍ୱତନ୍ତ୍ର ସଘନ ସଂଶୋଧନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପରିଗଣନା ଫର୍ମର ପ୍ରିଣ୍ଟ ଏବଂ ଡିଜିଟାଇଜେସନ୍ ସଫଳତାର ସହ ଶେଷ ହୋଇଥିଲା ବେଳେ ନିର୍ବାଚନମଣ୍ଡଳୀର ୫୩ ଟି ନୂତନ ଭୋଟ୍ ଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି ଓ ମୋଟ ଭୋଟ୍ ଗ୍ରହଣ କେନ୍ଦ୍ର ସଂଖ୍ୟା ୩୦୬ରେ ପହଞ୍ଚିଛି। ଏହି ସମସ୍ତ ବୁଥ୍‌ରେ ବିଏଲଓ ଓ ବିଏଲଏମାନେ ଉପସ୍ଥିତ ରହି ଚିଠା ଭୋଟର ତାଲିକା ପ୍ରକାଶ କରିଥିଲେ। ଉକ୍ତ ନିର୍ବାଚନ ମଣ୍ଡଳୀରେ ୨,୩୨,୫୦୨ ଜଣଙ୍କ ମଧ୍ୟରୁ ୨,୨୧୪୭୫ ଜଣ ଭୋଟରଙ୍କ ନାମ ଚିଠା ଭୋଟର ତାଲିକାରେ ପ୍ରକାଶ ପାଇଛି। ୧୧,୦୨୭ ଜଣ ଭୋଟରଙ୍କ ପରିଗଣନା ଫର୍ମ ସଂଗ୍ରହ-ହୋଇନଥିବାରୁ ଚିଠା ଭୋଟର ତାଲିକାରୁ ସେମାନେ ବାଦ ପଡ଼ିଛନ୍ତି। ଏହି ୧୧,୦୨୭ ଜଣଙ୍କ ମଧ୍ୟରୁ ମୃତ ଭୋଟର ସଂଖ୍ୟା ୩,୭୯୩ ଜଣ, ଅନୁପସ୍ଥିତି ୧୧୪୨, ସ୍ଥାୟି ସ୍ଥାନାନ୍ତର ୪,୯୬୨, ପୂର୍ବରୁ ଅନ୍ତର୍ଭୁକ୍ତ ୧୦୮୫ ଏବଂ ଅନ୍ୟକାରଣପାଇଁ ୮୧ଜଣବାଦ୍‌ପଡ଼ିଥିବା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଶ୍ରୀମତୀ ଭୂୟାଁ ସୂଚନା ଦେଇଥିଲେ। ଅପର ପକ୍ଷରେ ଭୋଟର ତାଲିକାରେ ନାମ ସଂଯୋଗ ଓ ସଂଶୋଧନ ପାଇଁ ଆପତ୍ତି କରିବାର ସମୟ ୫ ଜୁଲାଇଠାରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ରହିଛି। ଏହାପରେ ଚୂଡ଼ାନ୍ତ ଭୋଟର ତାଲିକା ୬ ସେପ୍ଟେମ୍ବର ରବିବାର ଦିନ ପ୍ରକାଶିତ ହେବ ବୋଲି ସୂଚନା ରହିଛି। ଏହି କାର୍ଯ୍ୟକ୍ରମରେ ବିଜେଡି ତରଫରୁ ପ୍ରବୀର କୁମାର ଦାସ, ବିଜେପି ପକ୍ଷରୁ ଅଶୋକ ଦାସ, କଂଗ୍ରେସ ତରଫରୁ ସୁନୀଲ କୁମାର ମହାନ୍ତି ଓ ସି ପି ଆଇ ଏମ ତରଫରୁ ବିଶ୍?ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କମର୍ଦ୍ଦା ପୁଲିସ ପଞ୍ଝାରେ ଆନ୍ତଃରାଜ୍ୟ ଡକାୟତ

ବାଲେଶ୍ୱର(ଉତ୍ତର), ୬।୭ (ସମିସ) : ଉତ୍ତର ବାଲେଶ୍ୱର ଅଞ୍ଚଳର ବିଭିନ୍ନ ମନ୍ଦିର, ଦୋକାନ ଇତ୍ୟାଦିରୁ ଲୁଟ କରି ଖସି



ଯାଉଥିବା ଆନ୍ତରାଜ୍ୟ ଡକାୟତକୁ ଆଜି କମର୍ଦ୍ଦା ପୁଲିସ ଧରିବାରେ ସକ୍ଷମ ହୋଇଛି। ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ମହାଗବ ଗ୍ରାମର ବ୍ରଜ ଗୋପାଳ ଦାସ ବର୍ଷ ବର୍ଷ ଧରି ଆନ୍ତରାଜ୍ୟ ଡକାୟତିରେ ଜଡିତ ଥିଲେ। ପୂର୍ବରୁ କେନ୍ଦୁଝର ପୁଲିସ ୧୦ ସେପ୍ଟେମ୍ବର ୨୦୨୫ରେ ଜଳେଶ୍ୱର ଅଞ୍ଚଳରୁ ବ୍ରଜ ଗୋପାଳ କୁ ଗିରଫ କରିବା ସହିତ ଲୁଟ୍ ସାମଗ୍ରୀ, ତେଲେଙ୍ଗା କଟୁରୀ ସମେତ ବିଭିନ୍ନ ଡକାୟତି ସାମଗ୍ରୀ ଜବଦ କରିଥିଲା। ଜେଲରୁ ବାହାରିବା ପରେ ପୁଣି ବିଭିନ୍ନ ଲୁଟ୍ ଘଟଣାରେ ସକ୍ରିୟ ଥିବା ସହିତ ପଶ୍ଚିମବଙ୍ଗରେ ଘଟିଥିବା ବ୍ୟାଙ୍କ ଡକାୟତି ଏବଂ ବାଲେଶ୍ୱର ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଲୁଟ୍ ଘଟଣାରେ ମଧ୍ୟ ତାଙ୍କ ସମ୍ପୃକ୍ତି ଥିବା ନେଇ କମର୍ଦ୍ଦା ପୁଲିସ ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ପଚରାଉଚରା ଚଳାଇଛି। ତାଙ୍କ ବିରୋଧରେ ଆଉ କେତେ ମାମଲା ରହିଛି ଏବଂ ଏହି ଆନ୍ତଃରାଜ୍ୟ ଡକାୟତରେ ଅନ୍ୟ ମାନେ ଜଡ଼ିତ ଅଛନ୍ତି କି ନାହିଁ ତଦନ୍ତ କରୁଥିବା ସୂଚନା ମିଳିଛି।

# ଟାଉନ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର,୬।୭(ସମିସ): ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ଦୁଇ ଦିନିଆ ବାର୍ଷିକ ଉତ୍ସବ କେନ୍ଦ୍ରୀୟ ବିଦ୍ୟାଳୟର କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସାମସ୍ଥିତ ଠାକୁର ନିଗମାନନ୍ଦ ସରସ୍ୱତୀ ପରମହଂସଦେବଙ୍କ ସାରସ୍ୱତ ମଠର ପୂଜ୍ୟ ମହନ୍ତ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ପୌରହିତ୍ୟ କରିଥିଲେ। ଓଡ଼ିଶାର କଦମକଂଟା ବିଭାଗୀୟ ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ଶ୍ରୀମଦ୍ ଅଦ୍ୱୈତ୍ୟନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ। ଏଥିରେ ଅନ୍ୟାନ୍ୟ ସାଧୁଙ୍କ ସମେତ ବହୁ ଭକ୍ତ ଯୋଗଦେଇଥିଲେ। ମହନ୍ତ ମହାରାଜ ଦୀକ୍ଷା ପ୍ରଦାନ କରିଥିଲେ।

# ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବି

ବାଲେଶ୍ୱର, ୬।୭ (ସମିସ): ରସାଳପୁର ୧୩ନମ୍ବର ୱାର୍ଡର ପାଣିପଂଚାୟତରେ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଆଜି ଚାଷୀମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି। ସଦର ବ୍ଲକ ଅର୍ନ୍ତଗତ ରସାଳପୁର ଗ୍ରାମପଂଚାୟତ ୧୩ନମ୍ବର ୱାର୍ଡରେ ରହିଛି ପାଣିପଂଚାୟତ। ଏହି ପାଣିପଂଚାୟତ ଅଧିନରେ ଖରିଫ ଏବଂ ରବି ଧାନକୁ ମିଶାଇ ମୋଟ ୩୦ଏକରରୁ ଅଧିକ ଜମିରେ ଚାଷ କରାଯାଏ। ମାତ୍ର ୨୦୨୪ମସିହା ଡିସେମ୍ବର ମାସ ୧ତାରିଖରେ ଲାଇନ ନଥିବାରୁ ସୁଯୋଗ ନେଇ ଚୋରମାନେ ପାଣିପଂଚାୟତରେ ଲାଗିଥିବା ୨୫କେଭିର ଟ୍ରାନ୍ସଫର୍ମରକୁ ଚୋରି କରି ନେଇଛନ୍ତି। ଚୋରିର ପରଦିନ ଏହି ଘଟଣା ଜଣାପଡିବା ପରେ ଜୟଦେବକସବା ଫାଣ୍ଡିରେ ଏନେଥ ଲିଖିତ ଅଭିଯୋଗ ମଧ୍ୟ କରାଯାଇଥିଲା। ଏହାସହ ବିଦ୍ୟୁତ ବିଭାଗର ଏସଡିଓଙ୍କୁ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ଟ୍ରାନ୍ସଫର୍ମର ସଂଯୋଗ କରାଯାଇ ନାହିଁ। ଫଳରେ ଚାଷୀମାନେ ଚାଷ କାର୍ଯ୍ୟ କରିବାରେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଚାଷୀମାନେ ଚଳିତ ବର୍ଷ ତଳି ପକାଇବା ଏବଂ ଚାଷମାନେ ହଲ କରିବା ପରେ ପାଣିର ଅସୁବିଧା ଥିବା ହେତୁ ସେମାନେ ହତାଶ ହୋଇପଡ଼ିଛନ୍ତି। ଏଣୁ ଚାଷୀମାନଙ୍କ ଦୁଃଖ ଓ ଦୁର୍ଦ୍ଦଶା ଦୂର କରିବା ପାଇଁ ତୁରନ୍ତ ୨୫କେଭିର ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଚାଷୀ ରବୀନ୍ଦ୍ରନାଥ ଘଡେଇ, ବିଜୟ କୁମାର ମହାଲ, ରବୀନ୍ଦ୍ର ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

# ନୂଆବଜାର ରାସ୍ତା ପାଲଟିଛି ଅଳିଆ ଗଦା

ବାଲେଶ୍ୱର, ୬।୭ (ସମିସ)



ରାତି ପାହିଲେ ଶହ ଶହ ଲୋକ ବଜାର କରିବାକୁ ଯାଉଥିବା ପ୍ରମୁଖ ବଜାର ନୂଆବଜାରକୁ ଯିବା ରାସ୍ତା ଏବେ ଅଳିଆ ଗଦାରେ ପରିଣତ ହୋଇଛି। ପ୍ରତିଦିନ ରାସ୍ତା ଉପରେ ଗଦା ଗଦା ପଚା ପନିପରିବା, ଫଳ ଓ ଅନ୍ୟାନ୍ୟ ଅଦରକାରୀ ଜିନିଷ ପଡୁଥିବା ବେଳେ ଠିକ୍ ଭାବେ ଅଳିଆ ଉଠୁ ନଥିବାରୁ ସମ୍ପୂର୍ଣ୍ଣ ଅଞ୍ଚଳ ଦୁର୍ଗନ୍ଧମୟ ହୋଇପଡ଼ିଛି। ଏହା ହେଉଛି ବାଲେଶ୍ୱର ପୌରପାଳିକା ୱାର୍ଡ ନମ୍ବର ୧୮ର ନୂଆବଜାର ସାରଥୀ ସଙ୍ଘ ନିକଟସ୍ଥ ମୁଖ୍ୟ ରାସ୍ତା। ଗତ କିଛି ଦିନ ହେବ ଏଠାରେ ଅଳିଆ ସଫା ନହେବା ସହ ଡମ୍ପିଂ ମଧ୍ୟ ହୋଇନଥିବାରୁ ସ୍ଥାନୀୟ ବାସିନ୍ଦା ଓ ରାସ୍ତା ପାଖ ଦୋକାନୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଳିଆ ଏଠାରେ କେତେଦିନ ଉଠୁଛି କେତେଦିନ ଉଠୁନି। ଦିନେ ଦିନେ ସେମିତି ପଡ଼ି ରହୁଛି। ଫଳରେ ପଚା ଫଳ, ମାଛ କାତି, ପଲିଥିନ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ରାସ୍ତା ଉପରକୁ ପଳେଇ ଆସୁଛି। ଅଳିଆ ଯୋଗୁଁ ରାସ୍ତାରେ ଦୁଇ ଚକିଆ ଗାଡ଼ି ମଧ୍ୟ ଯିବା ଆସିବା କଷ୍ଟକର ହୋଇପଡ଼ିଛି, ଚାରି ଚକିଆ ଗାଡ଼ି ତ ଦୂର କଥା। ଆଖପାଖରେ ଫଳ ବ୍ୟବସାୟୀ ଓ ଅନେକ ଦୋକାନ ରହିଥିବାରୁ ଦୁର୍ଗନ୍ଧ ଯୋଗୁଁ ଗ୍ରାହକ ଆସୁନଥିବାରୁ ବ୍ୟବସାୟ ମାନ୍ଦା ପଡ଼ିଛି। ଆଖପାଖରେ ରହୁଥିବା ପରିବାର ମାନେ ମଧ୍ୟ ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡ଼ିଛନ୍ତି। ବର୍ଷା ହେଲେ ପଚା

**ଦୁର୍ଗନ୍ଧରେ ନାକ ଫାଟୁଛି, ଲୋକେ ଅତିଷ୍ଠ**

ଅଳିଆରୁ ଆହୁରି ତୀବ୍ର ଦୁର୍ଗନ୍ଧ ବାହାରୁଥିବାରୁ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଏବେ କୌଣସି ୱାର୍ଡରେ ରାସ୍ତା କଡ଼ରେ ଡଷ୍ଟବିନ ନଥିବାରୁ ଲୋକେ ରାସ୍ତା ଉପରେ ହିଁ ଅଳିଆ ପକାଇ ଦେଉଛନ୍ତି। ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ପରିବା, ପଚା ଫଳର ଅଳିଆ ଶୌଚାଳୟ ସମ୍ମୁଖ ରାସ୍ତା ଉପରେ ପକାଉଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ କାଉନସିଲର ଅର୍ପିତ ପଟ୍ଟନାୟକ କହିଛନ୍ତି ୱାର୍ଡରେ ସଫେଇ ପାଇଁ ଆବଶ୍ୟକ ମୁତାବକ କର୍ମଚାରୀ ଦେଉନାହାନ୍ତି। ଆଜି ତିନି ଜଣ ସଫେଇ କର୍ମଚାରୀ ଦେଇଥିଲେ। ଏତେ ବଡ଼ ଅଞ୍ଚଳରେ ତିନି ଜଣ ଲୋକ କେମିତି ସଫା କରିପାରିବେ। ତେଣୁ ଠିକ୍ ଭାବେ ନାଳ, ରାସ୍ତା ସଫେଇ ହୋଇପାରୁନାହିଁ। ଏ ନେଇ ମୁଁ ପୌରପାଳିକା ଇଓଙ୍କୁ ମଧ୍ୟ ଜଣାଇଛି। ଲୋକମାନେ ବି ସଚେତନ ହେବା ଦରକାର। ସେହି ରାସ୍ତାରେ ଅଳିଆ ନପକାଇବା ପାଇଁ ବାରମ୍ବାର ମନା କରିଛୁ। ଅଞ୍ଚଳବାସୀ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏହାର ସମାଧାନ ସହ ନିୟମିତ ସଫା ବ୍ୟବସ୍ଥା ଓ ଡମ୍ପିଂ କରିବାକୁ ଦାବି କରିଛନ୍ତି। ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

# ଫାଣ୍ଡିଛକରୁ ନୂଆବଜାର ଲେବୁଲ କ୍ରସିଂ ଯାଏଁ ରାସ୍ତା ଅବରୋଧ

ବାଲେଶ୍ୱର,୬।୭(ସମିସ): ସହରର ଫାଣ୍ଡି ଛକ ଠାରୁ ନୂଆବଜାର ଲେବୁଲ କ୍ରସିଂ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଦୋକାନମାନ ସକାଳ ଠାରୁ ରାତି୧୦ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଏପରକି କେତେକ ଅସ୍ଥାୟୀ ଉଠା ଦୋକାନୀମାନେ ବସିବା ଦ୍ୱାରା ସରକାରୀ ରାସ୍ତା ସଙ୍କୋଚିତ ହେଉଛି। କେତେକ ପରିବା ଦୋକାନୀ ସେମାନଙ୍କର ବଳୁଥିବା ପଚା ପରିବା, କଦଳୀ ଭଣ୍ଡା, କୁଟା, କଦଳୀପତ୍ର ଆଦି ମଝିରାସ୍ତାକୁ ଫିଙ୍ଗୁଛନ୍ତି ଯାହାଦ୍ୱାରା ବର୍ଷାଦିନେ ତାହା ପଚି ରାସ୍ତାକୁ ଖରାପ କରୁଛି। ଏହି ରାସ୍ତା ଏକ ବ୍ୟସ୍ତ ବହୁଳ ରାସ୍ତା ଅଟେ। ପିଲାମାନଙ୍କ ଠାରୁ ଆରମ୍ଭ କରି ପଥଚାରୀମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ହେଲେ ଅନୁତାପର ବିଷୟ ଏହି ଯେ ସରକାର ସ୍ୱଚ୍ଛଭାରତ ନାମରେ ଭୋର ଠାରୁ ଟେମ୍ପୋ ଘରୁ ବାହାରୁ ଥିବା ଶୁଖିଲା ଓ ଓଦା ବାହ୍ୟବସ୍ତୁ ସଂଗ୍ରହ କରୁଛନ୍ତି। ହେଲେ ଫାଣ୍ଡିଛକଠାରୁ ଲେବୁଲ କ୍ରସିଂ ପର୍ଯ୍ୟନ୍ତ ରହୁଥିବା ଦୋକାନମାନଙ୍କର ବହୁ ଅଳିଆ ଆବର୍ଜନା ଉଠା ହେଉନଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଏଣୁ ସେଠାକାର ଦୋକାନମାନେ ଅଳିଆ ଆବର୍ଜନା ଗୁଡିକ ଟେମ୍ପୋକୁ ଦେବାକୁ ଜିଲ୍ଲାପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ସହ ଯେଉଁମାନେ ଏଥିରେ ଖିଲାପ କରୁଛନ୍ତି ସେମାନଙ୍କ ଠାରୁ ହଜାରେ ଟଙ୍କା ଜୋରିମାନା ନେବାକୁ ଜାଗ୍ରତ ନାରୀ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଭେଟି ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ମମତା ଦାସ, ଜୟଶ୍ରୀ ଦାସ, ସଞ୍ଜିତା ଆଢ଼୍ୟ, କଲ୍ୟାଣୀ ଆଚାର୍ଯ୍ୟ, ଛଳନା ଦାସ, ପ୍ରତିଭା ପ୍ରହରାଜ, ଅନନ୍ୟା ଜ୍ୟୋତି, ବିଦ୍ୟୁତପ୍ରଭା ପାଠୀ, ବାସନ୍ତୀ ମିଶ୍ର, ତରୁଲତା ସାହୁ, ଲକ୍ଷ୍ମୀପ୍ରୀୟା ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ ଦାବିରେ ବିଡିଓଙ୍କୁ ଭେଟିଲେ ଆଳଦା ବାଲିସାହି ବାସିନ୍ଦା



ଖଇରା,୬।୭ (ସମିସ): ଖଇରା ବ୍ଲକ ଖଇରା ପଞ୍ଚାୟତ ଅଧୀନ ଆଳଦା ବାଲିସାହି ପାଇଁ ବିକଶିତ ଗାଁ ବିକଶିତ ଓଡିଶାରେ ପ୍ରସ୍ତାବ ଦିଆଯାଇଥିବା ବିଭିନ୍ନ ପ୍ରକଳ୍ପ ବିଶେଷ କରି ରାସ୍ତାକୁ ଅନୁମୋଦନ କରାଯାଉନଥିବାରୁ ସାହିବାସିନ୍ଦା ଚାଷଜମିକୁ ଯାଇ ପାରୁନାହାଁନ୍ତି ଏବଂ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି। ପ୍ରତିବାଦରେ ୭ନମ୍ବର ୱାର୍ଡସଭ୍ୟା କୁଙ୍କୁମ ସାହୁ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ ବାସିନ୍ଦା ସୋମବାର ଅପରାହ୍ନରେ ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ର କେବଳ ତାଙ୍କ ସାହି ନୁହେଁ ପଞ୍ଚାୟତକୁ ଆସୁଥିବା ଅନୁଦାନରୁ ଅର୍ଥ କାଟି ବ୍ଲକ ରେ ପାର୍କ କାମ ସହ ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ଏହି ପାର୍କ ପାଇଁ ପ୍ରଥମେ ୯ଲକ୍ଷ୨୫ହଜାର, ତାପରେ ୭ଲକ୍ଷ ଓ ଏବେ ନିକଟରେ ପୁଣି ସାଢେ ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗୋଟିଏ ପଟେ ଚାଷୀ ରାସ୍ତା ନଥିବାରୁ ଚାଷଜମିକୁ ଯାଇ ପାରୁନଥିବା ବେଳେ ଅନ୍ୟପଟେ ଏହି ପଇସାରୁ କାଟି ପାର୍କ ତିଆରି କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଡିଓ ନାରାୟଣ ସାହୁ ସାହି ବାସିନ୍ଦାଙ୍କ ସହ ଆଲୋଚନା କରି ୧ମାସ ମଧ୍ୟରେ ଆଳଦା ହରିହାଟ ଠାରୁ କୁଡୁମ କେନାଲ ରାସ୍ତା ନିର୍ମାଣ ସହ ବାକି କାର୍ଯ୍ୟ ଗୁଡିକୁ ଭିବି ଜି ରାମଜି ରେ ନିର୍ମାଣ ପାଇଁ ପ୍ରତିଶୃତି ଦେବା ଗ୍ରାମବାସୀ ମାନେ ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ସାହିର ବାସିନ୍ଦା ପ୍ରଫୁଲ୍ଲ କୁମାର ସାହୁ, ପ୍ରିୟବ୍ରତ ସାହୁ, ଦିପଙ୍କର ସାହୁ, ଉପେନ୍ଦ୍ର ବେହେରା, ରଘୁନାଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ ବାଲେଶ୍ୱରର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ




ବାଲେଶ୍ୱର, ୬।୭ (ସମିସ): ରୋଟାରୀ କ୍ଲବ, ବାଲେଶ୍ୱରର ୨୦୨୬-୨୭ ବର୍ଷ ପାଇଁ ମନୋନୀତ ନୂତନ କର୍ମକର୍ତ୍ତାଙ୍କ ପଦ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜୟନ୍ତ ବେହେରା ଓ ସଚିବ ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଶାନ୍ତ କୁମାର ମଣ୍ଡଳଙ୍କୁ ପଦ ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଅନୀଲ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟବାହୀ ସଭ୍ୟଙ୍କୁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି। ବିଦାୟୀ ସଭାପତି ଦେବାଶିଷ ଦାସ ଓ ସଚିବ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କମଳାକାନ୍ତ ମୁଦୁଲି ଆନୁଷ୍ଠାନିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମକୁ ଭି. ଉଦୟ କୁମାର ସଞ୍ଚାଳନ କରିଥିଲେ। ରୋଟ୍ରାକ୍ଟ କ୍ଲବ ଓ ଇନରହୁଇଲ କ୍ଲବର କାର୍ଯ୍ୟକର୍ତ୍ତାମାନେ ମଧ୍ୟ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



କାଳିପଦା, ୬।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ ସୋମବାର ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ପକ୍ଷରୁ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର କଲେଜ ପରିସରରେ ଉଦଘାଟିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରି ଶିବିରକୁ ଉଦଘାଟନ କରି ମହିଳା ସଶକ୍ତି କରଣ, ଉଚ୍ଚ ଶିକ୍ଷାରେ ପ୍ରୋତ୍ସାହନ, ସମାଜରେ ମହିଳା ମାନଙ୍କ ସମ୍ମାନକୁ ସୁଦୃଢ କରିବା ଆଦି ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି ଶିବିର ଆଠ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଆଜି ର ଉଦଘାଟନ ଉତ୍ସବରେ ମାଷ୍ଟର ଟ୍ରେନର ସୁସ୍ମିତା ପାଲ, ସଂଯୋଜିକା ଅଧ୍ୟାପିକା ସ୍ୱାଗତିକା ଜେନା, ମହିଳା ଆତ୍ମସୁରକ୍ଷା ସଂଯୋଜିକା ଅଧ୍ୟାପିକା ତନୁଶ୍ରୀ ନାୟକ, ଲିମନ ଲିପ୍ସା ପାତ୍ର, ଫ୍ଲୋରେନ୍ସ ଗିରି, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏହି ଯୋଜନା ସମ୍ପର୍କରେ କହିଥିଲେ। ଅଧ୍ୟାପିକା ଲିଜାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ




ରେମୁଣା, ୬।୭ (ସମିସ): ରେମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ଆନୁକୂଲ୍ୟରେ ୭୭ ତମ ବନ ମହୋତ୍ସବ ସପ୍ତାହ -୨୦୨୬ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବୀରେଶ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ୟୁଥ୍ ରେଡ୍‌କ୍ରସ ଓ ରେଡ୍ ରିବନ୍ କ୍ଲବ୍‌ର ପରାମର୍ଶଦାତା ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର କୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିବା ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପିକା ଦୀପ୍ତି କମିଲା, ରୀତାରାଣୀ ଦାସ, ଡ଼ ଏଲିନା ମହାପାତ୍ର ଅଧ୍ୟାପକ ଶିବ ନାରାୟଣ ପଣ୍ଡା, ଗୌରାଙ୍ଗ ପଣ୍ଡା ତଥା ଅରିନ୍ କୁମାର ପତି ପ୍ରମୁଖ ଯୋଗ ଦେଇ ବନମହୋତ୍ସବ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସିଦ୍ଧାର୍ଥ ଶଙ୍କର କୁଣ୍ଡୁ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଏଲିନା ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଲଙ୍ଗଳେଶ୍ୱର, ୬।୭ (ସମିସ): ବାଲେଶ୍ୱର ସିଂଲା ଥାନା ଅନ୍ତର୍ଗତ ସାଉଡି ପଞ୍ଚାୟତ ଅଫିସ ତାଲା ଭାଙ୍ଗି ପ୍ରାୟ ୩ ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କାର ଜିନିଷ ପତ୍ର ଲୁଟିନେଲେ ଦୁର୍ବୃତ୍ତ। ସାଉଡି ସରପଞ୍ଚ ଧରଣୀଧର ମଲ୍ଲିକ ଏବଂ ପଞ୍ଚାୟତ ପିଇଓ ଗୌରାଙ୍ଗ ଚରଣ ମାଝୀ ପଞ୍ଚାୟତ ଅଫିସ କାର୍ଯ୍ୟ ସାରି ସନ୍ଧ୍ୟା ସମୟରେ ଅଫିସ ବନ୍ଦ କରି ଘରକୁ ଫେରିଥିଲେ। ତହିଁ ପରଦିନ ସକାଳେ ଖବର ପାଇ ସରପଞ୍ଚ ଅଫିସ ପହଞ୍ଚି ଦେଖିଲାବେଳକୁ ତାଲା ଭାଙ୍ଗି ଅଫିସରେ ଥିବା ୟୁପିଏସ, ଇନଭେଟର, କମ୍ପ୍ୟୁଟର, ଗଡରେଜ, ଟିଭି ଆଦି ସାମଗ୍ରୀ ବୋହିନେବା ସହିତ ବହୁ ଦରକାରୀ କାଗଜପତ୍ର ନଷ୍ଟ କରିଦେଇଛି। ଏ ନେଇ ସରପଞ୍ଚ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ ଏବଂ ନିକଟସ୍ଥ ସାର୍ଥା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ଦୀପକ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇ ଥିବା ଜଣାପଡିଛି।

# ଶ୍ମଶାନ ଜମିରୁ ଜବରଦଖଲ ଉଚ୍ଛେଦ ଦାବିରେ ଅନଶନ

ବାଲେଶ୍ୱର ସଦର/ରାଜଘାଟ, ୬।୭ (ସମିସ)



ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡ଼ିଆ ଗ୍ରାମର ସରକାରୀ ଶ୍ମଶାନ ଜମିରୁ ଜବର ଦଖଲ ଉଛେଦ ଦାବିରେ ଆରମ୍ଭ ହୋଇଥିବା ଆମରଣ ଅନଶନ ଦୁଇଘଣ୍ଟା ପରେ ଭଙ୍ଗ ହୋଇଛି। ବସ୍ତା ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଅନଶନକାରୀମାନେ ଜୁସ୍ ପିଇ ଅନଶନ ଭଙ୍ଗ କରିଛନ୍ତି।ଆଜି ସକାଳ ୧୦ଟା ରୁ ଗ୍ରାମର ସୁବର୍ଣ୍ଣ ଦାସ, ଝାଡ଼େଶ୍ୱର ପ୍ରଧାନ, ଅନନ୍ତ ଅଣ୍ଡିଆ, ପୂର୍ଣଚନ୍ଦ୍ର ପ୍ରଧାନ, ରମାକାନ୍ତ ଜେନା, ପ୍ରଦୀପ ପ୍ରଧାନ, ସୁଦର୍ଶନ ସାହୁ, ପ୍ରତାପ ସାହୁ, ସୁଶାନ୍ତ ଦେ, ଟୁକୁ ବିଦ୍ଧାଣି ସହ ବହୁ ଗ୍ରାମବାସୀ ଅନଶନରେ ବସିଥିବାବେଳେ କଂଗ୍ରେସ ପକ୍ଷରୁ ଜିଲ୍ଲା ଉପସଭାପତି ସୁଧାଂଶୁ ଶେଖର ଜେନା, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଉପସଭାପତି ରବୀନ୍ଦ୍ର ଦାସ, ବ୍ଲକ ସାଧାରଣ ସମ୍ପାଦକ ମଦନ ଭକ୍ତା, ଅଞ୍ଜଳି ପ୍ରଧାନ, ଗୌରୀଶଙ୍କର ଜେନାଙ୍କ ସହ ବହୁ କଂଗ୍ରେସ କର୍ମୀ ଅନଶନକାରୀଙ୍କ ସହ ଭେଟି ଆଲୋଚନା କରି ଅନଶନରେ ସାମିଲ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଗତ ୨୦୨୫ ମାର୍ଚ୍ଚ ୫ ତାରିଖ ଓ ବାଲେଶ୍ୱର ଜିଲ୍ଲାପାଳ ଚଳିତ ବର୍ଷ ଜୁନ ୬ ତାରିଖରେ ସ୍ମଶାନ ଜମିକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବି ପ୍ରଶାସନ ପଦକ୍ଷେପ ନେଉନଥିବା ସେମାନଙ୍କ ଅଭିଯୋଗ ଥିଲା। ଆଜି ଅପରାହ୍ନ ୧୨ଟାରେ ବସ୍ତା ତହସିଲଦାର ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରି ଯୁସ ପିଆଇ ଅନଶନ ଭଙ୍ଗ ପାଇଁ କହିଥିଲେ ଏବଂ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଆସନ୍ତା ୧୦ ତାରିଖରେ ପୁଲିସ ଫୋର୍ସ ସହ ମିଶି ସ୍ମଶାନ ଜମିରୁ ସମସ୍ତ ଜବର ଦଖଲ ଉଛେଦ କରାଯିବ। ଏ ନେଇ ସମସ୍ତ ପ୍ରସ୍ତୁତି ନିଆସରିଛି। ଅନଶନରେ ନେତୃତ୍ୱ ନେଇଥିବା ଗ୍ରାମର ସୁବର୍ଣ୍ଣ ଦାସ କହିଲେ, ଆମେ ତହସିଲଦାରଙ୍କ ପ୍ରତିଶୃତିକୁ ସମ୍ମାନ ଦେଇ ଅନଶନ ଭଙ୍ଗ କଲୁ। ଯଦି ଆସନ୍ତା ୧୦ ତାରିଖ ଦିନ ଉଛେଦ ନହୁଏ, ତେବେ ଆମେ ପୁଣି ଆନ୍ଦୋଳନକୁ ତୀବ୍ର କରିବୁ। ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି, ଗତ ୩ ତାରିଖ ଉଛେଦ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା ମାତ୍ର ଆବଶ୍ୟକ ପୁଲିସ ବଳ ନଥିବାରୁ ଉଛେଦ ହୋଇପାରିନଥିଲା ଏବେ ସମସ୍ତ ପ୍ରକ୍ରିୟା ସରିଛି। ଆସନ୍ତା ୧୦ତାରିଖରେ ଉଛେଦ କରାଯିବ। ଅନଶନ ଭଙ୍ଗ ହେବା ପରେ ଗାଁରେ ସ୍ଥିତି ସ୍ୱାଭାବିକ ରହିଛି। ତେବେ ଗ୍ରାମବାସୀମାନେ ପ୍ରଶାସନର ପଦକ୍ଷେପ ଉପରେ କଡା ନଜର ରଖିଥିବା କହିଛନ୍ତି।

# ରେମୁଣା ଡିଗ୍ରୀ କଲେଜରେ ବନ ମହୋତ୍ସବ ସପ୍ତାହ




ରେମୁଣା, ୬।୭ (ସମିସ): ରେମୁଣା ଡିଗ୍ରୀ କଲେଜରେ ବନମହୋତ୍ସବ ସପ୍ତାହ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ କଲେଜର ଏନ. ଏସ. ଏସ (ବାଳକ, ବାଳିକା )ବିଭାଗ, ଯୁବ ରେଡ଼କ୍ରସ ୟୁନିଟ, ରୋଭର ରେଞ୍ଜର ୟୁନିଟ ଓ ଏନ. ସି. ସି ୟୁନିଟର ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷା ଡ. ମାଳତୀ ସାମଲଙ୍କ ପୌରାହିତ୍ୟରେ ତଥା ସମସ୍ତ ୟୁନିଟର କାର୍ଯ୍ୟକ୍ରମ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ କଲେଜ ପରିସରରେ ବୃକ୍ଷ ରୋପଣ କରିବା ସହ ଏକ ରାଲି କରି ଲୋକମାନଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିବା ସହ ସଫଳ କରାଇଥିଲେ।

## ଅପରାଧୀଙ୍କ ପାଇଁ ବ୍ରହ୍ମପୁର ପୁଲିସର ନୂଆ ସ୍ଲୋଗାନ !

# ଫେରାର ହୁଅ - ବେଫିକର ରୁହ ?

ବ୍ରହ୍ମପୁର,୬।୭(ସମିସ)

ଅପରାଧୀଙ୍କ ପାଇଁ ବ୍ରହ୍ମପୁର ପୁଲିସର ଅଘୋଷିତ ତଥା ଅଲିଖିତ ସ୍ଲୋଗାନ 'ଫେରାର ହୁଅ ଆଉ ବେଫିକର ରୁହ'। ଏକଥା କାହାକୁ ଅଛପା ମଧ୍ୟ ନାହିଁ। ସହରର ଜନସାଧାରଣଙ୍କ ସମେତ ଖୋଦ୍ ପୁଲିସ ବିଭାଗ ଓ ଆଇନଜୀବୀଙ୍କ ମଧ୍ୟରେ ଏନେଇ ବେଶ ଚର୍ଚ୍ଚା ମଧ୍ୟ ହେବାରେ ଲାଗିଛି। କାରଣ ଗୋଟିଏ କିମ୍ବା ଦୁଇଟି ନୁହେଁ ଆଉ ସପ୍ତାହେ କିମ୍ବା ମାସେ ନୁହେଁ ବରଂ ମାସ ମାସ ଧରି ସହରର ଏକାଧିକ ଚର୍ଚ୍ଚିତ ଅପରାଧିକ ଘଟଣାରେ ସମ୍ପୃକ୍ତ ହାର୍ଡକୋର ଅପରାଧି ପୁଲିସ ଆଖିରେ ଧୂଳି ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଏଭଳି ପରିସ୍ଥିତିରେ ଫେରାର ଅପରାଧିଙ୍କୁ ପୁଲିସ ଧରିବାକୁ ଚେଷ୍ଟା କରୁନାହିଁ ବରଂ ପରୋକ୍ଷରେ କୋର୍ଟର ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ହାସଲ କରିବାରେ ପୁଲିସ ସହଯୋଗ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ଦିନ ବିତିବା ସହିତ ସମ୍ପୃକ୍ତ ଘଟଣା ସମ୍ପର୍କରେ ଲୋକଙ୍କ ମନରୁ ଲିଭିବା ସହଜ ହେଉଛି। ସହରରେ ଏଭଳି ଏକାଧିକ ଚର୍ଚ୍ଚିତ ଘଟଣା ରହିଛି ଯେଉଁଥିରେ ସମ୍ପୃକ୍ତ ବହୁ ହାର୍ଡକୋର ଅପରାଧିଙ୍କ ଗିରଫ କରିବାରେ ପୁଲିସ ବିଫଳ ହୋଇଛି।

ମେ ୧୮ ତାରିଖରେ ଟାଉନ ଥାନା ଅନ୍ତର୍ଗତ ଗିରିରୋଡରେ ବିଚ ରାସ୍ତାରେ ଉମେଶ ରଥ ନାମକ ଜଣେ ଯୁବକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ଇତି ମଧ୍ୟରେ ୫୦ଦିନ ବିତି ସାରିଛି। ତଥାପି ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଷଡଯନ୍ତ୍ରକାରୀ କୁହାଯାଉଥିବା ସନ୍ଦିପ ସାହୁ ଓରଫ୍ ମୋଗଲିକୁ ପୁଲିସ ଗିରଫ କରିବାରେ ବିଫଳ ରହିଛି। ସେହିଭଳି ଗତ ମେ ୨୫ତାରିଖରେ ବଡବଜାର ଥାନା ଅନ୍ତର୍ଗତ ଅମ୍ବିକା ନଗରରେ ବିଚ ରାସ୍ତା ଉପରେ ମଙ୍ଗଳା ବେହେରାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ଇତି ମଧ୍ୟରେ ବିତି ଯାଇଛି ଦିର୍ଘ ୪୫ଦିନ। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବଳରାମ ସାହୁ ଓରଫ୍ ବଳିଆକୁ ଧରିବା ତ ଦୂରର କଥା ପୁଲିସ ତାର ଟେର ମଧ୍ୟ ପାଇ ପାରିନାହିଁ। କେବଳ ଏହି ଦୁଇଟି ଘଟଣା ନୁହେଁ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟରେ ଗତ ଜାନୁଆରୀ ୧୫ତାରିଖରେ ଧାନମେରା ସାହିର ଅମିତ ମୁଖୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଘଟଣାକୁ ଇତି ମଧ୍ୟରେ ବିତିଯାଇଛି ଦିର୍ଘ ୫ମାସରୁ ଉର୍ଦ୍ଧ୍ୱ କାଳ। ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଥିଲେ ହେଁ ଆକ୍ରମଣରେ ସମ୍ପୃକ୍ତ ରହି ଫେରାର ଥିବା ଅନ୍ୟ ୩ଜଣଙ୍କୁ ପୁଲିସ ଗିରଫ କରିପାରି ନଥିବା ଜଣାପଡିଛି। ଏପରିକି ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ମଧ୍ୟ ଖାରଜ ହୋଇଯାଇଥିବା ଜଣାପଡିଛି। ଉପରୋକ୍ତ ସମସ୍ତ ଘଟଣାରେ ଆକ୍ରମଣର ଶୀକାରମାନେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସେହିଭଳି ଏକ ନାବାଳିକା ଦୁଷ୍କର୍ମ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଓ ପରବର୍ତ୍ତି ସମୟରେ ପାରୋଲରେ ଆସି ଫେରାର ହୋଇଯାଇଥିବା ବିଜେପି ନେତା ତଥା ନକଲି ଡାକ୍ତର ଭବାନୀ ଶଙ୍କର ଦାଶଙ୍କ ଫେରାର ହେବାର ଆଜକୁ ପ୍ରାୟ ୨ମାସ ବା ୬୦ଦିନରୁ ଉର୍ଦ୍ଧ୍ୱ କାଳ ବିତିସାରିଛି। ଫେରାର ସମୟରେ ସେ ପିଡିତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଚମକ ଦେଉଥିବା ଓ ମାମଲା ରଫାଦଫା କରିବାକୁ ଉଦ୍ୟମ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଛି। ଇତି ମଧ୍ୟରେ ଭବାନୀଙ୍କ ବିରୁଦ୍ଧରେ ଉଭୟ ନିମଖଣ୍ଡି ଓ ମୋହନା ଥାନାରେ ଦୁଇଟି ଅତିରିକ୍ତ ମାମଲା ରୁଜୁ ହୋଇସାରିଥିବା ଜଣାପଡିଛି। ଏଣୁ ଏକାଧିକ ମାମଲାରେ ତଥା ସମସ୍ତ ଚର୍ଚ୍ଚିତ ଘଟଣାରେ ସମ୍ପୃକ୍ତ ତଥା ଫେରାର ଥିବା ଅପରାଧିଙ୍କୁ ଧରିବାରେ ପୁଲିସ ବିଫଳ ହୋଇଥିବା ବେଳେ ଫେରାର ଅପରାଧିଙ୍କୁ ଧରିବା ପାଇଁ ଚେଷ୍ଟା କରୁଛି ନା ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫେରାର ଅପରାଧିଙ୍କୁ ଧରିବାରେ ବିଫଳ ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଏଭଳି ମାମଲା ବଢିବାରେ ଲାଗିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏଣୁ ଯେକୌଣସି ଘଟଣାରେ ତଦନ୍ତକାରୀ ପୁଲିସ ଅଧିକାରୀଙ୍କୁ ଉତ୍ତରଦାୟୀ କରିବାକୁ ଦାବି ହୋଇଛି।



- ମାସ ମାସ ବିତିଲେ ସୁଦ୍ଧା ଫେରାର ଅପରାଧୀଙ୍କୁ ଧରିବାରେ ବିଫଳ ପୁଲିସ
- ପୁଲିସ ଆଖିରେ ଧୂଳି ଦେବାରେ ସକ୍ଷମ ଏକାଧିକ ଚର୍ଚ୍ଚିତ ଘଟଣାର ଅପରାଧୀ

# ହଜିଯାଇଥିବା ଭ୍ୟାନିଟି ବ୍ୟାଗ୍ ଫେରାଇଲା ପୁଲିସ



ବ୍ରହ୍ମପୁର,୬।୭(ସମିସ): ଟାଉନ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଅମିତ୍ କୁମାର ବିଷୋୟୀ ଫେରୁଥିବା ସମୟରେ କାଲୁ ପାତ୍ର ସାହି ଠାରେ ଗୋଟିଏ ଭେନିଟି ବ୍ୟାଗ ପାଇଥିଲେ। ସେଠାରେ ହୋମଗାର୍ଡ ଜଣକ କାହାର ଭେନିଟ ବ୍ୟାଗ ପଚାରିବା ପରେ ମଧ୍ୟ ନିଜର ବୋଲି କେହି ଦାବି କରିନଥିଲେ। ହୋମଗାର୍ଡ ଅମିତ୍ ତୁରନ୍ତ ବଡ଼ ବଜାର ଥାନାକୁ ମିଳିଥିବା ଭେନିଟ ବ୍ୟାଗକୁ ନେଇ ପହଞ୍ଚିଲେ। ଥାନାରେ ଡିସିଓ ଥିବା ଏଏସଆଇ ସୁନିଲ କୁମାର ପରିଡ଼ା ଉକ୍ତ ବ୍ୟାଗକୁ ଯାଞ୍ଚ କରି ପ୍ରକୃତ ମାଲିକଙ୍କୁ ଯୋଗଯୋଗ କରି ଥାନାକୁ ଡାକି ହଜିଯାଇଥିବା ଭେନିଟି ବ୍ୟାଗକୁ ହସ୍ତାନ୍ତର କରିଥିଲେ। ଭଞ୍ଜନଗର କୁଲାଡ଼ ଗ୍ରାମର ସଂଯୁକ୍ତା କୁମାରୀ ପାତ୍ର ନିଜ ସମ୍ପର୍କୀୟଙ୍କ ସହ କୌଣସି କାମରେ ବ୍ରହ୍ମପୁର ଆସିଥିବା ବେଳେ ବଡ଼ବଜାର ଥାନା ଅନ୍ତର୍ଗତ କାଲୁ ପାତ୍ର ସାହିରେ ନିଜର ଅସାବଧାନତା ଯୋଗୁଁ ଭେନିଟି ବ୍ୟାଗଟି ପଡିଯାଇଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ଥିବାବେଳେ ବଡ଼ବଜାର ଥାନା ପୁଲିସ ସେମାନଙ୍କୁ ଯୋଗଯୋଗ କରି ଥାନାକୁ ଆସିବାକୁ କହିଥିଲେ। ଥାନାରେ ଉକ୍ତ ବ୍ୟାଗ ଯାଞ୍ଚବେଳେ ସେଥିରେ ଥିବା ନଗଦ ୮ ହଜାର ଟଙ୍କା, ସୁନାର ଅଳଙ୍କାର, କିଛି ପ୍ରମାଣପତ୍ର ଓ ମୋବାଇଲ ଥିବା ଜଣାପଡିଥିଲା।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସୁଧାରିବାରେ ବାଧକ ସାଜିଛି ପୁଲିସ କର୍ମଚାରୀଙ୍କ ମାନସିକ ଚାପ !

ବ୍ରହ୍ମପୁର,୬।୭(ସମିସ)

ଦିନକୁ ଦିନ ବିଗିଡିବାରେ ଲାଗିଛି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି। ଲୋକେ ଆଇନକୁ ହାତକୁ ନେବାକୁ ପଛାଉ ନଥିବା ବେଳେ ବଢି ଚାଲିଛି ଭିଡ ହିଂସା, ନାରୀ ନିର୍ଯାତନା ଆଉ ହତ୍ୟା ଓ ଅପହରଣ ଭଳି ଅପରାଧିକ ଘଟଣା। ଗତ କିଛିଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଘଟିଥିବା କିଛି ଚର୍ଚ୍ଚିତ ଅପରାଧିକ ଘଟଣାକୁ ନେଇ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଢି ଚାଲିଥିବା ଅପରାଧ ନିୟନ୍ତ୍ରଣ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଥିବା ଅଭିଯୋଗ କରି ସରକାରଙ୍କୁ ଘେରିଛନ୍ତି ବିରୋଧୀ। ସେପଟେ ଅପରାଧ ନିୟନ୍ତ୍ରଣରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ମାନସିକ ଚାପ ବାଧକ ସାଜିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। କେଉଁଠି ଅଧିକାରୀ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ପଛାଉ ନଥିବା ବେଳେ ବିଭିନ୍ନ କାରଣରୁ ପୁଲିସ ଚାକିରୀ ଛାଡିବାକୁ ମଧ୍ୟ ଅଣ୍ଟା ଭିଡୁଛନ୍ତି। ଆଇଆଇସି ବିଯୁଟି ମହାନ୍ତିଙ୍କ ଆତ୍ମହତ୍ୟା ଓ କନେଷ୍ଟବଳ ଆଶୁତୋଷ ମୃଦୁଙ୍ଗିଆଙ୍କ ମୃତ୍ୟୁ ଘଟଣା। ଏପଟେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ଗୋଟିଏ ପଟେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ରହିଥିବା ବେଳେ ଅନ୍ୟପଟେ ପୁଲିସ କର୍ମଚାରୀଙ୍କ ମାନସିକ ଚାପ ଅଶାନ୍ତିର କାରଣ ହୋଇଥିବା ଦେଖିବାକୁ ମିଳିଛି। କିଛି ମାମଲାରେ ଅଭିଯୁକ୍ତ ଚିହ୍ନଟ ନହେବା ଏବଂ ଆଉ କେତେକ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ କାବୁ କରିବାରେ ବିଫଳ ହେବା ପୁଲିସର ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏକାଧିକ ହତ୍ୟା ମାମଲାର ଅଭିଯୁକ୍ତ ଏଯାବତ ଫେରାର ରହିଥିବା ଜଣାପଡ଼ିଛି। ୨୦୨୫ ଅଗଷ୍ଟ ୯ତାରିଖରେ ବଡବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ ସାହିରେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବ ଶଙ୍କର ମାଝୀଙ୍କୁ ହତ୍ୟା ହୋଇଥିଲା। ବକେୟା ଟଙ୍କା ବିବାଦକୁ ନେଇ ତାଙ୍କୁ ଶିବଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିପାରିଥିଲା। ହରିଡ଼ାଖଣ୍ଡି ଗୌଡ଼ ସାହି ନିବାସୀ ଗୌର ବେହେରା ଓରଫ ଗୌରା ମିସ୍ତ୍ରୀ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ହତ୍ୟା କରିଥିବା ପୁଲିସ ତଦନ୍ତରେ ଜଣାପଡିଥିଲା। ଘଟଣାକୁ ଇତି ମଧ୍ୟରେ ପ୍ରାୟ ୧୦ମାସ ବିତି ଯାଇଥିଲେ ହିଁ ଏଯାବତ ପୁଲିସ ଅଭିଯୁକ୍ତ ଗୌରଙ୍କୁ ଧରିବାରେ ବିଫଳ ରହିଛି।

## ୧୪ ମାସ ଧରି ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଛାତ୍ରଙ୍କୁ ବକେୟା ପ୍ରଦାନ ଦାବି



ବ୍ରହ୍ମପୁର, ୬।୭ (ସମିସ): ହିତାଧିକାରୀଙ୍କୁ ସେମାନଙ୍କ ଭତ୍ତା ରାଶି ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି। ବିଧବା ହୁଅନ୍ତୁ ଅଥବା ବରିଷ୍ଠ ନାଗରିକ ଏପରିକି ଭିନ୍ନକ୍ଷମ ହିତାଧିକାରୀ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି। ଏଭଳି ପରିସ୍ଥିତିରେ ଗଞ୍ଜାମର ସୋରଡା ବ୍ଲକ ବାହାଡାପଦରର ମୂକ ଓ ବଧିର ଭିନ୍ନକ୍ଷମ ଛାତ୍ର ମଣ୍ଟୁ ମଲ୍ଲିକ ବିଗତ ୧୪ ମାସ ଧରି ଭତ୍ତା ପାଇ ନଥିବା ଅଭିଯୋଗ ହୋଇଛି। ଯଦ୍ୱାରା ସେ ଆର୍ଥିକ ଅନାଟନ ସହିତ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଏନେଇ କଂଗ୍ରେସ ନେତା ତଥା ସୋରଡାର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ସଂଗ୍ରାମ କେଶରୀ ମହାନ୍ତି ଚିଠି ଲେଖି ସୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟାର ସମାଧାନ କରି ଭିନ୍ନକ୍ଷମ ତଥା ଯୋଗ୍ୟ ହିତାଧିକାରୀ ଛାତ୍ର ମଣ୍ଟୁଙ୍କୁ ତାଙ୍କର ୧୪ମାସର ବକେୟା ଭତ୍ତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି।

### ନିୟମିତ ବ୍ରହ୍ମପୁର-ଉଧନା ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ

# ଗଞ୍ଜାମ ପାଇଁ ସମୃଦ୍ଧିର ନୂଆ ରାସ୍ତା ଖୋଲୁଛି: ମୁଖ୍ୟମନ୍ତ୍ରୀ

## "ଦିଲ ମାଙ୍ଗେ ମୋର", ଗଞ୍ଜାମବାସୀଙ୍କ ସ୍ୱପ୍ନ ସାକାର ହେବ: ରେଳମନ୍ତ୍ରୀ

ବ୍ରହ୍ମପୁର,୬।୭(ସମିସ)





ବ୍ରହ୍ମପୁର-ଉଧନା ନିୟମିତ ବନ୍ଦେ ଭାରତ ଏକ୍ସପ୍ରେସ ଗଡ଼ିଛି। ଏହା ଗୁଜରାଟ ବା ସୁରଥ ସହିତ ଓଡ଼ିଶା ଓ ଗଞ୍ଜାମର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କକୁ ମଜବୂତ କରିବ। ଗଞ୍ଜାମରୁ ବିକାଶ ଯାତ୍ରାକୁ ଆଗକୁ ନେବ। ଗଞ୍ଜାମ ପାଇଁ ସମୃଦ୍ଧିର ନୂଆ ରାସ୍ତା ଖୋଲିବ ବୋଲି ଏହି ଟ୍ରେନ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନର ବିକାଶ ପାଇଁ ୩୦୦କୋଟି ଖର୍ଚ୍ଚ ହେବ। ଏହାକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଗଣିତ କରାଯିବ। ଜାପାନ୍‌ର କମ୍ପାନୀ ସହ ମିଥାଇଲ ଉତ୍ପାଦନ ଶିଳ୍ପ ଲାଗି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏଥିଦ୍ୱାରା ଓଡ଼ିଶାକୁ ୬୭ହଜାର କୋଟି ଟଙ୍କାର ନିବେଶ ଆସିବ। ୭୬୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ପାରାଦୀପ ଓ ଗୋପାଳପୁର ବନ୍ଦରରେ ସ୍ଥାପିତ ହେବ।

ଏଥିସହ ଗୋପାଳପୁର ବନ୍ଦର ସମ୍ପ୍ରସାରିତ ହେବ। ବାହୁଦାଠାରେ ୨୧ହଜାର ୫୦୦କୋଟି ବିନିଯୋଗରେ ନୂତନ ବନ୍ଦର ହେବ। ଏଥିପାଇଁ ସରକାର ସହରକୁ ନବେକଳବର କରିବାକୁ ଯୋଜନା କରିଛନ୍ତି। ୮ ହଜାର କୋଟି ବିନିଯୋଗରେ ବ୍ରହ୍ମପୁର-ଜୟପୁର ରାସ୍ତା ୬ଲେନ୍ ବିଶିଷ୍ଟ ହେବ। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବାକୁ ସରକାର ପ୍ରାଧାନ୍ୟ ଦେଇଛନ୍ତି। ସେହିଭଳି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି ଟ୍ରେନ୍‌ର ଶୁଭାରମ୍ଭ କରି କହିଛନ୍ତି ଯେ, 'ଦିଲ ମାଙ୍ଗେ ମୋର'। ବ୍ରହ୍ମପୁର ଷ୍ଟେସନର ମଧ୍ୟ ରୂପରେଖ ପରିବର୍ତ୍ତନ ହେବ। ପୁରୀ ଭଳି ବ୍ରହ୍ମପୁର ଷ୍ଟେସନ ନୂଆ ରୂପରେ ଝଲସିବ। ଅତିଶୀଘ୍ର ୯୭କୋଟି ଟଙ୍କା ଏଠାରେ ବିନିଯୋଗ ହେବ। ଅଟଳ ଜୀଙ୍କ ଭଳି ମୋଦିଙ୍କ ନେତୃତ୍ୱରେ ରେଳ ଲାଇନ୍ ବି ୪ଲେନ୍ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ରେଳମନ୍ତ୍ରୀ କହିଥିଲେ। ପ୍ରାୟ ୩୦୦ କୋଟି ବ୍ୟୟରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ବ୍ରହ୍ମପୁର ରେଳ ଷ୍ଟେସନକୁ ଏକ ବିଶ୍ୱସ୍ତରୀୟ ଷ୍ଟେସନ ଭାବରେ ବିକଶିତ କରାଯିବ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଖଣି, ଇସ୍ପାତ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅତିଥିଭାବେ ଯୋଗଦାନ କରି ରେଳକ୍ଷେତ୍ରରେ ଗଞ୍ଜାମବାସୀ ଆବଶ୍ୟକ କରୁଥିବା ବିଭିନ୍ନ ଦାବି ସମ୍ପର୍କରେ ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତଟ ରେଳପଥ ମହା ପ୍ରବନ୍ଧକ ପରମେଶ୍ୱର ପଙ୍କୱାରଙ୍କ ସମେତ ରେଳ ବିଭାଗ ଓ ସରକାରଙ୍କ ବହୁ ଅଧିକାରୀ ଓ ବିଧାୟକଗଣ ଉପସ୍ଥିତ ଥିଲେ।

- ଗୋପାଳପୁର ବନ୍ଦରରେ ଉତ୍ପାଦିତ ହେବ ମିଥାଇଲ
- ନୂତନ ନିଯୁକ୍ତିର ସୁଯୋଗ ଦେବ ସୁନାପୁର ବନ୍ଦର
- ଏମ୍‌କେସିଜି ହେବ ବିଶ୍ୱସ୍ତରୀୟ, ନବକଳେବର ହେବ ବ୍ରହ୍ମପୁର ସହର
- ୬ ଲେନ୍ ହେବ ବ୍ରହ୍ମପୁର-ଜୟପୁର ରାସ୍ତା

## କଳିଙ୍ଗ ସାହିତ୍ୟ ସମାଜର ଜୁଲାଇ ଆସର

ବ୍ରହ୍ମପୁର,୬।୭(ସମିସ): ଉତ୍କଳ ଆଶ୍ରମ ସଭାଗୃହରେ କଳିଙ୍ଗ ସାହିତ୍ୟ ସମାଜର ଜୁଲାଇର ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ଅତିଥି ମଧ୍ୟକାଳୀନ କାବ୍ୟ ସାହିତ୍ୟ ଓ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ଓ ବର୍ଷୀୟାନ୍ ସ୍ତମ୍ଭକାର ଡ. ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ଭାବ ଓ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ଆମନ୍ତ୍ରିତ କବି ଅନୁପ ମିଶ୍ର 'ଆଧୁନିକ ଓଡ଼ିଆ କବିତାର କଥା ଓ ଲଥା' ଶୀର୍ଷକ ପ୍ରସଙ୍ଗ ଉତ୍ଥାପନ ପୂର୍ବକ କବିତା ସର୍ଜନାର ସ୍ନିଗ୍ଧ ଲଳିତ ଅନୁଭବ ଓ ଭାଷିକ ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ। ନବାଗତ ସ୍ରଷ୍ଟାମାନଙ୍କୁ ମାର୍ଗଦର୍ଶନ ଓ ଗୁଣାଦକ ସାହିତ୍ୟ ସୃଷ୍ଟି କଳିଙ୍ଗ ସାହିତ୍ୟ ସମାଜର ଅଭିପ୍ରାୟ ବୋଲି କୁହାଯାଇଥିଲା। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ ସ୍ୱର୍ଣ୍ଣମୟୀ ପାଢ଼ୀ, ନୀଳକଣ୍ଠ ସାହୁ, ଶରତ କୁମାର ଦାସ, ସୁଚେତା ପାଣିଗ୍ରାହୀ, ହରେକୃଷ୍ଣ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଦେବୀ, ଅରୁଣ କୁମାର ପାତ୍ର, ସନ୍ଧ୍ୟାରାଣୀ ଦେବୀ, ବଂଶୀଧର ସେଠୀ, ନୂର୍ ସାହିକ୍, ଡ. ସୁବ୍ରତ ସାହୁ ଓ ଡ. ହୃଷୀକେଶ ପଣ୍ଡା ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ସଭାପତି ଡ. ବନମାଳୀ ପାଣିଗ୍ରାହୀ ପଠିତ ଗଳ୍ପ ଓ କବିତାର ସମୀକ୍ଷା କରି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀ କାନ୍ତ ଗୌଡ଼ ଆସର ପରିଚାଳନାରେ ସହଯୋଗ କରିଥିଲେ।




## ଜିଲ୍ଲାସ୍ତରୀୟ ଜନଶୁଣାଣିରେ ୧୧୩ ପଞ୍ଜିକୃତ

ବ୍ରହ୍ମପୁର,୬।୭(ସମିସ): ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଏବଂ ସିଡ଼ିଓ ଗଞ୍ଜାମ ସମୀର ଜେନା ଉପସ୍ଥିତ ରହି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଖାଉଟି କାର୍ଡ, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ, ଜମିଜମା, ସାମୁହିକ ଉନ୍ନୟନ ଏବଂ ବ୍ୟକ୍ତିଗତ ସହାୟତା ସମ୍ବନ୍ଧୀୟ ଅଭିଯୋଗ ନେଇ ବିଭିନ୍ନ ବ୍ଲକର ବ୍ୟକ୍ତିମାନେ ଯୋଗଦେଇଥିଲେ। ସୁଭଦ୍ରା ହେଲ୍ପ ଡେସ୍କ ମାଧ୍ୟମରେ ସୁଭଦ୍ରା ଯୋଜନା ସମ୍ବନ୍ଧିତ ସହାୟତାର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାସ୍ତରୀୟ ଜନଶୁଣାଣିରେ ସମୁଦାୟ ୧୧୩ଟି ଦରଖାସ୍ତ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୯୦ଟି ବ୍ୟକ୍ତିଗତ ଆବେଦନ, ୯ଟି ଗ୍ରାମ୍ୟ ସମସ୍ୟା ଥିବା ବେଳେ ୩ଟି ଦରଖାସ୍ତର ତତ୍କାଳ ସମାଧାନ ହୋଇଥିଲା। ମୋଟ ୧୧ଜଣଙ୍କୁ ୭୦ହଜାର ଟଙ୍କାର ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗ ଶୁଣି ଏହାର ତ୍ୱରିତ୍ ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ଜାତୀୟ ସ୍ତର ସ୍କେଟିଂ ପ୍ରତିଯୋଗିତାରେ ଚମକିଲେ ବ୍ରହ୍ମପୁର ଦିବ୍ୟାଂଶୁ

ବ୍ରହ୍ମପୁର,୬।୭(ସମିସ)

ରୋଲର୍ ସ୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଆନ୍ଧ୍ରପ୍ରଦେଶରେ ଚଳିତ ମାସ ୩ତାରିଖ ଠାରୁ ତିନିଦିନିଆ ଜାତୀୟ ସ୍ତରରୀୟ ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର କୋଣ ଅନୁକୋଣରୁ ବହୁ ପ୍ରତିଯୋଗି ଭାଗ ନେଇଥିବା ବେଳେ ଏଥିରେ ବ୍ରହ୍ମପୁର ଦିବ୍ୟାଂଶୁ ଜେନା ଭାଗ ନେଇଥିଲେ। ଦିବ୍ୟାଂଶୁ ୧୦ରୁ ୧୨ ବର୍ଷ ବର୍ଗ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିବା ଜଣାପଡ଼ିଛି। ସେ ସହରର ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢୁ ଥିବା ବେଳେ ସ୍ପୋର୍ଟସ ଏରିନାରେ ପ୍ରଶିକ୍ଷକ ତଥା ପିତା ବିଭୂତି ଭୂଷଣ ଜେନାଙ୍କ ଠାରୁ ପ୍ରଶିକ୍ଷଣ ହେଉଛନ୍ତି। ଦିବ୍ୟାଂଶୁଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ମୋବାଇଲ ଟାୱାର ହେଉନି ରକ୍ଷଣାବେକ୍ଷଣ

# ଲତାବୁଦାରେ ପରିପୂର୍ଣ୍ଣ ଟାୱାର; ନଷ୍ଟ ହେଉଛି ଯନ୍ତ୍ରାଂଶ

ବ୍ରହ୍ମପୁର,୬।୭(ସମିସ)

ବର୍ତ୍ତମାନ ସମୟରେ ବ୍ୟାଙ୍କିଂ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସରକାରୀ ସେବା, ବ୍ୟବସାୟ ଓ ଦୈନନ୍ଦିନ ଯୋଗାଯୋଗ ସମେତ ପ୍ରାୟ ସମସ୍ତ କ୍ଷେତ୍ରରେ ଇଣ୍ଟରନେଟର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ସମସ୍ତ ସେବା ସୁଚାରୁରୂପେ ଚାଲିବା ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ମୋବାଇଲ ଟାୱାର ଉପରେ ହଜାର ହଜାର ଗ୍ରାହକ ନିର୍ଭରଶୀଳ ରହିଛନ୍ତି। କିନ୍ତୁ ସହରର ବିଭିନ୍ନ ସ୍ଥାନରେ ଥିବା ମୋବାଇଲ ଟାୱାରଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ହେଉନଥିବାରୁ ଅନେକ ସମସ୍ୟା ଦେଖାଦେଇଛି। ବହୁ ଟାୱାର ପରିସର ଲତାବୁଦାରେ ଭରି ରହିଥିବା ବେଳେ, ଅନେକ ସ୍ଥାନରେ ଯନ୍ତ୍ରାଂଶ ମଧ୍ୟ ଅବହେଳାରେ ପଡ଼ି ରହିଛି। ଫଳରେ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇ ମୋବାଇଲ ନେଟୱର୍କ ସେବା ବାରମ୍ବାର ପ୍ରଭାବିତ ହେଉଥିବା ଅଭିଯୋଗ ଆସୁଛି। ପାଣିଗ୍ରାହୀ ପେଣ୍ଠ ଅଞ୍ଚଳରେ ଥିବା କାଳୀ ମନ୍ଦିର ନିକଟରେ ୨ଟି ଟାୱାର ରହିଛି। ଦୀର୍ଘ ମାସ ହେବ ଟାୱାର ପରିସରରେ ଅନିୟନ୍ତ୍ରିତ ଭାବେ ଲତାବୁଦା ବଢ଼ିଯାଇଥିବାରୁ ସାପ ଓ ଅନ୍ୟାନ୍ୟ ବିଷାକ୍ତ ପ୍ରାଣୀଙ୍କ ଉପଦ୍ରବ ବଢୁଛି। ଏହା ସହ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ନ ହେବାରୁ ଟାୱାରର ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହେବାର ଆଶଙ୍କା ରହିଛି।

ଯାନ୍ତ୍ରିକ ତ୍ରୁଟି କିମ୍ବା ବିଦ୍ୟୁତ ସମସ୍ୟା ଦେଖାଦେଲେ ଘଣ୍ଟା ଘଣ୍ଟା ଧରି ନେଟୱର୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ କଲ୍, ଇଣ୍ଟରନେଟ ଓ ଅନଲାଇନ ସେବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ କରିଛନ୍ତି। ସେହିପରି ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନଲାଇନ କାର୍ଯ୍ୟ ଉପରେ ନିର୍ଭରଶୀଳ ଲୋକମାନେ ଏହା ଦ୍ୱାରା ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିୟମିତ ଭାବେ ଟାୱାରର ସଫେଇ, ଲତାବୁଦା ସଫା କରିବା, ଯନ୍ତ୍ରାଂଶର ଯାଞ୍ଚ ଓ ଆବଶ୍ୟକ ମରାମତି କାର୍ଯ୍ୟ କରି ଗ୍ରାହକଙ୍କୁ ନିରବଚ୍ଛିନ୍ନ ମୋବାଇଲ ସେବା ଯୋଗାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ବିଧାନସଭା ତଥ୍ୟ ମୁତାବକ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଶତକଡ଼ା ୯୭ଗ୍ରାମ ଅର୍ଥାତ୍ ୩ହଜାର ୧୦୯ଟି ଗ୍ରାମରେ ୫ଜି, ୪ଜି, ୩ଜି ଓ ୨ଜି ମୋବାଇଲ ସେବା ରହିଥିବା ଜଣାପଡ଼ିଛି। କିନ୍ତୁ ଏବେ ବି ଜିଲ୍ଲାର ପ୍ରାୟ ୯୬ଟି ଗ୍ରାମରେ ମୋବାଇଲ ସେବା ନଥିବା ଜଣାପଡ଼ିଛି। ଫଳରେ ଉକ୍ତ ଗ୍ରାମରେ ବସବାସ କରୁଥିବା ବ୍ୟକ୍ତି ଇଣ୍ଟରନେଟ ବ୍ୟବହାର କରିବାରେ ବଞ୍ଚିତ ରହିଥିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରୁଛନ୍ତି।

ତେଣୁ ନିରବଚ୍ଛିନ୍ନ ମୋବାଇଲ ନେଟୱର୍କ ଓ ଇଣ୍ଟରନେଟ ସେବା ଯୋଗାଇବା ପାଇଁ ଏହି ଟାୱାରଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ, ସଫେଇ, ଯନ୍ତ୍ରାଂଶର ଯାଞ୍ଚ ଓ ଆବଶ୍ୟକ ମରାମତି କରିବା ଅତ୍ୟନ୍ତ ଜରୁରୀ ରହିଛି। ଏଥିରେ ଅବହେଳା କରୁଥିବା ନେଟୱର୍କ ସେବା ସଂସ୍ଥା ଗୁଡ଼ିକ ବିରୋଧରେ ଜିଲ୍ଲା ପ୍ରସାଶନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଗ୍ରାହକଙ୍କୁ ନିରବଚ୍ଛିନ୍ନ ମୋବାଇଲ ସେବା ଯୋଗାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ଜିଲ୍ଲାରେ ପ୍ରାୟ ୯୬ ଗ୍ରାମରେ ନାହିଁ ମୋବାଇକଲ ସେବା



## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭ଟି ଅଭିଯୋଗର ତୁରନ୍ତ ସମାଧାନ

କେନ୍ଦ୍ରାପଡ଼ା/ଆଳି, ୬।୭ (ସମିସ)



ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ସହ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସୋମବାର ଆଳି ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆଙ୍କ ଉପସ୍ଥିତିରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ଏଥିରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି।

ଆଜି ଶିବିରରେ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ଅଭିଯୋଗ ଥିଲା। ପାନୀୟଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଂ ସେବା, ରାସ୍ତାଘାଟ, ରାଜସ୍ୱ ଓ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ଅଭିଯୋଗ ଥିଲା। ଏଥିମଧ୍ୟରୁ ୭ଟି ଅଭିଯୋଗର ଘଟଣାସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିଲା। ସେହିପରି ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ଶୀଘ୍ର ଓ ପ୍ରଭାବଶାଳୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏ ଅବସରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଅଭିଯୋଗର ଗୁରୁତ୍ୱକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା,

**୩ ହିତାଧିକାରୀଙ୍କୁ ସିଏମଆରଏଫରୁ ୧୫ ହଜାର ସହାୟତା**

ଉପଜିଲ୍ଲାପାଳ ଅରୁଣ ନାୟକ, ଆଳି ବିଡିଓ ଅଭିନାଶ ସେଠୀ, ତହସିଲଦାର ସୁମନ ଘୋଷ, ଡେପୁଟି କଲେକ୍ଟର ସରୋଜ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ପରବର୍ତ୍ତୀ ଶିବିର ୧୩ ତାରିଖରେ ମାର୍ଶାଘାଇ ବ୍ଲକରେ ଅନୁଷ୍ଠିତ ହେବ।

## ମାମୁଘର ଗାଁରେ ଭଣଜା ହାତକୁ ହାଣିଦେଲା ଯୁବକ

ରାଜକନିକା, ୬।୭ (ସମିସ): ବରୁଣାଡିହା ଗ୍ରାମରେ ଆଜି ସକାଳେ ମାମୁ ଘରକୁ ଆସିଥିବା ଜଣେ ଭଣଜାର ଡାହାଣ ହାତକୁ ଭୁଜାଲିରେ ହାଣି ଦେଇଛନ୍ତି ଜଣେ ଯୁବକ। ନୂଆଆରସା ଗାଁର ଗୋଲେଖ ଥାଟୋଇଙ୍କ ପୁଅ ସୌରଭ ଥାଟୋଇ (୨୧) ଆଜି ସକାଳେ ମାମୁଁଘର ବରୁଣାଡିହା ଯାଇଥିଲେ। ମାମୁଁଘର ପାଖରେ ବୁଲୁଥିବାବେଳେ ସେହି ଗାଁର ବାପୁନା ନାୟକ (୩୫) ନାମକ ଯୁବକ ତାଙ୍କୁ ଅତର୍କିତ ଭାବେ ଭୁଜାଲିରେ ହାଣିବାରୁ ସୌରଭ ବଞ୍ଚିବା ପାଇଁ ଡାହାଣ ହାତ ଦେଖାଇ ଦେବାରୁ ହାତର ମଣିବନ୍ଧ ପାଖରୁ ହାତ ଓ ପାପୁଲିର ୮୦ ଭାଗ କଟିଯାଇଛି। ମୁମୂର୍ଷୁ ଅବସ୍ଥାରେ ସୌରଭକୁ ଗାଁ ଲୋକେ ଉଦ୍ଧାର କରି ରାଜକନିକା ମେଡିକାଲ ଅଣାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ପଠାଯାଇଛି। ଏହି ଘଟଣା ପରେ ଗାଁରେ ଉତ୍ତେଜନା ଦେଖା ଦେବା ସହ ପୁଲିସ ବରୁଣାଡିହା ଯାଇ ଯୁବକକୁ ଖୋଜିବା ବେଳେ ସେ ଚମ୍ପଟ ମାରିଥିଲା। ପୁଲିସ ତାକୁ ଧରିବାକୁ ପିଛା କରି ପତରପୁର ଯାଏ ଗୋଡ଼ାଇ ବିଫଳ



ହୋଇଥିଲା। ତେବେ ବାପୁନା ମାନସିକ ଭାବେ ସାମାନ୍ୟ ଅସୁସ୍ଥ ଥାଇ ଗାଁରେ ସମୟ ସମୟରେ ବିକୃତ ଆଚରଣ କରିଥାଏ ବୋଲି ସୂଚନା ମିଳିଛି।

## ମିଳୁନି ଭତ୍ତା, ବ୍ଲକ୍‌ରେ ବୃଦ୍ଧାଙ୍କ ଧାରଣା



ରାଜକନିକା, ୬।୭ (ସମିସ): ଦିନକୁ ଦିନ ବଢ଼ିବାରେ ଲାଗିଛି ବ୍ଲକର ଭତ୍ତା ସମସ୍ୟା। ପ୍ରତିଦିନ ଭତ୍ତାରୁ ବଞ୍ଚିତ ହୋଇଥିବା ବୃଦ୍ଧବୃଦ୍ଧା ବ୍ଲକ୍‌କୁ ଆସି ସେମାନଙ୍କ ସମସ୍ୟା କହି ଭତ୍ତା ପାଇଁ ନେହୁରା ହେଉଛନ୍ତି। ଆଜି ସକାଳେ ବରୁଣାଡିହା ପଞ୍ଚାୟତର କେତେକ ବୃଦ୍ଧା ବ୍ଲକର ଭତ୍ତା ସେକ୍ସନ ଆଗରେ ବସି ରହି ଭତ୍ତା ଦେବାକୁ ଦାବି କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ବୁଝାସୁଝା କରି ବ୍ୟାଙ୍କୁ ବିଦା କରିଛନ୍ତି। ୩ ମାସ ଧରି ଅଧିକାଂଶ ଭତ୍ତାଧାରୀ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଅଫଲାଇନ ଓ ଅନଲାଇନ ଭତ୍ତା ପାଇବାରୁ ବିଳମ୍ବ ପରେ ଏବେ ପ୍ରାୟ ଭତ୍ତା ପାଇଛନ୍ତି। ପ୍ରାୟ ପ୍ରତି ପଞ୍ଚାୟତରେ ଲାଗି ରହିଥିବା ଭତ୍ତା ସମସ୍ୟା ସୁଧାର ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ଡିବିଟି କରାଇବାକୁ ପରାମର୍ଶ ଦେବା ପରେ ଅନେକ ଭତ୍ତା ପାଇଥିଲେ ହେଁ ଆହୁରି ବହୁତ ହିତାଧିକାରୀ ଭତ୍ତା ନ ପାଇ ବ୍ଲକରେ ଆସି ବସି ରହୁଛନ୍ତି। ଭତ୍ତା ପ୍ରଦାନରେ ଦେଖା ଦେଇଥିବା ସମସ୍ୟା ସୁଧାର ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଦାବି ହୋଇଛି।

## ୮ରୁ ରାଜସ୍ୱ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା, ୬।୭ (ସମିସ): ଜିଲ୍ଲାର ବିଭିନ୍ନ ତହସିଲରେ ରାଜସ୍ୱ ସମ୍ପର୍କିତ ଅଭିଯୋଗର ଶୀଘ୍ର ସମାଧାନ ଓ ସାଧାରଣ ଲୋକଙ୍କୁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଜୁଲାଇ ମାସ ପାଇଁ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତହସିଲ ସ୍ତରୀୟ ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ୮ ତାରିଖ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଆଳି ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ୧୪ ତାରିଖରେ ଗରଦପୁର ତହସିଲରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଅଭିଯୋଗ ଶୁଣାଣି କରିବେ। ୧୫ ତାରିଖରେ ମାର୍ଶାଘାଇ ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ୨୨ ତାରିଖରେ କେନ୍ଦ୍ରାପଡ଼ା ତହସିଲ, ୨୩ ତାରିଖରେ ଡେରାବିଶ ତହସିଲରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଅଭିଯୋଗ ଶୁଣାଣି କରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଅଭିଯୋଗ ଶୁଣାଣି ସମ୍ପର୍କରେ ବ୍ୟାପକ ପ୍ରଚାର-ପ୍ରସାର କରିବା, ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକଙ୍କ ମୃତ୍ୟୁ



ଗରଦପୁର, ୬।୭ (ସମିସ): ଗରଦପୁର ଉଠାଜଳସେଚନ ସବ୍‌ଡିଭିଜନ କାର୍ଯ୍ୟାଳୟ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ପାଣି (୬୨)ଙ୍କ ରବିବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏ ନେଇ ଗରଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ପାଣି ଘରେ ପାଣି ମୋଟର ଚାଲୁ କରୁଥିବାବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ । ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟକୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମରଶରୀରକୁ ଗ୍ରାମକୁ ଅଣାଯାଇ ଶୋଭାଯାତ୍ରାରେ ଚିତ୍ରୋତ୍ପଳା ନଦୀକୂଳ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ପ୍ରଶାନ୍ତ ପାଣି ମୁଖାଗ୍ନି ଦେଇଥିଲେ। ସମିତି ସଭ୍ୟ ତଥା ବିଜେଡି ନେତା ଦିଲ୍ଲୀପ ପଣ୍ଡା, ବିଧାୟକଙ୍କ ପ୍ରତିନିଧି କ୍ଷିତୀଶ ଦାସ, ପାଖଡ଼ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ସ୍ୱାଇଁ, ଗରଦପୁର ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ବେହେରା, ଭବାନୀ ପାଣି, ଶିବପ୍ରସାଦ ପଣ୍ଡା, ଗୌରାଙ୍ଗ ରଥ, ରାଜା ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ସ୍ୱର୍ଗତ ପାଣି ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜମଙ୍ଗଳ କାର୍ଯ୍ୟରେ ସକ୍ରିୟ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ।

## ପ୍ରେମିକାଠାରୁ ୩୦ ହଜାର ଟଙ୍କା ନେଇ ପ୍ରେମିକ ଚମ୍ପଟ

ରାଜକନିକା, ୬।୭ (ସମିସ): ଇନଷ୍ଟଗ୍ରାମରୁ ପ୍ରେମ। ପ୍ରେମିକ ପ୍ରବର ପ୍ରେମର ନାଟକ କରି ପ୍ରେମିକାଠାରୁ ମାଆ ଦେହ ଖରାପ କହି ୩୦ ହଜାର ଟଙ୍କା ନେଇ ଏବେ ଆଉ ଧରାଛୁଆଁ ଦେଉ ନ ଥିବାରୁ ପ୍ରେମିକା ଏବେ ଟଙ୍କା ଫେରିପାଇବାକୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଚାନ୍ଦବାଲି ଥାନା ଅନ୍ତର୍ଗତ ବାଲୁକୁଡି ଅଞ୍ଚଳର ଜଣେ ନାବାଳିକା ଯୁବତୀ ଇନଷ୍ଟଗ୍ରାମରେ ରାଜକନିକା ଥାନାଞ୍ଚଳର ଜଣେ ଯୁବକଙ୍କ ସହ ପ୍ରେମରେ ପଡ଼ିଥିଲେ। ଉଭୟଙ୍କ ମଧ୍ୟରେ ୮ ମାସର ପ୍ରେମ ଚାଲିଥିବାବେଳେ ୧୫ ଦିନ ପୂର୍ବରୁ ପ୍ରେମିକ ତା'ର ମାଆ ଦେହ ଖରାପ ଥିବା କହି ଚିକିତ୍ସା ପାଇଁ ପ୍ରେମିକାଠାରୁ ୩୦ ହଜାର ଟଙ୍କା ଚାନ୍ଦବାଲି ପୋଲ ନିକଟରେ ଆଣିଥିଲେ। ସାଥିରେ ପ୍ରେମିକର ସାଙ୍ଗ ଥିଲା। ଟଙ୍କା ନେବା ପରେ ପ୍ରେମିକ ଆଉ ପ୍ରେମିକାର ଫୋନ ଉଠାଇ ନ ଥିଲେ। ଫଳରେ ପ୍ରେମିକା ଟଙ୍କା ଫେରି ପାଇବାକୁ ଆଜି ସନ୍ଧ୍ୟାରେ ମାଆ ସହ ରାଜକନିକା ଥାନାକୁ ଆସି ଏତଲା ଦେଇଛନ୍ତି। ପୁଲିସ ଏତଲା ପାଇବା ପରେ ପ୍ରେମିକ ଓ ତା'ର ସାଙ୍ଗ ଘରକୁ ଯାଇ ଥାନାକୁ ଡାକିଥିବାବେଳେ ଏହି ଖବର ଏବେ ବେଶ ଚର୍ଚ୍ଚାରେ ରହିଛି।

## ମୂଳୁଗାଇଁ ବିଦ୍ୟାଳୟରେ ବନ ମହୋତ୍ସବ



ପଟ୍ଟାମୁଣ୍ଡାଇ, ୬।୭ (ସମିସ): 'ବୃକ୍ଷ ହିଁ ଜୀବନ' ଉକ୍ତିକୁ କାର୍ଯ୍ୟରେ ସଫଳ ରୂପାୟନ କରିବା ନିମନ୍ତେ ପଟ୍ଟାମୁଣ୍ଡାଇ ବ୍ଲକ ମୂଳୁଗାଇଁ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପରିବେଶକୁ ସରସ ସୁନ୍ଦର ରଖିବା ସକାଶେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ କବି ଅନ୍ତର୍ଯ୍ୟାମୀ ବେଜଙ୍କ ନେତୃତ୍ୱରେ ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ଓଝାଙ୍କ ସମେତ ସ୍କୁଲ ଶିକ୍ଷକଙ୍କ ସହଯୋଗରେ ବ୍ୟାପକ ଚାରା ଗଛ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ ଚାରା ରୋପଣ କାର୍ଯ୍ୟକ୍ରମରେ ବୃକ୍ଷର ପରିବେଶ ସୁରକ୍ଷାରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହିତ ପରିବେଶ ସୁରକ୍ଷା ଦିଗରେ ସେମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରଧାନଶିକ୍ଷକ, ଶିକ୍ଷକ ଓ ଛାତ୍ରଛାତ୍ରୀ ଚାରା ଗଛ ରୋପଣ କରିଥିଲେ।

## ବାପପୁଅଙ୍କ ଶାବଳ ଆକ୍ରମଣରେ ବ୍ୟବସାୟୀ ଗୁରୁତର | ଆଇସିୟୁରେ ଶଶୀକାନ୍ତ; ମୁଖ୍ୟ ଅଭିଯୁକ୍ତ ଫେରାର

କେନ୍ଦ୍ରାପଡ଼ା/ଡେରାବିଶ, ୬।୭ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ନରଣପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାପପୁଅଙ୍କ ମରଣାନ୍ତକ ଶାବଳ ଆକ୍ରମଣରେ ଜଣେ ବ୍ୟବସାୟୀ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟର ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବିରେ ଗ୍ରାମବାସୀ ସଦର ଥାନା ଘେରଉ କରିଥିଲେ।

ସୂଚନା ମୁତାବକ, ବ୍ୟବସାୟୀ ଶଶୀକାନ୍ତ ଦାଶ ଚାନ୍ଦୋଳ ବଜାରରେ ଡେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ରବିବାର ରାତିରେ ତାଙ୍କ ପତ୍ନୀ ସଂଘମିତ୍ରା ଦାଶଙ୍କୁ ପଡ଼ୋଶୀ ପ୍ରଦୀପ୍ତ କିଶୋର ଦାଶ ଓ ତାଙ୍କ ପୁଅ ନିଳାଦ୍ରୀ ଦାଶ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘର ଉପରକୁ ଟେକାପଥର ଫିଙ୍ଗିଥିଲେ। ପରେ ଶାବଳରେ ଘରର ଲୁହା ଗେଟ୍ ଓ ଗ୍ରିଲ୍ ଭାଙ୍ଗି ଘର ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସଂଘମିତ୍ରା ଫୋନ୍ ଯୋଗେ ସ୍ୱାମୀ ଶଶୀକାନ୍ତଙ୍କୁ ଜଣାଇଥିଲେ। ଶଶୀକାନ୍ତ ବାଇକ୍‌ରେ ଫେରୁଥିବାବେଳେ ଘର ନିକଟରେ ପୂର୍ବରୁ ଛକି ରହିଥିବା ପ୍ରଦୀପ ଓ ନିଳାଦ୍ରୀ ତାଙ୍କ ଉପରେ ଶାବଳରେ ଅତର୍କିତ ଆକ୍ରମଣ କରିଥିଲେ। ମୁଣ୍ଡରେ ଶାବଳ ପ୍ରହାର ହେବାରୁ ସେ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ପ୍ରଥମେ ତାଙ୍କୁ ନିଶ୍ଚିନ୍ତକୋଇଲି ଡାକ୍ତରଖାନା, ପରେ କଟକ ଓ



ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଶଶୀକାନ୍ତଙ୍କ ପତ୍ନୀ ସଂଘମିତ୍ରା ସଦର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ପୂର୍ବରୁ ମଧ୍ୟ ପ୍ରଦୀପ ଓ ନିଳାଦ୍ରୀ ତାଙ୍କ ପରିବାର ଉପରେ ଅନେକଥର ଆକ୍ରମଣ କରିଛନ୍ତି। ଶଶିକାନ୍ତ ସଦର ଥାନାରେ ୮ରୁ ଅଧିକ ଥର ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପ୍ରଭାବଶାଳୀ ପଦକ୍ଷେପ ନେଇ ନ ଥିବାରୁ ଅଭିଯୁକ୍ତମାନେ ସାହସ ପାଇ ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଶଶୀକାନ୍ତଙ୍କ ପୁଅଙ୍କୁ ମଧ୍ୟ ଛୁରିମାଡ଼ କରାଯାଇଥିବା ସେ କହିଛନ୍ତି। ଘଟଣା ପରେ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଓ ଆହତ ଶଶୀକାନ୍ତଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ସଦର ଥାନା ଘେରଉ କରିଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ସୁଧାକର ସାହୁ,

**ଅଭିଯୁକ୍ତଙ୍କ ଗିରଫ ଦାବିରେ ସଦର ଥାନା ଘେରଉ**

କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ନନ୍ଦ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ନରଣପଡ଼ା ଗ୍ରାମରେ ତଦନ୍ତ କରିଥିଲେ। ପୁଲିସ ପ୍ରଦୀପ୍ତଙ୍କ ସ୍ତ୍ରୀ ଓ ସାନପୁଅଙ୍କୁ ପଚରାଉଚରା ପାଇଁ ଅଟକ ରଖିଥିବାବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ଓ ନିଳାଦ୍ରୀ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ତିନୋଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ପରେ ପୁଲିସ ଭୁବନେଶ୍ୱରରୁ ପ୍ରଦୀପ୍ତ ଦାଶଙ୍କୁ ଗିରଫ କରିଥିବାବେଳେ ନିଳାଦ୍ରୀ ଦାଶଙ୍କୁ ଧରିବା ପାଇଁ ତଲାସି ଜାରି ରହିଛି। ସଦର ଥାନାରେ ସଂଘମିତ୍ରାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇଛି।

## ଚୋରାମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା, ୬।୭ (ସମିସ): ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ଜମ୍ବୁ ମେରାଇନ ଓ ମାର୍ଶାଘାଇ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ପ୍ରଭାକରପୁର ଗ୍ରାମର ଚନ୍ଦା ଖିଲରଙ୍କଠାରୁ ୨୭ ଲିଟର ଦେଶୀ ରନ୍ଧା ମଦ, ବଉଳକଣି ଗ୍ରାମର ରବି ଖିଲରଙ୍କଠାରୁ ୮୫୦ କିଗ୍ରାର ଗୁଡ ପୋଚ ମଦ, ଗୌରାଙ୍ଗ ରାଉତଙ୍କଠାରୁ ୬୫୦ କିଗ୍ରାର ଗୁଡ ପୋଚ ମଦ, ବଡପାଳ ଗ୍ରାମର ଶୋଭ ବେହେରାଙ୍କଠାରୁ ୭୧ ଲିଟର ବିଦେଶୀ ମଦ, ତିଖିରି ଗ୍ରାମର ତୁନିଲତା ପଲାଇଙ୍କଠାରୁ ୬୨ ଲିଟର ବିଦେଶୀ ମଦ ଓ ଡେକାନୀ ଗ୍ରାମର ନୃସିଂହ ପ୍ରଧାନଙ୍କଠାରୁ ୩୫୪ ଲିଟର ଗୁଡପୋଚ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଅଧାରେ ଅଟକିଛି ରାସ୍ତା ଓ ପୋଲ କାମ

# ଘଣ୍ଟ ବଜାଇ ଯୁବକଙ୍କ ଅଭିନବ ପ୍ରତିବାଦ

କେନ୍ଦ୍ରାପଡ଼ା, ୬।୭ (ସମିସ): ଗ୍ରାମର ଦୀର୍ଘଦିନର ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଜଣେ ଯୁବକଙ୍କ ଅଭିନବ ପ୍ରତିବାଦ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବେକରେ ଉତ୍ତରୀୟ, ଫୁଲମାଳ ଓ ହାତରେ ଘଣ୍ଟ ଧରି ପ୍ରଶାସନର 'ଶୋଇଥିବା ନିଦ ଭାଙ୍ଗିବା' ପାଇଁ ଘଣ୍ଟ ବଜାଇ ପ୍ରତିବାଦ କରିଛନ୍ତି ଡେରାବିଶ ବ୍ଲକ ଖୁମଳ ପଞ୍ଚାୟତ ଜହ୍ନିମୂଳ ଗ୍ରାମର ଯୁବକ ବାପିନ ମଲ୍ଲ। ଜହ୍ନିମୂଳ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ଦୁଇବର୍ଷ ତଳେ ଏକ ରାସ୍ତା ଓ ପୋଲ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। କାମ ଆଗକୁ ବଢ଼ି ନ ଥିବାବେଳେ ଚଳିତ ବର୍ଷ ଜାନୁଆରୀ ମାସରେ ଠିକାଦାର ପୁରୁଣା ପୋଲକୁ ଭାଙ୍ଗିଦେଇଥିଲେ। ସେହିଦିନଠାରୁ ନୂଆ



ପୋଲ ନିର୍ମାଣ କାମ ଅଧାରେ ଅଟକି ରହିଛି। ଜହ୍ନିମୂଳ ସମେତ ଆଖପାଖ ଅଞ୍ଚଳର ଲୋକେ ଦୈନିକ ଯାତାୟାତ ପାଇଁ ପ୍ରାୟ ୫ କିଲୋମିଟର ବୁଲିଯିବାକୁ ବାଧ ହେଉଛନ୍ତି। ସ୍କୁଲ ଛାତ୍ରଛାତ୍ରୀ, ଚାଷୀ, ରୋଗୀ ଓ ସାଧାରଣ ଲୋକ ଏଥିପାଇଁ ବିଶେଷ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇ ନ ଥିବାରୁ ବାପିନ ମଲ୍ଲ ଏହି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ଘଣ୍ଟ ବଜାଇ ସେ କହିଛନ୍ତି, ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟା ପ୍ରତି ପ୍ରଶାସନ ଆଉ ବିଳମ୍ବ ନକରି ତୁରନ୍ତ ଦୃଷ୍ଟି ଦେବା ସହ ଅଧାପନ୍ତରିଆ ରାସ୍ତା ଓ ପୋଲ ନିର୍ମାଣ କାମ ଶୀଘ୍ର ଶେଷ କରନ୍ତୁ। ଏହି ଅଭିନବ ପ୍ରତିବାଦ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଗ୍ରାମବାସୀ ମଧ୍ୟ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର

ରାଜନଗର, ୬।୭ (ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଏହି ଶିବିର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ କିପରି ଛାତ୍ରୀମାନେ ନିଜକୁ ସୁରକ୍ଷା ଦେଇପାରିବେ, ସେ ନେଇ ସେମାନଙ୍କୁ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦିଆଯାଉଛି। ଅଧ୍ୟକ୍ଷ ଅମୀୟ କୁମାର ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଛାତ୍ରୀ ଆତ୍ମସୁରକ୍ଷାର ଆବଶ୍ୟକତା ଓ କାର୍ଯ୍ୟକାରିତା ଉପରେ କହିଥିଲେ। ଶକ୍ତିଶ୍ରୀ ପ୍ରଶିକ୍ଷଣ ସଂଯୋଜିକା ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଅନସୂୟା ବେହେରା ଆସନ୍ନ ପରିସ୍ଥିତି ଅନୁଯାୟୀ ଛାତ୍ରୀମାନେ କିପରି ବିଭିନ୍ନ ସୁରକ୍ଷା କୌଶଳ ପ୍ରୟୋଗ କରିବେ, ସେ ବିଷୟରେ ସଚେତନ କରାଇଥିଲେ। ଶିବିରରେ ୫୦ ଜଣ ଛାତ୍ରୀ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରଣତୀ ନାୟକ ଓ ଶୈକ୍ଷିକ କୋଷାଧ୍ୟକ୍ଷ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ଅଧ୍ୟାପକ ପର୍ଶୁରାମ ନାଥ ପ୍ରମୁଖ ଯୋଗଦେଇ ଛାତ୍ରୀମାନେ କିପରି ନିଜର ଆତ୍ମରକ୍ଷା କରିପାରିବେ, ତା'ର ବିଭିନ୍ନ ଦିଗ ସମ୍ପର୍କରେ ମତ ରଖିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରତାପ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବେ ପ୍ରୀତିପ୍ରଭା ରାଉତ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରୁଥିବାବେଳେ ଗଣିତ ବିଭାଗ ଅଧ୍ୟାପକ ସନ୍ଦୀପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ନିର୍ମାଣ ଶ୍ରମିକ ସଂଘର କାର୍ଯ୍ୟକାରୀ କମିଟି ବୈଠକ

ଡେରାବିଶ, ୬।୭ (ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ବ୍ଲକ୍ ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶେଖ ରିଆଜୁଦ୍ଦିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗ ଦେଇଥିଲେ। ଏ ଅବସରରେ ଶ୍ରୀ ତ୍ରିପାଠୀ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିବା ସହ ଶ୍ରମ କାର୍ଯ୍ୟାଳୟରେ ଶ୍ରମିକଙ୍କ ବିଭିନ୍ନ ସହାୟତା ରାଶି ତୁରନ୍ତ ମିଳୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସଂଘ ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଶ୍ରୀ ତ୍ରିପାଠୀ କହିଥିଲେ। ତେବେ ନିର୍ମାଣ ଶ୍ରମିକଙ୍କ ଦାବିକୁ ହାସଲ କରିବା ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ। ଶ୍ରୀ ତ୍ରିପାଠୀଙ୍କ ମତକୁ ସମର୍ଥନ କରି ମହେଶ୍ୱର ନାୟକ, ଜଗନ୍ନାଥ ବେହେରା, ପ୍ରଦୀପ୍ତ ସାମଲ, ନିତ୍ୟାନନ୍ଦ ସାମଲ, ଜଗଦୀଶ କଟାଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସୁବାସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟକୁରା ବିଜେପିର ଅତଡ଼ା ଧସୁଛି

ଗରଦପୁର, ୬।୭ (ସମିସ)

ରାଜ୍ୟସଭା ନିର୍ବାଚନରେ ପାଟକୁରା ବିଜେଡି ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ବିଜେପି ସମର୍ଥିତ ରାଜ୍ୟସଭା ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ କ୍ରସ୍ ଭୋଟିଂ କରିବା ପରେ ବସ୍ତୁତଃ ବିଜେପି ନିକଟତର ହୋଇଥିବା ନେଇ ଜଣାପଡୁଛି। ଏହାଛଡ଼ା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ ବିଧାୟକ ନିଜ ବାସଭବନ ତଳକୁସମାଠାରେ ନିଜର ଦୁଇବର୍ଷ ସଫଳତାର ରିପୋର୍ଟ କାର୍ଡ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ନେଇ ପାଟକୁରା ବିଜେପି ସହଜରେ ହଜମ କରିପାରୁନି। ଏ ନେଇ ପାଟକୁରା ବିଜେପିରେ ପ୍ରଚଣ୍ଡ ଭାବେ ଅସନ୍ତୋଷ ତେଜୁଥିବା ଦେଖାଦେଇଛି। ଏହି କିଛିଦିନ ମଧ୍ୟରେ ସଂଗଠନ ଓ ସରକାରଙ୍କୁ ମଜଭୁତ କରିବାକୁ ଜିଲ୍ଲା ବିଜେପି ସଭାପତି ପାଟକୁରା ଆସି ଡିଜିଟାଲ ରନଙ୍ଗି ନାମରେ ବିଭିନ୍ନ ମଣ୍ଡଳରେ ଘନଘନ ବୈଠକ କରୁଥିଲେ ହେଁ ଅସନ୍ତୋଷ ନିଆଁକୁ ପ୍ରଶମିତ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ତାହା ଲିଭିବାର ନାଁ ଧରୁନି। ତଳ ସ୍ତରର କର୍ମୀ କାମ ନ ପାଇବା ଓ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଅଣଦେଖା ହେବା ନେଇ ଏବେ ପାଟକୁରାରେ ବିଜେପି ଅତଡ଼ା ଧିରେ ଧିରେ ପଡ଼ିବାକୁ ଲାଗିଲାଣି। ସେପଟେ ବିଧାୟକ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନାମ କହି ନିଜର ବିଧାୟକ ପାଣ୍ଠି ୫ କୋଟି ସହ ସରକାର ଦେଇଥିବା ସ୍ପେଶାଲ ଫଣ୍ଡ ବାବଦକୁ ଅତିରିକ୍ତ ୫ କୋଟି ଓ ବିକଶିତ ଗାଁ ବିକଶିତ ଓଡ଼ିଶା କାମ ବାବଦରେ ୧୧୮ ଟି କାମରୁ ନିଜେ ୯୨ଟି କାମ ନେଇଥିବାବେଳେ ବିଜେପିକୁ ମାତ୍ର ୨୬ଟି କାମ ପ୍ରଦାନ କରାଯାଇଛି ବୋଲି ବିଜେପି ଜିଲ୍ଲା ଉପସଭାପତି ବିଜୟ ନାୟକ ଓ ପୂର୍ବତନ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ଅସନ୍ତୋଷ ପ୍ରକାଶ କରିବା ସହ ଶତାଧିକ କର୍ମୀ ଏଥିରେ ମଧ୍ୟ ଏକମତ ହୋଇ କେହି କାମ କରିବେ ନାହିଁ ବୋଲି ରୋକଠୋକ ଶୁଣାଇ ସରକାର ଓ ସାଂସଦଙ୍କ ଉପରେ ମଧ୍ୟ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଓ ସଂଗଠନର ଏଭଳି ଏତାଦୃଶ କାର୍ଯ୍ୟକଳାପ ଓ ବିଧାୟକଙ୍କୁ ପ୍ରାଧାନ୍ୟ ପ୍ରଦାନ ନେଇ ବିଜେପି କର୍ମୀ ପାଟକୁରାରେ ମୁହଁ ଲୁଚାଇ ବୁଲୁଥିବା ନେଇ ଜଣେ ବରିଷ୍ଠ କର୍ମୀ କହିଛନ୍ତି।


କେବଳ ଏତିକି ନୁହେଁ, ଆସନ୍ତା ବିଧାନସଭା ନିର୍ବାଚନରେ ବିଧାୟକ ଅରବିନ୍ଦ

- **ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରି ହାତପାଣ୍ଠି ହାତେଇନେଲେ ବିଧାୟକ**
- **ଶୀର୍ଷ କର୍ମୀ ବି ଖପ୍ପା, ଅଡୁଆରେ ଜିଲ୍ଲା ସଭାପତି**
- **ବିଜେପି କର୍ମୀଙ୍କୁ ମିଳୁନି ଠିକା କାମ, ବିଧାୟକଙ୍କ ଲୋକଙ୍କୁ ଏକାଧିକ କାମ**

ବିଜେପି ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ବିଧାୟକ କର୍ମୀ ପ୍ରଚାର କରୁଥିବାବେଳେ ଏହି ପ୍ରଚାର କଟା ଘା'ରେ ଚୁନ ଦେଲା ଭଳି ଲାଗୁଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଜେପି ରାଜ୍ୟ ପ୍ରବକ୍ତା ତଥା ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା କିଂ କର୍ତ୍ତବ୍ୟ ବିମୂଢ଼ ହୋଇ କେବଳ ଜଳଜଳ ହୋଇ ଚାହିଁ ରହିବା ସହ କର୍ମୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ତେଜେଶ୍ୱରଙ୍କ ବ୍ୟତୀତ ଗତ କିଛିଦିନ ତଳେ ରାଜ୍ୟ ବିଜେପିର ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ତଥା ପାଟକୁରା ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ପାଟକୁରା ଆସି ଗରଦପୁର ବ୍ଲକ ବିଡିଓଙ୍କୁ ନାଲି ଆଖି ଦେଖାଇ ବିଧାୟକ କିଏ, ସେ ବାଲିମାଫିଆଙ୍କ ସହ ସମ୍ପର୍କ ରଖିଛନ୍ତି। ଏହାଛଡା ନିଜେ ପାଟକୁରାର ବିଭିନ୍ନ ବାଲି ସଇରାତକୁ ଯାଇ ଫଟୋ ଉଠାଇ ବାଲି ଚୋରି ହେଉଥିବା କଥା କହି ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହୋଇଥିଲେ ବି ତାଙ୍କ ନାଲି ଆଖିକୁ ବ୍ଲକ ପ୍ରଶାସନ ଓ ଖଣି ବିଭାଗ ବେଖାତିରି କରି ଅଣଦେଖା କରୁଥିବା ଦେଖିବାକୁ ମିଳୁଛି। ତେବେ ଉମାକାନ୍ତଙ୍କ ଏଭଳି ବାଲି ଖାଦାନ ବୁଲିବା ନେଇ କେତେକ ବିଜେପି ନେତା ନାପସନ୍ଦ କରିବା ସହ ଗୋଟିଏ ଗୋଷ୍ଠୀ ବିରୋଧ କରିବା ନେଇ ବିଧାୟକ ଓ ବିଭାଗୀୟ ଅଧିକାରୀ ବେଶ ଖୁସି ଥିବା ନେଇ ବିଧାୟକଙ୍କ କର୍ମୀ ଓ କେତେକ କର୍ମଚାରୀ କହୁଥିବା ନେଇ ମଧ୍ୟ ଶୁଣିବାକୁ ମିଳୁଛି। ଏପରି ଦ୍ୱନ୍ଦ୍ୱ ଓ ରାଜ୍ୟ ପଦାଧିକାରୀ, ସରକାର ବିଧାୟକଙ୍କୁ ପ୍ରାଧାନ୍ୟ ଦେବା ଦେଖି ଅରିବିନ୍ଦ ବିଜେପିରେ ମିଶିବା ନେଇ ତାଙ୍କ କର୍ମୀ ପ୍ରଚାର ଆରମ୍ଭ କରିଦେଲେଣି। ଏହି ପ୍ରଚାର ଶୁଣି କେତେକ ବିଜେପିକୁ ଭୋଟ ଦେଇଥିବା ସାଧାରଣ ଲୋକ ବିଜେପିଠାରୁ ମୁହଁ ବୁଲାଇ ବିଜେଡି ଆଡ଼କୁ ଢଳୁଥିବା ଦେଖିବାକୁ ମିଳୁଛି। ସର୍ବୋପରି ଏବେବି ପାଟକୁରାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଭରସା ଥିବା ଦେଖିବାକୁ ମିଳୁଛି। ତେବେ ପଞ୍ଚାୟତ ନିର୍ବାଚନ ଆଉ ମାତ୍ର କେଇ ମାସ ବାକି ଥିବାବେଳେ ବିଜେପିର ଗୋଷ୍ଠୀ କନ୍ଦଳ ଓ ଅସନ୍ତୋଷ କି ପ୍ରଭାବ ପକାଇବ; ତାହା ଏବେଠାରୁ ଜଣାପଡ଼ିଲାଣି ବୋଲି ପାଟକୁରାରେ ଚର୍ଚ୍ଚା ଜୋର ଧରିଛି।

୬/୭/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୨୧,୮୧୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୧୩.୨୦୦ ଗ୍ରାମ୍





# ରଥଯାତ୍ରା ପାଇଁ ୧୭୦୦ ଅସ୍ଥାୟୀ ଶୌଚାଳୟ

ପୁରୀ,୬।୭ (ସମିସ)



ସ୍ଥାନୀୟ ଟାଉନ ହଲ୍‌ରେ ସୋମବାର ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇ କହିଥିଲେ ଯେ, ସ୍ଥାୟୀ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ହେବା ପୂର୍ବରୁ ରଥଯାତ୍ରା ପାଇଁ ଦୁଇଟି ଅସ୍ଥାୟୀ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ ରହିବ। ଗୋଟିଏ ଟାଉନ ଥାନା ଓ ଅନ୍ୟ ଏକ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହିବ। ଏବର୍ଷ ରଥଯାତ୍ରା ଦାୟିତ୍ୱରେ ରହିବେ ୨୨୫ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍। ଏ ନେଇ ସେମାନଙ୍କୁ ଟ୍ରେନିଂ ଦିଆଯିବା ସହ ପ୍ରସ୍ତୁତ ହୋଇଛି ଏକ ମାନୁଆଲ୍। ପୂର୍ବରୁ ମାଜିଷ୍ଟ୍ରେଟଙ୍କ ସଂଖ୍ୟା ୬୦ରୁ ୭୦ ମଧ୍ୟରେ ସୀମିତ ଥିଲା। ସେହିପରି ପ୍ରଥମକରି ସାଢ଼େ ୫ କୋଟି ଟଙ୍କାର ଏକ କଣ୍ଟିଜେନ୍ସି ଫଣ୍ଡ ବା ସମ୍ଭାବ୍ୟ ପାଣ୍ଠି ଜିଲ୍ଲାପାଳଙ୍କୁ ଦିଆଯାଇଛି, ଯାହା ଆଗାମୀ ବର୍ଷରେ ବଜେଟ୍‌ର ପ୍ରାବଧାନ କରାଯିବ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ। ରେଳବାଇ ତରଫରୁ ଅତିରିକ୍ତ ଟିକଟ କାଉଣ୍ଟର ସଂଖ୍ୟା ବୃଦ୍ଧି କରାଯାଇଛି। ଶୌଚାଳୟ ସମସ୍ୟା ଦୂର ପାଇଁ ୧,୭୦୦ ଅସ୍ଥାୟୀ ଟଏଲେଟ୍ ପ୍ରସ୍ତୁତ କରାଯାଉଛି। ସେହିପରି ପୁରୀ ସହରରେ ୪ଟି ସ୍ଥାୟୀ ଶୌଚାଳୟ କରାଯାଇଛି। ୧ହଜାର ସଫେଇ କର୍ମଚାରୀ ମଧ୍ୟ ପ୍ରସ୍ତୁତ ରଖାଯିବାକୁ ନିର୍ଦ୍ଦେଶ ହୋଇଛି। ଭକ୍ତଙ୍କ ସୁବିଧା ପାଇଁ ୩୧ଟି ପାର୍କିଂସ୍ଥଳ ଚିହ୍ନଟ ହୋଇଛି। ନିର୍ମାଣାଧୀନ ମାଟିଆପଡ଼ା ରେଳବାଇ ଓଭରବ୍ରିଜ୍ (ଆର୍‌ଓବି) ଆସନ୍ତା ୧୦ ତାରିଖ ସୁଦ୍ଧା ଶେଷ କରିବା ନେଇ କାର୍ଯ୍ୟ ଜାରି ରହିଛି।

- ଦାୟିତ୍ୱରେ ରହିବେ ୨୨୫ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍
- ଆସନ୍ତା ବର୍ଷ ସୁଦ୍ଧା ରଥକୋଡ୍ ସଂଶୋଧନ

ଟ୍ରାଫିକ୍ ସମସ୍ୟା ଦୂର ପାଇଁ ତଥା ଲୋକଙ୍କୁ ବିଭିନ୍ନ ପାର୍କିଂ ସ୍ପଟ୍ ଓ ବିଭିନ୍ନ ସ୍ଥାନର ସୂଚନା ଦେବା ଲାଗି ସାଇନ୍ ଆଣ୍ଡ ଗ୍ଲୋ ସ୍ଥାୟୀ ସାଇନେଜ୍ ମାନ ପ୍ରସ୍ତୁତ ହୋଇଛି। ପ୍ରଥମ କରି ମହାନଗର ନିଗମ ମାନ୍ୟତା ପାଇଥିବା ପୁରୀରେ ୩୦ଟି ୱାଟର ଲଗିଂ ସ୍ଥାନ ଚିହ୍ନଟ ହୋଇଛି। ଅଗ୍ନିଶମ ବିଭାଗ ଜରିଆରେ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ୍ ପ୍ରସ୍ତୁତ ରଖାଯାଇଛି। ସହରରେ ୫୦ରୁ ଉର୍ଦ୍ଧ୍ୱ ହାଇମାଷ୍ଟ ଲାଇଟ୍ ପ୍ରସ୍ତୁତ କରାଯାଇଛି। ୧୯୮୩ରୁ ଚାଲି ଆସିଥିବା ରଥକୋଡ୍ ସଂଶୋଧନ ପାଇଁ ଡ୍ରାଫ୍ଟ ପ୍ରସ୍ତୁତ ହୋଇଛି। ଆସନ୍ତା ବର୍ଷ ସୁଦ୍ଧା କୋଡ୍‌ରେ ଆବଶ୍ୟକୀୟ ପରିବର୍ତ୍ତନ ହୋଇ କାର୍ଯ୍ୟକାରୀ ହେବ। ସେହିପରି ନୀତିକାନ୍ତି ସୂଚନା ସହ ପାର୍କିଂ ଟଏଲେଟ୍ ପାଇଁ ଆପ୍ ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ।

● ବିଭିନ୍ନ ବିଭାଗ ସହ ପୁଲିସର ସମନ୍ୱୟ ବୈଠକ

## ଶୃଙ୍ଖଳିତ ଦର୍ଶନ, ଭିଡ଼ ଓ ଟ୍ରାଫିକ୍ ପରିଚାଳନା ଉପରେ ଗୁରୁତ୍ୱ

ପୁରୀ,୬।୭ (ସମିସ): ରଥଯାତ୍ରାକୁ ସୁରକ୍ଷିତ, ଶୃଙ୍ଖଳିତ ଓ ସୁଚାରୁ ଭାବେ ପରିଚାଳନା କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ରବିବାର ପୁରୀ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ଠାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ପୁଲିସର ବରିଷ୍ଠ ଅଧିକାରୀ ସହ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ଏସ୍‌ଓଜି, ରେଳବାଇ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରା ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ତ୍ୱରିତ ସମନ୍ୱୟ, ସୂଚନା ଆଦାନପ୍ରଦାନ ଓ ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଭିଡ଼ ପରିଚାଳନା, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଟ୍ରାଫିକ୍ ବ୍ୟବସ୍ଥା ଓ ଯାନବାହନ ପାର୍କିଂ, ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥା ଓ ଅଗ୍ନି ନିରାପତ୍ତା, ରେଳ ଷ୍ଟେସନ ଓ ବସ୍ ଟର୍ମିନାଲରେ ସୁରକ୍ଷା ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ସମସ୍ତଙ୍କୁ ସଜାଗ ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏସ୍‌ପି ଶ୍ରୀ ସିଂ କହିଲେ ଯେ, 'ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଧାର୍ମିକ ମହୋତ୍ସବ ହୋଇଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀ ଆସିଥା'ନ୍ତି। ସେମାନଙ୍କର ସୁରକ୍ଷା, ସୁବିଧା ଓ ନିର୍ବିଘ୍ନ ଦର୍ଶନ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ସମସ୍ତ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ, ପୂର୍ବ ପ୍ରସ୍ତୁତି ଓ ସତର୍କତା ଅତ୍ୟନ୍ତ ଆବଶ୍ୟକ। ପୁଲିସ ରଥଯାତ୍ରାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଆଗକୁ ମଧ୍ୟ ଏଭଳି ସମୀକ୍ଷା ବୈଠକ ଓ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଜାରି ରହିବ।

## ରଥଖଳାରୁ... ତିନିରଥରେ କନ୍ୟା ପଟା ବାଡ଼ିଆ ଶେଷ




ପୁରୀ, ୬।୭ (ସମିସ): ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ତିନିରଥରେ ମୋଟ୍ ୩୨ଟି କନ୍ୟା ପଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ମହାପ୍ରଭୁଙ୍କ ତାଳଧ୍ୱଜ ରଥ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଚତୁଃପାଶ୍ୱର୍ରେ ୧୨ଟି ଲେଖାଏଁ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ୮ଟି କନ୍ୟା ପଟା ବାଡ଼ିଆ ଯାଇଛି। ଏଥିସହ ଚିତ୍ରକାର ସେବକମାନେ ତିନିରଥ ପ୍ରଭାରେ ରୂପ ଖୋଦେଇ ଅଂଶରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେବା ସହ, ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ, ତିନିରଥର ବ୍ରେକ୍ ପୁଲିର ରଙ୍ଗ କାର୍ଯ୍ୟ ଓ ତିନିରଥର ଘୋଡ଼ା ଏବଂ ସାରଥୀଙ୍କ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦରଜୀ ସେବକମାନେ ତିନିରଥ ରବତା କନା କଟିଙ୍ଗ୍ ପରେ ସେଥିରେ ବିଲାସ ପଟି ବା ଜରୀ ଲେସ୍ ଫିଟିଙ୍ଗ୍ କାର୍ଯ୍ୟ ଶେଷ କରିବା ସହ ତିନି ରଥର ଦୁଆର ବେଢ଼ା ଏବଂ ଦୁଆର ବେଢ଼ା ଚନ୍ଦ୍ରଶାଳୀର କନା କଟିଙ୍ଗ୍ ଶେଷ ପରେ ସେଥିରେ ଫୁଲ, ଡାଳି ଲତା ଏବଂ ଚିକ୍କଣ ଫୁଲ ପକା କାର୍ଯ୍ୟ ପାଇଁ ମାପ ଚିହ୍ନ ଗାଡ଼ିଆ କାର୍ଯ୍ୟ ଜାରୀ ରହିଛି। ଏଥିସହ ତିନିରଥର ପୋଟଳ କନା କଟିଙ୍ଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ସମସ୍ତ କଣ୍ଟା ନିର୍ମାଣ କାର୍ଯ୍ୟ ଶେଷ କରି ଜରୁରୀକାଳୀନ ପରିସ୍ଥିତି ପାଇଁ କିଛି ଆବଶ୍ୟକ କଣ୍ଟାମାନ ନିର୍ମାଣ ଜାରୀ ରଖିଛନ୍ତି।

## 'ଭକ୍ତଙ୍କୁ ରଥ ସ୍ପର୍ଶ କରିବାର ସୁଯୋଗ ମିଳୁ'

ପୁରୀ,୬।୭ (ସମିସ): ସର୍ବସାଧାରଣରେ ରଥ ଉପରେ ଠାକୁରଙ୍କୁ ସ୍ପର୍ଶ ନ କରିବା ସମ୍ପର୍କରେ ପ୍ରକୃତ ଆଦେଶ ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଛି। ଏହା ସହ ଠାକୁରମାନେ ଗୁଣ୍ଡିଚା ମନ୍ଦିର ଭିତରକୁ ପ୍ରବେଶ କରିବା ପରେ ପୁଲିସ ସୁରକ୍ଷା ଭିତରେ ଶୂନ୍ୟ ରଥକୁ ସ୍ପର୍ଶ କରିବା ସୁଯୋଗ ଭକ୍ତମାନଙ୍କୁ ଦେବା ପାଇଁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ଡ. ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କଠାରେ ଦାବି କରିଛନ୍ତି। ଡ. ମିଶ୍ର ଜଣାଇଛନ୍ତି ଯେ ରଥ ସ୍ପର୍ଶ କରିବା ପ୍ରତିଟି ଭକ୍ତଙ୍କ ଅଧିକାର। ଏଣୁ ହାଇକୋର୍ଟଙ୍କ ଆଦେଶକୁ ବିକୃତ କରି, ସରକାର ତଥା ପ୍ରଶାସନ ଭଗବାନ ଓ ଭକ୍ତଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି ନ କରିବା ଏବେ ବଡ଼ ଆବଶ୍ୟକତା। ଏଥି ସହ ସେ ଜଣାଇଛନ୍ତି ଯେ ଗୁଣ୍ଡିଚା ମନ୍ଦିରରେ ପୁରୀବାସୀଙ୍କ ସହଜ ପ୍ରବେଶ ପାଇଁ ସରକାର ଏକ ସମୟ ନିର୍ଦ୍ଧାରଣ କରନ୍ତୁ।

## ସ୍ଥଗିତ ରହିଲା 'ମହାପ୍ରଭୁ ଜଗନ୍ନାଥ' ଆନିମେସନ ଚଳଚ୍ଚିତ୍ର ମୁକ୍ତିଲାଭ

ପୁରୀ,୬।୭ (ସମିସ): 'ମହାପ୍ରଭୁ ଜଗନ୍ନାଥ' ଆନିମେସନ ଫିଲ୍ମ ନେଇ ଗଜପତି ମହାରାଜାଙ୍କ ଆପତ୍ତି ପରେ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଚାରପ୍ରସାର କମିଟି ବୈଠକରେ ଚଳଚ୍ଚିତ୍ର ମୁକ୍ତିଲାଭକୁ ସ୍ଥଗିତ ରଖାଯାଇଛି। ଏହି ବୈଠକରେ ଚଳଚ୍ଚିତ୍ରର ସ୍କ୍ରିନିଙ୍ଗ୍ କରାଯାଇଥିବାବେଳେ ଗଜପତି ପ୍ରତିକ୍ରିୟା ଦେଇ କହିଥିଲେ, ଏହି ଫିଲ୍ମ ସମ୍ପୂର୍ଣ୍ଣ କାଳ୍ପନିକ। ଆଜିର ଛୋଟ ପିଲା, ଯୁବପିଢ଼ିଙ୍କ ପାଇଁ ଚଳଚ୍ଚିତ୍ର ନିର୍ମାଣ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କାଳ୍ପନିକ କିମ୍ବା ମନଗଢ଼ା କାହାଣୀ ହେବା କଥା ନୁହେଁ। ବୈଠକରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ମଧ୍ୟ ନିଜ ଭୁଲ୍ ସ୍ୱୀକାର କରିଥିଲେ। ଭୁବନେଶ୍ୱର (M/s Ele Animations Pvt Ltd) ଦ୍ୱାରା ନିର୍ମିତ ଏବଂ ଆସନ୍ତା ୧୦ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଥିବା ଉକ୍ତ ଚଳଚ୍ଚିତ୍ରର ମୁକ୍ତିଲାଭ ସ୍ଥଗିତ ରଖାଯାଇଛି। ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଆଉ ଥରେ ତର୍ଜମା ହୋଇ ପରିବର୍ତ୍ତିତ ହେବ।

ସେହିପରି ଅଦିନିଆ ରଥଯାତ୍ରା ବନ୍ଦ ନେଇ ପୁଣି ଥରେ ବର୍ଷିଛନ୍ତି ଗଜପତି ଦିବ୍ୟସିଂହ ଦେବ। ସେ ଦୁଇ ଦିନ ତଳେ ଇସ୍କନ ନୂଆ ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଚିଠି ଦିଆଯାଇଛି। ନୀଳାଦ୍ରି ବିଜେ ପରେ ଏକ ପ୍ରତିନିଧିମଣ୍ଡଳୀ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଭେଟିବେ। ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ନିହାତି ଆବଶ୍ୟକ ବୋଲି ବୈଠକ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଦିବ୍ୟସିଂହ ଦେବ ଏ ନେଇ ସୂଚନା ଦେଇଛନ୍ତି। ଫିଲ୍ମର ଅଫିସିଆଲ୍ ଟ୍ରେଲର୍‌କୁ ଦେଖିବା ପରେ ଗଜପତି ମହାରାଜା ନିଜର ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ କହିବା ଅନୁଯାୟୀ, ଏହା ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀ। ଚଳଚ୍ଚିତ୍ରରେ ମହାପ୍ରଭୁଙ୍କର ଏକ ସମ୍ପୂର୍ଣ୍ଣ ମନଗଢ଼ା ଓ କାଳ୍ପନିକ କାହାଣୀ ପ୍ରଦର୍ଶନ କରାଯାଇଛି, ଯାହା ଆମର ପବିତ୍ର ଶାସ୍ତ୍ର ସହିତ ଆଦୌ ମେଳ ଖାଉନାହିଁ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗବେଷକ, ବିଭିନ୍ନ ମଠର ମଠାଧୀଶ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

**ନିଜର ଭୁଲ୍ ସ୍ୱୀକାର କଲେ ନିର୍ଦ୍ଦେଶକ**

## ୯୭ ଦିନରେ ପ୍ରତିବାଦ ପଦଯାତ୍ରା



ପୁରୀ,୬।୭ (ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ କି ସରକାର କେହି ଶୁଣୁନାହାନ୍ତି। ହେଲେ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ସୋମବାର ଏହି ପଦଯାତ୍ରା ୯୭ ଦିନରେ ପହଞ୍ଚିଛି। ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ, ସୁକାନ୍ତ ପଣ୍ଡା, ବିଶ୍ୱନାଥ ମିଶ୍ର, ମନୋରଞ୍ଜନ ରଣସିଂହ, ସୁବାସ ପଟ୍ଟନାୟକ, ନୃସିଂହନାଥ ନାୟକ, ଯାଦବାନନ୍ଦ ରାୟ, ଶିଶିରକାନ୍ତ ଶତପଥୀ, ସନ୍ତୋଷ ସେନାପତି, ଅରୁଣା ପଟ୍ଟନାୟକ, ମମତା ଦାସ, ବନିତା ଦିକ୍ଷୀତ, ମମତା ସ୍ୱାଇଁ, କିଶୋର ଚନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ସାହୁ, ଲିଙ୍ଗରାଜ ସାହୁ, ରାଜା ମହାନ୍ତି, ଅମୂଲ୍ୟ ଦାସ, ମାନସ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ଦେଖାଇଲେ କଂଗ୍ରେସ କର୍ମୀ

ପୁରୀ,୬।୭ (ସମିସ)



ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଯୋଗଦେବାକୁ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ କଳାପତାକା ପ୍ରଦର୍ଶନ କରିଛନ୍ତି କଂଗ୍ରେସ କର୍ମୀ। ବୀରହରେକୃଷ୍ଣପୁର ଛକଠାରେ ପୁରୀ ସଦର ବ୍ଲକ୍ ପୂର୍ବତନ କଂଗ୍ରେସ ସଭାପତି ରାମଚନ୍ଦ୍ର ସାହୁ ଓ ଅବିନାଶ ମିଶ୍ର କଳାପତାକା ପ୍ରଦର୍ଶନ କରିଥିଲେ। ଉଭୟଙ୍କୁ ପୁଲିସ ଧରି ଥାନାକୁ ଆଣିଥିଲା। ସେହିପରି ପୁରୀ ସହରର ବିଭିନ୍ନ ଜାଗାରେ କଳାପତାକା ଦେଖାଇବା ବେଳେ ପୁଲିସ ରଜତ କୁମାର ସାହୁ, ବିଶ୍ୱରଞ୍ଜନ ମହାପାତ୍ର, ଆଦର୍ଶ ମିଶ୍ର, ରାଜକିଶୋର ସ୍ୱାଇଁ, ଜିତୁ ଦାସ, ପିଣ୍ଟୁ ସାହୁ, ଦୀପକ ବେହେରାଙ୍କୁ ଉଠାଇ ନେଇଥିଲା। ପାଠ୍ୟପୁସ୍ତକରେ ତ୍ରୁଟି, ପୁରୀବାସୀଙ୍କ ସହଜ ଶ୍ରୀମନ୍ଦିର ଦର୍ଶନ ପ୍ରସଙ୍ଗ ସହିତ ରାମ ମନ୍ଦିର ଓ ବଦ୍ରିନାଥ ମନ୍ଦିରରୁ ଭକ୍ତଙ୍କ ଦାନ ଅର୍ଥ ଚୋରି, ଅଦିନିଆ ରଥଯାତ୍ରା କରୁଥିବା ଇସ୍କନକୁ ରଥଯାତ୍ରାରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ, ବିପର୍ଯ୍ୟସ୍ତ ରାସ୍ତାଘାଟ, ଅହେତୁକ ବିଦ୍ୟୁତ୍ କାଟ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ଦେଖାଯାଇଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ପୁରୀରେ କୌଣସି ନେତାଙ୍କୁ ପୂରାଇ ଦିଆଯିବ ନାହିଁ ବୋଲି ରାମଚନ୍ଦ୍ର ସାହୁ ଚେତାବନୀ ଦେଇଛନ୍ତି। ପରେ ସମସ୍ତଙ୍କୁ ପୁଲିସ ଛାଡ଼ିଥିବା ବେଳେ ରାତି ୧୦ଟା ପର୍ଯ୍ୟନ୍ତ ରାମଚନ୍ଦ୍ର ସାହୁଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

## ହୋପ୍ ଇଜ୍ ଲାଇଫ୍‌ର ସାମୂହିକ ବ୍ରତୋପନୟନ

ପୁରୀ,୬।୭ (ସମିସ): ଶ୍ରୀଗୁଣ୍ଡିଚା ଭକ୍ତ ନିବାସରେ ହୋପ୍ ଇଜ୍ ଲାଇଫ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋମବାର ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ ଜଣ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ କରାଯାଇଥିଲା। ସନାତନ ପରମ୍ପରାରେ ବ୍ରତୋପନୟନ ସଂସ୍କାରର ଏକ ବିଶେଷ ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି। ଏହା କେବଳ ଏକ ଧାର୍ମିକ ଆଚାର ନୁହେଁ, ବରଂ ଜ୍ଞାନ, ଶୃଙ୍ଖଳା, ସଦାଚାର ଓ ନୈତିକ ମୂଲ୍ୟବୋଧର ପଥରେ ଜୀବନର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ। ଏଭଳି ସାମୂହିକ କାର୍ଯ୍ୟକ୍ରମ ସମାଜରେ ସମାନତା, ସହଯୋଗ, ଭ୍ରାତୃତ୍ୱ ଏବଂ ସାମାଜିକ ସମରସତାକୁ ସୁଦୃଢ଼ କରିବା ସହିତ ଆମର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଭଳି ମହତ୍ କାର୍ଯ୍ୟର ଆୟୋଜନ ପାଇଁ ଟ୍ରଷ୍ଟର ପ୍ରାୟ ୨୦୦ରୁ ଅଧିକ ସଦସ୍ୟ ଓ ସଦସ୍ୟା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନବ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।



## ଟିକିନା ଲିଆଖିଆ ନଦୀ କୂଳରେ ସୃଷ୍ଟି ହେବ ଖଜୁରି ଜଙ୍ଗଲ

## ୫ ହଜାର ମଞ୍ଜି ପୋତିଲା ସେଭ୍ କୋଷ୍ଟାଲ ଲାଇଫ୍

ପୁରୀ,୬।୭ (ସମିସ)



ଚଳିତ ବର୍ଷର ବନ ମହୋତ୍ସବ ସପ୍ତାହକୁ ଜନସଚେତନତା ଓ ପରିବେଶ ଉପଯୋଗୀ କରିବା ପାଇଁ ପ୍ରୟାସ ଜାରି ରଖିଛି ସ୍ୱେଚ୍ଛାସେବୀ ସଂଗଠନ 'ସେଭ୍ କୋଷ୍ଟାଲ ଲାଇଫ୍'। ପ୍ରକୃତିର ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ନିରନ୍ତର ଜନସଚେତନତା ସୃଷ୍ଟି କରିଆସୁଥିବା ଏହି ସଂଗଠନ ଚଳିତ ବର୍ଷ ଏକ ବଡ଼ ସଙ୍କଳ୍ପ ନେଇଛି। ଟିକିନା ଲିଆଖିଆ ନଦୀ ଉପକୂଳ ଅଞ୍ଚଳରେ ୫ ହଜାରରୁ ଅଧିକ ଖଜୁରୀ ମଞ୍ଜି ରୋପଣ କରି ଏକ ବିଶାଳ ଖଜୁରୀ ଜଙ୍ଗଲ ସୃଷ୍ଟି କରିବାକୁ ସଂଗଠନ ଲକ୍ଷ୍ୟ ରଖିଛି। ଉପକୂଳ ସୁରକ୍ଷା ପାଇଁ ଖଜୁରୀ ଗଛର ଆବଶ୍ୟକତା ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଗଛଗୁଡ଼ିକ କେବଳ ମୃତ୍ତିକା କ୍ଷୟ ରୋକିବାରେ ସାହାଯ୍ୟ କରନ୍ତି ନାହିଁ, ବରଂ ବାତ୍ୟା ଓ ପ୍ରବଳ ପବନ ସମୟରେ ପ୍ରାକୃତିକ ପ୍ରାଚୀର ସଦୃଶ କାର୍ଯ୍ୟ କରିଥା'ନ୍ତି। ଏହାସହ ନଦୀକୂଳିଆ ଅଞ୍ଚଳର ଜୈବବିବିଧତା ରକ୍ଷା କରିବା ଏବଂ ପକ୍ଷୀମାନଙ୍କୁ ଆଶ୍ରୟ ପ୍ରଦାନ କରିବାରେ ଏହା ବିଶେଷ ସହାୟକ ହୋଇଥାଏ। 'ସେଭ୍ କୋଷ୍ଟାଲ ଲାଇଫ୍' ସଂଗଠନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ଯେ, କେବଳ ଗଛ ଲଗାଇବା ସଂଗଠନର ଲକ୍ଷ୍ୟ ନୁହେଁ, ବରଂ ତାହାର ସୁରକ୍ଷା କରି ଏକ ସୁନ୍ଦର ଜଙ୍ଗଲରେ ପରିଣତ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା କହିଛନ୍ତି, ସବୁଜିମା ସପକ୍ଷରେ ଆମ ସଂସ୍କୃତି। ଏଠି ପୂଜା ପାଏ ପ୍ରକୃତି, ତା' ସହ ଆମ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଗଛରୁ ଗଢ଼ା। ତେଣୁ ଆମ ଜଙ୍ଗଲର ଦାୟିତ୍ୱ, ପଶୁପକ୍ଷୀଙ୍କ ବଞ୍ଚିବାର ଅଧିକାର ଓ ଜଙ୍ଗଲକୁ ସବୁଜିମାରେ ଚିରହରିତ କରିବା ପାଇଁ ସମସ୍ତେ ସମର୍ପିତ ଉଦ୍ୟମ ପାଇଁ ଆସନ୍ତୁ ସଂକଳ୍ପ ନେବା। କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତ୍ତା ଜଗନ୍ନାଥ ସାହୁ, ରାକେଶ ବେହେରା, ମିଥୁନ ଛୋଟରାୟ, କୃଷ୍ଣଚନ୍ଦ୍ର ବେହେରା, ଲିଟୁ ଦାସ, ଶୁଭେନ୍ଦୁ ରାଉତରାୟ, ଅକ୍ଷୟ ବାରିକଙ୍କ ସହ ପ୍ରକୃତିବନ୍ଧୁ ଶ୍ରୀ ଜେନା ଯୋଗଦେଇ ମଞ୍ଜି ଲଗାଇଥିଲେ।

## ବୈଷ୍ଣବାଚାର୍ଯ୍ୟ ରାୟ ରାମାନନ୍ଦଙ୍କ ଜୟନ୍ତୀ

ପୁରୀ,୬।୭ (ସମିସ)



ଉତ୍କଳର ମହାନ୍ ସାଧକ ବୈଷ୍ଣବାଗ୍ରଗଣ୍ୟ ରାୟ ରାମାନନ୍ଦ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ସମଗ୍ର ଉତ୍କଳ, ଦାକ୍ଷିଣାତ୍ୟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଇତ୍ୟାଦି ଅଞ୍ଚଳରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଜଣେ ଉଚ୍ଚପଦସ୍ଥ ରାଜ ପ୍ରଶାସକ, ପଣ୍ଡିତ, ସଙ୍ଗୀତ ବିଶାରଦ, ନାଟ୍ୟକାର ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ରାଜମହେନ୍ଦ୍ରୀର ରାଜ୍ୟପାଳ ପଦରୁ ଅବ୍ୟାହତ ନେଇ ଶ୍ରୀମନ୍ଦିରର ମୁଖ୍ୟ ପରିଚ୍ଛା ବା ପରିଚାଳକ ଭାବେ ଯୋଗଦେଇଥିଲେ। ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଏକ ମଣ୍ଡପ ନିର୍ମାଣ କରି ଇଷ୍ଟ ଗୋଷ୍ଠୀ ଗଠନ ପୂର୍ବକ ଶାସ୍ତ୍ରୀୟ ଆଲୋଚନାରେ ମଗ୍ନ ରହୁଥିଲେ। ବର୍ତ୍ତମାନର ଜଗନ୍ନାଥ ବଲ୍ଲଭ ମଠ ବିଜେସ୍ଥଳୀ ତାଙ୍କ ସାଧନା କ୍ଷେତ୍ର ଥିଲା ଓ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଭାବେ ପରିଚିତ ଏହି ବିଜେସ୍ଥଳୀରେ ଇଷ୍ଟ ଗୋଷ୍ଠୀର ସମ୍ମେଳନରେ ଶ୍ରୀଚୈତନ୍ୟ, ଉତ୍କଳୀୟ ପଞ୍ଚସଖା, ଠାକୁର ହରିଦାସ, ସ୍ୱରୂପ ଦାମୋଦର, କବୀର, ନାନକ, ଶଙ୍କର ଦେବ ପ୍ରମୁଖ ବିଶିଷ୍ଟ ବୈଷ୍ଣବାଚାର୍ଯ୍ୟମାନେ ଏକତ୍ରିତ ହେଉଥିଲେ ବୋଲି ଜଗନ୍ନାଥ ବଲ୍ଲଭ ମଠ ପ୍ରାଙ୍ଗଣରେ ରାୟ ରାମାନନ୍ଦଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଟ୍ରଷ୍ଟ ଏବଂ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ମହୋତ୍ସବରେ ପରିଷଦର ସଭାପତି ତଥା ରାୟ ରାମାନନ୍ଦଙ୍କ ବଂଶର ପିଢ଼ି ଡ. ଦିଲ୍ଲୀପ କୁମାର ପଟ୍ଟନାୟକ, ଟ୍ରଷ୍ଟ ବୋର୍ଡର ସଭାପତି ପୂଜ୍ୟ ସ୍ୱାମୀ ଶୁଭାନନ୍ଦ ପୁରୀ, ମହନ୍ତ ରାମକୃଷ୍ଣ ଦାସ, ଟ୍ରଷ୍ଟି ତଥା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର, ପୂଜ୍ୟ ସନ୍ଥ ସୁବଳ ଚରଣ ଦାସଜୀ, ମହନ୍ତ ବଂଶୀଧର ଦାସ ପ୍ରମୁଖ ଟ୍ରଷ୍ଟିବୃନ୍ଦ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ବରିଷ୍ଠ ବିଦ୍ୱାନ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ, ଡ. କଲ୍ୟାଣୀ ଶତପଥୀ, ଡ. ଉମେଶ ଚନ୍ଦ୍ର ଚିନ୍ନରା, ଡ. ଦିଲ୍ଲୀପ କୁମାର ପଟ୍ଟନାୟକ, ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଡ. ଭାସ୍କର ମିଶ୍ର, ମହନ୍ତ ଡ. ରାମଚରଣ ଦାସ ମହାରାଜ, ଟ୍ରଷ୍ଟି ଗୋକୁଳ ଚନ୍ଦ୍ର ଦାସ ପ୍ରମୁଖ ରାୟ ରାମାନନ୍ଦଙ୍କ ଜୀବନୀ ଚରିତ ଓ ସାରସ୍ୱତ କୃତୀ ସମ୍ପର୍କରେ ବିସ୍ତୃତ ଭାବେ ଆଲେଚନା କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ରାୟ ରାମାନନ୍ଦଙ୍କ କୃତୀ ସମ୍ବନ୍ଧୀୟ ୪ଟି ଗ୍ରନ୍ଥ ଉନ୍ମୋଚନ କରାଯାଇଥିଲା। ମହନ୍ତ ଶୁଭାନନ୍ଦ ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ଉତ୍ସବ ଓ ରାଜ୍ୟସ୍ତରୀୟ ଆଲେଚନାଚକ୍ରକୁ ସଞ୍ଚାଳନ କରିଥିଲେ ମଠ କାର୍ଯ୍ୟନିର୍ବାହୀ ଅଧିକାରୀ ରଘୁନାଥ ରଥ। ପ୍ରତ୍ୟେକ ବର୍ଷ ଅଣସର ପଞ୍ଚମୀ ଦିନ ପୁଣ୍ୟାତ୍ମା ବୈଷ୍ଣବାଚାର୍ଯ୍ୟ ରାୟ ରାମାନନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ନୀଳଗିରି ସହରରେ ବିକାଶ ବାଟବଣା

ନୀଳଗିରି, ୬।୭ (ସମିସ)



ନୀଳଗିରି ସହରରେ ବିକାଶ ବାଟବଣା ହୋଇ ପଡ଼ିଛି। ଏଠାରେ ବାଇପାସ ଛକ ଓ ସହରକୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି, ନିଷ୍କାସନ ବାଟ ନ ଥିବାରୁ ଆଣ୍ଠୁଏ ଆଣ୍ଠୁଏ ପାଣିରେ ଯାତାୟତ କରୁଛନ୍ତି ପଥଚାରୀ। ବାଲେଶ୍ୱର ଜିଲ୍ଲା ନୀଳଗିରି ଦେଇ ଯାଇଥିବା ଶେରଗଡ଼ ନୀଳଗିରି ଝରଣଘାଟୀ (ଏସଏନଜେ) ୧୯ନଂ ରାଜ୍ୟ ରାଜପଥର ନୀଳଗିରି ବାଇପାସ ଛକ ଠାରେ ରାସ୍ତା ଓ ନୀଳଗିରି ସହରକୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥର ରାସ୍ତା ଖାଲ ଖମାରେ ପୂର୍ଣ୍ଣ ହୋଇଥିବାରୁ ଯାତାୟାତ କରିବା ବିପଦଜନକ ହୋଇ ପଡିଛି। ବର୍ଷା ହେଲେ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି। ଏହି ରାସ୍ତା ତଥା ୧୯ ନଂ ରାଜ୍ୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଙ୍କର ଡ୍ରିମ ପ୍ରୋଜେକ୍ଟ ଥିଲା। ସାଂସଦ ଭାବେ ନିର୍ବାଚିତ ପରେ କେନ୍ଦ୍ରମନ୍ତ୍ରୀ ସମୟରେ ସେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଭେଟି ଏହି ପ୍ରକଳ୍ପ ପାଇଁ ଦାବି ଉପସ୍ଥାପନ କରି ୧୨୫ କୋଟି ବ୍ୟୟରେ କେନ୍ଦ୍ରୀୟ ଅନୁଦାନରେ ରାଜ୍ୟ ସରକାରଙ୍କ ବାଲେଶ୍ୱର ପୂର୍ତ୍ତ ବିଭାଗ-୧ ପକ୍ଷରୁ ଉକ୍ତ କାର୍ଯ୍ୟକୁ ସମାପନ କରିବା ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଶ୍ରୀଦୁର୍ଗା ନାମକ ସଂସ୍ଥା କାର୍ଯ୍ୟଟିକୁ ଗତ ୨୦୨୧ ମସିହା ଡିସେମ୍ବର ୧୮ ତାରିଖରେ ହାତକୁ ନେଇଥିଲେ। ହେଲେ ଆଜକୁ ୩ ବର୍ଷ ଧରି ସଂପୃକ୍ତ ଠିକାଦାର ସଂସ୍ଥା ରାଜ୍ୟ ରାଜପଥର କାର୍ଯ୍ୟକୁ ଅତି ମନ୍ଥର ଗତିରେ କରୁଥିବା ବେଳେ ନୀଳଗିରି ଦେଇ ଯାଇଥିବା ବାଇପାସ ଛକ ରସ୍ତା ମୟୂରଭଞ୍ଜକୁ ସଂଯୋଗ ହେବାରେ ମୁଖ୍ୟରାସ୍ତା ହୋଇଥିବା ବେଳେ ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପଞ୍ଚଲିଙ୍ଗେଶ୍ୱରକୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଏହି ରାସ୍ତାରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଏହା ସହ ଦୈନିକ ଉକ୍ତ ରାସ୍ତାରେ ପଥଚାରୀ, ଯାତ୍ରୀବାହୀ ଓ ସ୍କୁଲ ବସ ଏବଂ ସହ ସହ ଭାରୀ ଜାନ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବାଇପାସ ଛକରୁ ନୀଳଗିରି ସହରର ମୁଖ୍ୟ ପ୍ରବେଶ ପଥକୁ ସଂଯୋଗ ହେଉଛି। ଏହି ସ୍ଥାନଠାରୁ କିଛି ଦୂରରେ ନୀଳଗିରି ଉପ-ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସହରର ମୁଖ୍ୟ ପ୍ରବେଶ ପଥ ହୋଇଥିବାରୁ ପ୍ରତ୍ୟେକ ଦିନ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ଏହି ରାସ୍ତାଦେଇ ଯାତାୟାତ କରୁଛନ୍ତି। ହେଲେ ରାସ୍ତାରେ ପିଚୁ ଦେଖାଯାଉନାହିଁ ଏବଂ ଏହି ସ୍ଥାନରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି। ଏଥିପ୍ରତି କେହି ନଜର ନଦେବା ସମସ୍ତଙ୍କୁ ଚକିତ କରିବା ସହ ଜନ ଅସନ୍ତୋଷ ବଢ଼ି ଚାଲିଛି। ଆଗକୁ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ରଥଯାତ୍ରା ମହାଆଡ଼ମ୍ବର ସହକାରେ ଆରମ୍ଭ ହେବାକୁ ଯାଉଛି। ପରେ ପରେ ଶ୍ରାବଣ ମାସରେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ହଜାର ହଜାର କାଉଡିଆ ଜଳାଭିଷେକକୁ ନେଇ ଏହି ରାସ୍ତାରେ ପ୍ରବଳ ଭିଡ଼ ହେବ। ତେଣୁ ଯୁଦ୍ଧ କାଳୀନ ଭିତ୍ତିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବାଇପାସ ଛକ ଓ ସହରର ମୁଖ୍ୟ ପ୍ରବେଶ ପଥର ରାସ୍ତାର କାମ ହେବା ଆବଶ୍ୟକ। ଏ ଦିଗରେ ନିର୍ବାଚିତ ଜନପ୍ରତିନିଧି ଓ ବାଲେଶ୍ୱର ଜିଲ୍ଲାପାଳ ତତ୍ପର ହେବାକୁ ନେଇ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ କହିଥିଲେ ଉକ୍ତ ରାସ୍ତା ଦେଇ କେନାଲ କାମ ହେଉଥିଲା ସେଥିପାଇଁ କାମ ହୋଇ ପାରିନଥିଲା। କିନ୍ତୁ ଠିକା ସଂସ୍ଥା ସହ ଆଲୋଚନା ହୋଇଛି। ବର୍ଷା ଛାଡିଲେ ତୁରନ୍ତ ରାସ୍ତା କାମ କରାଯିବ।

**ବାଇପାସ୍ ଛକ ଓ ସହରର ମୁଖ୍ୟ ପ୍ରବେଶ ପଥ ଜରାଜୀର୍ଣ୍ଣ**

## ରୋଗୀ କଲ୍ୟାଣ ସମିତି ବୈଠକ




ବାଲେଶ୍ୱର, ୬।୭ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଉନ୍ନତି ଓ ରୋଗୀସେବାକୁ ଆହୁରି ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବିଧାୟକ ମାନସ କୁମାର ଦତ୍ତ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ଦାସ, ସୋର ବିଧାୟକ ମାଧବ ଧଡ଼ା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ହସ୍ପିଟାଲ ମ୍ୟାନେଜର ଯୋଗ ଦେଇଥିଲେ। ବୈଠକରେ ଡାକ୍ତରଖାନାରେ ଅଗ୍ନିଶମ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ରୋଗୀଙ୍କ ପରିବହନ ପାଇଁ ସଞ୍ଜୀବନୀ ବସ୍‌ର ଠିକ୍ ଭାବେ ଚଳାଚଳ, ସେଣ୍ଟ୍ରାଲ ଲାବରୋଟୋରି ବିଲ୍ଡିଂ କାମ ଶୀଘ୍ର ଶେଷ କରିବା, ଡାକ୍ତରଖାନା ପରିସର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ, ଇକୋ ମେସିନ୍ ଓ ଅଲଟ୍ରାସାଉଣ୍ଡ ମେସିନ୍ ସ୍ଥାପନ, ଅସ୍ଥିଶଲ୍ୟ ବିଭାଗ ପାଇଁ ଆବଶ୍ୟକ ଆଧୁନିକ ଉପକରଣ ଯୋଗାଣ ଏବଂ ବର୍ଜ୍ୟ ଜଳ ପରିଶୋଧନ ପାଇଁ ଇଟିପି ପ୍ଲାଣ୍ଟ ବ୍ୟବସ୍ଥା ବାବଦରେ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ଡାକ୍ତରଖାନାରେ ରୋଗୀଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ମତ ରଖିଥିଲେ ଏବଂ ଅଧିକାରୀଙ୍କୁ ଶୀଘ୍ର କାର୍ଯ୍ୟାନ୍ୱୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ମଦମୁକ୍ତ ଗାଁ ଲାଗି ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ

ଜଳେଶ୍ୱର, ୬।୭ (ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ କାଳିକ ପଞ୍ଚାୟତର ଗହିରାବନ୍ଧ ଗାଁର ବିଷାକ୍ତ ଦେଶୀ ମଦ ପାନ କରି ଅକାଳରେ ଜୀବନ ଯିବା ସହିତ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ସହ ଲଢୁଛନ୍ତି। ୫ଟି ବେଆଇନ ଭାଟି ଦ୍ୱରା ବ୍ୟାପକ ଦେଶୀ ମଦ ବିକ୍ର ହେବା ଫଳରେ ପରିସ୍ଥିତି ଜଟିଳ ହେବାକୁ ଲାଗିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଶେଷ କାମ ଧନ୍ଦା ନଥିବା ଅଳ୍ପ ବୟସର ପିଲା ମାନେ ନିଶାମୁକ୍ତ ହୋଇ ପଥହରା ହେଉଛନ୍ତି।

ଏହା ଦ୍ୱାରା ବିଭିନ୍ନ ଅସାମାଜିକ କାର୍ଯ୍ୟ ରେ ଲିପ୍ତ ହୋଇ ମହିଳାମାନଙ୍କ ଅସୁରକ୍ଷିତର କାରଣ ସାଜୁଛନ୍ତି। ବହୁ ପରିବାର ମୁରବୀ ବିହୀନ ହୋଇଥିବା ବେଳେ କେବଳ ମହିଳା ଛୋଟ ଛୋଟି ପିଲା ଓ ବିଧବା ମହିଳା ଦେଖିବାକୁ ମିଳୁଛି।ଏସବୁ ଘଟଣାକୁ ନେଇ ଗାଁର ମହିଳାମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ନିଶାମୁକ୍ତ ଗାଁ ଗଢ଼ିବାକୁ ଅଣ୍ଟା ଭିଡିଛନ୍ତି।ଶନିବାର ସନ୍ଧ୍ୟାରେ ୱାର୍ଡ ସଭ୍ୟ ନିତ୍ୟାନନ୍ଦ ସେଠୀଙ୍କ ଘରେ ମହିଳା ମାନେ ଏକାଠୀ ହୋଇ ମଦ ବ୍ୟାପାର ବନ୍ଦ ରହିବାକୁ ବୈଠକରେ ଚରମ ନିଷ୍ପତ୍ତି ନେଇଛନ୍ତି। ଏଥିରେ କାଳିକ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସନୁ ଦାସ, ସମାଜସେବୀ ଚିତ୍ତରଞ୍ଜନ ବିଶ୍ୱାଳ, ମହିଳା ନେତ୍ରୀ ସୁବାସିନୀ କିସ୍କୁ, ଦୀପ୍ତିମୟୀ ସେଠୀ, ଦିପାଲି ମହାନ୍ତି, ସଲମା ହେମ୍ବ୍ରମ, ମିନତୀ ମାରାଣ୍ଡି, ନିବେଦିତା ପାତ୍ର, ରଶ୍ମିରେଖା ପାତ୍ର, ଆନା ପାତ୍ର, ଯବା ସୋରେନ, ନମିତା ପାତ୍ର, ସମ୍ବାରୀ ବିହାରୀ, ସୁନିତା ପାତ୍ରଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ଗାଁରୁ ମଦ ବନ୍ଦ କରିବା ଶପଥ ନେଇଛନ୍ତି। ଏହା ସହିତ ମହିଳା ଓ ଝିଅ ମାନଙ୍କୁ ଅସାଦାଚରଣ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରବିବାର ପାଖରୁ ମଦ ବେପାର କଲେ ଗ୍ରାମ କମିଟି ଦ୍ୱାରା ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ଶୁଣାଇ ଦିଆଯାଇଛି। ବୈଠକରେ ମଦ ବ୍ୟାପାରେ ସାମିଲ ବ୍ୟକ୍ତି ଉପସ୍ଥିତ ରହି ବ୍ୟାପାର ବନ୍ଦ ଲାଗି ସହମତି ଦେଇଛନ୍ତି। କିଛି ମହିଳାମାନେ ମଦ ମୁକ୍ତ ଅଭିଯାନ ଆରମ୍ଭ କରିଥିବା ବେଳେ କେତେକ ଅସାମାଜିକ ବ୍ୟକ୍ତି ବିଭିନ୍ନ ଧମକ ଦେବା ମହିଳାମାନେ ଅଭିଯୋଗ କରିଛନ୍ତି। ଏଣୁ ରାଇବଣିଆ ପ୍ରଶାସନ ଓ ଜଳେଶ୍ୱର ଅବକାରୀ ବିଭାଗ ମଦ ବିରୁଦ୍ଧରେ ଅଧିକ କ୍ରିୟାଶୀଳ ହେବାକୁ ସାଧାରଣରେ ଦାବି କରାଯାଇଛି।

## ବ୍ଲକ୍‌ସ୍ତରୀୟ ତାଲିମ ଅଧିବେଶନ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ



ନୀଳଗିରି, ୬।୭ (ସମିସ): ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡ଼ାଙ୍କ ଆବାହୋକତ୍ୱରେ ବିକଶିତ ଭାରତ - ଜୀ ରାମ ଜୀ (ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବନ ମିଶନ) ଗ୍ରାମୀଣ କାର୍ଯ୍ୟକ୍ରମର ବ୍ଲକ୍‌ସ୍ତରୀୟ ତାଲିମ ଅଧିବେଶନ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆଙ୍କ ସମେତ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଁ. ଗୟାଧର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଯୋଜନାରେ ପୂର୍ବର ମନରେଗା ଯୋଜନାକୁ ପରିବର୍ତ୍ତିତ ହୋଇ ବିକଶିତ ଭାରତ - ଜୀ ରାମ ଜୀ (ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବନ ମିଶନ) ଗ୍ରାମୀଣ ଭାବେ କାର୍ଯ୍ୟକାରୀ କରାଯାଉଛି। ଆସନ୍ତା ୨୦୩୬-୨୦୪୭କୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ବିକାଶ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ପରିକଳ୍ପନା କରାଯାଇଛି। ଏହି ଯୋଜନାରେ ଗ୍ରାମାଞ୍ଚଳରେ ହିତାଧିକାରୀଙ୍କୁ ୩୦୦ ଟଙ୍କା ମଜୁରୀରେ ୧୨୫ଦିନ ଗ୍ୟାରେଣ୍ଟି କାର୍ଯ୍ୟ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବର ଯୋଜନା ଅପେକ୍ଷା ଚଳିତ ଯୋଜନାରେ ୪ଗୋଟି ସ୍ତରରେ ୩୧୮ ଗୋଟି ବିଭିନ୍ନ କ୍ଷେତ୍ରରେ ଜଳ ଉତ୍ସ ସଂରକ୍ଷଣ କ୍ଷେତ୍ରରେ ୧୦୭ ପ୍ରକାର, ଗ୍ରାମୀଣ ସ୍ଥାୟୀ ସମ୍ପତି ନିର୍ମାଣ ୯୦ ପ୍ରକାର, ଜୀବିକା ଅର୍ଜନ ସମ୍ପର୍କିତ ୮୩ ପ୍ରକାର ଏବଂ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ୩୮ ପ୍ରକାର କ୍ଷେତ୍ରରେ ହିତାଧିକାରୀ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ଏବଂ ଯୋଜନାର ସଦ ବିନିଯୋଗ କରି ସୁଫଳ ଲାଭ ସହ ଗ୍ରାମୀଣ ବିକାଶର ସହଭାଗିତା ହୋଇ ପାରିବେ ବୋଲି ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀ ଖଟୁଆ ପ୍ରକାଶ କରିଥିଲେ। ଏହି ତାଲିମ ଅଧିବେଶନ ଏବଂ ଶୁଭାରମ୍ଭ କାର୍ଯ୍ୟକ୍ରମରେ ନୀଳଗିରି ପଞ୍ଚାୟତ ସମିତିର ନିର୍ବାଚିତ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ଏବଂ ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆର୍‌ପିଙ୍କ ନାଁରେ ଟଙ୍କା ହଡ଼ପ ଅଭିଯୋଗ

ଜଳେଶ୍ୱର ବ୍ଲକ, ୬।୭ (ସମିସ): ଜଳେଶ୍ୱର ବ୍ଲକ୍ ଖୁଆଡ଼ ପଞ୍ଚାୟତ ମଞ୍ଚପୁର ଗାଁର ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ବ୍ୟାଙ୍କରୁ ଉଠିଥିବା ଏକଲକ୍ଷ ଟଙ୍କାକୁ ଗୋଷ୍ଠୀ ଦାୟିତ୍ୱରେ ଥିବା ସିଆରପି ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଭ୍ୟାଙ୍କ ସମ୍ପର୍କୀୟ ଏ ନେଇ ରାଇବଣିଆ ଥାନା ଅଧୀନସ୍ଥ କୁଶଗଡ଼ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ମଞ୍ଚପୁର ଗ୍ରାମର ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀନାମରେ ସ୍ଥାନୀୟ ବ୍ୟାଙ୍କ ଅଫ୍ ବରୋଦାରୁ ୫ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଥିଲା। ବ୍ୟାଙ୍କରୁ ଏହି ଟଙ୍କା ଗୋଷ୍ଠୀ ତଦାରଖ ଦାୟିତ୍ୱରେ ଥିବା ସିଆର୍‌ପି କାଞ୍ଚନ ପାତ୍ର ଆଣିଥିଲେ। ତେବେ ବ୍ୟାଙ୍କରୁ ୪ ଲକ୍ଷ ଟଙ୍କା ଋଣ ହୋଇଛି କହିମହିଳାମାନଙ୍କୁ ତାହା ବିତରଣ କରିଥିଲେ। ପରେ ପାଞ୍ଚଲକ୍ଷ ଟଙ୍କା ଋଣ ଉଠିଛି ବୋଲି ମହିଳାମାନେ ପରେ ଜାଣିବା ପରେ ଆଉ ଲକ୍ଷେ ଟଙ୍କା କୁଆଡ଼େ ଗଲା ବୋଲି ସିଆର୍‌ପିଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇନଥିଲେ କି ତାଙ୍କ ପାଖରେ ରଖିଥିବା ସମ୍ପୃକ୍ତ ଗୋଷ୍ଠୀର ବ୍ୟାଙ୍କଖାତା ତଥା ଅନ୍ୟାନ୍ୟ ରେକର୍ଡପତ୍ର ଦେଉନାହାନ୍ତି। ଏ ନେଇ ଗୋଷ୍ଠୀର ସଭ୍ୟା କଳ୍ପନା ପ୍ରଧାନଙ୍କ ପୁତ୍ର ଦେବାଶିଷ କୁଶଗଡ଼ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏ ନେଇ ତଦନ୍ତ କରୁଛି।

## ଜାମଶୂଳୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

କାଳିପଦା, ୬।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜରେ ସୋମବାର ଏକକାଳୀନ ତିନି କର୍ମଚାରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ କଲେଜ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବିଦାୟୀ ବରିଷ୍ଠ ଗଣିତ ବିଭାଗ ଅଧ୍ୟାପକ ସୁକାନ୍ତ ଗିରି, ଡେମୋନଷ୍ଟ୍ରେଟର ଶ୍ରୀକାନ୍ତ ମହାପାତ୍ର, ଅଧ୍ୟାପିକା ତନୁଶ୍ରୀ ନାୟକ, ସୁଧାକର ଦାସ, ଷ୍ଟୋର କିପର ପ୍ରମଥ ମାନ୍ନା, ଡେମୋନଷ୍ଟ୍ରେଟର ସଞ୍ଜୟ କୁମାର ଦେ, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା ପ୍ରମୁଖ ଯୋଗ ଦେଇ ତିନି କର୍ମଚାରୀଙ୍କ ଗୁଣ ଗାନ କରିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ନାୟକ ମଞ୍ଚ ଆବାହନ କରିଥିବା ବେଳେ ଅଧ୍ୟାପକ ତାପସ ତନୟ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସ୍ୱାଗତିକା ଜେନା, ମିତାରାଣୀ ଜେନା, ବଂଶୀଧର ନାୟକ, ପ୍ରଶାନ୍ତ ଗିରି ପ୍ରମୁଖ



ଚତୁର୍ଥଶ୍ରେଣୀ କର୍ମଚାରୀ ରାଧାକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। ପ୍ରଧାପକ ସଂଗ୍ରାମ କେଶରୀ ନାୟକ, ନିର୍ମଳ ସାମଲ, ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ (ପଦାର୍ଥ ବିଜ୍ଞାନ), ଅଜିତ ଭୂୟାଁ, ଦେବେନ୍ଦ୍ର ସେଠୀ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରୁପସୀ ଜେନା, ବିଷ୍ଣୁପ୍ରିୟା ଜେନା, ବର୍ଷା ରାଣୀ ଦାସ, ଅଭିଲିପ୍ସା ପରିଡା, ଦୀପିକା ଜେନା ପ୍ରମୁଖ ଛାତ୍ରୀମାନେ ବିଦାୟ ଗୀତିକା ଗାନ କରିଥିଲେ।

## ନିର୍ବାଚନ ମଣ୍ଡଳୀସ୍ତରୀୟ ଏସ୍‌ଆଇଆର୍ ଟ୍ରାକ୍ କାର୍ଯ୍ୟକ୍ରମ




ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୬।୭ (ସମିସ) : ଆଜି ବ୍ଲକ ସମ୍ମିଳନୀ କକ୍ଷରେ ଏସ୍‌ଆଇଆର ଟ୍ରାକ୍ ପବ୍ଲିକେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଡିଓ ଗୌରାଙ୍ଗ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୪୯ଟି ପଂଚାୟତର ସମସ୍ତ ବିଏଲ୍‌ଓ, ସୁପରଭାଇଜର, ସମସ୍ତ ରାଜନୈତିକ ଦଳର ନେତାଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବସ୍ତା ଏଡିସନାଲ ତହସିଲଦାର ପିଜୁସ୍‌କାନ୍ତ ପ୍ରଧାନ ମଧ ଯୋଗଦେଇଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଥିବା ୨ଲକ୍ଷ ୫୩ ହଜାର ଭୋଟରଙ୍କ ମଧ୍ୟରୁ ୧୨ହଜାର ଭୋଟର ସେମାନଙ୍କ ଆବଶ୍ୟକୀୟ ତଥ୍ୟ ଦେଇପାରିନଥିବାରୁ ବାଦ୍ ପଡିଥିବା ଜଣାଯାଇଛି। ଆଜିଠାରୁ ଆସନ୍ତା ଅଗଷ୍ଟ ୪ତାରିଖ ମଧ୍ୟରେ ସେମାନେ ୧୨ ପ୍ରକାରର ଡକ୍ୟୁମେଣ୍ଟ ବିଏଲ୍‌ଓଙ୍କ ନିକଟରେ ପ୍ରଦାନ କରି ଭୋଟ ତାଲିକାରେ ସଂଯୋଗୀ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ଦଳରୁ ବ୍ରଜମୋହନ ପ୍ରଧାନ, ବିଜେଡି ଦଳରୁ ଦିଲ୍ଲିପ ସାମଲ, କଂଗ୍ରେସ ଦଳରୁ ହେମନ୍ତ ଗିରି, ସିପିଏମ୍‌ରୁ ଦିଲ୍ଲିପ ଗିରି ପ୍ରମୁଖ ଯୋଗଦେଇ ମତ ପ୍ରଦାନ କରିଥିଲେ।

## ଆଖଣ୍ଡଳମଣିଙ୍କ ଦର୍ଶନ କଲେ ଅମୃତଧାରା ବୃଦ୍ଧାଶ୍ରମର ୪୦ ଅନ୍ତେବାସୀ



ବାଲେଶ୍ୱର, ୬।୭ (ସମିସ): ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ୍' ସଂଗଠନ ପକ୍ଷରୁ 'ଅମୃତଧାରା ବୃଦ୍ଧାଶ୍ରମ'ର ୪୦ ଜଣ ଅନ୍ତେବାସୀଙ୍କୁ ନେଇ ଭଦ୍ରକ ଜିଲ୍ଲାର ଆରଡ଼ି ସ୍ଥିତ ପ୍ରସିଦ୍ଧ ଶିବ ମନ୍ଦିରର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅମୃତଧାରା ବୃଦ୍ଧାଶ୍ରମର ପ୍ରତିଷ୍ଠାତା ଡ. ସରୋଜ କୁମାର ମହାପାତ୍ର ଏବଂ ସଦସ୍ୟମାନେ ବିଶେଷ ସହଯୋଗ କରିଥିବାରୁ ଫାଉଣ୍ଡେସନ୍ ପକ୍ଷରୁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରାଯାଇଛି। ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ତରଫରୁ ଅନ୍ତେବାସୀ ମାନଙ୍କୁ ଆଖଣ୍ଡଳମଣିଙ୍କ ଦର୍ଶନ କରାଇବା ସହ ସମସ୍ତ ପ୍ରକାରର ସୁବିଧା କରିଥିବାରୁ ଆଶ୍ରମର ପ୍ରତିଷ୍ଠାତା ଡ.ସରୋଜ କୁମାର ମହାପାତ୍ର ଓ ସଦସ୍ୟ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ବୟୋଜ୍ୟେଷ୍ଠଙ୍କ ସେବା ହିଁ ପ୍ରକୃତ ଈଶ୍ୱର ସେବା ଏବଂ ସେମାନଙ୍କ ଆଶୀର୍ବାଦ ହିଁ ସବୁଠାରୁ ବଡ଼ ସମ୍ପଦ ବୋଲି କହିଛନ୍ତି ଗୀତାଞ୍ଜଳି ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷା ଏସ ଗୀତାଞ୍ଜଳି। ଏହି ଆରଡ଼ି ଯାତ୍ରା କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସେକ୍ରେଟେରୀ ଶ୍ରୀମତୀ ଏସ୍. ଲକ୍ଷ୍ମୀ ଏବଂ ଟ୍ରଷ୍ଟ ବୋର୍ଡ ସଭାପତି ଏସ୍. ଲୋକେଶ୍ୱର ପରିଚାଳନା କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର, ୬।୭ (ସମିସ): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୧୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୭୪ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତାଙ୍କୁ ପରିଚୟ ପତ୍ର ପ୍ରଦାନ



ସିମୁଳିଆ, ୬।୭ (ସମିସ): ସିମୁଳିଆ ଥାନା ପରିସରରେ ଥିବା ଶିଶୁ ଡେସ୍କ ଗୃହରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା। ନାଗରିକ ମଞ୍ଚର ସଭାପତି ଶ୍ରୀନିବାସ ଧଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଏସ ଆଇ ବିଶ୍ୱମ୍ବର ଚକ୍ରବର୍ତ୍ତୀ. ସମ୍ମାନିତ ଅତିଥି ଏ ଏସ ଆଇ ବିଶ୍ୱଜିତ ସେଠୀ, ଖଗେନ୍ଦ୍ର ମହାଳିକ ଯୋଗଦେଇଥିଲେ। ପୂର୍ବରୁ ଥିବା ବରଷ୍ଠ ନାଗରିକ ସମ୍ପାଦକ ଶିବାନନ୍ଦ ପାଢ଼ୀ, କାର୍ଯ୍ୟକାରିଣୀ ସଦସ୍ୟ ଶରତ କୁମାର ମହାପାତ୍ର, କମଳାକାନ୍ତ ଦାଶ, ଉପସଭାପତି ଭାଗିରଥୀ ବନ୍ଧ, ଯୁଗ୍ମ ସମ୍ପାଦକ ଅର୍ଜୁନ ଚରଣ ଜେନା, ସହ ସମ୍ପାଦକ ଡମ୍ବରୁଧର ବେହେରା. ନିଶାକର ବେହେରାଙ୍କ ଉପସ୍ଥିତିରେ ନୂତନ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ।

## ନିରାଶ୍ରୟଙ୍କୁ ଛତା ବଣ୍ଟନ

ଜଳେଶ୍ୱର ବ୍ଲକ, ୬।୭ (ସମିସ) : ଲଘୁଚାପ ଜନିତ ବର୍ଷାରୁ ବର୍ଷାରୁ ରକ୍ଷା ପାଇଁ ଆଜି ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଜଳେଶ୍ୱର ଟାଉନ ସ୍ଥିତ ବ୍ଲକ ପାଖ, ପଥରପୁରା, ବଡ଼ବଜାର, ରେଳ ଓଭର ବ୍ରିଜ ତଳ, ପଦାସାହି, ବସଷ୍ଟାଣ୍ଡ, ଷ୍ଟେସନ, ୫,୭,୮,୯,୧୦ ନମ୍ବର ୱାର୍ଡରେ ବସବାସ କରୁଥିବା ସମସ୍ତ ଅସହାୟ ନିରାଶ୍ରୟ ମାନଙ୍କୁ ଛତା ଦିଆ ଯାଇଛି। ଏହି କାର୍ଯ୍ୟରେ ସଂଗଠନ ସଦସ୍ୟ ପବିତ୍ର ଦେବନାଥ, ଲିପୁନ ପୁନ କୁମାର ପଣ୍ଡା ଏବଂ ଏବଂ ଜିତୁନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛତା ବଣ୍ଟନ କାର୍ଯ୍ୟ ସମ୍ପାଦନ କରିଥିଲେ।

# କ୍ଷତିଗ୍ରସ୍ତ ରାସ୍ତା ତୁରନ୍ତ ମରାମତି ଦାବି

ବାଲେଶ୍ୱର, ୬।୭ (ସମିସ)

ରେମୁଣା ବ୍ଲକ ତଥା ଏନଏସି ଅଞ୍ଚଳରେ ନୂଆକରି ନିର୍ମାଣ ହେଉଥିବା ୧୦କିମି ରାସ୍ତାରୁ ଏପର୍ଯ୍ୟନ୍ତ ୩.୬କିମି ରାସ୍ତା ନିର୍ମାଣ ହୋଇଛି। ବାକି ୬.୪କିମି ରାସ୍ତା ଦୀର୍ଘ ତିନି ବର୍ଷ ଧରି ନିର୍ମାଣ ହୋଇପାରୁ ନାହିଁ। ଯାହାଫଳରେ ନିର୍ମାଣ ହୋଇଥିବା ରାସ୍ତା ଏବେ ନଷ୍ଟ ହେବାକୁ ବସିଥିବା ବେଳେ ଦୁଇ ବିଭାଗ ମଧ୍ୟରେ ବୁଝାମଣା ହୋଇପାରୁ ନ ଥିବା ବେଳେ ବାକି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ। ଏହାକୁ ନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ରେମୁଣା ବ୍ଲକ ତଥା ରେମୁଣା ଏନଏସି ଅର୍ନ୍ତଗତ ସାଆନ୍ତା, ସେରଗଡ, ଗଡିଆମାଳ, ନୂଆଗାଁ, ଫିଚ୍ଛାବଣିଆ, ଚିଲାପଦା, ଗଡପଦା, ବିରୁଆଁ, ଆମ୍ବଗଳି, ବର୍ତନା, ଅଯୋଧ୍ୟାନଗରପାଟଣା, ବେଲେରି, ସୋମନାଥପୁର ଆର୍ମଳା ଗ୍ରାମର ଗ୍ରାମବାସୀ ଅଟନ୍ତି। ରାଜ୍ୟ ରାଜପଥ ଏନଏଚ ୧୯ ସାଆନ୍ତରାଛକ ଠାରୁ ବାଲେଶ୍ୱର ମିତ୍ରପୁର ପିଡବ୍ଲ୍ୟୁଡି ରାସ୍ତା ଭାୟାସୋମନାଥପୁରଠାରୁ ରେମୁଣା ତାରିଣୀ ଛକ ପର୍ଯ୍ୟନ୍ତ ମୋଟ ୧୦କିମି ରାସ୍ତା ମଧ୍ୟରୁ ଏ ପର୍ଯ୍ୟନ୍ତ ୩.୬କିମି ରାସ୍ତା ଅର୍ଥାତ ସାଆନ୍ତାଛକ ଠାରୁ ବେଲେରି ଛକ ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି। ଅବଶିଷ୍ଟ ୬.୪କିମି ରାସ୍ତାବିଗତ ୩ବର୍ଷ ଧରି ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ତଥା ନିର୍ଦ୍ଦେଶ ସତ୍ତ୍ୱେ ଆରଡି କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରୁ ନାହାନ୍ତି। ଫଳରେ ଉକ୍ତ ରାସ୍ତାର ମରାମତି ତଥା ରକ୍ଷଣାବେକ୍ଷଣା ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଯାହାଫଳରେ ଯିବା ଆସିବାରେ ବହୁ ଅସୁବିଧା ପରିଲକ୍ଷିତ ହେଉଛି। ଏପରିକି ସୋମନାଥପୁର ଠାରେ ତିନୋଟି ତେଲେ ଡିପୋ ଥିବାରୁ ଦୈନିକ ଶହଶହ ସଂଖ୍ୟାରେ ଭାରିଯାନ ଯିବା ଆସିବା କରୁଛି। ଅନ୍ୟପଟେ ରେମୁଣା କଲେଜ, ନରହରିପୁର ଉଚ୍ଚ ବିଦ୍ୟାଳୟ, ରେମୁଣା ମେଡିକାଲ କଲେଜ ଓ ହସପିଟାଲ, ରେମୁଣା ବ୍ଲକ ରେମୁଣା ତହସିଲ, ରେମୁଣା ଏନଏସି ଆଦି ରହିଥିବାରୁ ସରକାରୀ କାର୍ଯ୍ୟାଳୟକୁ ଦୈନିକ ଶହ ଶହ ଲୋକ ମଧ୍ୟ ଆସୁଛନ୍ତି। ଏଣୁ ଲୋକେ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରୁ କରୁଛନ୍ତି। ଫଳରେ ଏହାର ମରାମତି ଅଭାବରୁ ରାସ୍ତା ମଝିରେ ଖାଲଢ଼ିପ ହୋଇଥିବା ବେଳେ ପ୍ରତିଦିନ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏ ନେଇ ଆଗରୁ ମଧ୍ୟରୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଥିବା ବେଳେ କୌଣସି ପ୍ରତିକାର ହୋଇନାହିଁ। ଯାହାଫଳରେ ଆଜି ବାଧ୍ୟ ହୋଇ ପୁଣିଥରେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି। ଏହାଛଡା ଏହାକୁ ତୁରନ୍ତ ମରାମତି କରାଯିବାକୁ ସୋମନାଥପୁର ଶାନ୍ତି କମିଟିର ସଭାପତି ଧୀରେନ୍ଦ୍ର ମହାନ୍ତି, ସାମ୍ବାଦିକ ରବି ରାଉତଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭୁଶୁଡ଼ିଲା ନିର୍ମାଣାଧୀନ ଜାତୀୟ ରାଜପଥ

ଜଗତସିଂହପୁର,୬।୭ (ସମିସ)

କଟକରୁ ଜଗତସିଂହପୁର ମଧ୍ୟ ଦେଇ ଏରସମା ବ୍ଲକ ନୂଆଗାଁ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଜାତୀୟ ରାଜପଥ-୫୫ର ନିର୍ମାଣ କାର୍ଯ୍ୟ ୨୦୧୭-୧୮ ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୬ ପର୍ଯ୍ୟନ୍ତ ସରିବାରେ ନା ନେଉନାହିଁ। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ୭ଟି ବାଇପାସ ନିର୍ମାଣ କରାଯାଉଛି। ତେବେ ନିର୍ମାଣଧୀନ ଏହି ଜାତୀୟ

## ଦୁଇ ଯନ୍ତ୍ରୀ ଓ ଠିକା ସଂସ୍ଥା ନାମରେ ଏତଲା ଦେଲେ ଉପଜିଲ୍ଲାପାଳ

ରାଜପଥ ୫୫ର ମଙ୍ଗଳପୁର ଠାରୁ ଯୋଗଧାରୀ ପର୍ଯ୍ୟନ୍ତ ବାଇପାସ ରାସ୍ତା ଖେରସ ନିକଟରେ ପ୍ରାୟ ୩୦ ଫୁଟ ଧସିଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ପ୍ରାୟ ୩୦ ଫୁଟ ରାସ୍ତା ଧୋଇହୋଇ ଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଜନସାଧାରଣ। ଖେରସ ନିକଟରେ ନିର୍ମାଣ ହୋଇଥିବା ଓଭରବ୍ରିଜଠାରୁ ଅଳ୍ପ ଦୂରରେ ଏହି ୩୦ ଫୁଟ ରାସ୍ତା ଧସିଯାଇ ବିଲ ଭିତରକୁ ଖସି ପଡିଛି। ଉକ୍ତ ରାସ୍ତା ଦେଇ ଟ୍ରକ୍ ଓ ଅନ୍ୟାନ୍ୟ ଗାଡି ଚଳାଚଳ ବ୍ୟାହତ ହୋଇଛି। ବିଭାଗୀୟ ଯନ୍ତ୍ରୀମାନେ ରାସ୍ତା କାମ ତଦାରଖ ଓ ମାନ ଯାଞ୍ଚ କରୁନାହାନ୍ତି ବୋଲି ମଧ୍ୟ ଲୋକମାନେ





ଅଭିଯୋଗ ଉଠାଇଛନ୍ତି। ଏଭଳି ସ୍ଥିତିରେ ନିର୍ମାଣ ନ ସରୁଣୁ ଲଗାଣ ବର୍ଷାରେ ଜାତୀୟ ରାଜପଥ ଧସିଯିବା ଦୁର୍ଭାଗ୍ୟ ଜନକ ବୋଲି ସାଧାରଣରେ ଆଲୋଚିତ ହେଉଛି। ଆଜି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜାତୀୟ ରାଜପଥର କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଅଧିକ୍ଷଣ ଯନ୍ତ୍ରୀ ଆଦର୍ଶ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଶେଖର ସାମଲ ଏବଂ ଠିକା ସଂସ୍ଥାର ପ୍ରକଳ୍ପ ପରିଚାଳକ କିଶୋର ପରିଡ଼ାଙ୍କ ନାମରେ ଜଗତସିଂହପୁର ସଦର ଥାନାରେ ଏତଲା ଦେଇଛନ୍ତି। ପୁଲିସ ୫୨୨/୨୬ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ନିମ୍ନମାନର କାମ ଯୋଗୁଁ ଏହି ଜାତୀୟ ରାଜପଥର ଯୋଗଧାରୀ ଠାରୁ ପାକନପୁର ମଧ୍ୟରେ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ କରାଯାଇଛି।

# ନ୍ୟାସନାଲ୍ ହ୍ୟୁମ୍ୟାନ୍ ରାଇଟ୍ସର ଜିଲ୍ଲା ସମ୍ମିଳନୀ

ତିର୍ତ୍ତୋଲ,୬।୭ (ସମିସ): ନ୍ୟାସନାଲ ହ୍ୟୁମାନ ରାଇଟସ୍ ସୋସିଆଲ ଜଷ୍ଟିସ କାଉନସିଲ୍ ଅଫ ଇଣ୍ଡିଆ ପକ୍ଷରୁ ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର କଲ୍ୟାଣ ମଣ୍ଡପ ପରିସରରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠାନର ମହାନିର୍ଦ୍ଦେଶକ ଆଇନଜୀବୀ ଆଇଜି ଜରଗର ପଟାନଭିଙ୍କ ଦିଗଦର୍ଶନ ଓ ଜିଲ୍ଲା ସଭାପତି ଆଇନଜୀବୀ ଗଣେଶ ପ୍ରସାଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସୁଶାନ୍ତ ଚରଣ ସାହୁ, ସମ୍ମାନିତ ଅତିଥି ଅନୁଷ୍ଠାନର ଜାତୀୟ ଉପାଧ୍ୟକ୍ଷ ସମିମ୍ ଆରା ମୁସ୍ତାଫା, ଜାତୀୟ ସଂଯୋଜକ ମଞ୍ଜୁ ବେଗମ, ଜାତୀୟ ଆବାହକ ଶ୍ରଦ୍ଧାଞ୍ଜଳି ଦାସ, ରାଜ୍ୟ ସମ୍ପାଦିକା ମୁନତାକିମ ବକ୍ସ ପ୍ରମୁଖ ଉପସ୍ଥିତ ରହି ମାନବିକ ଅଧିକାର କ୍ଷୁଣ୍ଣ ହେଉଥିବା ବ୍ୟକ୍ତି ବିଶେଷଙ୍କୁ କିପରି ନ୍ୟାୟ ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନେ ଜିଲ୍ଲାର ନୂତନ ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ସଦସ୍ୟ ଯୋଗଦେଇଥିଲେ।

# ଦୁର୍ଗାବତୀ ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଜଙ୍ଗ,୬।୭ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭଣ୍ଡୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୁର୍ଗାବତୀ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଶିକ୍ଷକ ନେତା ଅନାଦି ଚରଣ ଖଟୁଆଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ଶିକ୍ଷାବିତ୍ ଚିତ୍ତରଞ୍ଜନ ବାରିକ, ମୁଖ୍ୟ ବକ୍ତା ରୂପେ ଶିକ୍ଷକ ନେତା ଅଶୋକ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ସଞ୍ଜୟ କୁମାର ଜେନା, ମହେଶ୍ୱର ମହାନ୍ତି, ଖୁଲଣା ସୁନ୍ଦରୀ ଦେଇ, ରଞ୍ଜିତ ମାଝୀ, ଶ୍ରୀଚରଣ ସାହୁ, ସଂଜୀବ କୁମାର ଦାସ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ନେତା ଶ୍ରୀଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ପରିଚାଳନାରେ ବଳରାମପୁର ଉପ୍ରା ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭ୍ୟ ଓ ସଭ୍ୟା, ଭଣ୍ଡୁଆ ଅଙ୍ଗନବାଡି କେନ୍ଦ୍ର ଦ୍ୱୟର କର୍ମୀ ଓ ସହାୟିକା ସହଯୋଗ କରିଥିଲେ।

# ରଘୁନାଥପୁରରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ରଘୁନାଥପୁର, ୬।୭ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୬୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୮ ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ପାଇଁ ୬୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୬ଟି, ଭତ୍ତା ପାଇବା ପାଇଁ ୧୫ଟି, ପୁଲିସ ସହାୟତା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୩୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଘୁନାଥପୁର ରାଜଲକ୍ଷ୍ମୀ ନାୟକ, ଜସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଅବପାତ ପାଇଁ ଅଶାନ୍ତ ସମୁଦ୍ର: ପାରାଦୀପରେ ଡେରା ପକାଇଛନ୍ତି ଆନ୍ଧ୍ର ମତ୍ସ୍ୟଜୀବୀ



ପାରାଦୀପ,୬।୭ (ସମିସ): ଲଘୁଚାପ ଯୋଗୁଁ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ କାରଣରୁ ସମୁଦ୍ର ଅଶାନ୍ତ ରହିଛି। ଫଳରେ ପାରାଦୀପ ଉପକୂଳରେ ମାଛ ଧରୁଥିବା ଯାନ୍ତ୍ରିକ ଡଙ୍ଗାଗୁଡିକୁ ବନ୍ଦର କର୍ତ୍ତୃପକ୍ଷ ଆଶ୍ରୟ ଦେଇଛନ୍ତି। ସେମାନଙ୍କ ଆଶ୍ରୟ ଓ ସୁରକ୍ଷା ସହାୟତା ପ୍ରଦାନ କରିବା ପାଇଁ ବନ୍ଦର କର୍ତ୍ତୃପକ୍ଷ ଜରୁରୀକାଳୀନ ବ୍ୟବସ୍ଥା ଯୋଗାଇ ଦେଇଛନ୍ତି।

ଆଜି ପାରାଦୀପ ବନ୍ଦରର ଏନ୍‌କ୍ୟୁ-୩ ଏବଂ ଇକ୍ୟୁ-୧ ବର୍ଥରେ ୩୬ଟି ମାଛ ଧରା ଡଙ୍ଗା ସୁରକ୍ଷିତ ଆଶ୍ରୟ ନେଇଛନ୍ତି। ଏଥିମଧ୍ୟରୁ ୩୨ଟି ଡଙ୍ଗା ବାହାର ଅଞ୍ଚଳର ହୋଇଥିବା ବେଳେ ୪ଟି ଡଙ୍ଗା ପାରାଦୀପ ଅଞ୍ଚଳର। ସେଥିମଧ୍ୟରୁ କିଛି ଆନ୍ଧ୍ରପ୍ରଦେଶର ଡଙ୍ଗା ରହିଛି। ସମୁଦ୍ରରେ ପ୍ରତିକୂଳ ପାଗ ପରିସ୍ଥିତି ଜାରି ରହିବାରୁ ଆଗାମୀ କିଛି ଘଣ୍ଟା ମଧ୍ୟରେ ବନ୍ଦରରେ ଅଧିକ ମାଛ ଧରିବା ଡଙ୍ଗା ଆସିବାର ଆଶା କରାଯାଉଛି। ଆନ୍ଧ୍ରପ୍ରଦେଶ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ଅନୁରୋଧ ପରେ ପାରାଦୀପ ବନ୍ଦର ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପାରାଦୀପ ଓ ଗୋପାଳପୁର ନିକଟରେ ମାଛ ଧରୁଥିବା ଅନେକ ଯାନ୍ତ୍ରିକ ଡଙ୍ଗା ପ୍ରବଳ ପବନ, ବର୍ଷା ଏବଂ ଅଶାନ୍ତ ସମୁଦ୍ର ପରିସ୍ଥିତି ଯୋଗୁଁ ବିଶାଖାପାଟଣା ମାଛଧରା ବନ୍ଦରକୁ ଫେରିପାରିଥିଲେ। ମତ୍ସ୍ୟଜୀବୀଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦକୁ ଚିହ୍ନଟ କରି, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ମେରାଇନ୍ ପୁଲିସ ଓ ଭାରତୀୟ ତଟରକ୍ଷୀ ବାହିନୀ ସହାୟତାରେ ଡଙ୍ଗାଗୁଡ଼ିକୁ ଉଦ୍ଧାର କରି ସୁରକ୍ଷିତ ବର୍ଥ ଏବଂ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଛନ୍ତି। ପୁରୀ ଉପକୂଳରେ ଆଇଏନଡି-ଏପି-ଭିଛ-ଏମଏମ-୮୭୨ ନାମକ ଏକ ମାଛ ଧରା ଟ୍ରଲରରେ ଇଞ୍ଜିନ ଫେଲ୍ ହେବା ପରେ ତାହାକୁ ମଧ୍ୟ ଉଦ୍ଧାର କରାଯାଇଥିଲା। ଫଳରେ ୧୦ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଫସି ରହିଥିବା ମତ୍ସ୍ୟଜୀବୀଙ୍କୁ ଅନ୍ୟ ଏକ ଆନ୍ଧ୍ର ପ୍ରଦେଶ ମାଛ ଧରିବା ଜାହାଜ ଆଇଏଫବି ସିଂହାଦ୍ରି ଅପନା ଦ୍ୱାରା ଉଦ୍ଧାର କରାଯାଇଥିଲା। ସମସ୍ତ ୨୦ ଜଣଙ୍କୁ ସୁରକ୍ଷିତ ଭାବରେ ଜାହାଜରେ ରଖି, ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ସି-୪୨୬ ଦ୍ୱାରା ପାରାଦୀପ ବନ୍ଦରକୁ ଅଣାଯାଇଥିଲା। ଜିଲ୍ଲା ଅପରେସନ୍ ଏବଂ ଯୋଜନା ଅଧିକାରୀ କମାଣ୍ଡର (ଓଡ଼ିଶା) ଡେପୁଟି କମାଣ୍ଡାଣ୍ଟ ଅଜୟ ଛେତ୍ରୀ ବିପଦଗ୍ରସ୍ତ ଜାହାଜ ଏବଂ ଏହାର କ୍ରୁ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରି ସୁରକ୍ଷିତ ବର୍ଥ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇଦେଇଛନ୍ତି।

# ରଘୁନାଥ ସାହୁଙ୍କ 'ବାପାଙ୍କ କାନ୍ଧ' ଉନ୍ମୋଚିତ



ପାରାଦୀପ,୬।୭ (ସମିସ): ମଣିଷ ପ୍ରାଚୁର୍ଯ୍ୟ ପଛରେ ଧାଇଁବାରେ ବ୍ୟସ୍ତ। ତେବେ ଆନନ୍ଦ ନିଜ ପାଖରେ ରହିଛି। ଜଣେ ବହିକୁ ନିଜର କରି ବହି ସହିତ ବଞ୍ଚିଲେ ଜୀବନରେ ଶ୍ରେଷ୍ଠ ଆନନ୍ଦ ମିଳିବ ବୋଲି ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। ପାରାଦୀପ ନେହରୁ ବଙ୍ଗଳା ଠାରେ ଆଦିତ୍ୟ ଭାରତ ପ୍ରକାଶନୀ ସଂସ୍ଥା ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସାରସ୍ୱତ ଆସରରେ ରଘୁନାଥ ସାହୁଙ୍କ ଗପ ବହି "ବାପାଙ୍କ କାନ୍ଧ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ସାହିତ୍ୟିକ ଡ. ଗୌରହରି ଦାସ ଯୋଗଦେଇ ଉପରୋକ୍ତ ମତ ଦେବା ସହିତ ବହି ମଣିଷର ସବୁଠୁ ଭଲ ବନ୍ଧୁ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମୀ ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଓ ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଯୋଗଦେଇ ଉନ୍ମୋଚିତ ବହିର ପ୍ରଶଂସା କରିଥିଲେ। ବିଶିଷ୍ଟ କବି ପୀତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ କଥାକାର ଡ. ଅରବିନ୍ଦ ରାୟ, ବିଷ୍ଣୁ ସାହୁ, ବ୍ରହ୍ମାନନ୍ଦ ବିଶ୍ୱାଳ, ନାଟ୍ୟକାର ଶ୍ରୀମନ ମିଶ୍ର, ସନ୍ତୋଷ ସାମଲ, ଆଦିତେଶ୍ୱର ମିଶ୍ର, ସବିତା ମହାପାତ୍ର, ଡ. କେଶବ ଦଳେଇ, ଶିକ୍ଷାବିତ ଡ. ଗଙ୍ଗାଧର ସାମନ୍ତରାୟ ଓ ବିଭୁତି ଭୂଷଣ ଦାସ ପ୍ରମୁଖ ଯୋଗଦେଇଥିଲେ। କବି ପ୍ରଭାତୀ ମାଝୀ ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ଶରତ ରାଉତ ଓ ସଞ୍ଜୟ କୁମାର ଓଝା ଉତ୍ସବ ପରିଚାଳନା କରିଥିଲେ।

# ଜରାନିବାସରେ ସେବାକାର୍ଯ୍ୟ

କୁଜଙ୍ଗ,୬।୭ (ସମିସ): ରୋଟାରୀ କ୍ଲବ ପାରାଦୀପର ଅନ୍ନପୂର୍ଣ୍ଣା ଦିବସ ଓ ଫ୍ରେଣ୍ଡସିପ ଫର୍ ଏଭର୍, କୁଜଙ୍ଗର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଦୁଆଡିଆଠା ସ୍ଥିତ ରଜନୀଦେବୀ ଜରାନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ପାରାଦୀପର ସଭାପତି ଅକ୍ଷୟ ଚନ୍ଦ୍ର ସୂତାର ଏହାର ବିଶ୍ୱସ୍ତରୀୟ ସେବା ଭାବ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ରୋଟାରିଆନ୍ କୈଳାସ ଚନ୍ଦ୍ର ମହାରଣା ଅନ୍ନପୂର୍ଣ୍ଣା ଦିବସରେ ଅନାଥଶ୍ରମରେ ଥିବା ଶିଶୁ ଓ ଜରାନିବାସରେ ଥିବା ବୃଦ୍ଧବୃଦ୍ଧାଙ୍କୁ ପ୍ରତିବର୍ଷ ଖାଦ୍ୟ ବିତରଣ କରାଯାଏ ବୋଲି କହିଥିଲେ। ଫ୍ରେଣ୍ଡ ସିପ୍ ଫର୍ ଏଭରର ସଭାପତି ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ସଙ୍ଗଠନ ସ୍ୱନକ୍ଷତ୍ର ଦିବସରେ ଅନେକ ଜନକଲ୍ୟାଣମୂଳକ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ଆଜି ଫ୍ରେଣ୍ଡ ସିପ୍ ଫର୍ ଏଭର୍ ତରଫରୁ ଜରାଶ୍ରମର ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ବେଳେ ରୋଟାରୀ କ୍ଲବ୍ ପାରାଦୀପ ତରଫରୁ ଅନ୍ତେବାସୀଙ୍କୁ ଗୋଟିଏ ମାସର ରାସନ୍ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରୋଟାରିଆନ୍ ଡ. ପ୍ରଶାନ୍ତ ମହାପାତ୍ର, ସୁଦର୍ଶନ ସ୍ୱାଇଁ, ଦୀପକ ଷଡ଼ଙ୍ଗୀ, ଅକ୍ଷୟ ମିଶ୍ର, ବିପ୍ଳବ ଜେନା, ଡ ଆଲୋକ ଲେଙ୍କା, ପ୍ରତାପ ମଥାନ ଓ ଫ୍ରେଣ୍ଡ ସିପ୍ ଫର୍ ଏଭରର ସଭ୍ୟ ତଥା ସତ୍ୟସାଇ ସେବା ସଙ୍ଗଠନ ଜିଲ୍ଲା ସଭାପତି ଆଇନଜୀବୀ ଦାମୋଦର ସ୍ୱାଇଁ, କୁଜଙ୍ଗର ବରିଷ୍ଠ ବ୍ୟବସାୟୀ ଶିବ କୁମାର ସାହୁ, ପ୍ରଣୟ ପରିଜା, ସତ୍ୟ ନାରାୟଣ ଦାସ, ସତ୍ୟ ଶଙ୍କର ମିଶ୍ର, ରଜନୀକାନ୍ତ ଗୁରୁ, ହିରଣ୍ୟ ସ୍ୱାଇଁ, ରମେଶ ନାୟକ ପରିଚାଳନା କରିଥିଲେ। ପରିଶେଷରେ ରଜନୀ ଦେବୀ ଜରାଶ୍ରମର ତତ୍ତ୍ୱାବଧାରକ ଆଇନଜୀବୀ ମଞ୍ଜୁଲତା ରାଉତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭିତରକନିକାରେ ଭିଡ଼ ଜମାଇଲେଣି ଦେଶୀୟ ପକ୍ଷୀ



ରାଜନଗର, ୬।୭ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଏବେ ଦେଶୀୟ ପକ୍ଷୀଙ୍କ କାକଳିରେ ଫାଟି ପଡୁଛି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ମଠଆଡ଼ିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆ ସମେତ ବାଲିଡିଆଠାରେ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। ଦେଶୀୟ ପକ୍ଷୀ ବସା କରିବା ଆରମ୍ଭ କରିଛନ୍ତି। ଦେଶୀୟ ପକ୍ଷୀଙ୍କ କାକଳିରେ ଭିତରକନିକା ଏବେ କୋଳାହଳମୟ ହୋଇଉଠିଛି। ଗେଣ୍ଡାଳିଆ, ପାଣିକୁଆ, ଅଞ୍ଜନା, ରାଣୀବଗ, ମଝିଆବଗ, ଖଇରା, ଅନ୍ଧାରିଆବଗ, କାପରଖାଇ, ସାନବଗ, ଦାବେଣ୍ଟିଆ ପ୍ରଭୃତି ଦେଶୀୟ ପକ୍ଷୀ ଭିଡ ଜମାଇଛନ୍ତି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଖଇରା, ଅଞ୍ଜନା, ମଝିଆ ବଗ, ରାଣୀ ବଗ, ବଡ ବଗ, ଅନ୍ଧାରିଆ ବଗ ବସା ବାନ୍ଧିବା ଆରମ୍ଭ କଲେଣି। ପାଣି କୁଆ ଓ ଗେଣ୍ଡାଳିଆ ପକ୍ଷୀ ଉଡୁଥିବା ଦେଖିବାକୁ ମିଳିଥିଲେ ମଧ୍ୟ ବସା ବାନ୍ଧି ନ ଥିବା ଜଣାପଡିଛି।

ଭିତରକନିକାକୁ ଜୁନ୍ ଶେଷ ଭାଗରୁ ଦେଶୀୟ ପକ୍ଷୀଙ୍କ ଆଗମନ ହୋଇଥାଏ। ମାଆ ପକ୍ଷୀ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ଛୁଆମାନଙ୍କୁ ସାଥିରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମ ଭୂମିକୁ ଫେରି ଯାଇଥା'ନ୍ତି। ଚଳିତ ବର୍ଷ ମୌସୁମୀ ଠିକ୍ ସମୟରେ ଆସିଥିବାରୁ ଦେଶୀୟ ପକ୍ଷୀଙ୍କ ଆଗମନ ବଢିଛି। ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହିଯାଇଥିବା ବିଦେଶାଗତ ପକ୍ଷୀଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଏଠାକୁ ଛୁଟି ଆସନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନର ପ୍ରଭାବ ଯୋଗୁଁ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହୋଇଥିବାରୁ କ୍ରମାଗତ ଭାବେ ଭିତରକନିକା ଦେଶୀୟ ପକ୍ଷୀ ଠିକଣା ବଦଳାଇବାରେ ଲାଗିଛନ୍ତି। ପୂର୍ବରୁ ଲଗାତର ୨୦ ବର୍ଷ ଧରି ବଗଗହନରେ ଦେଶୀୟ ପକ୍ଷୀ ଭିଡ଼ ଜମାଉଥିଲେ। ଗତ ୧୦ ବର୍ଷ ହେଲା ବଗଗହନଠାରୁ ୩ କିମି ଦୂର ମଠଆଡିଆରେ ଦେଶୀୟ ପକ୍ଷୀଙ୍କ କଳରବ ଶୁଭୁଛି। ୨୦୧୯ରୁ ମଠଆଡିଆ ସହିତ ଲକ୍ଷ୍ମୀପ୍ରସାଦଡିଆରେ ଦେଶୀୟ ପକ୍ଷୀ ଭିଡ଼ ଜମାଉଛନ୍ତି। ଏଥିସହିତ ଗତ ତିନି ବର୍ଷ ହେଲା ଏକମାଣିଆର ବାଲିଡିଆ ଆଇଲ୍ୟାଣ୍ଡ ପକ୍ଷୀଙ୍କ ନୂତନ ଠିକଣା ପାଲଟିଛି। ଚଳିତବର୍ଷ ବଗଗହନରେ ପକ୍ଷୀ ବସା ବାନ୍ଧି ନ ଥିଲେ ମଧ୍ୟ ଦେଶୀୟ ପକ୍ଷୀ ବଗଗହନ ଉପରେ ଉଡ଼ିବା ଓ ଗଛରେ ବସୁଥିବା ଲକ୍ଷ୍ୟ କରାଯାଉଛି। ବଗଗହନ ଉପରେ ଦେଶୀୟ ପକ୍ଷୀ ଉଡୁଥିବାରୁ ଚଳିତ ବର୍ଷ ବଗଗହନରେ ପକ୍ଷୀ ବସା ବନ୍ଧିବା ନେଇ ଆଶା ପ୍ରକାଶ ପାଇଛି।

## ଏନ୍‌ଏଚ୍‌ଏଆଇର ବୈଷୟିକ ଜ୍ଞାନର ଅଭାବ

# ଯନ୍ତ୍ରଣା ଭୋଗୁଛନ୍ତି ପାରାଦୀପଗଡ଼ ଅଞ୍ଚଳବାସୀ

ପାରାଦୀପ,୬।୭ (ସମିସ)

କେନ୍ଦ୍ର ସରକାରଙ୍କ ଦ୍ୱାରା ସିଧାସଳଖ ପରିଚାଳିତ ନିଜସ୍ୱ ରାଜପଥ ନିର୍ମାଣକାରୀ ସଂସ୍ଥା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଦୂରଦୃଷ୍ଟିର ଅଭାବ ହେଉ କି ବୈଷୟିକ ଜ୍ଞାନର ଅଭାବ ହେଉ କିମ୍ବା କୌଶଳ ଜ୍ଞାନର ଅଭାବ ହେଉ ଅଥବା ଦକ୍ଷତାର ଅଭାବରୁ ରାଜପଥ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ପାରାଦୀପ ଗଡ଼ ଅଞ୍ଚଳର ରାଜପଥ କଡ଼ରେ ଥିବା ଗ୍ରାମର ବାସିନ୍ଦାମାନେ ନର୍କର ଯନ୍ତ୍ରଣା ଅନୁଭବ କରୁଛନ୍ତି। ରାଜପଥ କଡ଼ରେ ଗଢ଼ିଉଠିଥିବା ସିଭିଲ ଟାଉନସିପର ବାସିନ୍ଦା, ଏହି ରାଜପଥ କଡ଼ରେ ନିର୍ମିତ ଅତ୍ୟାଧୁନିକ ହୋଟେଲ, ଗେଷ୍ଟ ହାଉସ, ଆଇସ୍ ପ୍ଲାଣ୍ଟ, ଫିଜିଓଥେରାପୀ ମେଡିକାଲ ସେଣ୍ଟର, ଶିଶୁ ମାନଙ୍କ ଚିକିତ୍ସା ପାଇଁ ଛୋଟ ଛୋଟ କ୍ଲିନିକକୁ ଆସୁଥିବା ପିଲାମାନେ ଓ ଏହି ରାସ୍ତାରେ ଯାତାୟାତ କରୁଥିବା ହଜାର ହଜାର ସାଧାରଣ ଜନତା ନର୍କର ଯନ୍ତ୍ରଣା ଅନୁଭବ କରୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଗେଟ ବଜାରରୁ ଜିରୋ ପଏଣ୍ଟ ମଧ୍ୟରେ ରାସ୍ତା କଡ଼ରେ ନିଜସ୍ୱ ପଟ୍ଟା ଜମିରେ ଘର କରି ରହୁଥିବା ବାସିନ୍ଦାମାନେ ଏନ୍‌ଏଚଏଆଇର ଏପରି ଦାୟିତ୍ୱହୀନତା କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଏଠାରେ ଥିବା



ଏକ କ୍ଲିନିକର ମାଲିକ ଅଜିତ୍ କୁମାର ଦାସ କହିଛନ୍ତି ଯେ ଏହି ୮ ଲେନ୍ ବିଶିଷ୍ଟ ନିର୍ମାଣାଧୀନ ରାଜପଥର ଦୁଇ ପଟେ ସର୍ବସାଧାରଣଙ୍କ ଯାତାୟାତ ପାଇଁ ମାତ୍ର ୨୦ ଫୁଟର ରାସ୍ତା ଉଭୟ ପଟେ ନିର୍ମାଣ କରାଯାଇଥିବା ବେଳେ ମଝିରେ ଓଭର ବ୍ରିଜର ନିର୍ମାଣ କାର୍ଯ୍ୟ ଚାଲିଛି। ଶ୍ରୀ ଦାସ କହିଛନ୍ତି ଉଭୟ ପାର୍ଶ୍ୱରେ ନିର୍ମାଣ ହୋଇଥିବା ୨୦ ଫୁଟିଆ ରାସ୍ତାକୁ ଲାଗି ଜଳ ନିଷ୍କାସନ ପାଇଁ ଯେଉଁ ଡ୍ରେନ୍ ନିର୍ମାଣ କରାଯାଇଛି ତାର ଉଚ୍ଚତା ରାସ୍ତା ଲେଭୁଲ ଠାରୁ ୨ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତାରେ ରହିଥିବାରୁ ରାଜପଥ କଡ଼ରେ ଗଢ଼ିଉଠିଥିବା ବିଭିନ୍ନ ବାସଗୃହ, ହୋଟେଲ ଉଦ୍ୟୋଗ, ପ୍ଲାଣ୍ଟର ଗାଡ଼ି ମୋଟର ଓ ମେଡିକାଲ ପ୍ରଭୃତି ସଂସ୍ଥାକୁ ଯାତାୟାତ କରୁଥିବା ଲୋକମାନେ କିପରି ଯାତାୟାତ କରିବେ ବୋଲି କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି। ଆଉ ଜଣେ ଗ୍ୟାରେଜ ମାଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତା କାମ ଯୋଗୁ ଗ୍ୟାରେଜ ବନ୍ଦ ହେବାକୁ ବସିଲାଣି। କାରଣ ଡ୍ରେନ୍‌ର ଉଚ୍ଚତା ରାସ୍ତା ଠାରୁ ୨ ଫୁଟରୁ ଅଧିକ ଉଚ୍ଚା ରହିଥିବାରୁ ମୋଟର ସାଇକଲ ଯିବା ମଧ୍ୟ ସମ୍ଭବ ନୁହେଁ। ଆଉ ଟ୍ରକ୍, ବସ୍ କେମିତି ମରାମତି କାମ ପାଇଁ ଆସିବେ ବୋଲି ଅଭିଯୋଗ କରିଛନ୍ତି। ସେହିପରି ହୋଟେଲ ମାଲିକମାନଙ୍କ ମଧ୍ୟ ସମାନ ଅଭିଯୋଗ ହୋଇଛି। ଏହି ନବନିର୍ମିତ ରାସ୍ତା ଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ଡ୍ରେନ୍ ନିର୍ମାଣକୁ ନେଇ ଏ ଅଞ୍ଚଳର ବାସିନ୍ଦାମାନେ ଜନସ୍ୱାର୍ଥ ମାମଲା ରୁଜୁ କରିବା ପାଇଁ ସଜବାଜ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଛି। ଯଦି ଏପରି ହୁଏ କୋର୍ଟରେ କେଶ୍ ଚାଲିଥିବା ପର୍ଯ୍ୟନ୍ତ କମ୍ପାନୀକୁ କାମ ବନ୍ଦ ରଖିବାକୁ ଅଦାଲତ ନିଶ୍ଚିନ୍ତ ନିର୍ଦ୍ଦେଶ ଦେବେ ବୋଲି ଜିରୋ ପଏଣ୍ଟ ସ୍ଥିତ ସଚେତନ ନାଗରିକ ପରିଷଦର ସଭ୍ୟମାନେ ପ୍ରକାଶ କରିଛନ୍ତି।

# ବନ୍ୟା ଆଶଙ୍କାରେ ତଳିଆ ଅଞ୍ଚଳବାସୀ ଛାନିଆ

■ ବିପଦସଙ୍କୁଳ ଗେଙ୍ଗୁଟି ଓ କୋଚିଲା ନଦୀବନ୍ଧ ପରିଦର୍ଶନ କଲେ ତହସିଲ୍‌ଦାର ■ କୋଚିଲା ନଦୀରେ ଦୁର୍ବଳ ବନ୍ଧ; ଭୟରେ ୩ ପଞ୍ଚାୟତ

ଧାମନଗର/ଅସୁରାଳି/ଦୋବଲ,୬।୭ (ସମିସ)

ଲଘୁଚାପଜନିତ ଲଗାଣ ବର୍ଷା ତିନି ଦିନ ଧରି ଜାରି ରହିବାରୁ ଧାମନଗର ଅଞ୍ଚଳରେ ବନ୍ୟା ଆଶଙ୍କା ଘନୀଭୂତ ହୋଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ଏହାର ଶାଖା ଗେଙ୍ଗୁଟି ଓ କୋଚିଲା ନଦୀରେ ମଧ୍ୟ ଜଳପ୍ରବାହ ବଢ଼ିଛି। ଫଳରେ ନଦୀବନ୍ଧର ସୁରକ୍ଷାକୁ ନେଇ ତଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି। ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୧୮.୧୭ ମିଟରରେ ପ୍ରବାହିତ ହେଉଥିଲା।



ପଧାନୀ ପଞ୍ଚାୟତର ଶୈଳଠାରେ କୋଚିଲା ନଦୀବନ୍ଧ ଏବଂ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ମଳିକସାହି ନିକଟ ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ପୂର୍ବରୁ କ୍ଷତିଗ୍ରସ୍ତ ଓ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସୋମବାର ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ସେ ବନ୍ଧର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ଜଳସମ୍ପଦ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବା ଏବଂ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପୂର୍ବପ୍ରସ୍ତୁତି ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗତବର୍ଷ ବନ୍ୟା ସମୟରେ ଶୈଳଠାରେ କୋଚିଲା ନଦୀର ପ୍ରାୟ ୩୦୦ ମିଟର ବନ୍ଧ ଧସି ନଦୀଗର୍ଭରେ ଲୀନ ହୋଇଯାଇଥିଲା। ବନ୍ଧ ସୁରକ୍ଷା ପାଇଁ ନିର୍ମିତ ପଥର ସ୍ତର ମଧ୍ୟ ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଜଳସମ୍ପଦ ବିଭାଗ କାଠ ବାଲା ଓ ଟିଣ ଚାଦର ଲଗାଇ ଅସ୍ଥାୟୀ ମରାମତି କରିଥିଲେ ମଧ୍ୟ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ୧ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଅସ୍ଥାୟୀ ବ୍ୟବସ୍ଥା ଅପରିବର୍ତ୍ତିତ ରହିଛି। କିଛିଦିନ ପୂର୍ବରୁ କେବଳ ଟ୍ରାକ୍ଟରରେ ମାଟି ପକାଇ କାମ ଅଧାରେ ଛାଡ଼ି ଦିଆଯାଇଥିବାବେଳେ ଚଳିତ ବର୍ଷାରେ ତାହାର ବହୁ ଅଂଶ ଧୋଇଯାଇଛି। ସ୍ଥାନୀୟ ଲୋକଙ୍କ ଆଶଙ୍କା, ବଡ଼ ବନ୍ୟା ଆସିଲେ ବନ୍ଧ ସମ୍ପୂର୍ଣ୍ଣ ଭାଙ୍ଗି ତଳିଆ ଗ୍ରାମଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିପାରେ। ସେହିପରି ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ମଳିକସାହି ନିକଟରେ ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ପ୍ରତିବର୍ଷ ଧସୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବିଭାଗ ପକ୍ଷରୁ ବାରମ୍ବାର ମରାମତି ନାମରେ କାମ କରାଯାଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ହେଉନାହିଁ। ଚଳିତ ବର୍ଷ ବନ୍ଧ ସୁରକ୍ଷା ପାଇଁ ନଦୀ ପାର୍ଶ୍ୱରେ କଂକ୍ରିଟ ୱାଲ୍ ନିର୍ମାଣ ଓ ପଥର ପ୍ୟାକିଂ କାମ ଆରମ୍ଭ କରାଯାଇଥିଲା। ମାତ୍ର ପ୍ରାୟ ୨ ଫୁଟ୍ ଉଚ୍ଚତାର କଂକ୍ରିଟ ୱାଲ୍ ଓ ସୀମିତ ପରିମାଣର ପଥର ପ୍ୟାକିଂ ଯୋଗୁଁ ନଦୀର ଚାପ ସମ୍ଭାଳି ନ ପାରି ବନ୍ଧର ଏକାଂଶ ପୁଣି ଧସିଯାଇଛି। ବର୍ତ୍ତମାନ ବିଭାଗ ପକ୍ଷରୁ ସେଠାରେ ପଥର ଗଚ୍ଛିତ ରଖାଯାଇଥିବା ଦେଖିବାକୁ ମିଳିଛି। ବର୍ଷା ଜାରି ରହିଲେ ବୈତରଣୀ ସମେତ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ଆହୁରି ବୃଦ୍ଧି ପାଇ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି।

ଶୈଳ ନିକଟ ଜଗନ୍ନାଥ ଧଳଙ୍କ ଘର ପାଖରେ ଥିବା କୋଚିଲା ନଦୀ ବନ୍ଧଟି ଗତ ୨ବର୍ଷ ହେବ ବାରମ୍ବାର ଧସୁଛି। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲାପାଳ ଓ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସ୍ଥାୟୀ ସମାଧାନ ନିମନ୍ତେ ୨କୋଟି ଟଙ୍କା ମଞ୍ଜୁର ହେବା ସହ ଟେଣ୍ଡର ମଧ୍ୟ କରାଯାଇଥିଲା। ତେବେ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ନିର୍ଦ୍ଧାରିତ ସମୟରେ କାମ କଲେନାହିଁ। ପ୍ରଥମ ବନ୍ୟା ଜଳ ଆସିବା ମାତ୍ରେ ନଦୀବନ୍ଧର ଅବସ୍ଥା ଅଧିକ ଖରାପ ହୋଇଛି। ଏହାର ପ୍ରଭାବରେ ଅର୍ଜୁନପୁର, ପଧାନୀ ଓ ହସନାବାଦ ପଞ୍ଚାୟତର ବହୁ ଗ୍ରାମବାସୀ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି। ଏନେଇ ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ ଶମ୍ଭୁନାଥ ମଲ୍ଲିକ କହିଛନ୍ତି, ଯେଉଁ ଠିକାଦାର କାମ କରିନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ବନ୍ଧକୁ ଅସ୍ଥାୟୀ ଭାବେ ମରାମତି କରାଯାଇଛି। ସାଧାରଣ ଜନତା ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ, ବନ୍ଧ ସୁରକ୍ଷିତ ଅଛି ଏବଂ ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ମରାମତି କରାଯିବ। ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଦୂର ହୋଇନାହିଁ। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସ୍ଥାୟୀ ସମାଧାନ ନ କଲେ ଆଗାମୀ ଦିନରେ ବଡ଼ଧରଣର ବିପଦ ଘଟିପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତେବେ ନଦୀରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଏସ୍‌ଡିଓ ଶମ୍ଭୁନାଥ ମଲ୍ଲିକ, ଯନ୍ତ୍ରୀ ବିମଳ ବେହେରା ସଇଲୋଠାରେ ପହଞ୍ଚିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ; ହତ୍ୟା ସନ୍ଦେହ

ବାସୁଦେବପୁର,୬।୭ (ସମିସ): ବାସୁଦେବପୁର ବ୍ଲକ୍‌ର ସାନକୃଷ୍ଣପୁର ପଞ୍ଚାୟତର ପାଳସାହି ଗାଁରେ ଅଜଣା ଗାଡ଼ି ଧକ୍କାରେ ଜନୈକ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ସୃଷ୍ଟି ହୋଇଛି। ଦୁର୍ଘଟଣା ନା ଏହା ଏକ ସୁକଳ୍ପିତ ହତ୍ୟା ବୋଲି ଅଭିଯୋଗ ହେଉଛି। ପାଳସାହିର ଦୁର୍ଯ୍ୟୋଧନ ଖିଲାରଙ୍କ ପୁଅ ସୁବାସ ଖିଲାର ରବିବାର ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ପାଳସାହି ଓ ରାମଚନ୍ଦ୍ରପୁର ଛକ ମଝିରେ ଅଜଣା ଗାଡ଼ି ଧକ୍କାରେ ସୁବାସଙ୍କ ମୃତ୍ୟୁ ହୋଇଥିଲା। ସକାଳେ ସ୍ଥାନୀୟ ଲୋକ ଦେଖି ମୃତଦେହକୁ ଚିହ୍ନଟ କରିଥିଲେ। ଗାଡ଼ି ଧକ୍କାରେ ବାଇକ୍‌ଟି ଭାଙ୍ଗିଯାଇଛି। ଘଟଣାସ୍ଥଳରେ ନାୟକାଣୀଡିହି ପୁଲିସ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲେ। ସୁବାସଙ୍କ ମୃତ୍ୟୁକୁ ସ୍ଥାନୀୟ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହା ଦୁର୍ଘଟଣା ନୁହେଁ ବରଂ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



ଭଦ୍ରକ,୬।୭ (ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୧୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୨୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୨୫ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୯୪ ହଜାର ୫୦୦ ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାତୃଜ୍ୟୋତି ମହିଳା ସଂଗଠନ ପକ୍ଷରୁ ବୃକ୍ଷରୋପଣ




ଧୂଷୁରୀ,୬।୭ (ସମିସ): ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତୃଜ୍ୟୋତି ମହିଳା ସଂଗଠନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂଗଠନ ସଭାନେତ୍ରୀ ଇପ୍ସିତା ହୋତାଙ୍କ ନେତୃତ୍ୱରେ ଉପସଭାନେତ୍ରୀ ଛବିଲତା ବେହେରା, ସମ୍ପାଦିକା କଳ୍ପନା ମଞ୍ଜରୀ ଦାସ, ସହସମ୍ପାଦିକା ପୁଷ୍ପାଞ୍ଜଳି ବେହେରା, କୋଷାଧ୍ୟକ୍ଷ ବିଜୁଳିଲତା ପଣ୍ଡା, ସାଂସ୍କୃତିକ ସମ୍ପାଦିକା ମିଲିରାଣୀ ଦାଶ, ସଂଗଠନ ସମ୍ପାଦିକା କଳ୍ପନା ନାୟକ, ପ୍ରଚାର ସମ୍ପାଦିକା ପ୍ରମିଳା ରାୟଙ୍କ ସମେତ ଦୀପ୍ତିରାଣୀ ଜେନା, ସସ୍ମିତା ରାଉତ, ଶାନ୍ତିଲତା ବେହେରା, ସୁବାସିନୀ ପୁହାଣ ଏବଂ ସଂଗଠନର ସମସ୍ତ ସଭ୍ୟା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅବନୀ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା, ବୃକ୍ଷର ଆବଶ୍ୟକତା ଏବଂ ସବୁଜ ପୃଥିବୀ ଗଠନରେ ସମସ୍ତଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଶେଷରେ ମାତୃଜ୍ୟୋତି ମହିଳା ସଂଗଠନ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସମସ୍ତ ସହଯୋଗୀଙ୍କୁ କୃତଜ୍ଞତା ଜଣାଯାଇଥିଲା। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।

## ଆଖୁଆପଦା ଆନିକଟ ପରିଦର୍ଶନ କଲେ ବିଧାୟକ ସଞ୍ଜୀବ

ଭଦ୍ରକ/ବାରିକପୁର,୬।୭ (ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ଜିଲ୍ଲାରେ ତିନିଦିନ ହେବ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାବେଳେ ଭଣ୍ଡାରିପୋଖରୀରେ ସର୍ବାଧିକ ୧୧୦ ମିମି ବର୍ଷା ହୋଇଥିଲା। ଏହାଛଡ଼ା ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ଗତ ଦୁଇ ଦିନ ଧରି ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ରବିବାର ରାତିରୁ ସୋମବାର ସକାଳ ଯାଏଁ ଆନନ୍ଦପୁରଠାରେ ସର୍ବାଧିକ ୧୮୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେଣୁ ଉକ୍ତ ପାଣି ବୈତରଣୀରେ ଆସିବା ଫଳରେ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ଆଖୁଆପଦା ଆନିକଟଠାରେ ଧୀରେ ଧୀରେ ବନ୍ୟା ଜଳ ବୃଦ୍ଧି ପାଉଥିବାବେଳେ ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା ୧୮.୧୭ ମିଟର ଉପରେ ଜଳ ପ୍ରଭାବିତ ହେଉଥିବା ସୂଚନା ମିଳିଛି। ଏହାକୁ ଆଖି ଆଗରେ ରଖି ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଆନିକଟଠାରେ ପହଞ୍ଚି ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଦାସ ଓ କନିଷ୍ଠ ଯନ୍ତ୍ରୀ ପରମାନନ୍ଦ ରାଉତଙ୍କ ସହିତ ବନ୍ୟା ପରିଚାଳନା ନେଇ ବିଭିନ୍ନ ଆଲୋଚନା କରିଛନ୍ତି। କୌଣସି ପରିସ୍ଥିତିରେ ଯେଉଁଭଳି ଲୋକମାନେ ଅସୁବିଧାରେ ନ ପଡ଼ିବେ ତାହା ଉପରେ ଦୃଷ୍ଟି ଦେବାକୁ ବିଧାୟକ କହିଛନ୍ତି। ବଳିପୁରଠାରୁ ଆରମ୍ଭ କରି ମଣିନାଥପୁର ଯାଏଁ ଦୁର୍ବଳ ନଦୀବନ୍ଧ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ସହିତ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବିଧାୟକଙ୍କ ସହିତ ସମାଜସେବୀ ଶରତ ଚନ୍ଦ୍ର ଜେନା, ବିଜେଡି ବ୍ଲକ୍ ସଭାପତି ଲକ୍ଷ୍ମୀଧର ସାହୁ, ବରିଷ୍ଠ ନେତା ମୁକ୍ତିକାନ୍ତ ମହାନ୍ତି, ଯୁବନେତା ବସନ୍ତ ବେହେରା, ଅସିତ୍ ଜେନା, ଦିବ୍ୟରଞ୍ଜନ ଦାସ, ନାଗେଶ୍ୱର ବେହେରା, ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜଳସମ୍ପଦ ବିଭାଗ ଚଣ୍ଡିଖୋଲ କାର୍ଯ୍ୟାଳୟର ମୁଖ୍ୟ ଯନ୍ତ୍ରୀ ହରେକୃଷ୍ଣ ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ ପ୍ରକାଶ ନାୟକ ଓ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲ ପ୍ରମୁଖ ଆଖୁଆପଦା କାର୍ଯ୍ୟାଳୟରେ ଉପସ୍ଥିତ ରହି ବନ୍ୟା ଜଳ ପରିଚାଳନା ତଥା ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବର୍ଷା ରେକର୍ଡ ଅନୁଯାୟୀ, ବଡ଼ଧରଣର ବନ୍ୟା ଆଶଙ୍କା ନ ଥିବା ବିଭାଗର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି।

## ବର୍ଷେ ହେଲାଣି ମରାମତି ହେଉନି ନଦୀବନ୍ଧ



ବାରିକପୁର,୬।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁରଠାରେ ଧସିଥିବା ନଦୀବନ୍ଧ ବର୍ଷେ ପରେ ବି ମରାମତି ଶୂନ୍ୟ ଭାବେ ପଡ଼ି ରହିଛି। ସୂଚନା ମୁତାବକ, ଗତ ବର୍ଷ ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଥିବାବେଳେ ନବନିର୍ମିତ ବ୍ୟାରେଜ୍ ସଂଲଗ୍ନ ସ୍ଥାନରେ ପ୍ରାୟ ୨୦ ଫୁଟ୍ ଧସିଯାଇଥିଲା। ବ୍ୟାରେଜ୍ ନିର୍ମାଣ ବେଳେ ଏଠାରେ ପଥର ପ୍ୟାକିଙ୍ଗ୍ ସହିତ ଗ୍ରାଉଟିଙ୍ଗ୍ ହୋଇଥିଲା। ନିର୍ମାଣର ମାତ୍ର ଅଳ୍ପ କିଛି ଦିନ ପରେ ପଥର ପ୍ୟାକିଙ୍ଗ୍ କେତେକାଂଶରେ ନଦୀ ଗର୍ଭକୁ ଖସି ଯାଇଥିଲା। ସେବେଠାରୁ ଏକ ବର୍ଷ ଧରି ଏହାର ମରାମତି ନ ହେବା ବିଭାଗୀୟ ଅଧିକାରୀ ଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାଜପୁର ଓ ଆଖୁଆପଦା ଜଳସମ୍ପଦ ବିଭାଗ ମଧ୍ୟରେ ମରାମତି ପାଇଁ ବାଦବିବାଦ ରହିଥିବା କାରଣରୁ ସ୍ଥାନଟି ବିପଦପୂର୍ଣ୍ଣ ଭାବେ ପଡ଼ି ରହିଛି। ଚଳିତ ବର୍ଷ ନଦୀରେ ପୁଣି ବନ୍ୟା ପାଣି ପ୍ରବାହିତ ହେଉଥିବାବେଳେ ଏହାର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଦେଖାଦେଇଛି।

## ‘କିଶୋର ସ୍ୱାକ୍ଷର’ର ରାଜ୍ୟସ୍ତରୀୟ ଜୟନ୍ତୀ



ଭଦ୍ରକ,୬।୭ (ସମିସ): ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା ‘କିଶୋର ସ୍ୱାକ୍ଷର’ର ୨୬ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ଡେପୁଟି ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ବିଶିଷ୍ଟ ବକ୍ତା ଡ. ମନୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଦୀର୍ଘ ୨୬ ବର୍ଷ ଧରି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଓଡ଼ିଆ ପ୍ରବାସୀ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାରପ୍ରସାର ଓ ଅଧିକ କ୍ରିୟାଶୀଳ କରିବା ଦିଗରେ ପ୍ରତିଷ୍ଠାତା ମୁଖ୍ୟ ସମ୍ପାଦକ ଶିଶୁ ସାହିତ୍ୟିକ ଶଶଧର ମହନୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ଓ ସାଥି ବନ୍ଦେ ଉତ୍କଳ ଜନନୀ ଗାନ ସହିତ ଶିକ୍ଷାବିତ୍ ସଞ୍ଜୟ ଦାସ ବେଦପାଠ କରିଥିଲେ। ଦୀର୍ଘ ବର୍ଷ ଧରି ପତ୍ରିକା ସହ ଜଡ଼ିତ ସାରା ରାଜ୍ୟର ବାଲେଶ୍ୱରରୁ ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ବାରିକ, ପରମାନନ୍ଦ ମଲ୍ଲିକ, ସୁରେନ୍ଦ୍ର ପଣ୍ଡା, ଡ. ଜୟନ୍ତୀ କରଶର୍ମା, ଭଦ୍ରକରୁ ଡ. ଚନ୍ଦ୍ର ପ୍ରସାଦ ପଣ୍ଡା, କେନ୍ଦୁଝରରୁ ମୋହନ ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଅଭୟ ସାମଲ, ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା ପ୍ରମୁଖଙ୍କୁ ମୁଖ୍ୟ ଅତିଥି ‘କିଶୋର ସ୍ୱାକ୍ଷର’ ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥିଗଣ ‘କିଶୋର ସ୍ୱାକ୍ଷର’ର ସ୍ୱତନ୍ତ୍ର ସଂଖ୍ୟାକୁ ଲୋକାର୍ପଣ କରିଥିଲେ। ସମ୍ପାଦକ ଶଶଧର ମହନୀ ସମ୍ପାଦକୀୟ ପାଠ ଓ କବି ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବରୁ ଆୟୋଜିତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ‘କିଶୋର ସ୍ୱାକ୍ଷର’ର ସଭାପତି ରଣଜିତ୍ ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ। ସାଇସତ୍ୟ ମହନୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଚତୁର୍ଭୁଜ ପହି, ଅଲେଖ ଚନ୍ଦ୍ର ନାୟକ, ଜଳେନ୍ଦ୍ର ଶୁକ୍ଳ, ବାବୁଲାଲ ଦାସ, ଭାରତୀ ବାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାରେ ଏସ୍‌ଆଇଆର୍ ଖସଡ଼ା ଭୋଟର ତାଲିକା ପ୍ରକାଶ

# ବାଦ୍ ପଡ଼ିଛନ୍ତି ୬୮ ହଜାର ୩୩୭

ଭଦ୍ରକ,୬।୭ (ସମିସ): ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅନୁସାରେ ଭଦ୍ରକ ଜିଲ୍ଲାର ସମସ୍ତ ୫ଟି ବିଧାନସଭା କ୍ଷେତ୍ର ପାଇଁ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି। ଏହା ସହ ଭୋଟରମାନଙ୍କୁ ନିଜ ନାମ ଓ ବିବରଣୀ ଯାଞ୍ଚ କରି ଆବଶ୍ୟକ ହେଲେ ଦାବି ଓ ଆପତ୍ତି ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି। ରାଜ୍ୟବ୍ୟାପୀ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଅନୁସାରେ ଜୁଲାଇ ୫ରେ ଖସଡ଼ା ତାଲିକା ପ୍ରକାଶ ପାଇଥିଲା।



■ ଦାବି ଓ ଆପତ୍ତି ଦାଖଲ ପାଇଁ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ସୁଯୋଗ

■ ଫର୍ମ-୬, ୭ ଓ ୮ ବ୍ୟବହାର କରିବାକୁ ରାଜନୈତିକ ଦଳଙ୍କୁ ପରାମର୍ଶ

ଜିଲ୍ଲାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଭଦ୍ରକର ପାଞ୍ଚଟି ବିଧାନସଭା କ୍ଷେତ୍ରରେ ମୋଟ୍ ୧୭୦୩ଟି ମତଦାନ କେନ୍ଦ୍ର ରହିଥିବାବେଳେ ୧୨ ଲକ୍ଷ ୮୪ ହଜାର ୬୧୮ ଜଣ ମତଦାତା ଅନ୍ତର୍ଭୁକ୍ତ ଅଛନ୍ତି। ସେଥିମଧ୍ୟରୁ ୫ ଲକ୍ଷ ୫୦ ହଜାର ୨୦୭ ଜଣ (୪୨.୮୩%) ସ୍ୱୟଂ ଯାଞ୍ଚ ମାଧ୍ୟମରେ ସତ୍ୟାପିତ ହୋଇଥିବାବେଳେ ୬ ଲକ୍ଷ ୨୭ ହଜାର ୭୧୩ ଜଣ (୪୮.୮୬%) ପରିବାର ସଦସ୍ୟଙ୍କ ମାଧ୍ୟମରେ ମ୍ୟାପିଙ୍ଗ୍ ହୋଇଛନ୍ତି। ୩୮ ହଜାର ୩୬୧ ଜଣ (୨.୯୯%)ଙ୍କ ମ୍ୟାପିଙ୍ଗ୍ ବାକିଥିବାବେଳେ ୬୮ ହଜାର ୩୩୭ ଜଣ (୫.୩୨%) ଭୋଟର ବାଦ୍ ପଡ଼ିଛନ୍ତି। ପ୍ରକାଶିତ ଖସଡ଼ା ତାଲିକାରେ ନାମ, ଠିକଣା କିମ୍ବା ଅନ୍ୟ କୌଣସି ତଥ୍ୟରେ ତ୍ରୁଟି ଥିଲେ କିମ୍ବା ସଂଶୋଧନ ଆବଶ୍ୟକ ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପର୍କିତ ବିଏଲ୍‌ଓ, ଇଆର୍‌ଓ କାର୍ଯ୍ୟାଳୟ କିମ୍ବା ନିର୍ବାଚନ ବିଭାଗର ନିର୍ଦ୍ଧାରିତ ବ୍ୟବସ୍ଥା ମାଧ୍ୟମରେ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଅଭିଯୋଗ ଓ ଦାବିର ସମାଧାନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଖସଡ଼ା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଦଲିଲ୍ ସହ ନିର୍ଦ୍ଧାରିତ ଫର୍ମରେ ଆବେଦନ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ କୁହାଯାଇଥିଲା ଯେ, ଯୋଗ୍ୟ ଭୋଟରଙ୍କ ନାମ ସାମିଲ୍ ପାଇଁ ଫର୍ମ-୬, ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପାଇଁ ଫର୍ମ-୭ ଏବଂ ଭୋଟର ତାଲିକାରେ ସଂଶୋଧନ କିମ୍ବା ସମାନ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ସ୍ଥାନାନ୍ତରଣ ପାଇଁ ଫର୍ମ-୮ ବ୍ୟବହାର କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ଭୋଟରମାନଙ୍କୁ ଏହି ଫର୍ମଗୁଡ଼ିକର ସଠିକ୍ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ଅନୁରୋଧ କରାଯାଇଛି। ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲ୍‌ଏ) ମାନଙ୍କୁ ଖସଡ଼ା ଭୋଟର ତାଲିକାର ଯାଞ୍ଚ, ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା, ଡୁପ୍ଲିକେଟ୍ ଓ ଅଯୋଗ୍ୟ ନାମ ସମ୍ପର୍କରେ ଅବଗତ କରାଇବା ସହ ବୁଥ୍ ଲେଭେଲ୍ ଅଫିସର (ବିଏଲ୍‌ଓ) ଙ୍କ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ଖସଡ଼ା ଭୋଟର ତାଲିକାର ସଠିକ୍ ଯାଞ୍ଚ କରି ଛାଡ଼ିଯାଇଥିବା ନାମ, ତ୍ରୁଟିପୂର୍ଣ୍ଣ ବିବରଣୀ, ଡୁପ୍ଲିକେଟ୍ କିମ୍ବା ଅଯୋଗ୍ୟ ନାମ ସମ୍ପର୍କରେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ)/ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ)ଙ୍କୁ ତୁରନ୍ତ ଅବଗତ କରାଇବାକୁ ଅନୁରୋଧ କରାଯାଇଛି। ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ସାମିଲ୍ ଓ ଅଯୋଗ୍ୟ ନାମ ବାଦ୍ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ମିଳୁଥିବା ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ କରାଯାଇ ସେପ୍ଟେମ୍ବର ୨ ସୁଦ୍ଧା ନିୟମାନୁଯାୟୀ ଶୁଣାଣି ପରେ ନିଷ୍ପତ୍ତି ନିଆଯିବ। ଏଥିସହ ପ୍ରତିନିଧିମାନଙ୍କୁ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ୍ ହୋଇ ଭୋଟରମାନଙ୍କୁ ଖସଡ଼ା ଭୋଟର ତାଲିକାରେ ନିଜ ନାମ ଯାଞ୍ଚ କରି ଆବଶ୍ୟକ ହେଲେ ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ପ୍ରେରିତ କରିବା ପାଇଁ ଅନୁରୋଧ କରାଯାଇଛି।

## ରାସ୍ତା ଉପରେ ପରିବା ହାଟ; ଗମନାଗମନ ବାଧାପ୍ରାପ୍ତ



ଭଣ୍ଡାରିପୋଖରୀ,୬।୭ (ସମିସ): ଭଣ୍ଡାରିପୋଖରୀ ବଜାରର ମୁଖ୍ୟ ରାସ୍ତା ଉପରେ ଦୀର୍ଘ ଦିନ ଧରି ପରିବା ବ୍ୟବସାୟୀମାନେ ବସି ବ୍ୟବସାୟ କରି ଆସୁଛନ୍ତି। ଦିନକୁ ଦିନ ମୋଟର ଚାଳିତ ଗାଡ଼ି ଦୁଇ ଚକିଆ ଓ ଚାରି ଚକିଆ ଯାନ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକମାନେ ଭଣ୍ଡାରିପୋଖରୀ ବଜାରକୁ କିଛି ଜିନିଷ କ୍ରୟ କରିବା ନିମନ୍ତେ ଆସିଲେ ଗାଡ଼ି ପାର୍କିଂ ପାଇଁ ଜାଗା ନ ଥିବାରୁ ରାସ୍ତା ଉପରେ ଗାଡ଼ି ରଖି ଦୋକାନରୁ ଜିନିଷ କ୍ରୟ କରିଥା’ନ୍ତି। ଏଥି ନିମନ୍ତେ ଜରୁରୀକାଳୀନ ପରିସ୍ଥିତିରେ ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ହେଉ କି ପୁଲିସ ଗାଡ଼ି ହେଉ ଯାତାୟାତରେ ସମସ୍ୟା ଉପୁଜିଥାଏ। ଏହି ସମସ୍ୟା ଯୋଗୁଁ ଭଣ୍ଡାରିପୋଖରୀ ପୁଲିସ ସାଧାରଣ ଲୋକଟିଏ ଗାଡ଼ି ରଖି ଦୋକାନରୁ ଜିନିଷ କ୍ରୟ କଲାବେଳେ ଗାଡ଼ିକୁ ଜବତ କରି ଥାନାକୁ ନେଇ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଲାଣି। ଦକ୍ଷିଣବାଡ଼ ପଞ୍ଚାୟତ ତରଫରୁ ୨୦୨୩ ଆର୍ଥିକ ବର୍ଷରେ ସ୍ଥାୟୀ ପରିବା ହାଟ ବସିବା ନିମନ୍ତେ ଘର ତିଆରି କରାଯାଇଥିବା ବେଳେ ସେହି ଘରଗୁଡ଼ିକୁ କାର୍ଯ୍ୟକାରୀ କରାଯାଉନାହିଁ। ସେହିପରି ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଉପରେ କିଛି ମାଛ ବ୍ୟବସାୟୀ ମାଛ କୁଡ଼କୁଡ଼ କଦା କରି ବ୍ୟବସାୟ କରୁଛନ୍ତି। ସେହି ରାସ୍ତା ଦେଇ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ କୋମଳମତି ଶିଶୁଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀ ଯାଉଥିବାବେଳେ ଦୁର୍ଗନ୍ଧ ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଥିବା ସହ ସ୍ୱାସ୍ଥ୍ୟ ସମସ୍ୟା ସହ ଏହା ଜଡ଼ିତ ହୋଇଛି। ତେଣୁ ଏହି ସମସ୍ୟାଗୁଡ଼ିକ ଉପରେ ନଜର ରଖି ପାରିବା ହାଟ ଓ ମାଛ ହାଟକୁ ବଜାରର ମୁଖ୍ୟ ରାସ୍ତା ଉପରୁ ହଟାଇ ଅନ୍ୟତ୍ର ଜାଗାକୁ ସ୍ଥାନାନ୍ତରିତ କରିବା ନିମନ୍ତେ ପ୍ରଶାସନିକ ଅଧିକାରୀ ସମେତ ଭଣ୍ଡାରିପୋଖରୀ ବିଧାୟକଙ୍କୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।